# ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

## ସାମିଲ ହେବେ ୮ ଟି ରାଜନୈତିକ ଦଳ

■ **ଭୁବନେଶ୍ୱର, ୧୬।୭ (ସମିସ):** ଫକୀରମୋହନ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦ ସଫଳ କରିବାକୁ ଓଡ଼ିଶାର ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତବର୍ଗଙ୍କୁ ନିବେଦନ କରାଯାଇଛି। ଏକ ମିଳିତ ପ୍ରେସ୍‌ବାର୍ତ୍ତାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ▶ପୃଷ୍ଠା-୭

**ସାରା ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ**


◆ RNI REGD NO: 42041/83
◆ www.sakalaepaper.com
◆ /sakalanews
◆ /sakalanews
◆ www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-23 ◆THURSDAY ◆17 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩ ◆ଗୁରୁବାର ◆୧୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ବିଜେଡିର ଲୋକସେବା ଭବନ ଘେରାଉ

# ବର୍ବରତାର ସୀମା ଟପିଲା ପୁଲିସ

### ଆନ୍ଦୋଳନକାରୀଙ୍କ ଉପରେ ପାଣି, ଲୁହବୁହା ଗ୍ୟାସ୍, ରବର ବୁଲେଟ୍ ମାଡ଼

### ପ୍ରଣବ ପ୍ରକାଶ, ପ୍ରୀତିରଞ୍ଜନ ଓ ସୁଲତା ଗୁରୁତର, ଶତାଧିକ କର୍ମୀ ଆହତ

### ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି: ବିଜେଡି



■ **ଭୁବନେଶ୍ୱର, ୧୬।୭ (ସମିସ):** ନିର୍ଯାତନା ନିଆଁରେ ଦଗ୍ଧ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଲୋକସେବା ଭବନ ଘେରାଉ କରିଥିବା ବିଜେଡି କର୍ମୀ ଓ କର୍ମକର୍ତ୍ତାଙ୍କ ଉପରେ ପୁଲିସ କରିଛି ପ୍ରଚଣ୍ଡ ଆକ୍ରମଣ। ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବରେ ଘେରାଉ ବେଳେ ବର୍ବରତାର ସୀମା ଟପିଛି ପୁଲିସ। ବିଜେଡି କର୍ମୀଙ୍କ ଉପରେ ଆଖିବୁଜା ପାଣିମାଡ଼, ଲୁହବୁହା ଗ୍ୟାସର ପ୍ରୟୋଗ କରି ସେମାନଙ୍କୁ ଘାଇଲା କରିଛି। ଏତିକିରେ ପୁଲିସର ହିଂସ୍ର ଆଚରଣ ଅଟକି ନାହିଁ; ସବୁ ଆଇନ କାନୁନକୁ ମୋଡି ମକଚି ଦେଇ ପୁଲିସ ବିଜେଡି କର୍ମୀଙ୍କ ଉପରକୁ ବେଆଇନ ଭାବେ ରବର ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ପୁଲିସ ଆକ୍ରମଣରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଦଳର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳ ଆଚରଣ ଓ ବର୍ବରୋଚିତ ଆକ୍ରମଣକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ବିଜେଡିର ଜୋରଦାର ପ୍ରତିବାଦରେ ସରକାର ଡରିଯାଇଛନ୍ତି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆ ଯାଇଥିବା ଲୋକସେବା ଭବନ ଘେରାଉରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ▶ପୃଷ୍ଠା-୭

## ୮ ଘଣ୍ଟା ଅଟକିଲା ବାଲେଶ୍ୱର

**ଗଡ଼ିଲାନି ଚକ-ଅଖ**

■ **ବାଲେଶ୍ୱର, ୧୬।୭ (ସମିସ):** ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସ୍ୱରକୁ ଅଧିକ ଶାଣିତ କରିଛି ବିଜେଡି। ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରତିବାଦ ଜୋର୍‌ଦାର୍ ହୋଇଛି। ଦଳ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ବନ୍ଦ ଡକରାକୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ସବୁଠି ଲୋକଙ୍କ ମଧ୍ୟରେ କୋହ ଦେଖିବାକୁ ମିଳିଥିବାବେଳେ ଚକ-ଅଖ ନ ଗଡ଼ିବା ଫଳରେ ବୁଧବାର ୮ ଘଣ୍ଟା କାଳ ଅଟକିଯାଇଥିଲା ପୂରା ଜିଲ୍ଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଆନ୍ଦୋଳନକୁ ଓହ୍ଲାଇ ବିଜୁ ଜନତା ଦଳ କହିଛି, ସରକାରଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ଜୀବନ ଯାଇଛି। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଉତ୍ତରଦାୟୀ। ପୀଡ଼ିତା ଜଣକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣିଲେନି। ନ୍ୟାୟ ପାଇଁ ଏଠି ସେଠି ଘୂରି ▶ପୃଷ୍ଠା-୭

# ପୁଲିସର ଆକ୍ରମଣ ଅମାନୁଷିକ: ନବୀନ

## ସ୍ପଷ୍ଟୀକରଣ ରଖନ୍ତୁ ସରକାର



"ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ"

■ **ଭୁବନେଶ୍ୱର, ୧୬।୭ (ସମିସ):** ଲୋୟର ପିଏମଜିରେ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୁଲିସର ଏହି ଆକ୍ରମଣ ବର୍ବରୋଚିତ ବୋଲି ବର୍ଣ୍ଣନା କରି ମୃତ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଅବିଚଳିତ ଭାବରେ ଲଢ଼େଇ ଜାରି ରଖିବ ବୋଲି ସେ ଘୋଷଣା କରିଛନ୍ତି। ପାଣି ମାଡ଼, ରବର ଗୁଳି, ଲୁହବୁହା ଗ୍ୟାସ ଆମର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ ବୋଲି ଶାସକ ବିଜେପିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାରେ ଗଣତାନ୍ତ୍ରିକ ▶ପୃଷ୍ଠା-୭

# ସଂସଦ ଘେରିବ କଂଗ୍ରେସ



ମହିଳାଙ୍କ ପାଇଁ ଓଡ଼ିଶା ମୃତ୍ୟୁକୂପ: ଅଲକା ଲାମ୍ବା

■ **ଭୁବନେଶ୍ୱର, ୧୬।୭ (ସମିସ):** ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ କଂଗ୍ରେସ ସଂସଦ ଘେରାଉ କରିବ। ଘେରାଉ ବେଳେ ଓଡିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ। ମହିଳାଙ୍କ ପାଇଁ ଓଡ଼ିଶା ଆଜି ମୃତ୍ୟୁକୂପ ପାଲଟିଛି। ଏଠି ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା କହିଛନ୍ତି ଯେ ▶ପୃଷ୍ଠା-୭







ସକାଳ
THE SAKALA



### ଲଗାଣ ବର୍ଷାର ସଫଳ ମୁକାବିଲା ଲାଗି ପ୍ରସ୍ତୁତି ବୈଠକ

# ଗୁଜବକୁ ବିଶ୍ୱାସ ନ କରିବାକୁ ପ୍ରଶାସନର ଅନୁରୋଧ

ରାଉରକେଲା, ୧୬।୭ (ସମିସ)



ଗତ କିଛି ଦିନ ଧରି ସୁନ୍ଦରଗଡ଼ ଜିଲ୍ଲାରେ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ରାଉରକେଲା ସହରର ଅଧିକାଂଶ ଅଞ୍ଚଳ ଜଳାର୍ଣ୍ଣବ ହୋଇ ପଡ଼ିଥିବାବେଳେ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଲଗାଣ ବର୍ଷା ଜନିତ ସମସ୍ୟାର ସଠିକ୍ ମୁକାବିଲା ପାଇଁ ରାଉରକେଲା ତଥା ଅତିରିକ୍ତ ଜିଲ୍ଲାପାଳ ତଥା ମହାନଗର ନିଗମ ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଗାମୀ ଦିନରେ ଅଧିକ ବର୍ଷାର ଆଶଙ୍କା ଥିବାରୁ ସବୁ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସୋସିଆଲ ମିଡିଆରେ ବ୍ୟାପୁଥିବା ଗୁଜବ ଗୁଡ଼ିକୁ ବଶ୍ୱାସ ନ କରିବାକୁ ଲୋକଙ୍କୁ ଅନୁରୋଧ କରିଥିଲେ। ଏଥିରେ ସେ ମୁଖ୍ୟତଃ ସହରରେ ଥିବା ଡ୍ରେନ୍ ଗୁଡ଼ିକ ଉପରେ ନଜର ରଖିବା ସହ ମୁକୁଳା ଡ୍ରେନ୍ ଉପରେ ଢାଙ୍କୁଣି ପକାଇବା, ବର୍ଷାପରେ ଡ୍ରେନ୍ ଗୁଡ଼ିକୁ ସଫା କରିବା, ସ୍ଥାନେସ୍ଥାନେ ଜାଲି ଲଗାଇ ପ୍ଲାଷ୍ଟିକ୍ ତଥା ପଲିଥିନ ଭଳି ସାମଗ୍ରୀକୁ ଡ୍ରେନକୁ ନ ଛାଡ଼ିବା, ଖୋଲା ସ୍ଥାନରେ ବର୍ଜ୍ୟବସ୍ତୁ ପକାଇବାକୁ ରୋକିବା ଆଦି ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଜଳବନ୍ଦୀ ଅଞ୍ଚଳରୁ ଦ୍ୱରିତ ଜଳ ନିଷ୍କାସନ ଉପରେ ସେ ଗୁରୁତ୍ୱ ଦେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହା ସହ ରାଉରକେଲା ସହରାଞ୍ଚଳର ପାର୍ଶ୍ୱବର୍ତ୍ତି ଅଞ୍ଚଳ ଗୁଡିକୁ ସମାନ ଭାବେ ଗୁରୁତ୍ୱ ଦେବାସହ ଆବଶ୍ୟକ ପଦକ୍ଷେପ ନେବାକୁ ସେ ପରାମର୍ଶ ଦେଇଥିଲେ। ବର୍ଷାଦିନରେ ଡେଙ୍ଗୁ, ଡାଇରିଆ ଭଳି ରୋଗ ସଂକ୍ରମଣର ଯଥେଷ୍ଟ ଆଶଙ୍କା ରହିଥିବାରୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଭାଗ ଓ ଖାଦ୍ୟ ସୁରକ୍ଷା ବିଭାଗକୁ ପରାମର୍ଶ ଦେଇଥିଲେ। ଏଥିସହ ସୂଚନା, ଶିକ୍ଷା ଓ ଯୋଗାଯୋଗ କାର୍ଯ୍ୟକ୍ରମ ମାଧ୍ୟମରେ ଜନସଚେତନତା ସୃଷ୍ଟି କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଶୁଦ୍ଧ ପାନୀୟଜଳ ଯୋଗାଣକୁ ସୁନିଶ୍ଚିତ କରିବା ଓ ନିରବଚ୍ଛିନ୍ନ ବିଦ୍ୟୁତ୍ ସରବରାହ ଉପରେ ସେ ଗୁରୁତ୍ୱ ଦେଇଥିଲେ। ବର୍ଷାର ପ୍ରକୋପ କମିବାପରେ ଖରାପ ରାସ୍ତା ଗୁଡ଼ିକର ମରାମତି କରିବାକୁ ସେ କହିବା ସହ ବନ୍ଧମୁଣ୍ଡା ରାସ୍ତାର ଦ୍ୱରିତ ମରାମତି ପାଇଁ ସେ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଗକୁ ପାର୍ବଣ ଋତୁ ଆସୁଥିବାରୁ ଲୋକଙ୍କ ସୁବିଧାକୁ ଧ୍ୟାନରେ ରଖି ସହରର ସ୍ଥାନେ ସ୍ଥାନେ ଯେଉଁଠି ରାସ୍ତା ଖରାପ ଅଛି ବର୍ଷା ଛାଡ଼ିବା ପରେ ତାହାର ତୁରନ୍ତ ମରାମତି କାର୍ଯ୍ୟ ଆରମ୍ଭ କରିବାକୁ ସେ ପରାମର୍ଶ ଦେଇଥିଲେ। ବର୍ଷାଯୋଗୁଁ ପ୍ରଭାବିତ ବିପନ୍ନଙ୍କୁ ସଠିକ୍ ସମୟରେ ଆବଶ୍ୟକୀୟ ସରକାରୀ ସହାୟତା ଯୋଗାଇ ଦେବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବର୍ଷା ଦିନେ ସାଧାରଣ ଜୀବନଯାତ୍ରା ଯେଭଳି ପ୍ରଭାବିତ ନ ହୁଏ ଏବଂ ଲୋକଙ୍କ ସମସ୍ୟାର ସମୟୋଚିତ ସମାଧାନ ପାଇଁ ସମସ୍ତ ବିଭାଗକୁ ପ୍ରସ୍ତୁତ ରହିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏହି ପ୍ରସ୍ତୁତି ବୈଠକରେ ପାନପୋଷ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ରାଉରକେଲା ମହାନଗର ନିଗମର ଯୁଗ୍ମ ଆୟୁକ୍ତ ପଲ୍ଲବୀ ନାୟକ, ଉପ ପୌରାୟୁକ୍ତ ବିଶ୍ୱରଞ୍ଜନ ମଲ୍ଲିକ, ଉପ ପୌରାୟୁକ୍ତ ତରୁଣ କାନ୍ତ, ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫକ୍ଷତିମା ଏକ୍କାଙ୍କ ସହ ଅନ୍ୟ ସରକାରୀ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

## ଯୁବ ପ୍ରବନ୍ଧକଙ୍କ ଲାଗି ଗ୍ରାହକ ଅଭିମୁଖୀକରଣ କାର୍ଯ୍ୟକ୍ରମ




ରାଉରକେଲା, ୧୬।୭ (ସମିସ): ରାଞ୍ଚିସ୍ଥିତ ପରିଚାଳନା ତାଲିମ ପ୍ରତିଷ୍ଠାନ (ଏମଟିଆଇ) ଏବଂ ଆର୍‌ଏସ୍‌ପିର ଜ୍ଞାନାର୍ଜନ ଓ ବିକାଶ ବିଭାଗ (ଏଲଆଣ୍ଡଡି) ମିଳିତ ସହଭାଗିତାରେ ଯୁବ ପ୍ରବନ୍ଧକଙ୍କ ପାଇଁ ଗ୍ରାହକ ଅଭିମୁଖୀକରଣ ଉପରେ ସେଲ୍‌ଫ, ଆରଏସପିର କେନ୍ଦ୍ରୀୟ ଶକ୍ତି ତାଲିମ ପ୍ରତିଷ୍ଠାନ (ସିପିଟିଆଇ)ରେ ଦୁଇ ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଉଭୟ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଅଧିବେଶନରେ ସିଜିଏମ ପିକେସାହୁ, ଏଚ୍‌ଏନ୍‌ପତି ଏବଂ ଏମଟିଆଇ ରାଞ୍ଚିର ଜିଏମ ପର୍ଚ୍ଚେଜ ଶବନମ୍ ଶାଦାବ ଉପସ୍ଥିତ ଥିଲେ। ରାଉରକେଲା ଇସ୍ପାତ କାରଖାନା ଏବଂ କେନ୍ଦ୍ରୀୟ ମାର୍କେଟିଂ ସଂଗଠନ (ସିଏମ୍‌ଓ)ର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଏହି ଦୁଇ ଦିନିଆ ବୈଷୟିକ ଅଧିବେଶନ ଇସ୍ପାତ ଶିଳ୍ପରେ ଗ୍ରାହକ ଅଭିମୁଖୀକରଣର ଏକ ସାମଗ୍ରିକ ବୁଝାମଣା ପ୍ରଦାନ କରିବା ପାଇଁ ଡିଜାଇନ୍ କରାଯାଇଥିଲା। ମୁଖ୍ୟ ବିଷୟଗୁଡ଼ିକ ମଧ୍ୟରେ ଗ୍ରାହକ ଅଭିମୁଖୀକରଣକୁ ବୁଝିବା, ଗ୍ରାହକଙ୍କ ଆବଶ୍ୟକତା ଏବଂ ଆଶା ସହିତ ସମନ୍ୱିତ ମାନସିକତା ବିକାଶ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବା ସହିତ ଇସ୍ପାତ ଶିଳ୍ପରେ ଗ୍ରାହକ ମୂଲ୍ୟ ପରିଚାଳନା (ସିଭିଏମ୍) - ଗ୍ରାହକ ପାରସ୍ପରିକ କ୍ରିୟା, ଗ୍ରାହକଙ୍କ ସହିତ ପ୍ରଭାବଶାଳୀ ସମ୍ପର୍କ ଏବଂ ସମ୍ପର୍କ ଗଠନର ଗୁରୁତ୍ୱ ଇତ୍ୟାଦି ସାମିଲ ଥିଲା। ଉଭୟ ଅଧିବେଶନ ସବନମ ଶଦାବଙ୍କ ଦ୍ୱାରା ସମ୍ପନ୍ନ ହୋଇଥିଲା। ସିଜିଏମ ସେଲ୍ସ ଓ ସିଏମଓ ରାଉରକେଲାର ଏସଆରଏମ ସିଦ୍ଧାର୍ଥ ବାନାର୍ଜୀଙ୍କ ଦ୍ୱାରା ସମ୍ପନ୍ନ ଇସ୍ପାତ ଶିଳ୍ପରେ ଗ୍ରାହକ ମୂଲ୍ୟ ପରିଚାଳନା ଉପରେ ଅଧିବେଶନ ଅଂଶଗ୍ରହଣକାରୀମାନଙ୍କୁ ସ୍ଥିର ମୂଲ୍ୟପ୍ରଦାନ କରିବା ଏବଂ ଗ୍ରାହକ ସନ୍ତୋଷ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ରଣନୀତି ଅନୁସନ୍ଧାନ ଏବଂ ପରୀକ୍ଷା କରିବାରେ ସାହାଯ୍ୟ କରିଥିଲା। ଏତଦ୍‌ବ୍ୟତିତ, ଆରଏସ୍‌ପିର ନୂତନ ପ୍ଲେଟ ମିଲ ବିଭାଗର ଜିଏମ୍ ନୀଳମଣି ମହାପାତ୍ରଙ୍କ ଦ୍ୱାରା ସମ୍ପାଦିତ ପ୍ରଭାବଶାଳୀ ସିଭିଏମ ପାଇଁ ସିଷ୍ଟମଗୁଡ଼ିକୁ ସକ୍ଷମ କରିବା ବିଷୟ ଗ୍ରାହକ-କେନ୍ଦ୍ରିକ ପଦକ୍ଷେପଗୁଡ଼ିକୁ ବଜାୟ ରଖିବାରେ ଦୃଢ଼ ପ୍ରକ୍ରିୟା, ପ୍ରଯୁକ୍ତିବିଦ୍ୟା ଏବଂ ସଂଗଠନାତ୍ମକ ସମର୍ଥନର ଭୂମିକା ଉପରେ ଆଲୋକପାତ ହୋଇଥିଲା। ଏହି ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମକୁ ଶବନମ୍ ଶାଦାବ ଓ ଏଚଆରଏଲଆଣ୍ଡଡି ବିଭାଗର ସିନିୟର ମ୍ୟାନେଜର ଏଲ୍ ମାରାଣ୍ଡି ପରିଚାଳନା କରିଥିଲେ।

## ଶୋଚନୀୟ ଅବସ୍ଥାରେ ବଙ୍ଗାଳୀପଡ଼ା ନାଳ

ରାଉରକେଲା, ୧୬।୭ (ସମିସ): ରାଉରକେଲା ସ୍ମାର୍ଟସିଟି ଅଧୀନ ବିର୍ସା ଡାହାର ରୋଡସ୍ଥିତ ବଙ୍ଗାଳୀପଡ଼ାରେ ନାଳ ଶୋଚନୀୟ ହୋଇପଡ଼ିଛି। ଆବର୍ଜନା ପାଣି ନିଷ୍କାସନ ହୋଇପାରୁନି। ଗତ ଲଗାଣବର୍ଷାରେ ନାଳ ପାଣି ଆସି ରାସ୍ତାରେ ଭାସିଥିଲା। ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାଛଡା ଅନ୍ୟଦିନରେ ମଧ୍ୟ ଆବର୍ଜନା ପାଣି ନିଷ୍କାସନ ନହେବାରୁ ସମାନ ପରିସ୍ଥିତି ସୃଷ୍ଟି ହୋଇଥାଏ। ନାଳ ଭାଙ୍ଗି ଯାଇଛି। ସ୍ଥାନୀୟଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ମଧ୍ୟ କରିଛନ୍ତି। କିନ୍ତୁ ଏ ପର୍ଯ୍ୟନ୍ତ ମରାମତି ପାଇଁ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଅଭିଯୋଗ ହୋଇଛି। ଯଥାଶୀଘ୍ର ମରାମତି କରିବାକୁ ସ୍ଥାନୀୟଲୋକେ ଦାବି କରିଛନ୍ତି।

## କର୍ମସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା ସଚେତନତା



କୁତ୍ରା, ୧୬।୭ (ସମିସ): ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଝାରବେଡାଠାରେ ଅବସ୍ଥିତ ଡାଲମିଆ ମହାବିଦ୍ୟାଳୟରେ କର୍ମସ୍ଥଳରେ ମହିଳାଙ୍କୁ ଯୌନ ନିର୍ଯାତନା ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜୀତେନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା କାର୍ଯ୍ୟକ୍ରମ ପ୍ରଧ୍ୟାପିକା ଡ.ତବସୁମ ବାନୋଙ୍କ ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଅବସରରେ ଅଧ୍ୟକ୍ଷ ପଟେଲ କର୍ମସ୍ଥଳରେ ତଥା ବିଭିନ୍ନସ୍ଥଳ ବିଶେଷରେ ମହିଳାଙ୍କୁ ଦିଆଯାଉଥିବା ଯୌନ ନିର୍ଯାତନା ସମ୍ପର୍କରେ ଆଲୋଚନା କରିବା ସହ ମହିଳାମାନେ ଏଥିପ୍ରତି କିଭଳି ସଚେତନ ରହିବା ଉଚିତ ସେସମ୍ପର୍କରେ ମତ ସାବ୍ୟସ୍ତ କରିଥିଲେ। ଏହି ଅବସରରେ ପ୍ରଧ୍ୟାପକ ଲକ୍ଷ୍ମୀକଲ୍ୟାଣ ପାଇକରାୟ ମହାବିଦ୍ୟାଳୟ ଇଣ୍ଟର୍ଣ୍ଣାଲ କମିଟି ଦ୍ୱାରା ଛାତ୍ରଛାତ୍ରୀଙ୍କ ସୁରକ୍ଷା ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ପ୍ରଧ୍ୟାପିକା ଡ ବାନୋ ଓ ଡ. ଲତା ନାଏକ କର୍ମଜୀବୀ ମହିଳା ଓ ଛାତ୍ରୀ ମାନଙ୍କ ସୁରକ୍ଷା ପାଇଁ ସେମାନଙ୍କ ମଧ୍ୟରେ ସଚେତନତାର ଆବଶ୍ୟକତା ଥିବାବେଳେ ଏଭଳି କର୍ମଶାଳା ଅନୁଷ୍ଠିତ କରାଯାଇ ସଚେତନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଛାତ୍ରୀମାନେ ଅଂଶଗ୍ରହଣ କରିଥିବାବେଳେ ଅଧ୍ୟାପିକା ଅନୀତା କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଆର୍‌ଏସ୍‌ପି ପକ୍ଷରୁ ୧୦ ମହିଳାଙ୍କୁ ସିଲେଇ ତାଲିମ




ରାଉରକେଲା, ୧୬।୭ (ସମିସ): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ସିଏସ୍‌ଆର ବିଭାଗ ଦ୍ୱାରା ପାର୍ଶ୍ୱାଞ୍ଚଳ ବିକାଶ ପ୍ରତିଷ୍ଠାନ ଠାରେ ଆୟୋଜିତ ବୃତ୍ତିଗତ ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ ଅଧୀନସ୍ଥ ୬୦ ଦିନିଆ ହସ୍ତତନ୍ତ ସିଲେଇ ତାଲିମକୁ ପାର୍ଶ୍ୱାଞ୍ଚଳ ଝିରପାଣି ପୁନଃନିର୍ବାସ କଲୋନୀ, ପୁରୁଣାପାଣି, ବାଣିଗୁନି ଏବଂ ନିକଟବର୍ତ୍ତୀ ବସ୍ତିର ୧୦ ଜଣ ମହିଳା ସଫଳତାର ସହ ସମ୍ପୂର୍ଣ୍ଣ କରିଛନ୍ତି। ଜୀବିକା ତାଲିମ ଏବଂ ଦକ୍ଷତା ବୃଦ୍ଧି ମାଧ୍ୟମରେ ଅବହେଳିତ ବର୍ଗର ମହିଳାମାନଙ୍କୁ ସଶକ୍ତ ଗଢିବା ଏହି ଅନନ୍ୟ ସିଏସଆର ପଦକ୍ଷେପର ଲକ୍ଷ୍ୟ ରହିଛି। ଉଦ୍‌ଯାପନୀ ଅଧିବେଶନରେ ଦୀପିକା ମହିଳା ସଂଘତିର ଅଧ୍ୟକ୍ଷା ନମ୍ରତା ବର୍ମା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସହରସେବା ଓ ସିଏସଆର ବିଭାଗର ସିଜିଏମ ଟିଜି କାନେକର ଉତ୍ସବର ସମ୍ମାନିତ ଅତିଥି ଭାବେ ଯୋଗେଦେଇ ଥିଲେ। ଅତିଥିମାନେ ମହିଳା ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ସିଏସ୍‌ଆର ବିଭାଗର ଜିଏମ ଇନଚାର୍ଜ ମୁନମୁନ ମିତ୍ର, ଜିଏମ୍ ବିଭାବସୁ ମଲ୍ଲିକ, ଏଜିଏମ ଟିବି ଟପ୍ପୋ, ଦୀପିକା ମହିଳା ସଂଘତିର ସମ୍ପାଦିକା ସାରିକା କୁମାର ଏବଂ ଆରଏସପି ତଥା ସମ୍ପୃକ୍ତ ସଂସ୍ଥାର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀମତୀ ବର୍ମା ପାର୍ଶ୍ୱବର୍ତ୍ତୀ ଗ୍ରାମୀଣ ମହିଳାଙ୍କ ଆର୍ଥିକ ସଶକ୍ତିକରଣ ପାଇଁ ନିଆଯାଇଥିବା ସିଏସଆର ପ୍ରୟାସର ପ୍ରଶଂସା କରିଥିଲେ। ଏହି ଅବସରରେ ମହିଳା ହିତାଧିକାରୀମାନେ ସେମାନଙ୍କର ଅଭିଜ୍ଞତା ସହଭାଗ କରିଥିଲେ। ମୁନମୁନ ମିତ୍ରା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଟିବି ଟପ୍ପୋ ଧନ୍ୟବାଦ ଜ୍ଞାପନ କରିଥିଲେ। ସିଏସ୍‌ଆର ବିଭାଗର ସେକ୍ସନ ଅଫିସର ବି ଏକ୍କା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପୁରସ୍କାର ବିଜେତା ମାଷ୍ଟର ଟ୍ରେନର କୃଷ୍ଣଚନ୍ଦ୍ର ମହାନ୍ତିଙ୍କ ଦ୍ୱାରା ପରିଚାଳିତ ଏବଂ ଶ୍ରଦ୍ଧାଞ୍ଜଳି ମହାନ୍ତିଙ୍କ ସହାୟତାରେ ଏହି ୬୦ ଦିନିଆ ତାଲିମ କାର୍ଯ୍ୟକ୍ରମ, ସିଲାଇ କୌଶଳ ଠାରୁ ଅଧିକ ଅନେକ ବିଷୟ ଉପରେ ଧ୍ୟାନ ଦେଇଥିଲା। ପ୍ରାୟ ୨.୦୪ ଲକ୍ଷ ଟଙ୍କାରେ କାର୍ଯ୍ୟକାରୀ ହୋଇଥିବା ଏହି ପ୍ରକଳ୍ପ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କୁ ଗୁଣବତ୍ତା ନିୟନ୍ତ୍ରଣ, ମୂଲ୍ୟ, ବ୍ରାଣ୍ଡିଂ ଏବଂ ବଜାର ସଂଯୋଗୀକରଣ ବିଷୟରେ ମଧ୍ୟ ତାଲିମ ଦିଆଯାଉଛି। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଋଣ, ସବସିଡି ଏବଂ ବୀମା ଭଳି ସରକାରୀ ଯୋଜନା ପାଇବାରେ ମାର୍ଗଦର୍ଶନ କରିବା ସହିତ ସେମାନଙ୍କୁ କାରିଗର ପ୍ରମାଣପତ୍ର ପାଇବା ପାଇଁ ସୁଯୋଗ ସୃଷ୍ଟି କରିଛି।

# ରାଉରକେଲା ସ୍ମାର୍ଟସିଟି ଲିମିଟେଡ୍‌ର ନିର୍ଦ୍ଦେଶକ ମଣ୍ଡଳୀ ବୈଠକ

ରାଉରକେଲା, ୧୬।୭ (ସମିସ): ରାଉରକେଲା ସ୍ମାର୍ଟସିଟି ଲିମିଟେଡର ୩୦ତମ ନିର୍ଦ୍ଦେଶକ ମଣ୍ଡଳୀ (ବୋର୍ଡ ଅଫ୍ ଡାଇରେକ୍ଟର) ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷାପାଢ଼ୀ ଉପସ୍ଥିତ ଥିଲେ। ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ ଅଧୀନରେ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଇ ଏକ ବିକଶିତ ଓ ଶ୍ରେଷ୍ଠ ରାଉରକେଲା ଗଠନ କିପରି କରାଯାଇ ପାରିବ ସେ ନେଇ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସହରରେ କାର୍ଯ୍ୟାନ୍ୱୟନ ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ଗୁଡ଼ିକର ସମୀକ୍ଷା କରାଯାଇଥିଲା। ଏଥିସହ ନିର୍ମାଣାଧୀନ ପ୍ରକଳ୍ପ ଗୁଡ଼ିକର ଅଗ୍ରଗତିର ସମୀକ୍ଷା କରାଯିବା ସହ ପ୍ରକଳ୍ପ କାର୍ଯ୍ୟରେ ସୃଷ୍ଟି ସମସ୍ୟାକୁ ଦୂରକରି ସେଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ସେଥି ମଧ୍ୟରେ ରାଉରକେଲା ୱାନ୍‌ଠାରେ ନିର୍ମାଣାଧୀନ ସମନ୍ୱିତ ନିର୍ଦ୍ଦେଶ ଓ ନିୟନ୍ତ୍ରଣ କକ୍ଷ (ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସେଣ୍ଟର) ଓ ଆଦିବାସୀ ସଂଗ୍ରହାଳୟକୁ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ପାଇଁ ଲକ୍ଷ୍ୟ ରଖାଯାଇଛି। କୋଏଲନଗର ଠାରେ ନିର୍ମାଣାଧୀନ ବିଗ୍ ରିକ୍ରିଏସନାଲ ପାର୍କ ପ୍ରକଳ୍ପଗୁଡ଼ିକର ଅଗ୍ରଗତିର ସମୀକ୍ଷା କରିବା ସହ ପ୍ରସିଦ୍ଧ ବେଦବ୍ୟାସ ପୀଠର ଉନ୍ନତିକରଣ ଉପରେ ଆଲୋଚନା କରାଯାଇଥିଲା। ସେହିପରି ଭାବେ ଏହି ବୈଠକରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା ଷ୍ଟ୍ରମ୍ ୱାଟର ଡ୍ରେନେଜ୍ ସିଷ୍ଟମ, ନୂତନ ବସଷ୍ଟାଣ୍ଡ ଓ ଟିସ୍କୋ ପୋଖରୀର ପୁନଃରୁଦ୍ଧାର ପ୍ରକଳ୍ପର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିସହ ରାଉରକେଲା ସହରରେ କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟାକୁ ଦୃଷ୍ଟିରେ ରଖି ବିଶ୍ରାଛକ ଠାରେ ଥିବା ନୂତନ ବସ୍‌ଷ୍ଟାଣ୍ଡ ଓ ଟିସ୍କୋ ପୋଖରୀର ପୁନଃରୁଦ୍ଧାର କାର୍ଯ୍ୟ ବିଷୟରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ସୁନ୍ଦରଗଡ଼ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଆର୍‌ଏସ୍‌ପିର ଡିଆଇସି ଆଲୋକ କୁମାର ବର୍ମା, ରାଉରକେଲା ସ୍ମାର୍ଟସିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶୁତୋଷ କୁଲକର୍ଣ୍ଣିଙ୍କ ସହ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।




### ● ମିଳିତ ବିରୋଧୀ ଦଳର ବୈଠକ

## ଆଜି ଓଡ଼ିଶାବନ୍ଦ ସଫଳ ଲାଗି ନିଷ୍ପତ୍ତି




ରାଉରକେଲା, ୧୬।୭ (ସମିସ): ଫକୀର ମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ନ୍ୟାୟିକ ତଦନ୍ତ କରିବା ପାଇଁ ରାଜ୍ୟ ସରକାର ସୁପାରିଶ କରିବା, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକଙ୍କ ଇସ୍ତଫା ଦାବିରେ ରାଜ୍ୟର ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇ, ସିପିଆଇଏମ୍, ଆର୍‌ଜେଡି, ସମାଜବାଦୀ ପାର୍ଟି, ସିପିଆଇ (ଏମ୍‌ଏଲ୍) ଲିବରେସନ, ଫରୱାର୍ଡ ବ୍ଲକ ଆଦି ରାଜନୈତିକ ଦଳ ଜୁଲାଇ ୧୭ ତାରିଖ ଓଡ଼ିଶା ବନ୍ଦକୁ ଆହ୍ୱାନ କରାଯାଇଥିଲାବେଳେ ଏହାକୁ ରାଉରକେଲାରେ ସଫଳ କରିବା ପାଇଁ ଆଜି କଂଗ୍ରେସ ଭବନରେ ମିଳିତ ବିରୋଧୀ ଦଳ ପକ୍ଷରୁ ବୈଠକ ବସିଥିଲା। ସୁନ୍ଦରଗଡ଼ ଜିଲ୍ଲାରେ ଏହି ଡାକରାକୁ ସଫଳ କରିବା ପାଇଁ ସମସ୍ତ ଶିକ୍ଷାନୁଷ୍ଠାନ, ବ୍ୟବସାୟିକ ପ୍ରତିଷ୍ଠାନ, ପରିବହନ, ଅଫିସ ଦପ୍ତର, ଯାତାୟାତ ଏହି ଡାକରାରେ ସାମିଲ କରିବାକୁ ଆହ୍ୱାନ କରାଯାଇଛି। ଏହି ଡାକରାରେ ଜରୁରୀକାଳୀନ ସେବାକୁ ବାଦ୍ ଦିଆଯାଇଛି। ଏହି ବୈଠକରେ କଂଗ୍ରେସର ଜ୍ଞାନରଞ୍ଜନ ଦାସ, ସାବିର ହୁସେନ, ଗଣେଶ ପ୍ରଧାନ, ସନ୍ତୋଷ ବିଶ୍ୱାଳ, ନଚିକେତା ମହାପାତ୍ର, ବିନୋଦ ରାଉତ, ଇସ୍ତେହାର ମହମ୍ମଦ, ସିପିଆଇଏମ୍ ନେତା ଜାହାଙ୍ଗିର ଅଲ୍ଲୀ, ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ରାଜକିଶୋର ପ୍ରଧାନ, ସିପିଆଇ ନେତା ପ୍ରଦୋଷ ମହାନ୍ତି, ସଦାନନ୍ଦ ସାହୁ, ରମେଶ ସେଠୀ, ଅନୁପମ ଦତ୍ତ, ଜନ୍ ଆୟୁବ ଯୋଯୋ, ସିପିଆଇଏମ୍‌ଏଲ୍ ନେତା ରାଜା ମୁନ୍ନା ପ୍ରମୁଖ ଉପସ୍ଥିତ ଥିଲେ।

### ଏଫଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଘଟଣା

# ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

ରାଉରକେଲା, ୧୬।୭ (ସମିସ): ବାଲେଶ୍ୱର ଫକୀରମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାକୁ ନେଇ ରାଉରକେଲା ଜିଲ୍ଲା ଯୁବଛାତ୍ର କଂଗ୍ରେସ ପକ୍ଷରୁ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏହି କ୍ରମରେ ଉଦିତନଗର ସ୍ଥିତ ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଥିଲା। ଛାତ୍ରୀ ପ୍ରଥମେ ଆତ୍ମାହୁତି ଉଦ୍ୟମ କରିଥିଲେ। ଦୁଇଦିନ କାଳ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ କରି ଶେଷରେ ଆଖି ବୁଜିଥିଲେ। ଅଧ୍ୟାପକଙ୍କ ଯୌନ ଆବେଦନ ଓ ନିର୍ଯାତନା ବିରୋଧରେ ଛାତ୍ରୀ ଜଣକ ୬ ମାସ କାଳ ବିଭିନ୍ନ ସମୟରେ କଲେଜ କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନ, ବିଧାୟକ, ସାଂସଦ, ରାଜ୍ୟ ଉଚ୍ଚ ଶିକ୍ଷାମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜାତୀୟ ମହିଳା ଆୟୋଗ ପ୍ରମୁଖଙ୍କୁ ନ୍ୟାୟ ପାଇଁ କାକୁତି ମିନତୀ ହେବା ସତ୍ତ୍ୱେ କେହି ହେଲେ ତାଙ୍କୁ ସାହାଯ୍ୟ କରିବାକୁ ଆଗେଇ ଆସିନଥିଲେ। ଯଥାଶୀଘ୍ର ଦୋଷୀଙ୍କୁ ଉଚିତ ଦଣ୍ଡ ଦିଆଯିବା ସହ ରାଜ୍ୟ ଆଇନ, ମୁଖ୍ୟମନ୍ତ୍ରୀ ନିଜେ ଇସ୍ତଫା ଦିଅନ୍ତୁ ବୋଲି ଦାବି ହୋଇଛି। ଯୁବ ସଭାପତି ମୋତିଲାଲ ଦୀପ, ଛାତ୍ର ସଭାପତି ସୂର୍ଯ୍ୟକାନ୍ତ ବାରିକ ଓ ଯୁବ ନେତା ଶିବୁ ଦୀପଙ୍କ ନେତୃତ୍ୱରେ ପୂର୍ବତନ ଜିଲ୍ଲା ସଭାପତି ରବି ରାୟ, ପୂର୍ବତନ ରାଜ୍ୟ ମହାସଚିବ ପ୍ରବୋଧ ଦାସ, ସବୀର ହୁସେନ, ରାଉରକେଲା ନିର୍ବାଚନ ମଣ୍ଡଳ ସଭାପତି ଗାନ୍ଧୀ ଦାସ, ଜିଲ୍ଲା କଂଗ୍ରେସ ପୂର୍ବତନ ଉପସଭାପତି ବାସୁଦେବ ବାନାର୍ଜୀ, ଜିଲ୍ଲା ସଂଖ୍ୟାଲଘୁ ସଭାପତି ଇଜାଜ ଅକତର, ଜିଲ୍ଲା ଅନୁସୂଚିତ ଜାତି ସଭାପତି ଦିବାକର ଦୀପ, ଯୁବ ସାଧାରଣ ସମ୍ପାଦକ ସନ୍ଦୀପନ ମହାପାତ୍ର, ଯୁବ ନେତା ପ୍ରସନ୍ନ କୁମାର ବଳିୟାରସିଂ, ଯୁବ ଉପସଭାପତି ବାବୁଲି ଢୋଲିଆ, ରଘୁନାଥପାଲି ଛାତ୍ର ସଭାପତି ଅନୁରାଗ ବିଶ୍ୱାଳ, ଜିଲ୍ଲା କଂଗ୍ରେସ ଉପସଭାପତି ଆଶିଷ ମହାନ୍ତି, ବ୍ଲକ ସଭାପତି ପ୍ରଫୁଲ ପ୍ରଧାନ ଅନ୍ୟମାନେ ଉପସ୍ଥିତ ଥିଲେ।




ରାଉରକେଲା : ଓଡ଼ିଶାରେ ମହିଳାଙ୍କ ସୁରକ୍ଷାକୁ ରାଜ୍ୟ ସରକାର ସୁନିଶ୍ଚିତ କରିବା, ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଘଟଣାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର କାର୍ଯ୍ୟରତ ବିଚାରପତିଙ୍କ ତତ୍ତ୍ୱାବଧାନରେ ନ୍ୟାୟିକ ତଦନ୍ତ କରିବା ପାଇଁ ରାଜ୍ୟ ସରକାର ସୁପାରିଶ କରିବା, ଏହା ଏକ ଆତ୍ମହତ୍ୟା ନୁହେଁ ବରଂ ବ୍ୟବସ୍ଥାଗତ ହତ୍ୟାକାଣ୍ଡ ବୋଲି ସିପିଆଇଏମ୍ ପକ୍ଷରୁ କୁହାଯାଇଛି। ଏହା ସହ ରାଜ୍ୟ




ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ ଓ ବିଧାୟକଙ୍କ ଇସ୍ତଫା ଦାବି କରାଯାଇଛି। ଘଟଣା ପାଇଁ ଦାୟୀ ସମସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ସିପିଆଇଏମ୍ ରାଉରକେଲା ଓ ରଘୁନାଥପାଲୀ ଆଞ୍ଚଳିକ ସାଂଗଠନିକ କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ରାଉରକେଲା ଆଞ୍ଚଳିକ କମିଟି ସମ୍ପାଦକ ରାଜକିଶୋର ପ୍ରଧାନଙ୍କ ସଭାପତିତ୍ୱରେ ଆଜି ଏ ନେଇ ବିକ୍ଷୋଭ ପ୍ରଦର୍ଶନ ହୋଇଥିଲା ବେଳେ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ବିମାନ ମାଇତି, ଶ୍ରୀମନ୍ତ ବେହେରା, ସୁରେନ୍ଦ୍ର ଦାଶ, ଜିଲ୍ଲା କମିଟି ସଦସ୍ୟ ବି ପି ମହାପାତ୍ର, ବସନ୍ତ ନାୟକ, ରଘୁନାଥପାଲି ସାଂଗଠନିକ କମିଟି ଆବାହକ ହୃଦ୍ୟାନନ୍ଦ ଯାଦବ, ବିନୟ ବେହୁରିଆ, ରାଉରକେଲା ଆଞ୍ଚଳିକ ସମ୍ପାଦକ ମଣ୍ଡଳୀ ସଦସ୍ୟ ଅଜୟ ଶର୍ମା, ବିଶ୍ୱଜିତ ମାଝୀ, ଯଯାତି କେଶରୀ ସାହୁ, ଲକ୍ଷ୍ମୀଧର ନାୟକ, ଚନ୍ଦ୍ରଭାନୁ ଦାସ, ଆଞ୍ଚଳିକ କମିଟି ନେତା ସୁରେନ୍ଦ୍ର ମହାନ୍ତି, ଏନ୍ ଏନ୍ ପାଣିଗ୍ରାହୀ, ଦିବାକର ମହାରଣା, ଅରୁଣ ମହାରଣା, ଅଜିତ ଏକ୍କା, ଅନାଦି ସାହୁ, ସମ୍ବିତ ସ୍ୱାଇଁ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।

# ଜିଲ୍ଲା ବିଜେଡି ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

ନବରଙ୍ଗପୁର,୧୬।୭(ସମିସ):




ନବରଙ୍ଗପୁର ଜିଲ୍ଲା ବିଜେଡି ପକ୍ଷରୁ ଜିଲ୍ଲା ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ନେତୃତ୍ୱରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାକୁ ନେଇ ଏକ ଶୋକସଭା ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି କ୍ୟାଣ୍ଡେଲ ଶୋଭାଯାତ୍ରାରେ ନବରଙ୍ଗପୁର ସହର ସମେତ ବିଭିନ୍ନ ବ୍ଲକ୍‌ରୁ ବହୁ ବିଜେଡି ନେତା, ନେତ୍ରୀ ଏବଂ କର୍ମୀ ଯୋଗ ଦେଇଥିଲେ। ଶୋଭାଯାତ୍ରା ସ୍ଥାନୀୟ ସଦାଶିବ ଉଦ୍ୟାନ ନିକଟ ଶ୍ରୀରାମ ମନ୍ଦିର ଛକଠାରୁ ଗାନ୍ଧୀ ଛକ ପର୍ଯ୍ୟନ୍ତ ଯାଇଥିଲା। ଏହି ଘଟଣାର ଦୃଢ଼ ନିନ୍ଦା କରାଯିବା ସହ ପୀଡ଼ିତା ତଥା ତାଙ୍କ ପରିବାରକୁ ଉଚିତ ନ୍ୟାୟ ଦେଇ ଦୋଷୀଙ୍କୁ ଅତିଶୀଘ୍ର କୋଠରରୁ କୋଠର ଦଣ୍ଡ ଦେବାକୁ ଦାବି କରାଯାଇଛି। ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଉଦ୍‌ବେଗ ପ୍ରକାଶ କରିବା ସହ ଆଗାମୀ ଦିନରେ ଯେମିତି ଏହିଭଳି ପରିସ୍ଥିତି ନହୁଏ ସେଥିପ୍ରତି ଦୃଷ୍ଟି ଦେବାପାଇଁ ସରକାରଙ୍କୁ ଚେତାବନୀ ଦେଇଛନ୍ତି ଶ୍ରୀ ରନ୍ଧାରୀ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟରେ ଦିନକୁ ଦିନ ବୃଦ୍ଧି ପାଉଥିବା ହିଂସାର ପ୍ରତିକାର ପାଇଁ ସ୍ଥାୟୀ ପ୍ରଶାସନିକ ତନ୍ତ୍ରରେ ପରିବର୍ତ୍ତନ ଦାବି କରିଛନ୍ତି। ମହାବିଦ୍ୟାଳୟମାନଙ୍କରେ ଦିନକୁ ଦିନ ଆଭ୍ୟନ୍ତରୀଣ ଆଇନଗତ ବିଶୃଙ୍ଖଳା ବଢୁଥିବାରୁ ଏ ସମସ୍ୟାର ସ୍ଥାୟୀ ସମାଧାନ କରାଯାଉ ବୋଲି ସରକାରଙ୍କୁ ଚେତାବନୀ ଦେଇଛନ୍ତି ପୂର୍ବତନ ବିଧାୟକ ସଦାଶିବ ପ୍ରଧାନୀ। ଶୋଭାଯାତ୍ରାରେ ଜିଲ୍ଲା ପରିଷଦ ସଦସ୍ୟ ଅରୁଣ କୁମାର ମିଶ୍ର, କାଉନ୍‌ସିଲର ନଗେନ୍ଦ୍ର ପ୍ରସାଦ ପଟ୍ଟନାୟକ, କାଉନ୍‌ସିଲର ଅଲେଖ ସୌରା, ପୁରୁଷୋତ୍ତମ ହରିଜନ, ପି କେଶବ ରାଜୁ, ଅଭିବ୍ୟକ୍ତ କୋରାପୁଟ ଜିଲ୍ଲା ଯୁବ ବିଜେଡ଼ି ସଭାପତି ତାପସ ତ୍ରିପାଠୀ, ରାଜ୍ୟ ଛାତ୍ର ଜନତା ଦଳର କାର୍ଯ୍ୟକାରିଣୀ ସଭାପତି ଦିଲୁ ପଣ୍ଡା, ଜିଲ୍ଲା ବିଜେଡି ସଭାନେତ୍ରୀ ମଞ୍ଜୁଳା ମାଝୀ, ବିଶିଷ୍ଟ ବିଜେଡି ନେତା ବାବୁଲି ମିଶ୍ର, ବରିଷ୍ଠ ବିଜେଡି ମହିଳା ନେତ୍ରୀ କୌଶଲ୍ୟା ପ୍ରଧାନି, ପ୍ରଣତି ତ୍ରିପାଠୀ, ବବିତା ସାହୁ, ପୌର ପରିଷଦ ୯ ନମ୍ବର ୱାର୍ଡ ସଭାପତି ଦୁର୍ଗା ତ୍ରିପାଠୀ, ଲାଲୁ ତ୍ରିପାଠୀ, ସୁମିତ ପାଳ, ଉତ୍ତମ ତ୍ରିପାଠୀ, କୁନା ପାଢ଼ୀ, ସୁମିତ ପୂଜାରୀ, ନନ୍ଦ ହରିଜନ ପ୍ରମୁଖଙ୍କ ସମେତ ବହୁ ବିଜେଡି ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

# ରାତିଅଧରେ ପୋଷ୍ଟ ଅଫିସ ଖୋଲା କାହା ପାଇଁ ?

କୋରାପୁଟ,୧୬।୭(ସମିସ): କୋରାପୁଟ ସହରର ମଧ ଭାଗରେ ମୁଖ୍ୟ ଡାକଘର ରହିଛି। ଅତି ପୁରୁଣା ଏହି ମୁଖ୍ୟ ଡାକଘର ଦିନବେଳେ ମୁଖ୍ୟ ଫାଟକ ଖୋଲୁ ଖୋଲୁ ଲାଗେ ଲୋକଙ୍କ ଭିଡ। ସନ୍ଧ୍ୟା ପରେ ମୁଖ୍ୟ ଫାଟକ ଫାଟକ ବନ୍ଦ ଥାଏ, କିନ୍ତୁ ପଛପଟେ ଖୋଲା। ବୁଧବାର ରାତି ୯ଟାରେ ବ୍ୟାକ ଡୋରରେ ଲାଗିଥିଲା ଅନେକ କର୍ମଚାରୀଙ୍କ ଗାଡି। ଆଉ ଉପର ମହଲାରେ ଚାଲିଥିଲା ପାଟି ତୁଣ୍ଡ, ହୋ ହଲ୍ଲା ଓ ଭୋଜିର ଆସର। ଘଟଣା ସମ୍ପର୍କରେ ବୁଝିବାରୁ ଜଣାପଡିଲା ଯେ କିଛି ଅଘଟଣ ଘଟି ନାହିଁ । ଦୁଇ ମାସ ତଳେ ଏଠାରେ ବଦଳି ହୋଇ ଯାଇଥିବା ତତ୍କାଳୀନ ଏଏସପି ପରମାନନ୍ଦ ସାହୁ ଆସିଥିବାରୁ ଉପର ମହଲାରେ ଗହଳି ଲାଗିଛି। ଖାଇବା, ପିଇବା ସହ ଅନେକ ଲୋକଙ୍କ ଭିଡ ଜମିଛି ବୋଲି ପୋଷ୍ଟମାଷ୍ଟର ଅନାମ ଚରଣ ପାତ୍ର କହିଛନ୍ତି। ତେବେ ପୋଷ୍ଟ ମାଷ୍ଟରଙ୍କ କହିବା ଅନୁସାରେ ତତ୍କାଳୀନ ଏଏସପି ଶ୍ରୀ ସାହୁ କିଛି ପୁରୁଣା କାମକୁ ସାରିବା ପାଇଁ କିଛି କର୍ମଚାରୀଙ୍କୁ ଡାକିଛନ୍ତି। ନିଜେ ପୋଷ୍ଟ ମାଷ୍ଟର ଶ୍ରୀ ଶ୍ରୀ ପାତ୍ରଙ୍କ ସହ ଓଭରସର ଦେବରାଜ ଦାସ ଏବଂ ମନୋଜ କୁମାର ଏମାନଙ୍କର କାମ ଶ୍ରୀ ସାହୁଙ୍କ ସହ ଥିଲା । କିନ୍ତୁ ପାଟିତୁଣ୍ଡ ଆଉ ହଟ୍ଟଗୋଳ ନବୀକରଣ କାମ କରୁଥିବା ଠିକାସଂସ୍ଥାର ଶ୍ରମିକ ମଦ ପିଇ କରି ଥାଇ ପାରନ୍ତି ବୋଲି ପୋଷ୍ଟ ମାଷ୍ଟର କହିଛନ୍ତି। ହେଲେ କେନ୍ଦ୍ର ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ପୋଷ୍ଟାଲ ସଂସ୍ଥା ଭଳି ସମ୍ବେଦନଶୀଳ କାର୍ଯ୍ୟାଳୟରେ ବ୍ୟାକ୍ ଡୋର ଖୋଲି କାମ କରିବା, ତାହା ବି ରାତି ଅଧ ଯାଏଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ତଦନ୍ତ ପାଇଁ ଦାବି ହେଉଛି। ପୋଷ୍ଟମାଷ୍ଟରଙ୍କ ତଥ୍ୟ ଅନୁସାରେ ଜୟପୁର ସ୍ଥିତ ବରିଷ୍ଠ ଡ଼ାକପାଳ ଅଧିକାରୀଙ୍କ ଯୋଗାଯୋଗ କରିଥିଲେ ମଧ ତାଙ୍କ ଫୋନ ଲାଗି ନଥିଲା।

# ସାପକାମୁଡ଼ାରେ ନାବାଳକ ମୃତ

ମାଥିଲି, ୧୬ ।୭ (ସମିସ): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ଅନ୍ତର୍ଗତ ମେକ୍କା ଗ୍ରାମପଞ୍ଚାୟତର ବିଜାପଦର ଗାଁରେ ସାପକାମୁଡାରେ ଜଣେ ନାବାଳକର ମୃତ୍ୟୁ ହୋଇଛି। ସୂଚନା ଅନୁଯାୟୀ, ବିଜାପଦର ଗ୍ରାମର ସ୍ୱର୍ଗତ ସମାରୁ ଆଦିବାରୀଙ୍କ ମଝିଆ ପୁଅ ରୂପଧର ଆଦିବାରୀ (୧୦)ଙ୍କୁ ସାପ କାମୁଡି ଥିଲା। ପରିବାର ଲୋକେ ତାଙ୍କୁ ମାଥିଲି ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇ ଯାଇଥିଲେ। ତେବେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଖବର ପାଇ ମାଥିଲି ବ୍ଲକ ବିଜେଡି ସଭାପତି ସଦାଶିବ ପୂଜାରୀ ବିଜାପଦର ଗାଁରେ ପହଞ୍ଚି ସମସ୍ତ ବିଷୟରେ ପଚାରି ବୁଝିଥିଲେ। ଏହା ସହ ଶ୍ରୀ ପୂଜାରୀ ସଙ୍ଗେ ସଙ୍ଗେ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ ଏବଂ ମର ଶରୀର ଗାଁକୁ ନେବା ଲାଗି ସମସ୍ତ ବ୍ୟବସ୍ଥା କରିଥିଲେ।

# ସହିଦ ସପ୍ତାହ ପାଳନ ପାଇଁ ମାଓବାଦୀଙ୍କ ଡାକରା

ମାଲକାନଗିରି, ୧୬।୭(ସମସ) : ଆସନ୍ତା ୨୮ ତାରିଖରୁ ଅଗଷ୍ଟ ୩ ତାରିଖ ପର୍ଯ୍ୟନ୍ତ ସହିଦ ସପ୍ତାହ ପାଳନ କରିବା ପାଇଁ ମାଓବାଦୀ ମାନେ ଆହ୍ୱାନ ଦେଇଛନ୍ତି। ପୁଲିସ ଗୁଳିରେ ନିହତ ମାଓବାଦୀଙ୍କ ପାଇଁ ପ୍ରତି ଗାଁରେ ସହିଦ ସ୍ତମ୍ଭନିର୍ମାଣ କରିବା ପାଇଁ ଗ୍ରାମବାସୀଙ୍କୁ କୁହାଯାଉଛି। ପୁଲିସର କଗାର ଯୁଦ୍ଧକୁ ଉଚିତ ଜବାବ ଦେବା ପାଇଁ ସମସ୍ତ ନକ୍ସଲ ଏକତ୍ରିତ ହେବାକୁ ମାଓ ସଂଗଠନ ଆହ୍ୱାନ ଦେଇଛି।

# ସହରରେ ଛଡ଼ାଗଲା ମଶାଧୂଆଁ

ସେମିଳିଗୁଡ଼ା,୧୬।୭ (ସମିସ):

କୋରାପୁଟ ଜିଲ୍ଲାର ସେମିଳିଗୁଡା ସହରରେ ମଶା ଧୂଆଁ ଛାଡ଼ିବା ଅଭିଯାନ ଆରମ୍ଭ ହେଉଛି। ସୁନାବେଡ଼ା ଓ ସେମିଳିଗୁଡ଼ା ସହରର କିଛି ସାହିରେ ଏହି ଅଭିଯାନ ପୌର ପ୍ରଶାସନ ଆରମ୍ଭ କରିଛି। ସେମିଳିଗୁଡା ତଳସାହି ଅଞ୍ଚଳରେ ମଶା ଧୂଆଁ ସ୍ପ୍ରେ କରାଯାଇଛି। ସୁନାବେଡ଼ା ପୌରାଞ୍ଚଳର ପ୍ରତିସାହି ବସ୍ତି ଓ ଗଳିକନ୍ଦିରେ ମଶା ଉପଦ୍ରବ ରୋକିବା ପାଇଁ ପର୍ଯ୍ୟାୟକ୍ରମେ ମଶା ଧୂଆଁ, ମଶା ତେଲ ଏବଂ ବ୍ଲିଚିଂ ପକାଯିବା ଅଭିଯାନ ଆରମ୍ଭ କରାଯାଇଛି ବୋଲି ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର୍ ପାତ୍ର ସୂଚନା ଦେଇଥିଲେ। ଉଲ୍ଲେଖଯୋଗ୍ୟ, ଗତ କିଛି ଦିନ ହେଲା ସହରରେ ମଶାଙ୍କ ଉପଦ୍ରବ ଦେଖିବାକୁ ମିଳିଥିଲା।

● ଯୁବକଙ୍କୁ ସଂଘବଦ୍ଧ ହତ୍ୟା ମାମଲା

# ୨ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଜୟପୁର,୧୬ ।୭(ସମିସ) ଜୟପୁର ସହରରେ ସଂଘବଦ୍ଧ ଭାବେ ଯୁବକକୁ ହତ୍ୟା ମାମଲାରେ ଫେରାର ଅନ୍ୟତନ ଅଭିଯୁକ୍ତଙ୍କୁ ଗିରଫ ସହ କୋର୍ଟ ଚାଲାଣ କରିଛି ସ୍ଥାନୀୟ ଟାଉନ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଲେ ନବରଙ୍ଗପୁର ଜିଲା ଭେଜାପୁଟ ଗ୍ରାମର ଗୋବିନ୍ଦ ଓରଫ ରୁଦ୍ର ହରିଜନ (୨୩) । ପୁଲିସ ସୁଚନା ଅନୁଯାୟୀ, ଗତ ୨୦୨୩ ମସିହା ଏପ୍ରେଲ ୨୬ ତାରିଖ ସଂଧ୍ୟାରେ ନୂଆସାହି ୫ମ ଲାଇନର ଯୁବକ ଅରୁଣ ଅନକା ଭୋଲିବୋଲ ଖେଳୁଥିବା ବେଳେ ଏକ ଅଟୋରେ ୫ରୁ ୭ଜଣ ଯୁବକ ସେଠାରେ ପହଞ୍ଚି ପୂର୍ବ ଶତ୍ରୁତାକୁ ନେଇ ବିଭିନ୍ନ ମାରଣାସ୍ତ୍ର ହାତରେ ଧରି ଯୁବକଙ୍କୁ ଗୋଡାଇ ଥିଲେ। ଯୁବକ ଅରୁଣ ପ୍ରାଣ ବିକଳରେ ଦୌଡି ଖସିବାକୁ ପ୍ରୟାସ କରିଥିଲେ। କିନ୍ତୁ ଦୁର୍ବୃତମାନେ ତାଙ୍କୁ ଖଣ୍ଡା, ଛୁରାରେ ପଛରୁ ଆକ୍ରମଣ କରିଥିଲେ। ଫଳରେ ଯୁବକ ଜଣକ ତଳେ ପଡିଯିବା ପରେ ତାଙ୍କ ଉପରେ ବାରମ୍ବାର ଖଣ୍ଡା ଚୋଟ ମାରିଥିଲେ। ଫଳରେ ଶରୀରର ଗଭୀର କ୍ଷତ ଓ ରକ୍ତସ୍ରାବ ଯୋଗୁଁ ଅଚେତ ହୋଇଯାଇଥିଲେ। ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘୋଷଣା କରାଯାଇଥିଲା। ଘଟଣାସ୍ଥଳରୁ ଆକ୍ରମଣକାରୀ ମାନେ ଚମ୍ପଟ ମାରିଥିଲେ । ଏହି ମାମଲାରେ ସମୁଦାୟ ୬ ଜଣ ଅଭିଯୁକ୍ତ ରହିଥିବା ବେଳେ ୫ ଜଣ ଅଭିଯୁକ୍ତ ପୂର୍ବରୁ ଗିରଫ ହୋଇଥିଲେ। ଆଜି ଶେଷ ଫେରାର ଅଭିଯୁକ୍ତ ଗିରଫ ହୋଇଥିବା ଥାନା ପକ୍ଷରୁ ସୂଚନା ଦିଆଯାଇଛି।

# ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୋଧରେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



କୋରାପୁଟ,୧୬।୭(ସମିସ): ଉନ୍ନୟନମୂଳକ କାର୍ଯ୍ୟରେ ନିର୍ବାଚିତ ଲୋକ ପ୍ରତିନିଧିଙ୍କୁ ସହଯୋଗ ନକରିବା ତଥା ଜନ ସାଧାରଣଙ୍କୁ ବିଭିନ୍ନ ଆଳ ଦେଖାଇ ନିରାଶ କରୁଥିବା ନେଇ କୋଟପାଡ ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀଙ୍କ ବିରୁଦ୍ଧରେ ବ୍ଲକ ଅଧ୍ୟକ୍ଷା ଓ ଜିଲ୍ଲା ପରିଷଦ ସଦସ୍ୟ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ବ୍ଲକ ଅଧ୍ୟକ୍ଷା କମଳା ଭତ୍ରା, ଜିଲ୍ଲା ପରିଷଦ ସଦସ୍ୟା ଗୀତା ମାଝୀ, ଜିଲ୍ଲା ପରିଷଦ ସଦସ୍ୟ ତ୍ରିପତି ଚାଲାଣ ବୁଧବାର ଜିଲ୍ଲାପାଳ ଭି କୀର୍ତ୍ତି ଭାସନଙ୍କୁ ସାକ୍ଷାତ କରି ଅଭିଯୋଗ କରିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ ବାଘସିଂ ୨୦୧୯ ରୁ କୋଟପାଡ ବ୍ଲକରେ କାର୍ଯ୍ୟ କରି ଆସୁଛନ୍ତି। ସେ ବିଭିନ୍ନ ସମୟରେ କାର୍ଯ୍ୟରେ ଅବହେଳା ପ୍ରଦର୍ଶନ କରିବା ସହ ସମାଜ କଲ୍ୟାଣ ଯୋଜନା ହିତାଧିକାରୀ ଓ ବ୍ଲକରେ କାର୍ଯ୍ୟ କରୁଥିବା ଠିକାଦାର ମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଏଭଳି ଅଭିଯୋଗ ହେବାରୁ ୨୦୨୪ ଡିସେମ୍ବର ୪ରେ ଯନ୍ତ୍ରୀଙ୍କୁ ବୋରିଗୁମ୍ମା ବ୍ଲକକୁ ଡେପୁଟେଶନ କରା ଯାଇଥିଲା। କିନ୍ତୁ ବିଡ଼ମ୍ବନାର ବିଷୟ ଆଜି ପର୍ଯ୍ୟନ୍ତ ତାଙ୍କୁ କୋଟପାଡ ବ୍ଲକରୁ ରିଲିଭ କରା ଯାଇନାହିଁ। ତେଣୁ ଶ୍ରୀ ବାଘସିଂଙ୍କୁ ତୁରନ୍ତ ବଦଳି କରାଯାଉ ବୋଲି ଲୋକ ପ୍ରତିନିଧି ମାନେ ଜିଲ୍ଲାପାଳଙ୍କ ନିକଟରେ ଅନୁରୋଧ କରି ଦାବିପତ୍ର ପ୍ରଦାନ କରିଛନ୍ତି।

# ଜିଲ୍ଲାପାଳଙ୍କୁ ବନ ସୁରକ୍ଷା କମିଟିର ଦାବିପତ୍ର ପ୍ରଦାନ

ରାଇଘର, ୧୬।୭(ସମିସ):

୧୬।୭(ସମିସ): ନବରଙ୍ଗପୁର ଜିଲ୍ଲା ରାଇଘରର ବସ୍ ଷ୍ଟାଣ୍ଡ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ୯ ଦଫା ଦାବିନେଇ ବନସୁରକ୍ଷା କମିଟିର ସରକାରୀ କାର୍ଯ୍ୟାଳୟ ଘେରାଉ କରାଯାଇ ଦାବିପତ୍ର ପ୍ରଦାନ କରାଯାଇଛି। ରାଇଘର ବ୍ଲକର ୪୯ଟି ବନସୁରକ୍ଷା କମିଟି ଜଗନ୍ନାଥ ନାୟକ. ଟୋପିରାମ ନାୟକ , ସହଦେବ ଗଣ୍ଡ , ଶଙ୍କର ଗଣ୍ଡ, ଜୁଗୁଡୁ ଗଣ୍ଡ, କୃଷ୍ଣଗଣ୍ଡ, କୁଞ୍ଜ ଗଣ୍ଡ, ସୁନ୍ଦର ଗଣ୍ଡ, ଓ ସୋନାରାମ ଗଣ୍ଡଙ୍କ ନେତୃତ୍ୱରେ ତହସିଲ, ବନବିଭାଗ, ଥାନା ସହ ପଞ୍ଚାୟତ ଅଫିସ ଘେରାଉ କରିଥିଲେ। ଶହ ଶହ ପୁରୁଷ ଓ ମହିଳା ଏଥିରେ ଯୋଗଦେଇ ସେମାନଙ୍କ ଦାବିପତ୍ର ଦେଇଥିଲେ। ସେଥିମଧ୍ୟରୁ ମୁଖ୍ୟତଃ ବାହାର ଲୋକ ରାଜେଶ ଯାନୀ ରାଇଘରରେ ଗଣ୍ଡଗୋଳ କରୁଥିବାରୁ ତାକୁ ଗିରଫ କରିବା, ୨୦୦୫ ମସିହା ପରଠାରୁ ଯେଉଁ ଜଙ୍ଗଲ ଜମି ଅକ୍ତିଆର କରାଯାଇଛି, ତାକୁ ଉଦ୍ଧାର କରି ଚାରାରୋପଣ କରାଯିବା ସହ ତା ପୂର୍ବରୁ ଅଧିକାର ହୋଇଥିବା ଜଙ୍ଗଲ ଜମିର ପଟା ପ୍ରଦାନ, ଗତମାସ ୨୭ତାରିଖ ରେ ହୋଇଥିବା ବନବିଭାଗ କର୍ମଚାରୀଙ୍କ ଆକ୍ରମଣକାରୀଙ୍କୁ ତୁରନ୍ତ ଗିରଫ କରିବା ସମେତ ବହୁ ଦାବି କରାଯାଇଛି।

# ଜୟପୁର ଝିଅକୁ ରେଭେନ୍ସାରେ ଇଂରାଜୀ ସ୍ନାତକୋତ୍ତର ସ୍ୱର୍ଣ୍ଣପଦକ

ଜୟପୁର,୧୬ ।୭(ସମିସ):



ଜୟପୁର ସହରର ଝିଅ ତଥା ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗ ସ୍ନାତକୋତ୍ତରରେ ଛାତ୍ରୀ ଆନନ୍ଦିତା ଜାହ୍ନବୀ ସୁଆର ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣପଦକ ହାସଲ କରି ଜୟପୁର ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଓ ଗୌରବ ଆଣିଛନ୍ତି। ଜୟପୁରର ଝିଅ ଅନିନ୍ଦିତା ରେଭେନ୍ସା ବିଶ୍ୱବିଦ୍ୟାଳୟ ଅନୁମୋଦିତ ପାଠ୍ୟକ୍ରମ ସମାପନ ପୂର୍ବକ ୨୦୨୪ ମସିହା ଏପ୍ରିଲ ମାସରେ ଅନୁଷ୍ଠିତ ସ୍ନାତକୋତ୍ତର ଇଂରାଜୀ ପରୀକ୍ଷାରେ ୭୧ପ୍ରତିଶତ ମାର୍କ ରଖିବା ସହ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇଥିବାରୁ ତାଙ୍କୁ ରାଷ୍ଟ୍ରପତି ଦୌପଦୀ ମୁର୍ମୁଙ୍କ ଦ୍ୱାରା ସ୍ୱର୍ଣ୍ଣପଦକରେ ପୁରସ୍କୃତ କରାଯାଇଛି। କୁଳସଚିବ କାହ୍ନୁଚରଣ ମଲ୍ଲିକ ସ୍ୱର୍ଣ୍ଣପଦକ ଓ ଡିଗ୍ରୀ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପିଜି କାଉନସିଲ ଅଧ୍ୟକ୍ଷା ପ୍ରଫେସର ଲୁନା ସାମନ୍ତ ଶପଥପାଠ କରାଇଥିଲେ। ଗତକାଲି ରେଭେନ୍ସା ବିଶ୍ୱବିଦ୍ୟାଳୟର ୧୩ତମ ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଯୋଗ ଦେଇଥିବା ବେଳେ କୁଳାଧିପତି ତଥା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ପ୍ରମୁଖ ଉପସ୍ଥିତ ଥିଲେ। ଝିଅ ଜାହ୍ନବୀଙ୍କ ସଫଳତାରେ ତାଙ୍କ ପିତା ଆଇନ ମହାବିଦ୍ୟାଳୟର ଅଧ୍ୟାପକ ରବିନ୍ଦ୍ର କୁମାର ସୁଆର ଓ ମାତା ସୁନିତା ପାଣିଗ୍ରାହୀଙ୍କ ଉତ୍ସାହ ଏବଂ ପ୍ରେରଣା ଯୋଗୁଁ ସମ୍ଭବପର ହୋଇଛି ବୋଲି ଛାତ୍ରୀ ଜାହ୍ନବୀ ପ୍ରକାଶ କରିଛନ୍ତି।

# ଅଧ୍ୟକ୍ଷ,ଉପାଧ୍ୟକ୍ଷ ଓ କାଉନସିଲରଙ୍କ ଅଭିମୁଖୀକରଣ କାର୍ଯ୍ୟକ୍ରମ



କୋରାପୁଟ,୧୬।୭(ସମିସ): ବିକଶିତ ଓଡିଶା ୨୦୩୬ ଓ ବିକଶିତ ଭାରତ ୨୦୪୭ ପାଇଁ ସହରାଞ୍ଚଳ ଓଡିଶା ଦୃଷ୍ଟିକୋଣକୁ ନେଇ ସହରାଞ୍ଚଳ ଅଧ୍ୟକ୍ଷ , ଉପାଧ୍ୟକ୍ଷ ଏବଂ କାଉନସିଲରମାନଙ୍କର ଏକ ଅଭିମୁଖୀକରଣ (ଓରିଏଣ୍ଟେସନ) କାର୍ଯ୍ୟକ୍ରମ ସ୍ଥାନୀୟ ମ୍ୟୁନିସ୍‌ପାଲ ଅଡିଟୋରିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ରଘୁରାମ ମାଛ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ପ୍ରମୁଖ କାର୍ଯ୍ୟକ୍ରମକୁ ନେଇ ଓରିଏଣ୍ଟେସନ କରାଯାଇଛି ବୋଲି କୋରାପୁଟ ଜିଲ୍ଲାପାଳ ଭି କୀର୍ତ୍ତି ୱାସନ କହିଛନ୍ତି। ଅଧ୍ୟକ୍ଷ, ଉପାଧ୍ୟକ୍ଷ ଓ କାଉନସିଲର ମାନଙ୍କ ସହଯୋଗରେ ସହରାଞ୍ଚଳର ବିକାଶ ହୋଇପାରିବ ବୋଲି ସେ କହିଛନ୍ତି। କୋରାପୁଟ ପୌର ପରିଷଦ ଅଧ୍ୟକ୍ଷ ଲଲାଟ ରଞ୍ଜନ ସେଠୀ, ଜୟପୁର ପୌର ପରିଷଦ ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ରାଜେନ୍ଦ୍ର ପାତ୍ର ଏବଂ କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ଏମ ଶଙ୍କର ରାଓ ପ୍ରମୁଖଙ୍କ ସହ ଉପାଧ୍ୟକ୍ଷ ଓ କାଉନ୍‌ସିଲର ମାନେ ଉପସ୍ଥିତ ରହିଥିଲେ। ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ତପନ କୁମାର ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଜୟପୁର ପୌର ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ପୂଜା ରାଉତ ଯୋଗଦେଇ ପୌର ପ୍ରଶାସନ ପାଇଁ କାଉନ୍‌ସିଲର ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। କୋରାପୁଟ ଜନସ୍ୱାସ୍ଥ୍ୟ ବିଭାଗର ଉପଖଣ୍ଡ ଅଧିକାରୀ ରାମକୃଷ୍ଣ ବେହେରା ଯୋଗଦେଇ ପାନୀୟ ଜଳ ଯୋଗାଣ ଏବଂ ଅମୃତ ଯୋଜନା ସଂପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସ୍ୱଚ୍ଛ ଭାରତ ମିଶନ ଓ ଗାରିମା ଯୋଜନା ସଂପର୍କରେ କୋଟପାଡ ବିଜ୍ଞାପିତ ଅଞ୍ଚଳ ପରିଷଦର ପରିମଳ ବିଶେଷଜ୍ଞ ବି ସ୍ୱରାଜ କୁମାର ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ସଂପର୍କରେ ଜୟପୁର ପୌର ପରିଷଦର ସହକାରୀ ଯନ୍ତ୍ରୀ ଅଜୟ କୁମାର ଜାନୀ ଆଲୋକପାତ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକ୍ରମକୁ ନେଇ ସିଏଲଟିସି ସାମନ୍ତ ଚନ୍ଦ୍ର ଶେଖର ଦାଶ ଆଲୋକପାତ କରିଥିଲେ। ଡୁଡା ଟିମ୍ ଲିଡର ଯୋଗେଶ କୁମାର ରାଜୁ ଯୋଗଦେଇ ଉତ୍ତମ ପ୍ରଶାସନ ସମ୍ପର୍କରେ ଆଲୋକପାତ କରିଥିଲେ। କୋରାପୁଟ ସିଏମଏମୟୁ ମ୍ୟାନେଜର ଶଶୀକାନ୍ତ ସ୍ୱାଇଁ ଯୋଗଦେଇ ପରିଚାଳନା କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ।

# ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଦାବି



ମାଲକାନଗିରି,୧୬।୭(ସମିସ): ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପାଇଁ ମାଲକାନଗିରି ମହାବିଦ୍ୟାଳୟ ସମ୍ମୁଖରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ସଦସ୍ୟ ଏବଂ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରତିବାଦ କରାଯାଇଛି। ଏଫଏମ କଲେଜର ଦୋଷୀ ଅଧ୍ୟାପକ ଏବଂ ଅନ୍ୟ ମାନଙ୍କୁ ତୁରନ୍ତ କଠୋରରୁ କଠୋର ଦଣ୍ଡବିଧାନ କରାଯାଉ ବୋଲି ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ସମସ୍ତ ଦୋଷୀଙ୍କ ବିରୋଧରେ ପଦକ୍ଷେପ ନନେଲେ ଆଗାମୀ ଦିନରେ ମାଲକାନଗିରି ମହାବିଦ୍ୟାଳୟରୁ ଏହି ବିକ୍ଷୋଭକୁ ରାଜଧାନୀ ପର୍ଯ୍ୟନ୍ତ ନେଇଯିବୁ ବୋଲି କହିଛନ୍ତି ବିକ୍ଷୋଭକାରୀ ମାନେ। ଅନେକ ଛାତ୍ରଛାତ୍ରୀ ଦୋଷୀଙ୍କୁ ତୁରନ୍ତ ଫାଶୀ ଦିଆଯାଉ ବୋଲି ମଧ ଦାବି କରିଛନ୍ତି।

# କଂଗ୍ରେସ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ସୁନାବେଡ଼ା,୧୬।୭(ସମିସ): ଭାରତୀୟ ଜାତୀୟ କଂଗ୍ରେସ ସୁନାବେଡ଼ା ଶାଖା ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ବୁଧବାର ସନ୍ଧ୍ୟାରେ ସୁନାବେଡ଼ା ଏନ୍‌ଏସି ମାର୍କେଟରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ପିସିସି ସମ୍ପାଦକ ଜଗଦୀଶ ଖୋସଲା, ଟାଉନ୍ ସଭାପତି ଦିବାନ କୁଲଦୀପ, ସାଂସଦ ପ୍ରତିନିଧି ପିଣ୍ଟୁ କର, କଂଗ୍ରେସ ନେତା ସଦାନନ୍ଦ ନାୟକ, ଯୁଗୁଡ଼ାନ ଖୋସଲା, ସମ୍ପାଦକ ଦୁଶା ବାରିକ, ଢ଼ଲୁ ଧଡକା ଦଳୀୟ କାଉନସିଲର ବୃନ୍ଦଙ୍କ ସମେତ ଯୁବ କଂଗ୍ରେସ କର୍ମୀ ଯୋଗଦେଇ କ୍ୟାଣ୍ଡଲ ଲଗାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ରାଜ୍ୟ ସରକାରକୁ ମହିଳା ବିରୋଧୀ ବୋଲି ସମାଲୋଚନା କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନୈତିକତା ହରାଇଛନ୍ତି, ତେଣୁ ସେ ତୁରନ୍ତ ନିଜ ପଦ ଛାଡ଼ିବା ଉଚିତ ବୋଲି କଂଗ୍ରେସ ଦାବି କରିଛି।

# ଅଣସଂଗଠିତ ଶ୍ରମିକ ସାମାଜିକ ନିରାପତ୍ତା ଆଇନ ପ୍ରଶିକ୍ଷଣ

ମାଲକାନଗିରି, ୧୬ ।୭(ସମିସ): ଆଜି ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ମାଲକାନଗିରି ବ୍ଲକ ତାମସା ଗ୍ରାମ ପଞ୍ଚାୟତରେ ଅଣ ସଂଗଠିତ ଶ୍ରମିକମାନଙ୍କ ସାମାଜିକ ନିରାପତ୍ତା ଆଇନ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ଶିବିରରେ ସରପଞ୍ଚ, ନାଏବ ସରପଞ୍ଚ, ୱାର୍ଡ ମେମ୍ବର, ସହ ଶ୍ରମ ଅଧିକାରୀ ବିନି ମୁଦୁଲି, ପ୍ରିୟଙ୍କା ନାୟକ, ରିଙ୍କୁ ରଞ୍ଜନ ଅଧିକାରୀ, ସୋନାଲି ରୟ ପ୍ରମୁଖ ଶ୍ରମ ବିଭାଗର କର୍ମକର୍ତ୍ତା, ଜନସେବା କେନ୍ଦ୍ରର କର୍ମଚାରୀ ଏବଂ ଗ୍ରାମବାସୀଙ୍କ ଉପସ୍ଥିତି ରହିଥିଲେ। ଏହି ଅବସରରେ ଶ୍ରମ ଆଇନ ଓ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଅଧିକାରୀ ମାନେ ସମସ୍ତଙ୍କୁ ବୁଝାଇଥିଲେ। ଏଥିରେ ଲୋକ ମାନଙ୍କୁ ଅଣସଙ୍ଗଠିତ ଶ୍ରମିକ ବିଷୟରେ ସଚେତନତା କରାଯାଇଥିଲା ।୨୩ ଜଣଙ୍କର ନାମ ପଞ୍ଜିକରଣ କରାଯାଇଥିଲା ।

# ଚାଷ ପାଇଁ ପାଣି ଛାଡ଼ିଲା ତେଲିଙ୍ଗିରି ଡ୍ୟାମ୍

ଜୟପୁର, ୧୬ ।୭(ସମିସ): କୋରାପୁଟ ଜିଲ୍ଲା ଜୟପୁର ବ୍ଲକ ରାଣିଗଡ ଗ୍ରାମପଞ୍ଚାୟତ ଠାରେ ରହିଥିବା ତେଲିଙ୍ଗିରି ଜଳଭଣ୍ଡାରରୁ ଆଜି ମଧ୍ୟାହ୍ନରେ ଖରିଫ ଚାଷ ପାଇଁ କେନାଲରେ ପାଣି ନିଷ୍କାସିତ ହୋଇଛି। ତେଲିଙ୍ଗିର ଡ୍ୟାମ ଜଳ ଉପରେ ମୁଖ୍ୟତଃ ବୋରିଗୁମ୍ମା ବ୍ଲକର କିଛି ଗ୍ରାମପଞ୍ଚାୟତର ଚାଷୀ ନିର୍ଭର କରିଥାନ୍ତି। ବୋରିଗୁମ୍ମା ବ୍ଲକ ଅଞ୍ଚଳରେ ଧାନଚାଷ ଆରମ୍ଭ ହୋଇଥିବା ବେଳେ ବର୍ଷା ହୋଇଥିଲେ ସୁଦ୍ଧା ଜମିକୁ ପାଣିର ଆବଶ୍ୟକତା ରହିଛି। ଚାଷୀ ମାନଙ୍କ ଅନୁରୋଧ ଏବଂ ଜଳସେଚନ, କୃଷି ଏବଂ ରାଜସ୍ୱ ବିଭାଗର ମିଳିତ ଅନୁଧ୍ୟାନ ପରେ ଚାଷ କାର୍ଯ୍ୟପାଇଁ କେନାଲ ମାଧ୍ୟମରେ ଜଳ ନିଷ୍କାସିତ ହୋଇଛି। ପ୍ରକାଶ ଯେ, ଗତ ନଭେମ୍ବର ମାସରେ ଜଳଭଣ୍ଡାରର ବାଇପାସ ଜଳ ନିଷ୍କାସିତ ପାଇଁ ଫାଟକରେ କଣା ହୋଇଯାଇଥିବା ଯୋଗୁଁ ଜଳଭଣ୍ଡାରର ଜଳ ଆପେ ଆପେ ନିଷ୍କାସିତ ହୋଇଥିଲା। ଏହି ଗର୍ତ୍ତ ବୃଦ୍ଧି ପାଇବା ସହ ଜଳଭଣ୍ଡାରରେ ଜଳ ଗଚ୍ଛିତ ସମସ୍ୟା ନେଇ ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ୍‌ର ସମସ୍ତ ଜଳ ମୁଖ୍ୟ ୩ ଟି ଫାଟକ ଦେଇ ନଦୀକୁ ନିଷ୍କାସିତ କରାଯାଇଥିଲା। ଗତ ଫେବୃୟାରୀ ମାସରେ ଟେଣ୍ଡର ମାଧ୍ୟମରେ ୧ କୋଟି ୪୧ ଲକ୍ଷ ଟଙ୍କା ବ୍ୟୟରେ ମରାମତି କାର୍ଯ୍ୟ କରାଯାଇଥିଲା। ଗତ ମେ ୨୦ ତାରିଖରେ କାର୍ଯ୍ୟ ଶେଷ ହୋଇଥିଲା। ଏହାପରେ ଜଳଭଣ୍ଡାରରେ ବର୍ଷା ଏବଂ ନଦୀଜଳ ଗଚ୍ଛିତ ରହିଥିବା ବର୍ତ୍ତମାନ ଜଳଭଣ୍ଡାର କ୍ଷମତାର ୫୦ ପ୍ରତିଶତ ୪୦ ଫୁଟ ଉଚ୍ଚ ଏବଂ ପ୍ରାୟ ଜଳଭଣ୍ଡାରର ୯ ହଜାର ହେକ୍ଟର ପରିଧିରେ ଗଚ୍ଛିତ ହେବା ପରେ ଖରିଫ ଚାଷ ପାଇଁ କେନାଲ ଜଳ ଛଡାଯାଇଛି। ଏହି କେନାଲ ଜଳ ଜୟପୁରର ୨ଟି ଏବଂ ବୋରିଗୁମ୍ମାର ପ୍ରାୟ ୧୦ରୁ ଉଦ୍ଧ୍ୱର୍ ବ୍ଲକର ପ୍ରାୟ ୯ ୯ ୫୨ ହେକ୍ଟରରେ ଚାଷ କାର୍ଯ୍ୟ ପାଇଁ ଜଳ ଯୋଗାଣ ଆରମ୍ଭ ହୋଇଛି ବୋଲି ନିର୍ବାହୀ ଯନ୍ତ୍ରୀ ବିକାଶ ପ୍ରଧାନ ସୂଚନା ଦେଇଛନ୍ତି।

● ଆନ୍ତଃଜିଲ୍ଲା ଫୁଟବଲ୍ ଚାମ୍ପିଅନ୍‌ସିପ୍ ସାହାଣୀ କପ୍

# ୨୧ ଜଣ କ୍ରୀଡ଼ାବିତ୍ ଦଳର ବ୍ରହ୍ମପୁର ଗସ୍ତ



ମାଲକାନଗିରି, ୧୬ ।୭ (ସମିସ): ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନ୍‌ସିପ୍ ସାହାଣୀ କପ ୨୦୨୫ ପାଇଁ ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତ ବ୍ରହ୍ମପୁର ଗସ୍ତ କରିଛନ୍ତି। ବ୍ରହ୍ମପୁର ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ ଆସନ୍ତାକାଲିଠାରୁ ଜୋନ୍‌ସ୍ତରୀୟ ଚାମ୍ପିଅନ୍‌ସିପ୍ ଗ୍ରୁପ ଏ ଓ ଗ୍ରୁପ ବିରେ ମୋଟ ୮ଟି ଜିଲ୍ଲାର ଦଳ ଅଂଶ ଗ୍ରହଣ କରିବେ। ଏହି ଚାମ୍ପିଅନ୍‌ସିପ୍ ଆସନ୍ତାକାଲି ଅର୍ଥାତ ଜୁଲାଇ ୧୬ ତାରିଖରୁ ୨୩ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ମାଲକାନଗିରି ଜିଲ୍ଲାର ୨୧ ଜଣ କ୍ରୀଡ଼ାବିତଙ୍କ ସହ କୋଚ୍ ମୁନା ବାଘ ଓ ମ୍ୟାନେଜର ଭିମା ପଡିଆମୀ ଏହି ପ୍ରତିଯୋଗୀତାରେ ସାମିଲ ହୋଇଛନ୍ତି। ଗ୍ରୁପ ବିରେ ଥିବା ମାଲକାନଗିରି ଦଳ ଆସନ୍ତା ୧୭ ତାରିଖରେ ରାୟଗଡ଼ା ଦଳ, ଆସନ୍ତା ୧୯ ତାରିଖରେ କୋରାପୁଟ ଓ ଆସନ୍ତା ୨୧ ତାରିଖରେ ମୟୁରଭଞ୍ଜ ଦଳ ସହ ଖେଳିବାର କାର୍ଯ୍ୟକ୍ରମ ରହିଛି। ଗ୍ରୁପ ଏ ଓ ଗ୍ରୁପ ବି ର ଶ୍ରେଷ୍ଠ ଦଳ ଆସନ୍ତା ୨୩ ତାରିଖରେ ଜୋନସ୍ତରୀୟ କ୍ୱାଲିଫାଇ ମ୍ୟାଚ ଖେଳିବେ। ଗସ୍ତ ବେଳେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ କୁମାର ମାଣ୍ଡାଙ୍ଗି, ଜିଲ୍ଲା ଆଥଲେଟିକ ଆସୋସିଏସନ ସମ୍ପାଦକ ରାମହରି ପଣ୍ଡା ଓ କୋଷାଧ୍ୟକ୍ଷ ଏସ୍ ପ୍ରସାଦ ରାଓ, ସଦସ୍ୟ ଦୁର୍ଗା ପ୍ରସାଦ ପଟ୍ଟନାୟକ ଓ ସମୀର ଜେନା ଉପସ୍ଥିତ ରହି କ୍ରୀଡ଼ାବିତଙ୍କୁ ଶୃଙ୍ଖଳିତ ହୋଇ ଉଚ୍ଚମାନର କ୍ରୀଡା ପ୍ରଦର୍ଶନ କରିବାକୁ ପରାମର୍ଶ ଦେବା ସହ ଶୁଭକାମନା ଜଣାଇଥିଲେ।

# କଟକ ସିଟି



# ଦେଢ଼ବର୍ଷ ଧରି ପ୍ରସ୍ତୁତ ହୋଇପାରୁନି ୩୩୫ କୋଟିର ଡିପିଆର୍

କଟକ,୧୬ ।୭ (ସମିସ):

କଟକ ସହରର ଏକ ପ୍ରମୁଖ ସମସ୍ୟା ହେଉଛି ବର୍ଷା ଜଳ ନିଷ୍କାସନ। ବର୍ଷା ଜଳ ସହରରୁ ସହଜରେ ନିଷ୍କାସନ ହୋଇପାରୁ ନଥିବାରୁ ଲଗାଣ ବର୍ଷାରେ ସହର ଜଳବନ୍ଦୀ ହୋଇପଡୁଛି। କେବଳ ମୋଟର ପମ୍ପ ଲଗାଯାଇ ଅସ୍ଥାୟୀ ବ୍ୟବସ୍ଥା ଦ୍ୱାରା ଏହାର ନିରାକରଣ କେତେକାଂଶରେ କରାଯାଉଥିଲେ ମଧ୍ୟ ଏହି ବ୍ୟବସ୍ଥା ଫଳପ୍ରସୂ ହୋଇପାରୁନି। ଅନ୍ୟପଟରେ କୋଟି କୋଟି ଟଙ୍କା ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି। ବର୍ଷା ଜଳ ନିଷ୍କାସନ ପାଇଁ ଗତ ଦେଢ ବର୍ଷ ପୂର୍ବରୁ କରାଯାଇଥିବା ମାଷ୍ଟରପ୍ଲାନ କାର୍ଯ୍ୟକାରୀ ହେବା ଦୂର କଥା ଆଜି ପର୍ଯ୍ୟନ୍ତ ଏହାର ଡିପିଆର ପ୍ରସ୍ତୁତ କରାଯାଇନାହିଁ। ହାଇକୋର୍ଟଙ୍କ ସ୍ୱତନ୍ତ୍ର ଖଣ୍ଡପୀଠ ଏହି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଗୋଟିଏପଟରେ ସହରର ବର୍ଷା ଜଳ ନିଷ୍କାସନ ପାଇଁ ୩୩୫କୋଟି ୪୨ଲକ୍ଷ ଟଙ୍କାରେ ୫ଗୋଟି ବିଏସଡବ୍ଲୁସି( ବ୍ରାଞ୍ଚ ଷ୍ଟର୍ମ ୱାଟର ଚାନେଲ) ପାଇଁ ଡିପିଆର ପ୍ରସ୍ତୁତି କରାଯିବା ପରେ ସିଏମସି ପକ୍ଷରୁ ରାଜ୍ୟ ସରକାରଙ୍କ ନିକଟକୁ ପଠାଯିବ। ତେବେ କଟକ ମହାନଗର ନିଗମ ଭଳି ସ୍ଥାନରେ ଗତ ଜୁନ୩୦ତାରିଖରୁ କମିସନର ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସର୍ବୋଚ୍ଚ ପଦ ଖାଲି ପଡିଛି। ଅନାମ ଚରଣ ପାତ୍ରଙ୍କ ଅବସର ପରେ ଅତିରିକ୍ତ କମିସନରଙ୍କୁ ଭାରପ୍ରାପ୍ତ ଦାୟିତ୍ୱରେ ରଖାଯାଇଛି। ଏଭଳି ସ୍ଥିତିରେ ୩୩୫କୋଟିର ଡିପିଆର ପ୍ରସ୍ତୁତି ଓ ଏହାର ଯାଞ୍ଚକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ୨୦୨୩ଡିସେମ୍ବର୭ରେ ଇଆଇସି ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ମାଷ୍ଟରପ୍ଲାନ ସମ୍ପର୍କରେ ସିଏମସି ନିକଟରୁ ଡିପିଆର ଆହ୍ୱାନ କରାଯାଇଥିଲା। ସିଏମସି ପକ୍ଷରୁ ଯେଉଁ ଡିପିଆର ଦିଆଯାଇଥିଲା ସେଥିରେ ତ୍ରୁଟିବିଚ୍ୟୁତି ଥିବା ପରିଲକ୍ଷିତ ହୋଇଥିଲା। ଏହା ଠିକ ଭାବେ ପ୍ରସ୍ତୁତ ହୋଇନଥିବା ତଥା ପ୍ରସ୍ତୁତକାରୀ ଅଧିକାରୀଙ୍କ ନାମ ନଥିବା ନେଇ ଏହାକୁ ବିଭାଗ ଫେରାଇଦେଇଥିଲା। ସେବେଠାରୁ ଆଉ ଡିପିଆର ଦିଆଯାଇ ନଥିଲା। ଏପରିକି ୨୦୨୪ଫେବୃଆରୀ ୧୭ରୁ ସିଏମସି ସିଟି ଇଞ୍ଜିନିୟରଙ୍କୁ ମୁଖ୍ୟ ଯନ୍ତ୍ରୀଙ୍କ ତରଫରୁ ରିମାଇଣ୍ଡର ଚିଠି କରାଯାଇଥିଲେ ବି ଡିପିଆର ଯାଇନାହିଁ। ମିଳିଥିବା ସୂଚନାନୁସାରେ ରୋଇ ସଂସ୍ଥା ଭିଜନଟେକ କନସଲଟାନ୍ସି ଲିମିଟେଡକୁ ବୁର୍ଲା ଭିସୁଟ ସହ ପରାମର୍ଶ କରି ଏହି ଡିପିଆର ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଛି। ଆସନ୍ତା ୨୫ତାରିଖ ସୁଦ୍ଧା ଡିପିଆର ହସ୍ତଗତ ହେବ ବୋଲି ସିଏମସି ପକ୍ଷରୁ କୁହାଯାଇଛି। ମେହିନ୍ଦପିରଠାରୁ ଖଟବିନ ସାହି ୧୩୦୫ମିଟର, ଫ୍ରେଣ୍ଡସଲୋନୀ-ବଜ୍ରକବାଟୀ ରୋଡ ୭୧୬ମିଟର, ଏସପି ଅଫିସରୁ ସେମିନାରୀ ଛକ ରାଉସାପାଟଣା ୨୯୦୦ମିଟର, ପୁରୀଘାଟ ତ୍ରିଶା ହସପିଟାଲରୁ ବଜ୍ରକବାଟୀ ୨୪୨୨ମିଟର ଓ ମାତୃଭବନରୁ ଖାନନଗର ୧୩୦୦ମିଟରେ ଶାଖା ଡ୍ରେନଗୁଡିକ ନିର୍ମାଣ ଏହି ଡିପିଆରରେ ରହିବ।

### ବର୍ଷାଜଳ ନିଷ୍କାସନ ପାଇଁ ମାଷ୍ଟର୍‌ପ୍ଲାନ ହେବ କେମିତି

### ଜୁନ ୩୦ରୁ ଖାଲି ପଡ଼ିଛି ସିଏମ୍‌ସି କମିସନର ପଦ

## ଜାଲ୍ ନିଯୁକ୍ତି ବିଜ୍ଞପ୍ତି ନେଇ ଏସ୍‌ଟିଏର ସତର୍କତା ଜାରି

କଟକ,୧୬। ୭(ସମିସ): ବିଭିନ୍ନ ସମୟରେ ସାଇବର ଅପରାଧୀମାନେ ନକଲି ୱେବସାଇଟ ଓ ଲିଙ୍କ୍ ଜରିଆରେ ସାଧାରଣ ଲୋକଙ୍କୁ ଠକିଆସୁଥିବା ଜଣାପଡିଛି। ଏହିଭଳି ଢଙ୍ଗରେ ଆରଟିଓ କାର୍ଯ୍ୟାଳୟରେ ସହକାରୀ ମ୍ୟାନେଜର, ଟ୍ରାଫିକ କନଷ୍ଟେବଳ, ପିଅନ, ଡ୍ରାଇଭର, ବିଭିନ୍ନ ପଦପଦବୀରେ ଅନଲାଇନ ଆବେଦନ ଆହ୍ୱାନ କରି ନିଯୁକ୍ତି ପାଇଁ ଜାଲ୍ ବା ନକଲି ବିଜ୍ଞପ୍ତି ବିଭିନ୍ନ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଘୂରି ବୁଲୁଛି। ସାଇବର ଠକମାନେ ଏଭଳି ବିଜ୍ଞପ୍ତି ଜାରି କରି ନିଯୁକ୍ତି ଆଶାୟୀଙ୍କୁ ଠକିବା ପାଇଁ ଜାଲ ବିଛାଇଛନ୍ତି। ଏ ସଂକ୍ରାନ୍ତରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ପକ୍ଷରୁ ସତର୍କ କରାଯାଇଛି ଓ କ୍ରାଇମବ୍ରାଞ୍ଚକୁ ମଧ୍ୟ ଅବଗତ କରାଯାଇଛି। ନିଯୁକ୍ତି ଆଶାୟୀ ଏଭଳି ମିଥ୍ୟା ବିଜ୍ଞାପନର ଜାଲରେ ନପଡିବାକୁ ଏସଟିଏ ପକ୍ଷରୁ କୁହାଯାଇଛି। ଏସଟିଏ ଏଭଳି କୌଣସି ବିଜ୍ଞାପନ ପ୍ରକାଶ କରିନାହିଁ ବୋଲି ସ୍ୱଷ୍ଟୋକ୍ତି ରଖିଛି।

■ ଜନବସତି ଭିତରେ ମଦ ଦୋକାନ

## ବିଦ୍ୟାଧରପୁରରେ ଉତ୍ତେଜନା; ଘେରିଲେ ଲୋକେ

କଟକ,୧୬।୭(ସମିସ): ଜନବସତି ଭିତରେ ମଦ ଦୋକାନ ଖୋଲିଛି। ଯେଉଁଠାରେ ସମାଜର ଶିକ୍ଷିତବର୍ଗ ରହୁଛନ୍ତି, ସେଠାରେ ଏବେ ମଦ୍ୟପଙ୍କ ଆଡ୍ଡା ଜମୁଛି। ବିଦ୍ୟାଧରପୁର କେନାଲ ରୋଡରେ ଗତ ଦୁଇ ଦିନ ହେବ ନୂଆଭାବେ ଖୋଲିଥିବା ମଦ ଦୋକାନକୁ ନେଇ ଆଜି ସ୍ଥାନୀୟ ଲୋକଙ୍କ ଭିତରେ ତୀବ୍ର ବିରୋଧ ଦେଖିବାକୁ ମିଳିଥିଲା। ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ ଅବକାରୀ ବିଭାଗ ଏଠାରେ ମଦ ଦୋକାନ ଖୋଲିବାକୁ ଅନୁମତି କିପରି ଦେଇଛି ତାହାକୁ ନେଇ ସ୍ଥାନୀୟ କର୍ପୋରେଟର ବିଶ୍ୱବନ୍ଦିତା ପଣ୍ଡା ପ୍ରଶ୍ନ ଉଠାଇଛନ୍ତି।

ଘଟଣାରୁ ପ୍ରକାଶ ଯେ, କଟକ ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୫୫ର କେନାଲ ରୋଡରେ ଦୁଇ ଦିନ ହେବ ଏକ ନୂଆ ମଦ ଦୋକାନ ଖୋଲିଛି। ସରକାରୀ ଲାଇସେନ୍ସପ୍ରାପ୍ତ ଉକ୍ତ ଦୋକାନ ପୂର୍ବରୁ ସିଡିଏରେ ରହିଥିଲା। ହେଲେ ସିଡିଏ ଆବାସିକ ସଂଘର ବିରୋଧ ଯୋଗୁଁ ଏହାକୁ ବିଦ୍ୟାଧରପୁର ଅଞ୍ଚଳକୁ ଉଠାଇ ଅଣାଯାଇଛି। ଏ ବାବଦରେ ଚଳିତ ମାସ ଆରମ୍ଭରୁ ସ୍ଥାନୀୟ ଲୋକେ ମଦ ଦୋକାନ ଖୋଲିବା ଖବର ପାଇଥିଲେ। କର୍ପୋରେଟର ବିଶ୍ୱବନ୍ଦିତାଙ୍କ ନେତୃତ୍ୱରେ ଲୋକେ ଗତ ୮ ତାରିଖରେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ଏପରିକି ଶତାଧିକ ପରିବାର ରହୁଥିବା ଏହି ଅଞ୍ଚଳରେ ମଦ ଦୋକାନ ଖୋଲାଇ ନଦେବାକୁ ଉଦ୍ୟମ ହୋଇଥିଲା। ଘର ଭଡା ନଦେବା ପାଇଁ ମାଲିକମାନଙ୍କୁ ନିବେଦନ କରାଯାଇଥିଲା। ହେଲେ ଏହା ଭିତରେ ମଦ ଦୋକାନ ମାଲିକ ଜଣକ ଖାଲି ପଡ଼ିଥିବା ଏକ ଜମିରେ ଏଗ୍ରିମେଣ୍ଟ କରି ଯୁଦ୍ଧକାଳୀନ ଭିତ୍ତିରେ ଘର ନିର୍ମାଣ କରିବା ସହ ଦୁଇ ହେବ ଦୋକାନ ଖୋଲିଛନ୍ତି। ଏହି ଘଟଣାକୁ ନେଇ ଆଜି ପ୍ରାୟ ୪୦୦ ଲୋକ ଦୋକାନ ସମ୍ମୁଖରେ ବିକ୍ଷୋଭ କରିବା ସହ ଧାରଣା ଦେଇଥିଲେ। ଜିଲ୍ଲାପାଳଙ୍କ ଜ୍ଞାତସାର ସତ୍ତ୍ୱେ ଜନବସତି ଭିତରେ ମଦ ଦୋକାନ ଖୋଲିବାକୁ ଅନୁମତି ଦେବା ପ୍ରସଙ୍ଗକୁ ବିରୋଧ କରିଥିଲେ। ଖବର ପାଇଁ ବିଧାୟକ ସୌଭିକ ବିଶ୍ୱାଳ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଛନ୍ତି। ୭ ଦିନ ଭିତରେ ମଦ ଦୋକାନ ହଟାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। ତେବେ ବିଧାୟକଙ୍କ ପ୍ରତିଶ୍ରୁତି ପୂରଣ ନହେଲେ ୭ ଦିନ ପରେ ରାଜପଥ ବନ୍ଦ କରାଯିବ ବୋଲି ସ୍ଥାନୀୟ ଲୋକଙ୍କ ଚେତାବନୀ ରହିଛି।



## ଭୂସ୍ଖଳନରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ନିର୍ଦ୍ଦେଶ

କଟକ,୧୬ ।୭(ସମିସ): ଭୂସ୍ଖଳନରେ ମୃତ ବ୍ୟକ୍ତିଙ୍କ ପରିବାରକୁ ବର୍ଷାର ପରିମାଣ ମାନଦଣ୍ଡ ଆଧାରରେ ସରକାରୀ କ୍ଷତିପୂରଣ ପ୍ରଦାନରୁ ବଞ୍ଚିତ କରାଯିବା ପ୍ରସଙ୍ଗରେ ରୁଜୁ ଆବେଦନରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। କ୍ଷତିପୂରଣ ପ୍ରଦାନ ପାଇଁ ଏଭଳି ମାନଦଣ୍ଡ ତଥା ଏକ ସର୍ତ୍ତ ରଖାଯିବା ଅତ୍ୟନ୍ତ ସ୍ୱେଚ୍ଛାଚାରୀ ଏବଂ ଅଯୌକ୍ତିକ ବୋଲି ହାଇକୋର୍ଟ କହିଛନ୍ତି। ଆବେଦନକାରୀଙ୍କୁ ଓଡ଼ିଶା ରିଲିଫ କୋଡ୍ ଅନୁସାରେ ଦେଢ଼ ଲକ୍ଷ ଟଙ୍କା କ୍ଷତିପୂରଣ ରାଶି ପ୍ରଦାନ ପାଇଁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ରସନା ମଲ୍ଲିକ ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଦୁଇ ମାସ ମଧ୍ୟରେ ସୁଧ ସହ ଏହି ଅର୍ଥ ରାଶି ପଇଠ କରାଯିବ। ଉପରୋକ୍ତ ସମୟ ମଧ୍ୟରେ ଏପରି ଅନୁଦାନ ରାଶି ପ୍ରଦାନ କରିବାରେ କର୍ତ୍ତୃପକ୍ଷ ବିଫଳ ହେଲେ ଉକ୍ତ ରାଶି ପ୍ରଦାନ ନହେବା ପର୍ଯ୍ୟନ୍ତ ପ୍ରତିବର୍ଷ ୧୨% ସୁଧ ପଇଠ ହେବ ବୋଲି କହିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶଯେ ଗତ ୨୦୧୩ଜୁଲାଇ ୧୭ରେ ନୟାଗଡ଼ ଜିଲ୍ଲା ବାଣିଗୋଚ୍ଛା ଥାନା ସିରିକବାଡି ଗ୍ରାମରେ କୃଷ୍ଣଚନ୍ଦ୍ର ମଲ୍ଲିକ ନାମକ ଜଣେ ଶ୍ରମିକ ରାସ୍ତା କାମରେ ନିୟୋଜିତ ଥିବା ବେଳେ ଭୂସ୍ଖଳନ ପାଇଁ ତାଙ୍କ ମୃତ୍ୟୁ ହୋଇଥିଲା। କ୍ଷତିପୂରଣ ପାଇଁ ତାଙ୍କ ପତ୍ନୀ ଓ ପୁତ୍ରଙ୍କ ଆବେଦନକୁ ଦଶପଲ୍ଲା ତହସିଲଦାର ଓ ନୟାଗଡ ଜିଲ୍ଲାପାଳ ଯଥାକ୍ରମେ ୨୦୨୨ମାର୍ଚ୍ଚ ୧୦ ଓ ଜୁନ୧୭ରେ ଖାରଜ କରିଦେଇଥିଲେ। ପରେ ଜିଲ୍ଲାପାଳ ଓ ତହସିଲଦାରଙ୍କ ଆଦେଶକୁ ହାଇକୋର୍ଟ ରଦ୍ଦ କରିବା ସହ ଆବେଦନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

■ କଟକରେ ଲୁଟେରା ଆତଙ୍କ

## ବନ୍ଧୁକ ଦେଖାଇ ଡରାଇଲେ, ସୁନାଚେନ୍ ଛଡ଼ାଇଲେ





କଟକ,୧୬।୭(ସମିସ): ବୁଧବାର ଦିନ ଦ୍ୱିପ୍ରହରରେ କଟକର ଦୁଇଟି ସ୍ଥାନରେ ଲୁଟେରା ଆତଙ୍କ ଖେଳାଇଛନ୍ତି। ଗୋଟିଏ ଘଟଣାରେ ଲୁଟ୍ ସଫଳ ହୋଇଥିବା ବେଳେ ଅନ୍ୟ ଏକସ୍ଥାନରେ ହାଇଡ୍ରାମା ଦେଖିବାକୁ ମିଳିଥିଲା। ଯେଉଁଥି ପାଇଁ ଲୁଟେରା ବନ୍ଧୁକ ଦେଖାଇ ଭୟଭୀତ କରାଇଥିଲେ। ଏପରିକି ଲୁଟର ଶିକାର ହେଉଥିବା ଯୁବତୀ ଓ ସ୍ଥାନୀୟ ଲୋକଙ୍କ ହସ୍ତକ୍ଷେପ ଯୋଗୁଁ ଜଣେ ଦୁର୍ବୃତ୍ତ ଧରାପଡ଼ି ନିର୍ଘୁମ ମାଡ ଖାଇଛି। ଜନଗହଳିପୂର୍ଣ୍ଣ କଟକ ନଗରୀରେ ଲୁଟେରାମାନଙ୍କ ଏଭଳି ଆତଙ୍କ ପୁଲିସ ପାଇଁ ନିହାତି ରୂପେ ଚାଲେଞ୍ଜ ସୃଷ୍ଟି କରିଛି।

ମଧୁପାଟଣା ଥାନା ଅଧୀନ ରାଜେନ୍ଦ୍ର ନଗରରେ ଜଗତସିଂହପୁର ଜିଲ୍ଲା ଏରସମା ଥାନା ଅଞ୍ଚଳର ଦିଲ୍ଲୀପ କୁମାର ମଲ୍ଲିକ ସପରିବାର ରହୁଛନ୍ତି। ଆଜି ଦିନ ପ୍ରାୟ ୧.୩୦ ହେବ। ଦିଲ୍ଲୀପ ଓ ତାଙ୍କ ପତ୍ନୀ ସୌଭାଗ୍ୟମଞ୍ଜରୀ ଏସସିବି ମେଡିକାଲକୁ ରାଣୀହାଟ କେନାଲ ରାସ୍ତା ଦେଇ ଘରକୁ ଫେରୁଥିଲେ। ଛତ୍ରବଜାର ଅର୍ବାନ ହାଟ ନିକଟରେ ପଛରୁ ଏକ ବାଇକରେ ପିଛା କରିଆସୁଥିବା ଦୁଇ ଦୁର୍ବୃତ୍ତ ସୌଭାଗ୍ୟମଞ୍ଜରୀଙ୍କ ପାଖକୁ ଆସି ତାଙ୍କ ବେକରୁ ସୁନାହାର ଝମ୍ପି ନେଇଥିଲେ। ଏହା ଜାଣିପାରି ସେ ଦୁର୍ବୃତ୍ତର ହାତକୁ ଧରି ଟାଣି ଆଣିଥିଲେ। ଫଳରେ ଦୁର୍ବୃତ୍ତ ଦ୍ୱୟ ବାଇକ ସହ ସେଠାରେ ପଡିଯାଇଥିଲେ। ପାଟିଶୁଣି ପାଖଆଖ ଲୋକ ଲୁଟେରା ଦ୍ୱୟଙ୍କୁ ଧରିବା ପାଇଁ ଦୌଡି ଆସିଥିଲେ। ଏତିକିବେଳେ ଜଣେ ଲୁଟେରା ପାଖରେ ରଖିଥିବା ଏକ ବନ୍ଧୁକ ବାହାର କରି ଭୟଭୀତ କରାଇ ସେଠାରୁ ଖସି ପଳାଇଥିଲା। ମାତ୍ର ଅନ୍ୟ ଅଭିଯୁକ୍ତ ଦୀପୁ ସିଂହକୁ ସ୍ଥାନୀୟ ଲୋକ ମାଡିବସି ନିର୍ଘାତ ପିଟି ଲହୁଲୁହାଣ କରିଦେଇଥିଲେ। ଖବର ପାଇ ମାଲଗୋଦାମ ପୁଲିସ ପହଞ୍ଚି ଦିପୁକୁ ଉତ୍ୟକ୍ତଙ୍କ କବଳରୁ ଉଦ୍ଧାର କରି ତୁରନ୍ତ ମେଡିକାଲ ନେଇଯାଇଥିଲା। ଏହା ସହିତ ପୁଲିସ ଘଟଣାସ୍ଥଳରୁ ଲୁଟରେ ବ୍ୟବହୃତ ଦୁର୍ବୃତ୍ତଙ୍କ ବାଇକକୁ ଜବତ କରିଥିଲା। ଏହି ଘଟଣାରେ ମହିଳା ଜଣକ ମଧ୍ୟ ଆହତ ହୋଇଛନ୍ତି। ତଦନ୍ତ ସମୟରେ ଜଣାପଡିଲା ଯେ, ଲୁଟେରା ଦ୍ୱୟ ଅଧ ଘଣ୍ଟା ପୂର୍ବରୁ ବଜ୍ରକବାଟୀ ରୋଡରେ ଲୁଟପାଟ ଘଟାଇ ଆସିଥିଲେ। ଦିନ ପ୍ରାୟ ୧ଟା ବେଳେ ଢେଙ୍କାନାଳ ଭୂବନ ଅଞ୍ଚଳର ସୂର୍ଯ୍ୟକାନ୍ତ ଜେଠୀ ଓ ପତ୍ନୀ ସୁମିତ୍ରା ଦାସ ବଜ୍ରକବାଟୀ ରୋଡ ସ୍ଥିତ ଏକ ସଫିମଲକୁ ଆସିଥିଲେ। ସୂର୍ଯ୍ୟକାନ୍ତ ବାଇକ ପାର୍କି କରିବାକୁ ଯାଇଥିଲା ବେଳେ ସୁମିତ୍ରା ମଲ ଆଗରେ ଛିଡା ହୋଇଥିଲେ। ଏତିକିବେଳେ ଦୀପୁ ଓ ତାର ସହଯୋଗୀ ବାଇକରେ ଆସି ସୁମିତ୍ରାଙ୍କ ବେକରୁ ସୁନାହାର ଛିଣ୍ଡାଇ ଚମ୍ପଟ ମାରିଥିଲେ। ଘଟଣା ପରେ ମଙ୍ଗଳାବାଗ ଥାନା ପୁଲିସ ଦୁର୍ବୃତ୍ତଙ୍କୁ ଧରିବାକୁ ଜୋରଦାର ଉଦ୍ୟମ ଆରମ୍ଭ କରିଥିଲା। ତେବେ ପୁଲିସ ହାତରେ ଧରାପଡିବା ପୂର୍ବରୁ ଲୁଟେରା ଦ୍ୱୟ ଲୋକଙ୍କ ହାବୁଡରେ ପଡିଥିଲେ। ସୁମିତ୍ରାଙ୍କ ଏତଲା ଆଧାରରେ ମଙ୍ଗଳାବାଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ଅନ୍ୟପଟେ, ଧରାପଡିଥିବା ଦିପୁ ଜଣେ କୁଖ୍ୟାତ ଆନ୍ତଃଜିଲ୍ଲା ଲୁଟେରା ହୋଇଥିବା ଜଣାପଡିଛି। କିଛି ଅସାମାଜିକଙ୍କୁ ନେଇ ସେ ଏକ ଗ୍ୟାଙ୍ଗ ଗଢି ପାରାଦୀପ, ଜଗତସିଂହପୁର, କଟକ ଓ ଭୁବନେଶ୍ୱରରେ ଲୁଟପାଟ, ଡକାୟତି କରିଆସୁଛି। ପ୍ରାୟ ଦୁଇ ସପ୍ତାହ ବ୍ୟବଧାନରେ ଗୋଟିଏ ପରେ ଗୋଟିଏ ସ୍ଥାନକୁ ଯାଇ ଅପରାଧ ଘଟାଉଥିଲା। ଏହି ଗୋଷ୍ଠୀ ବିଭିନ୍ନ ଜିଲ୍ଲାରେ ୧୫ରୁ ଉଦ୍ଧ୍ୱର୍ ଲୁଟପାଟ କରିଥିବା ଜଣାପଡିଛି।

### ଆଇଆଇସିଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ମାମଲା

## ଏସ୍‌ଆଇଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ହାଇକୋର୍ଟରେ ରଦ୍ଦ

କଟକ,୧୬ ।୭(ସମିସ): ବାରଙ୍ଗ ଥାନାର ତତ୍କାଳୀନ ଆଇଆଇସିଙ୍କୁ ଗାଳିଗୁଲଜ ତଥା ଦୁର୍ବ୍ୟବହାର ପ୍ରଦର୍ଶନ ଅଭିଯୋଗ ମାମଲାରେ ପୁଲିସ ସବ୍-ଇନ୍ସପେକ୍ଟର ଅସିତ ରଞ୍ଜନ ଜେନାଙ୍କ ବିରୋଧରେ ଗ୍ରହଣ କରାଯାଇଥିବା ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟାକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଶ୍ରୀ ଜେନାଙ୍କ ବିରୋଧରେ ରହିଥିବା ୨୦୧୯ର ଅଭିଯୋଗ ଓ ୨୦୨୧, ଏପ୍ରିଲ ୨୪ର ତଦନ୍ତ ରିପୋର୍ଟକୁ ମଧ୍ୟ ରଦ୍ଦ କରିଛନ୍ତି ହାଇକୋର୍ଟ। ଶ୍ରୀ ଜେନାଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି।

ମାମଲାରୁ ପ୍ରକାଶ ଯେ, ଶ୍ରୀ ଜେନା କମିସନରେଟ ପୁଲିସ ଅଧୀନରେ ବାରଙ୍ଗ ଥାନାରେ ସବ୍-ଇନ୍ସପେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ୨୦୨୩, ମାର୍ଚ୍ଚ ୨୩ରେ ବାରଙ୍ଗ ଥାନାର ତତ୍କାଳୀନ ଆଇଆଇସି ଶଶିକାନ୍ତ ରାଉତ ଥାନାରେ ପହଞ୍ଚି ଆବେଦନକାରୀଙ୍କୁ ଡକାଇଥିଲେ। ଆବେଦନକାରୀ ବିଳମ୍ବରେ ଆଇଆଇସିଙ୍କ ନିକଟରେ ହାଜର ହେବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଆଇଆଇସିଙ୍କ ପ୍ରତି ଏସଆଇ ଅଭଦ୍ର ଭାଷା ପ୍ରୟୋଗ କରିଥିବା ଅଭିଯୋଗ ହୋଇଥିଲା। କଟକ ଜୋନ୍-୪ ଏସିପି ବାରଙ୍ଗ ଥାନା ଯାଇ ଅଭିଯୋଗର ତଦନ୍ତ କରି କଟକ ଡିସିପିଙ୍କ ନିକଟରେ ରିପୋର୍ଟ ଦାଖଲ କରିଥିଲେ। ଏହାପରେ ଆବେଦନକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରାଯାଇ 'ୱାନ୍ ବ୍ଲାକ ମାର୍କ' ଦଣ୍ଡ ପ୍ରଦାନ କରିଥିଲେ କର୍ତ୍ତୃପକ୍ଷ। ଏହି ଦଣ୍ଡ ବିରୋଧରେ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ କରିଥିବା ଆବେଦନ ଖାରଜ ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲାର ଶୁଣାଣି ସମୟରେ ସେ ଆଇଆଇସିଙ୍କ ପ୍ରତି ଅଭଦ୍ର ଭାଷା ପ୍ରୟୋଗ କରି ନ ଥିବା ସ୍ପଷ୍ଟ ହୋଇଥିଲା।

## ରେଭେନ୍ସା ବିଶ୍ୱବିଦ୍ୟାଳୟରେ ମହମବତି ଶୋଭାଯାତ୍ରା




କଟକ,୧୬।୭(ସମିସ): ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତିରେ ମୃତ୍ୟୁଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସଂପୃକ୍ତ ସମସ୍ତ ଦୋଷୀମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଶାସ୍ତି ଦାବିରେ ଏଆଇଡିଏସ୍‌ଓ ରେଭେନ୍ସା ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ କୁଳପତିଙ୍କ ଅଫିସ ପାଖରୁ ଏକ ମହମବତୀ ଶୋଭାଯାତ୍ରା ବାହାରି କ୍ୟାମ୍ପସ ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱବିଦ୍ୟାଳୟ କମିଟି ସମ୍ପାଦକ ଗାୟତ୍ରୀ ସାହୁ ଏବଂ ଉପସଭାପତି କସକ୍ ଜେନା ପରିଚାଳନା କରିଥିଲେ। ଅନ୍ୟପଟେ ଶିକ୍ଷାନୁଷ୍ଠାନ ପରିସରରେ ଗଣତାନ୍ତ୍ରିକ ପରିବେଶକୁ ସୁରକ୍ଷା ରଖିବା, କ୍ୟାମ୍ପସ ପରିସରରେ ଛାତ୍ରୀ ନିରାପତ୍ତାକୁ ସୁନିଶ୍ଚିତ କରିବା, ସହ କଲେଜ, ୟୁନିଭର୍ସିଟିରେ ଏକାଡେମିକ୍ ହାରସମେଣ୍ଟ ବନ୍ଦ ଦାବିରେ ଆସନ୍ତାକାଲି ସାରା ଓଡ଼ିଶା ଛାତ୍ର ଧର୍ମଘଟର ଡାକରା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ଆସନ୍ତାକାଲି ରେଭେନ୍ସା ସମେତ କଟକର ସମସ୍ତ ସ୍କୁଲ, କଲେଜ, ୟୁନିଭର୍ସିଟି, ସମ୍ମୁଖରେ ପିକେଟିଂ କରାଯିବା ସହ ବନ୍ଦ କରାଯିବ।

## ରଣା ମା'ଙ୍କ ମନ୍ଦିରରେ ଦୀପଦାନ

କଟକ,୧୬।୭(ସମିସ): ବାଲେଶ୍ୱର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ମୃତ୍ୟୁରେ କଟକ ଖାନନଗର ସ୍ଥିତ ରଣା ମା'ଙ୍କ ମନ୍ଦିର ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସନ୍ଧ୍ୟା ୭ ଘଟିକା ସମୟରେ ଖାନନଗର ୪୫ନଂ ୱାର୍ଡର ଯୁବ ସମାଜସେବୀ ଇଂ ଦେବାଶିଷ ସାହୁଙ୍କ ନେତୃତ୍ୱ ଏବଂ ଭାଇଚାରା ସଂଘର ସଦସ୍ୟଙ୍କ ଉପସ୍ଥିତିରେ ମୃତା ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଦୀପଦାନ କରାଯିବା ସହ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ପରେ ଆୟୋଜିତ ଶୋକସଭାରେ ମୃତା ଛାତ୍ରୀଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଘଟଣାରେ ସାମିଲ ଥିବା ସମସ୍ତ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ପ୍ରଦାନ କରିବାକୁ ଦାବି କରାଯାଇଥିଲା।

## ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ହାଇକୋର୍ଟ ବାର୍ ବୈଠକ

କଟକ,୧୬ ।୭(ସମିସ): ଆସନ୍ତାକାଲି କଂଗ୍ରେସ ଓ ଅନ୍ୟ ବାମ ଦଳ ପକ୍ଷରୁ ଓଡିଶା ବନ୍ଦ ଡାକରା ଦିଆଯାଇଥିବା ହେତୁ ହାଇକୋର୍ଟ ବାର କାର୍ଯ୍ୟନିର୍ବାହୀ ପରିଷଦର ଜରୁରୀ ବୈଠକ ଆଜି ଅନୁଷ୍ଠିତ ହୋଇଛି। ଆସନ୍ତାକାଲି ଶୁଣାଣି ହେବାକୁ ଥିବା ମାମଲାରେ କୌଣସି ପକ୍ଷଙ୍କ ବିରୁଦ୍ଧରେ କୌଣସି ଓକିଲଙ୍କ ଅନୁପସ୍ଥିତିରେ କୌଣସି ପ୍ରତିକୂଳ ନିର୍ଦ୍ଦେଶ ନ ଦେବା ପାଇଁ ଅଦାଲତଙ୍କୁ ଅନୁରୋଧ କରାଯାଇଛି।

## ଏସ୍‌ସିବିରେ ଜ୍ୟୋତିପ୍ରକାଶ ସ୍ୱାସ୍ଥ୍ୟାବସ୍ଥା ସ୍ଥିର, ସ୍କିନ୍‌ଗ୍ରାଫ୍ଟିଂ ହେବ

କଟକ,୧୬।୭(ସମିସ):

ଏସ୍‌ସିବି ମେଡିକାଲର ପ୍ଲାଷ୍ଟିକ ସର୍ଜରୀ ବିଭାଗର ବର୍ଣ୍ଣ ୟୁନିଟ୍ ଆଇସିୟୁରେ ଚିକିତ୍ସାଧିନ ଫକୀରମୋହନ ମହାବିଦ୍ୟାଳୟ ଛାତ୍ର ଜ୍ୟୋତିପ୍ରକାଶ ବିଶ୍ୱାଳଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଛି। ସାତରୁ ଦଶଦିନ ମଧ୍ୟରେ ଜ୍ୟୋତିପ୍ରକାଶ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଯିବେ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି। ବିଭାଗୀୟ ମୁଖ୍ୟ ପ୍ରଫେସର ଡା. ବିଭୁତି ଭୂଷଣ ନାୟକଙ୍କ କହିବା ମୁତାବକ, ଜ୍ୟୋତିଙ୍କ ଦୁଇଟି ହାତ, ବାହୁ ଓ ମୁହଁ ପୋଡିଛି। ତାଙ୍କର ଶ୍ୱାସନଳୀ ସାମାନ୍ୟ ପୋଡିଛି, ସେଥିପାଇଁ ସ୍ପାଇରୋମିଟ୍ରି ଏକ୍ସରସାଇଜ କରାଯାଉଛି। ଯଦିଓ ହାତର ସ୍କିନ ଗ୍ରାଫଟିଂ ହେବ, ତେବେ କିଛି ଦିନ ସମୟ ଲାଗିବ ବୋଲି ଡା. ନାୟକ କହିଛନ୍ତି। ଅନ୍ୟପଟେ ସରକାର ଅବହେଳାକୁ ନେଇ ଜ୍ୟୋତିପ୍ରକାଶଙ୍କ ବାପା ସନାତନ ବିଶ୍ୱାଳ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ ପୁଅକୁ ଉନ୍ନତ ଚିକିତ୍ସା କରାଇବା ପାଇଁ ଏସ୍‌ସିବି ଆଣିଛି। ଏଠାରେ ଚିକିତ୍ସା ଚାଲିଛି ହେଲେ ସରକାର ଏଥିପ୍ରତି ଗୁରୁତ୍ୱ ଦେଲେ ଚିକିତ୍ସା ଅଧିକ ଉନ୍ନତମାନର ହୋଇ ପାରନ୍ତା। ଏହାସହ କିଛି ସହାୟତା ପ୍ରଦାନ କଲେ ଆମେ ଉପକୃତ ହୋଇ ପାରୁ ବୋଲି ସେ କହିଛନ୍ତି।

■ ଏସ୍‌ସିବିରେ ବିଜେଡି ପ୍ରତିନିଧି ଦଳ



ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ବଞ୍ଚାଇବାକୁ ଯାଇ ପୋଡ଼ି ହୋଇଥିବା ଜ୍ୟୋତିପ୍ରକାଶ ବିଶ୍ୱାଳ ଏସ୍‌ସିବିରେ ଚିକିତ୍ସିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ପ୍ରତିନିଧି ଦଳ ଆଜି ବଡ ମେଡିକାଲରେ ପହଞ୍ଚି ଜ୍ୟୋତିପ୍ରକାଶଙ୍କୁ ଭେଟିଥିଲେ। ବର୍ଣ୍ଣ ୟୁନିଟରେ ତାଙ୍କର ଚିକିତ୍ସା ଚାଲିଛି। ଜ୍ୟୋତିପ୍ରକାଶଙ୍କୁ କିପରି ଉନ୍ନତ ଚିକିତ୍ସା ଯୋଗାଇ ଦିଆଯିବ ସେ ନେଇ ବିଭାଗର ଡାକ୍ତରମାନଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଥିଲା। ବିଧାୟକ ବ୍ୟୋମକେଶ ରାୟ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ବିଧାୟକ ସୌଭିକ ବିଶ୍ୱାଳ, ପ୍ରଫୁଲ୍ଲ ସିଂହ, ରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

■ ମନ୍ତ୍ରୀ ଆସିବେ ବୋଲି ୱାର୍ଡ ପ୍ରବେଶ ମନା

ବର୍ଣ୍ଣ ୟୁନିଟ ଆଇସିୟୁରେ ଜ୍ୟୋତିପ୍ରକାଶଙ୍କୁ ଭେଟିବା ନିମନ୍ତେ ଆଜି ଏସ୍‌ସିବି ଆସିଥିଲେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ତାଙ୍କ ବାପା ମାଆଙ୍କୁ ଭେଟି ସୁବିଧା ଅସୁବିଧା ବିଷୟରେ ପଚାରି ବୁଝିଛନ୍ତି। ଏହାସହ ଡାକ୍ତରୀ ଦଳ ସହ ଚିକିତ୍ସା ସମ୍ପର୍କରେ ବୁଝିବା ସହ ଯେପରି ଉନ୍ନତମାନର ଚିକିତ୍ସା ଯୋଗାଇ ଦିଆଯିବ ସେଦିଗରେ ଅଧିକ ମନ୍ତ୍ରୀ ଗୁରୁତ୍ୱ ଦେଇଛନ୍ତି। ତେବେ ମନ୍ତ୍ରୀଙ୍କର ଏସସିବି ଗସ୍ତର ପ୍ରାୟ ଅଧଘଣ୍ଟା ପୂର୍ବରୁ ଉକ୍ତ ବିଭାଗକୁ କୌଣସି ରୋଗୀଙ୍କ ସମ୍ପର୍କୀୟଙ୍କୁ ଛଡା ଯାଇନଥିଲା। ଯାହାକୁ ନେଇ ରୋଗୀଙ୍କ ସମ୍ପର୍କୀୟ ଅସନ୍ତୋଷ ପ୍ରକାଶ କରିଥିଲେ।

# ଯୁବକକୁ ଆକ୍ରମଣ ମାମଲା; ଅଭିଯୁକ୍ତ କୋର୍ଟଚାଲାଣ

ବ୍ରହ୍ମପୁର,୧୬।୭(ସମିସ): ଛୁରୀ ଭୂସି ଜଣେ ଯୁବକକୁ ଆକ୍ରମଣ ଘଟଣାରେ ବଡ଼ବଜାର ଥାନା ପୁଲିସ ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ବଡ଼ଡୁମୁଳାର ହରିକୃଷ୍ଣ ଗୌଡ଼ (୩୧)। ସୋମବାର ରାତିରେ ସ୍ଥାନୀୟ ହରିଡାଖଣ୍ଡି ଲକ୍ଷ୍ମୀବିହାର ୪ର୍ଥ ଲାଇନର ଶ୍ରୀଧର ସାହୁ(୧୮) ଓ ହରିକୃଷ୍ଣ ଗୌଡ଼ଙ୍କ ମଧ୍ୟରେ ବଚସା ହେଲା। ପରେ ହରିକୃଷ୍ଣ ଏକ ଛୁରୀରେ ଶ୍ରୀଧରଙ୍କୁ ଆକ୍ରମଣ କରିଥିଲା। ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ହରିକୃଷ୍ଣ ଗୌଡ଼କୁ ଗିରଫ କରି ଆଜି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରଫ ସୂଚନା ଦେଇଛନ୍ତି।



ସୂଚନାଯୋଗ୍ୟ ଯେ, ଶ୍ରୀଧରଙ୍କ ବଡଭାଇ ରବି ସାହୁ ଓ ଅଭିଯୁକ୍ତ ହରିକୃଷ୍ଣ ଶାନ୍ତିନଗରର ବିଜୟ ସାହୁଙ୍କ ଗାଡିରେ ଡ୍ରାଇଭର ଭାବେ କାମ କରନ୍ତି। ରବି ମାଲିକ ବିଜୟଙ୍କ ଗାଡିରୁ ପେଟ୍ରୋଲ ସମେତ ଅନ୍ୟାନ୍ୟ ଜିନିଷ ଚୋରି କରୁଥିବା ନେଇ ହରିକୃଷ୍ଣ ମାଲିକଙ୍କୁ ଜଣାଇଥିଲେ। ପରେ ମାଲିକ ରବିଙ୍କୁ କାମରୁ ବାହାର କରି ଦେଇଥିଲେ। ଫଳରେ ରବିଙ୍କ ସାନ ଭାଇ ଶ୍ରୀଧର ଅଧିକାଂଶ ସମୟ ଘଟଣାକୁ ନେଇ ହରିକୃଷ୍ଣଙ୍କ ସହିତ ଝଗଡା କରୁଥିଲେ। ସୋମବାର ରାତିରେ ଉକ୍ତ ଘଟଣାକୁ ନେଇ ଶ୍ରୀଧର ଓ ହରିକୃଷ୍ଣଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରେ ଶ୍ରୀଧର ହରିକୃଷ୍ଣଙ୍କୁ ମାରିବା ପାଇଁ ଶାନ୍ତିନଗର ଯାଇଥିଲେ। ହେଲେ ହରିକୃଷ୍ଣ ତାଙ୍କୁ ଛୁରିରେ ଆକ୍ରମଣ କରିଥିଲା।

# ୱାରେଣ୍ଟ ବଳରେ ଜଣେ ଗିରଫ

ବ୍ରହ୍ମପୁର,୧୬।୭(ସମିସ): ୱାରେଣ୍ଟ ବଳରେ ଜଣେ ଅଭିଯୁକ୍ତକୁ ଗିରଫ କରିଛି ବଡ଼ ବଜାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ଜଣକ ହେଲେ ଫାଷ୍ଟଗେଟ୍ ରଘୁପତି ନଗରର ଶଙ୍କର ପାତ୍ର(୩୫)। ସୂଚନାଯୋଗ୍ୟ ଯେ, ୨୦୨୧ମସିହାର ଏକ ଘରୋଇ କଳି ମାମଲାରେ ସମ୍ପୃକ୍ତ ରହି ବିଚାରଣା ବେଳେ କୋର୍ଟରେ ଅନୁପସ୍ଥିତ



ରହିଥିଲା ଅଭିଯୁକ୍ତ। ଫଳରେ କୋର୍ଟ ଅଭିଯୁକ୍ତ ଶଙ୍କର ନାଁରେ ଏନବିଡବ୍ଲୁ ୱାରେଣ୍ଟ ଜାରି କରିଥିଲେ। ସେହିକ୍ରମରେ ପୁଲିସ ଅଭିଯୁକ୍ତ ଶଙ୍କରଙ୍କୁ ଆଜି ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବାବା ଶଙ୍କର ସରାଫ ସୂଚନା ଦେଇଛନ୍ତି।

# ସୌମ୍ୟାଶ୍ରୀଙ୍କ ମୃତ୍ୟୁକୁ ନେଇ ବିକ୍ଷୋଭ




ବ୍ରହ୍ମପୁର,୧୬।୭(ସମିସ): ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଗଞ୍ଜାମ ଜିଲ୍ଲା ଯୁବ କଂଗ୍ରେସ ସମର୍ଥକଙ୍କ ପକ୍ଷରୁ ବାଲେଶ୍ୱରର ଫକୀରମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ପ୍ରତିବାଦରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ବିଜେପି ସରକାରଙ୍କୁ ସିଧାସଳଖ ଦାୟୀ କରିଛି କଂଗ୍ରେସ। ଆତ୍ମହତ୍ୟା ପୂର୍ବରୁ ତାଙ୍କ ପ୍ରତି ହୋଇଥିବା ନିର୍ଯାତନା ଘଟଣାକୁ ନେଇ ସେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ। କିନ୍ତୁ ସରକାର ତାଙ୍କ ଅଭିଯୋଗକୁ ନେଇ କୌଣସି ପଦକ୍ଷେପ ନେଇ ନଥିବା ଯୋଗୁଁ ସୌମ୍ୟାଶ୍ରୀ ବାଧ୍ୟ ହୋଇ ଏଭଳି ଚରମ ପଦକ୍ଷେପ ଗ୍ରହଣ କରିଥିଲେ। ତେଣୁ ତୁରନ୍ତ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିଛି ଛାତ୍ର କଂଗ୍ରେସ। ନଚେତ ଆନ୍ଦୋଳନକୁ ବ୍ୟାପକ କରାଯିବା ବୋଲି ଚେତାବନୀ ଦେଇଛି ଛାତ୍ର କଂଗ୍ରେସ। ପ୍ରତିବାଦ କାର୍ଯ୍ୟକ୍ରମରେ କଂଗ୍ରେସ ନେତା କେ. ଲକ୍ଷ୍ମଣ ରାଓ ଏବଂ ରବି ସନ୍ତୋଷଙ୍କ ସମେତ ଛାତ୍ର କଂଗ୍ରେସର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଦିଗପହଣ୍ଡିରେ ମହିଳା ବିଜେଡି ପକ୍ଷରୁ ମହମବତି ଶୋଭାଯାତ୍ରା

# ରଙ୍ଗ ବଦଳୁଛି; ଢଙ୍ଗ ବଦଳୁନି

# ଭ୍ରାମ୍ୟମାଣ ପ୍ରାଣୀଚିକିତ୍ସା କ୍ଲିନିକ୍‌ରେ ଗେରୁଆ ଷ୍ଟିକରିଂ

ବ୍ରହ୍ମପୁର,୧୬।୭(ସମିସ)



ସଦର ମହକୁମାରୁ ଦୂରରେ ଅବସ୍ଥିତ ଗାଁ ଗହଳିରେ ପ୍ରାଣୀ ଚିକିତ୍ସାକୁ ସୁଗମ କରିବାକୁ ନବୀନ ସରକାରଙ୍କ ସମୟରେ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ପାଇଁ ଗାଡି ପ୍ରଦାନ କରାଯାଇଥିଲା। ଏହିକ୍ରମରେ ପ୍ରତି ବ୍ଲକରେ ମୋବାଇଲ ଭେଟନାରୀ ୟୁନିଟ ରହିଛି। ଏବେ ରାଜ୍ୟରେ ସରକାର ପରିବର୍ତ୍ତନ ପରେ ସ୍କୁଲ ୟୁନିଫର୍ମର ରଙ୍ଗ ବଦଳାଇଲା ଭଳି ଏହି ଗାଡ଼ି ଗୁଡ଼ିକର ରଙ୍ଗ ବି ପରିବର୍ତ୍ତନ ହୋଇ ଗେରୁଆ ହେଉଛି।

ବର୍ତ୍ତମାନ ଜିଲ୍ଲାରେ ରହିଥିବା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ଓ ମୋବାଇଲ ଭେଟନାରୀ ୟୁନିଟ ଗାଡ଼ି ଗୁଡ଼ିକରେ ସରକାର ରଙ୍ଗ ବଦଳାଇଥିବା ଦେଖିବାକୁ ମିଳିଛି। ଏହି ଗାଡ଼ି ଗୁଡ଼ିକରେ ଗେରୁଆ ରଙ୍ଗର ବ୍ୟବହାର ହୋଇଛି। କିଛି ବର୍ଷ ପୂର୍ବେ ମୁଖ୍ୟମନ୍ତ୍ରୀ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ସେବା ଯୋଜନାରେ ବ୍ରହ୍ମପୁରକୁ ଗୋଟିଏ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ପ୍ରଦାନ କରାଯାଇଥିଲା। ସେହିପରି ଜିଲ୍ଲାରେ ଥିବା ପ୍ରତି ବ୍ଲକକୁ ଗୋଟିଏ ଲେଖାଏଁ ମୋବାଇଲ ଭେଟନାରୀ ୟୁନିଟ ପ୍ରଦାନ କରାଯାଇଛି। ଏଭଳି ଜିଲ୍ଲାର ପ୍ରାୟ ୨୩ଟି ଗାଡ଼ି ରହିଛି। ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଥିବା ଗୃହପାଳିତ ପ୍ରାଣୀ ସମେତ ରାସ୍ତାରେ ବୁଲୁଥିବା ପଶୁଙ୍କ ଚିକିତ୍ସା ନିମନ୍ତେ ଏହି ଗାଡ଼ି ଗୁଡ଼ିକୁ ବ୍ୟବହାର କରାଯିବ। ଆବଶ୍ୟକ ସ୍ଥଳେ କୌଣସି ବ୍ୟକ୍ତି ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଥିବା ୧୯୬୨ ନମ୍ବରକୁ ଫୋନ କରି ସହାୟତା ମାଗିଲେ। କିଛି ସମୟ ମଧ୍ୟ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନ କିମ୍ବା ମୋବାଇଲ ଭେଟନାରୀ ୟୁନିଟ ଘଟଣା ସ୍ଥଳରେ ପହଞ୍ଚି ଆହାତ ପ୍ରାଣୀଙ୍କୁ ଚିକିତ୍ସା କରିବ। ଉକ୍ତ ଗାଡ଼ି ଗୁଡ଼ିକରେ ଜନ ସଚେତନତା ଲାଗି ବିଭିନ୍ନ ଷ୍ଟିକର ଲାଗିଛି। ହେଲେ ଷ୍ଟିକର ଗୁଡ଼ିକ ନଷ୍ଟ ହୋଇନଥିବା ବେଳେ ସେହି ସ୍ଥାନରେ ସମାନ ଲେଖାରେ ଗେରୁଆ ରଙ୍ଗର ଷ୍ଟିକର ଲାଗାଯାଉଛି। ଏଭଳି ଭାବେ ଜିଲ୍ଲାର ରହିଥିବା ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା କ୍ଲିନିକ ସମେତ ମୋଟ ୨୩ଟି ମୋବାଇ ଭେଟନାରୀ ୟୁନିଟର ରଙ୍ଗ ପରିବର୍ତ୍ତନ କରାଯିବ ବୋଲି ଜଣାପଡ଼ିଛି। ଗାଡ଼ି ଷ୍ଟିକରିଂ

## ଖର୍ଚ୍ଚ ହେଉଛି ଲକ୍ଷାଧିକ ଟଙ୍କା; ସୁବିଧା ଶୂନ

କରିବାକୁ ପ୍ରତି ଗାଡ଼ି ପିଛା ୪ରୁ ୫ହଜାର ଟଙ୍କା ଖର୍ଚ୍ଚ କରାଯିବ। ୨୩ଟି ଗାଡ଼ିର ଷ୍ଟିକରିଂ କରିବା ନିମନ୍ତେ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେବ। ଦିଲ୍ଲୀର ଏକ ସଂସ୍ଥାର କର୍ମଚାରୀ ମାନେ ରାଜ୍ୟର ବିଭିନ୍ନ ଜିଲ୍ଲାର ବୁଲି ଏଭଳି ଗାଡ଼ିର ରଙ୍ଗ ବଦଳାଇବେ। ରାଜ୍ୟରେ ନୂତନ କରି ସରକାର ଗଠନ କରିଥିବା ବିଜେପି ସରକାରଙ୍କ ଏଭଳି ରଙ୍ଗ ବଦଳାଇବା ନୀତିକୁ ନେଇ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ଆବଶ୍ୟକ ନଥାଇ ରାଜ୍ୟ ସରକାର ରାଜକୋଷରୁ ଅଯଥା ଟଙ୍କା ଖର୍ଚ୍ଚ ଘଟଣାକୁ ସାଧାରଣରେ ନାପସନ୍ଦ କରାଯାଇଛି।




■ ୬୪ତମ 'ସାହାଣୀ କପ୍' ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍-୨୦୨୫ ଉଦ୍‌ଘାଟିତ

# ଭୁବନେଶ୍ୱରଠାରୁ ହାରିଲା ନବରଙ୍ଗପୁର

ବ୍ରହ୍ମପୁର,୧୬।୭(ସମିସ): ଗଞ୍ଜାମ ଜିଲ୍ଲା ଫୁଟବଲ ସଂଘ ପକ୍ଷରୁ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମରେ ପୁରୁଷ ବରିଷ୍ଠ ବର୍ଗର 'ସାହାଣୀ କପ୍' ଚାମ୍ପିଅନ୍‌ସିପ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ଓଡିଶା ଫୁଟବଲ ସଂଘର କୋଷାଧ୍ୟକ୍ଷ ଭକ୍ତ ବଲ୍ଲଭ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଫାଓର ସଦସ୍ୟ ନବକିଶୋର ମିଶ୍ର, ମ୍ୟାଚ ନିରୀକ୍ଷକ ଗୋପବନ୍ଧୁ ସାହୁ, ପୂର୍ବତନ ସନ୍ତୋଷ ଟ୍ରଫି ଖେଳାଳି ମାନସ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଘାଟନୀ ମ୍ୟାଚ ଭୁବନେଶ୍ୱର ଓ ନବରଙ୍ଗପୁର ମଧ୍ୟରେ ହୋଇଥିବା ବେଳେ ନବରଙ୍ଗପୁର ଦଳକୁ ଭୁବନେଶ୍ୱର ଦଳ ୩-୦ ଗୋଲରେ ପରାସ୍ତ କରିଥିଲା। ଦଳ ପକ୍ଷରୁ ପ୍ରଥମାର୍ଦ୍ଧରେ ଗୋଟିଏ ଗୋଲ ଦେଇ ମ୍ୟାଚରେ ଅଗ୍ରଣୀ ଲାଭ କରିଥିବା ଭୁବନେଶ୍ୱର ଦଳ ଦ୍ୱିତୀୟାର୍ଦ୍ଧରେ ପୁଣି ଗୋଟିଏ ପେନାଲ୍‌ଟି ଗୋଲ ସହିତ ଦୁଇଟି ଗୋଲ ସ୍କୋର କରିଥିଲା। ପ୍ରଥମ ମ୍ୟାଚରେ ରେଫେରୀ ଭାବେ ନିତ୍ୟାନନ୍ଦ ମେହେର, ଲକ୍ଷ୍ମଣ ସେଠ, ସୁଜିତ ରାଜହଂସ ଓ ଦିଗବିଜୟ ଦାସ ଖେଳ ପରିଚାଳନା କରିଥିଲେ। ସେହିଭଳି ଦ୍ୱିତୀୟ ମ୍ୟାଚ ଆୟୋଜକ ଗଞ୍ଜାମ ଓ ଗଜପତି ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କୌଣସି ଗୋଲ ସ୍କୋର କରିପାରିନଥିଲେ। ଫଳରେ ମ୍ୟାଚ ଅମିମାଂସିତ ଭାବେ ଶେଷ ହୋଇଥିଲା। ଏହି ମ୍ୟାଚକୁ ଶିବଶଙ୍କର ପଣ୍ଡା, ଶିବପ୍ରସାଦ ସାମନ୍ତରାୟ, ଶିବଜ ଦେହୁରୀ ଓ ସୁନୀଲ ବେହେରା ରେଫେରୀ ଭାବେ ପରିଚାଳନା କରିଥିଲେ। ଆସନ୍ତାକାଲି ଗୁରୁବାର ଟୁର୍ଣ୍ଣାମେଣ୍ଟରେ ଦୁଇଟି ମ୍ୟାଚ ଖେଳାଯିବାକୁ ଅଛି। ପ୍ରଥମ ମ୍ୟାଚ ମୟୂରଭଞ୍ଜ ବନାମ କୋରାପୁଟ ଏବଂ ଦ୍ୱିତୀୟ ମ୍ୟାଚ ମାଲକାନଗିରି ବନାମ ରାୟଗଡା ମଧ୍ୟରେ ଖେଳାଯିବ ବୋଲି ଗଞ୍ଜାମ ଜିଲ୍ଲା କ୍ରୀଡ଼ା ସଂଘର ସମ୍ପାଦକ ଜେ. କାମେଶ୍ୱର ରାଓ ସୂଚନା ଦେଇଛନ୍ତି। ବ୍ରହ୍ମପୁରରେ ପ୍ରଥମ ଥର ପାଇଁ ସାହାଣୀ କପ୍ ଫୁଟବଲର ଆୟୋଜନ କରାଯାଉଛି। ଏହାକୁ ନେଇ ସହରର କ୍ରୀଡ଼ାବିତ ଓ ଖାସ କରି ଫୁଟବଲ୍‌ପ୍ରେମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି।



- ଗଞ୍ଜାମ-ଗଜପତି ମ୍ୟାଚ ଅସୀମାଂସିତ
- ଆଜି ମୟୂରଭଞ୍ଜ-କୋରାପୁଟ ଓ ମାଲକାନଗିରି-ରାୟଗଡ଼ା ମ୍ୟାଚ୍

# ରଣ କରାଇଦେବାକୁ କହି ୩ ଲକ୍ଷ ଠକି ନେଲେ ସାଇବର ଠକ

ବ୍ରହ୍ମପୁର,୧୬।୭(ସମିସ): ଜଣେ ବ୍ୟକ୍ତିଙ୍କୁ ଘରୋଇ କମ୍ପାନୀରୁ ମୋଟ ଅଙ୍କର ଋଣ କରାଇଦେବା ନାଁରେ ସାଇବର ଠକମାନେ ୩ଲକ୍ଷ ଟଙ୍କା ଠକି ନେଇଛନ୍ତି। ଏନେଇ ବ୍ରହ୍ମପୁର ସାଇବର ଥାନାରେ ଏକ ମାମଲା ରୁଜୁ ହୋଇଛି। ସୂଚନାପ୍ରକାରେ, ବ୍ରହ୍ମପୁର ଉପକଣ୍ଠ ସୁରଳ ନିକଟରେ ଥିବା ଏକ କମ୍ପାନୀରେ ଛତିଶଗଡ ଧାନବାଦର ଜଣେ ବ୍ୟକ୍ତି କାମ କରୁଛନ୍ତି। କିଛି ଦିନ ତଳେ ତାଙ୍କ ନିକଟକୁ ଏକ ଅଜଣା ନମ୍ବରରୁ କଲ ଆସିଥିଲା। କଲ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ କ୍ରେଡିଟ-ବି ନାମକ ଏକ ଘରୋଇ ଋଣ ପ୍ରଦାନକାରୀ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେବା ସହ ମୋଟ ଅଙ୍କର ଘରୋଇ ଋଣ କରାଇଦେବ ବୋଲି କହିଥିଲା। ସେହିକ୍ରମରେ ଧାନବାଦର ବ୍ୟକ୍ତି ଜଣଙ୍କ ନିଜର ସମସ୍ତ ପ୍ରକାର ଡକ୍ୟୁମେଣ୍ଟ ଦେଇଥିଲେ। ଡକ୍ୟୁମେଣ୍ଟ ଯାଞ୍ଚ କରିବା ପରେ ତାଙ୍କ ନାମରେ ମୋଟ ଅଙ୍କର ବ୍ୟକ୍ତିଗତ ଋଣ ମଞ୍ଜୁର ହୋଇଥିବା ସେ ଜଣାଇଥିଲେ। ହେଲେ ଋଣ ମଞ୍ଜୁର ପାଇଁ କିଛି ଟଙ୍କା ସିକ୍ୟୁରିଟି ଡିପୋଜିଟ ଦେବାକୁ ପଡିବ ବୋଲି ସଂପୃକ୍ତ ବ୍ୟକ୍ତି ଜଣଙ୍କ ଆବେଦନକାରୀଙ୍କୁ କହିଥିଲେ। ମୋଟା ଅଙ୍କର ବ୍ୟକ୍ତିଗତ ଋଣ ପାଇବା ଆଶାରେ ଧାନବାଦର ଏହି ବ୍ୟକ୍ତି ଜଣଙ୍କ ପର୍ଯ୍ୟାୟକ୍ରମରେ ୨ଲକ୍ଷ ୯୪ହଜାର ଟଙ୍କା ପଠାଇଥିଲେ। ହେଲେ ଅନେକ ଦିନ ଯାଏଁ ତାଙ୍କ ଋଣ ମଞ୍ଜୁର ହୋଇନଥିଲା। ଫଳରେ ସେ ଫୋନ କରିଥିବା ବ୍ୟକ୍ତିଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ସଂପୃକ୍ତ ବ୍ୟକ୍ତିଙ୍କ ସହ ଯୋଗାଯୋଗ ସମ୍ଭବ ନ ହେବାରୁ ସାଇବର ଠକେଇର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଏହାପରେ ସେ ସାଇବର ଥାନାକୁ ଯାଇ ଅଭିଯୋଗ କରିଥିଲେ।

# ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ମାସିକ ବୈଠକ

ବ୍ରହ୍ମପୁର,୧୬।୭(ସମିସ): ଲୋଚାପଡା ସ୍ଥିତ ଭାଗବତ ଭବନଠାରେ ଗଞ୍ଜାମ ଜିଲ୍ଲା ଭାଗବତ ଟୁଙ୍ଗି ସୁରକ୍ଷା ସମିତିର ମାସିକ ବୈଠକ ସଭାପତି ମହନ୍ତ ହରିହର ଦାସ ମହାରାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବୈଠକରେ ସମିତିର ପଞ୍ଜୀକରଣ, ପାନ ସଂଖ୍ୟା ମିଳିବା, ବିଭନ୍ନ ବ୍ଲକସ୍ତରୀୟ ସମିତି ଗଠନ ବିଷୟରେ ଆଲୋଚନା କରାଯାଇଥିଲା। ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ ବିବରଣୀ ଉପସ୍ଥାପନ କରିଥିଲେ। ସମିତିର ସ୍ଥାୟୀ ପାଣ୍ଠି ଜମା ପାଇଁ ଅଲୋଚାନ କରାଯାଇଥିଲା। ଆସନ୍ତାମାସରେ କୁକୁଡାଖଣ୍ଡି, ହିଞ୍ଜିଳିକାଟୁ, ସାନଖେମୁଣ୍ଡି, ଜଗନ୍ନାଥ ପ୍ରସାଦ ପ୍ରଭୃତି ବ୍ଲକ ସଂଘଠନ ଗଠନ ସହିତ ଭାଗବତ ସତ୍ ସଙ୍ଗ ଅନୁଷ୍ଠିତ ହେବା ପାଇଁ ନିଷ୍ପତି ହୋଇଥିଲା। ଏହା ସହ ସରକାରୀ ଅନୁଦାନ ସଂଗ୍ରହ ସହିତ ଭାଗବତ ଟୁଙ୍ଗି ଘର ତିଆରି ପାଇଁ ବିଧାୟକମାନଙ୍କୁ ଅନୁରୋଧ କରାଯିବା ପାଇଁ ବୈଠକରେ ସ୍ଥିର ହୋଇଛି। ଶେଷରେ ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ସାହୁଙ୍କ ମଦ୍ୱାରା ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ କାର୍ଯ୍ୟକାରୀ ସଭାପତି ରାଧାକାନ୍ତ ଦାସ ମହାରାଜ, ଉପସଭାପତି ଗୋପାଳ କୃଷ୍ଣ ପାଢ଼ୀ, ସହ ସମ୍ପାଦକ ସୁରେନ୍ଦ୍ର ପାଢ଼ୀ, ସହ କୋଷାଧ୍ୟକ୍ଷ ବିପିନ ବିହାରୀ ସାହୁ, ସୁଶାନ୍ତ ମହାରଣା ଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



# ଅଜଣା ଗାଡ଼ି ଧକ୍କାରେ ବାଇକ୍ ଚାଳକଙ୍କ ମୃତ୍ୟୁ

ବ୍ରହ୍ମପୁର,୧୬।୭(ସମିସ): ଫାଷ୍ଟଗେଟ ନିକଟ ଡୁଡୁମା କଲୋନୀ ମୁଖ୍ୟ ରାସ୍ତାରେ ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଧରାକୋଟ ଅଞ୍ଚଳର ମୂଳନିବାସୀ ମନୋଜ ସେଠୀ(୩୬)। ସେ ବର୍ତ୍ତମାନ ଦକ୍ଷିଣପୁରରେ ରହି ଟ୍ରକ ଚଳାଉଥିଲେ। ଟ୍ରାଫିକ ପୁଲିସ ବୁଧବାର ମୃତଦେହ ଜବତ କରିଛି। ମୃତକଙ୍କ ଭାଇ ସଞ୍ଜୟଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ମଙ୍ଗଳବାର ରାତ୍ର ସାଢ଼େ ୯ଟା' ବେଳେ ମନୋଜ ନିଜର ସ୍କୁଟି (ନଂ.ଓଡ଼ି୦୭ ଏ ଆର ୬୩୭୪) ରେ ଦକ୍ଷିଣପୁର ଫେରୁଥିଲେ। ଡୁଡୁମା କଲୋନୀ ନିକଟରେ ଏକ ଗାଡ଼ି ଧକ୍କା ଦେଇ ଚାଲିଯାଇଥିଲା। ସ୍କୁଟି ଚାଳକ ଜଣଙ୍କ ରାସ୍ତା ଉପରେ ପଡିଥିବାବେଳେ ସ୍ଥାନୀୟ ଲୋକ ତାଙ୍କୁ ଉଦ୍ଧାର କରି ଏମକେସିଜି ମେଡିକାଲ ପଠାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଦୀର୍ଘ ଦିନ ପରେ ବସିବ ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ

# ନାରୀ ଓ ଛାତ୍ରୀ ସୁରକ୍ଷାକୁ ପ୍ରସଙ୍ଗ କରିବାକୁ ସଜବାଜ

ବ୍ରହ୍ମପୁର/ଛତ୍ରପୁର,୧୬।୭(ସମିସ)

ପାଖାପାଖି ଏକ ବର୍ଷର ବ୍ୟବଧାନ ପରେ ଗଞ୍ଜାମ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହେବ। ଏନେଇ ନିର୍ବାଚିତ ଜିଲ୍ଲା ପରିଷଦ ସଭ୍ୟଙ୍କ ମନରେ ଉତ୍କଣ୍ଠା ଦେଖାଦେଇଛି। କାରଣ ନିୟମିତ ବୈଠକ ହେଉନଥିବାରୁ ଏମାନେ ସେମାନଙ୍କ ସମସ୍ୟା ଉପସ୍ଥାପନ କରିବାରୁ ବଞ୍ଚିତ ହେଉଥିଲେ। ସମ୍ପ୍ରତି ସୁଯୋଗ ଆସିଛି। ଅଞ୍ଚଳର ସମସ୍ୟା ଆଲୋଚନା ମାଧ୍ୟମରେ ସମାଧାନ ହେବ ବୋଲି ବହୁ ଜିଲ୍ଲା ପରିଷଦ ସଭ୍ୟ ଆଶାବାଦୀ ରହିଛନ୍ତି। ସୂଚନା ପ୍ରକାରେ ଆସନ୍ତା ୧୮ ତାରିଖ ଅର୍ଥାତ ଦିନକ ପରେ ଶୁକ୍ରବାର ଦିନ ଗଞ୍ଜାମ ଜିଲ୍ଲା ପରିଷଦର ବୈଠକ ଅନୁଷ୍ଠିତ ହେବ ବୋଲି ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁଙ୍କ ସୂତ୍ରରୁ ଜଣାପଡ଼ିଛି। ବୈଠକରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା, ଜିଲ୍ଲା ଜଳ ଓ ପରିମଳ ମିଶନ, ଗ୍ରାମ୍ୟ ଉନ୍ନୟନ ବିଭାଗ, ରାସ୍ତା ଓ କୋଠାବାଡ଼ି, ଜଳସେଚନ ବିଭାଗ, ଶିକ୍ଷା, ଜାତୀୟ ସ୍ୱାସ୍ଥ୍ୟ ମିଶନ, କୃଷି, ଉଦ୍ୟାନ କୃଷି, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, ସମାଜ ମଙ୍ଗଳ ବିଭାଗ, ସାମାଜିକ ସୁରକ୍ଷା ସମେତ ସଭାପତିଙ୍କ ଅନୁମତି ସହିତ ଯେ କୌଣସି ପ୍ରସଙ୍ଗ ଉପରେ ଆଲୋଚନା ହେବ ବୋଲି ଏଜେଣ୍ଡାରୁ ସ୍ପଷ୍ଟ ହୋଇଛି। ଏହିକ୍ରମରେ ବିଗତ ଦିନରେ ଗଞ୍ଜାମ ଜିଲ୍ଲାରେ ଘଟି ଯାଇଥିବା ଘଟଣାମାନଙ୍କ ଉପରେ ଆଲୋଚନା ହେବ ବୋଲି ଚର୍ଚ୍ଚା ଜୋର ଧରିଛି। ଗୋପାଳପୁର ଗଣଦୁଷ୍କର୍ମ, ଧରାକୋଟରେ ଦଳିତଙ୍କୁ ଆକ୍ରମଣ ସମେତ ବିଭିନ୍ନ ପ୍ରସଙ୍ଗକୁ ସଭ୍ୟମାନେ ମୁଦ୍ଦା କରିବେ ବୋଲି ଆଭାସ ମିଳିଛି। ସେହିଭଳି ବିଭିନ୍ନ ସମୟରେ ଜିଲ୍ଲାରେ ଅରାଜକତା, ଦୁଷ୍କର୍ମ ଓ ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସ୍ୱର ଉଠାଇବାକୁ କିଛି ଜିଲ୍ଲା ପରିଷଦ ସଭ୍ୟ ଆଲୋଚନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ତେବେ ଗଞ୍ଜାମ ଜିଲ୍ଲାରେ ବିଜୁ ଜନତା ଦଳ ଜିଲ୍ଲା ପରିଷଦ ଗଠନ କରିଥିବା ବେଳେ ସଭାପତି ଓ ଉପସଭାପତି ବିଜେଡି ଦଳର ରହିଛନ୍ତି। ସରକାର ପରିବର୍ତ୍ତନ ପରେ ଅନେକ ସମସ୍ୟା ଦୂରିଭୂତ ହୋଇନି। ବିଶେଷ କରି ନାରୀ ଓ ଛାତ୍ରୀଙ୍କ ସୁରକ୍ଷା ଉପରେ ବୈଠକରେ ଜୋର ଦେବାକୁ ଦଳ ପକ୍ଷରୁ ପ୍ରସ୍ତୁତି କରାଯାଉଥିବା ଅଧ୍ୟକ୍ଷା ଶ୍ରୀମତୀ ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ସେ କହିଛନ୍ତି ଯେ, ଗତବର୍ଷ ଅକ୍ଟୋବର ମାସରେ ଶେଷଥର ଲାଗି ଜିଲ୍ଲା ପରିଷଦ ବୈଠକ ହୋଇଥିଲା।

## ସମସ୍ୟା ଉତ୍ଥାପନର ସୁଯୋଗ ପାଉନଥିଲେ ଜିଲ୍ଲା ପରିଷଦ ସଭ୍ୟ

ଏଥିରେ ଅନେକ ରାଜନୈତିକ ମତ ମତାନ୍ତର ଦେଖା ଦେଇଥିଲା। ଦୀର୍ଘଦିନ ପରେ ପୁଣି ବୈଠକ ହେବ। ସମ୍ପ୍ରତି ଅନ୍ୟ ଜିଲ୍ଲା ତୁଳନାରେ ଗଞ୍ଜାମ ପଛରେ ରହିଛି।

ପୂର୍ବ ସରକାର ଗଞ୍ଜାମ ଜିଲ୍ଲାକୁ ଅଗ୍ରାଧିକାର ଦେଉଥିବା ବେଳେ ଏବେ ସେତେ ମାତ୍ରାରେ ସହଯୋଗ ମିଳୁନଥିବା ବିଭିନ୍ନ ସମୟରେ ଅଭିଯୋଗ ହେଉଛି। ଏହାକୁ ଆଲୋଚନା କରାଯାଇ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି। ଅପରପକ୍ଷେ ଗତ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବ୍ୟାନରରେ ମାତ୍ର ଦୁଇଜଣ ଜିଲ୍ଲା ପରିଷଦ ସଭ୍ୟ ବିଜୟୀ ହୋଇଥିବା ବେଳେ ସାଧାରଣ ନିର୍ବାଚନ ପୂର୍ବରୁ ଓ ପରେ କିଛି ସଭ୍ୟ ଶାସକ ଦଳ ସପକ୍ଷରେ ରହିଥିଲେ। ଏଣୁ ଚଳିତ ଜିଲ୍ଲା ପରିଷଦ ବୈଠକ ଗ୍ରାମାଞ୍ଚଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଜଣାଯାଇଛି। ଅପରପକ୍ଷେ ଅନେକ ବ୍ଲକରେ ରାଜନୈତିକ ଆରୋପ, ପ୍ରତ୍ୟାରୋପ ଓ ପତିଆରା ମଧ୍ୟରେ ବହୁ ବିକାଶ ମୂଳକ କାର୍ଯ୍ୟ ଠପ ହେଉଛି। ଏହାକୁ ପ୍ରସଙ୍ଗ କରିବାକୁ ଆଉ କିଛି ଜିଲ୍ଲା ପରିଷଦ ସଭ୍ୟ ସଜବାଜ ହେଉଥିବା ବେଳେ ଜିଲ୍ଲା ପରିଷଦ ବୈଠକରେ ଏହାର ସମାଧାନ ହେବ ବୋଲି ଆଶା କରାଯାଇଛି।

# ବଣ୍ଟନ ୟୁନିଟ୍ ଉପରେ ବିଏମ୍‌ସିର ଚଢ଼ଉ; ନମୂନା ସଂଗ୍ରହ



ବ୍ରହ୍ମପୁର,୧୬।୭(ସମିସ): ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଏକ ବଣ୍ଟନ ୟୁନିଟ ଉପରେ ଚଢ଼ଉ କରାଯାଇଛି। ସ୍ଥାନୀୟ ବାଲ୍ୟ ଠାକୁରାଣୀ ମନ୍ଦିର ନିକଟରେ ଥିବା ମେସର୍ସ ଟାଙ୍ଗୁଡୁ ଏଜେନ୍ସି ଉପରେ ଚଢ଼ଉ କରାଯାଇ ଯାଞ୍ଚ କରାଯାଇଛି। ଏଥିସହିତ କିଛି ନମୂନା ସଂଗ୍ରହ କରାଯାଇ ପରୀକ୍ଷା ନିମନ୍ତେ ପଠାଯାଇଥିବା ସୂଚନା ମିଳିଛି।

# ଘରୁ ସୁନା ଅଳଙ୍କାର ଚୋରି

ବ୍ରହ୍ମପୁର,୧୬।୭(ସମିସ): ସ୍ଥାନୀୟ କୋଣାର୍କନଗର ନିବାସୀ ସନ୍ତୋଷ କୁମାର ନାୟକଙ୍କ ଘରୁ ଚୋରି ହୋଇଛି। ଏନେଇ ନିମଖଣ୍ଡି ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ' ସନ୍ତୋଷଙ୍କ ପରିବାର ଲୋକେ ଗତ ୧୪ତାରିଖରେ ରାମକୃଷ୍ଣ ନଗରକୁ କୌଣସି କାମରେ ଚାଲି ଯାଇଥିଲେ। ଗତକାଲି ବିଳମ୍ବିତ ରାତିରେ ସନ୍ତୋଷଙ୍କ ଘର ଚାବି ଭାଙ୍ଗି ଘରେ ଥିବା ୫ଟି ସୁନା ମୁଦି, ଦୁଇ ହଳ ପାଉଁଝି ସମେତ ଅନ୍ୟାନ୍ୟ ସାମଗ୍ରୀକୁ ଦୁର୍ବୃତ୍ତମାନେ ଚୋରି କରି ନେଇଥିବା ଅଭିଯୋଗ ହୋଇଛି। ପୁଲିସ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

# ଭୁଶୁଡ଼ିଲା ଲକ୍ଷ୍ମୀପୋଷି-ତକତପୁର ପୋଲ ପାଚେରି

ବାରିପଦା,୧୬।୭(ସମିସ):



ବାରିପଦା ପୌର ପରିଷଦ ଅଧୀନ ତକତପୁର-ଲକ୍ଷ୍ମୀପୋଷି ରାସ୍ତାର ମହାରାଜପୁରଠାରେ ନବନିର୍ମିତ ପୋଲର ସଂଯୋଗକାରୀ ରାସ୍ତା ପାଶ୍ୱର୍ ସୁରକ୍ଷା ପାଚେରି ଭୁଶୁଡି ପଡିଛି। ଫଳରେ ଯୋଗାଯୋଗ ବିଚ୍ଛିନ୍ନ ଆଶଙ୍କା ସୃଷ୍ଟି କରିଛି। କିଛି ମାସ ତଳେ ଏହି ପୋଲ ନିର୍ମାଣ ଶେଷ ହୋଇଥିବାବେଳେ ବର୍ଷାରେ ଭୁଷୁଡି ଯାଇଛି। ବାରିପଦା ପୌରପାଳିକା ୨୭ ନଂ. ୱାର୍ଡ ମହାରାଜାପୁରବାସୀଙ୍କ ଦୀର୍ଘ ବର୍ଷର ଦାବି ପରେ ପୋଲ ଓ ରାସ୍ତା ନିର୍ମାଣ ହୋଇଥିଲା; ହେଲେ ନିମ୍ନମାନର କାମ ହୋଇଥିବା ଯୋଗୁ ଭୁଶୁଡି ଯାଇଛି ବୋଲି ଅଭିଯୋଗ ହୋଇଛି। ଏପରିକି ନିମ୍ନମାନର କାମକରି ଲକ୍ଷାଧିକ ଟଙ୍କା ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର ଆତ୍ମସାତ କରିଛନ୍ତି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ପୂର୍ତ୍ତବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ପୋଲ ମାତ୍ର କିଛିମାସ ପୂର୍ବରୁ ଶେଷ ହୋଇଥିବା ବେଳେ ବର୍ଷାଦିନେ ଶୋଚନୀୟ ହୋଇପଡିଛି। ସୂଚନା ମୁତାବକ, ବିନା ଲୁହା ଛଡରେ ଠିଆ ହୋଇଥିବା ୧୫ ଫୁଟ୍‌ରୁ ଅଧିକ ଲମ୍ବର ପାଚେରିଟି ଭାଙ୍ଗିଯାଇଛି। ୩ କୋଟିରୁ ଅଧିକ ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ପୋଲ ଓ ସଂଯୋଗୀ ରୋଡ ସହ ୩ କିମି ରାସ୍ତା ଅବସ୍ଥା ଅନିୟମିତତାକୁ ଦର୍ଶାଉଛି। ଖୋଦ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀଙ୍କ ନିଜସ୍ୱ ସହରରେ ଯନ୍ତ୍ରୀ ଓ ଠିକାଦାର ଏପରି କାର୍ଯ୍ୟ କରି ସରକାରଙ୍କୁ ବଦନାମ କରୁଛନ୍ତି। ନୂତନ କରି ନିର୍ମାଣ ହୋଇ କେଇମାସ ମଧ୍ୟରେ ଭାଙ୍ଗି ପଡିବାକୁ ଲୋକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେବେ ସ୍ଥାନୀୟ ଜନସାଧାରଣ ଏହାକୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ନିମ୍ନମାନର କାମ ହୋଇଥିବା ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣା ଉପରେ ଭିଜିଲାନ୍ସ ବା ଏକ ସ୍ୱଚ୍ଛ ତଦନ୍ତ ପୂର୍ବକ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ବିଜୟ କୁମାର ଦାସଙ୍କ ଅଭିଯୋଗ ଅନୁସାରେ ବର୍ଷା ପରେ ପୋଲର ସୁରକ୍ଷା ପାଚେରି ଅଚାନକ ଧସିପଡ଼ିବା ନିର୍ମାଣର ଗୁଣବତ୍ତା ଏବଂ ବିଭାଗୀୟ ଅଧିକାରୀଙ୍କ ତଦାରଖ ଉପରେ ପ୍ରଶ୍ନ ଉଠିଛି। ସଦ୍ୟ ନିର୍ମିତ ପ୍ରକଳ୍ପ ଏତେ ଶୀଘ୍ର କ୍ଷତିଗ୍ରସ୍ତ ହେବା ବୋଲି ଆମେ ଆଶା କରୁ ନଥିଲୁ। ନିର୍ମାଣ କାର୍ଯ୍ୟରେ ବଡ଼ ଧରଣର ଅନିୟମିତତା ହୋଇଥିବା ଯୋଗୁଁ ଏପରି ହୋଇଛି ବୋଲି ସେ ଅଭିଯୋଗ ହୋଇଛି। ଏ ନେଇ କନିଷ୍ଠ ଯନ୍ତ୍ରୀ କିଶୋର ସିଂଙ୍କୁ ପଚାରିବାରୁ ନିର୍ମାଣରେ ସାମାନ୍ୟ ତ୍ରୁଟି ରହିଥିଲା। ନୂତନ ପୋଲ ନିକଟରେ ଅସ୍ଥାୟୀ ଡାଇଭରସନକୁ ଭଙ୍ଗା ଯାଇନଥିଲା। ତେଣୁ ପାଣିର ସ୍ରୋତ ଅନ୍ୟପଟେ ପଳାଇବାରୁ ସୁରକ୍ଷା ପାଚେରି ଧସିଗଲା। ତେବେ ଏହି କାର୍ଯ୍ୟର ଡିଫେକ୍ଟ ଲାଇବିଲିଟି ପିରିୟଡ ୩ବର୍ଷ ରହିଛି। ତେଣୁ ସମ୍ପୃକ୍ତ ଠିକାଦାର ସୁମନ କୁମାର ସାହୁ ନିଜସ୍ୱ ଖର୍ଚ୍ଚରେ ପୁଣିଥରେ ଖୁବଶୀଘ୍ର ଏହାର ମରାମତି କରିବେ। ଏବେ ପାଚେରିର ସୁରକ୍ଷା ପାଇଁ ବାଲିବସ୍ତା ଓ ପଥରଗୁଣ୍ଡ ଦିଆଯାଇଛି। ବର୍ଷା ଛିଡିଲେ ମରାମତି କାମ ହେବ ବୋଲି ସେ କହିଛନ୍ତି।

**ନିମ୍ନମାନର ଅଭିଯୋଗ କଲେ ଅଞ୍ଚଳବାସୀ**

# ପୁଣି ଛିନ୍‌ତାଇ ଗ୍ୟାଙ୍ଗ ସକ୍ରିୟ; ୨ଟି ସ୍ଥାନରୁ ଚୋରି

ବାରିପଦା, ୧୬।୭(ସମିସ): ବାରିପଦାରେ ଚୋରି ଓ ଛିନତାଇ ଗ୍ୟାଙ୍ଗ କିଛି ଦିନର ବ୍ୟବଧାନ ପରେ ପୁଣି ସକ୍ରିୟ ହୋଇଛନ୍ତି। ପୁଣି ତାଲାବନ୍ଦ ଘରୁ ଚୋରି କରିଛନ୍ତି। ଏନେଇ କଇଁଫୁଲିଆ ଅଞ୍ଚଳର ଲବ ବାସ୍କେ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ପରିବାର ଲୋକଙ୍କ ସହିତ ପିଆରଏମ ହସ୍ପିଟାଲକୁ ଆସିଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଆଲମାରୀ ଭାଙ୍ଗି ବିଭିନ୍ନ ସୁନା ଅଳଙ୍କାର ସହ ୧୫ ହଜାର ଟଙ୍କା ଚୋରି କରିଛନ୍ତି। ଅଳଙ୍କାରର ଆନୁମାନିକ ମୂଲ୍ୟ ଲକ୍ଷାଧିକ ଟଙ୍କା ହେବ। ସେହିପରି ରାତିରେ ଘର ସମ୍ମୁଖରେ ପାର୍କିଂ ହୋଇଥିବା ବାଇକ ଚୋରି ହୋଇଛି। ଏନେଇ ବାଲିମୁଣ୍ଡଳୀ ଅଞ୍ଚଳର ଜଗନ୍ନାଥ ବାରିକ ବାରିପଦା ସଦର ଥାନାରେ ଅଭିଯୋଗ କରିଛନ୍ତି। ସେ ପ୍ରତିଦିନ ଭଳି ଘର ସମ୍ମୁଖରେ ବାଇକ ପାର୍କିଂ କରିଥିଲେ। ଜନଶୂନ୍ୟ ଥିବା ବେଳେ ଏହାର ସୁଯୋଗ ନେଇ ଦୁର୍ବୃତ୍ତ ଚୋରି କରିଛନ୍ତି। ସକାଳୁ ଦେଖିଲା ବେଳକୁ ବାଇକ ନଥିଲା। ଅନେକ ଖୋଜାଖୋଜି କରି ନପାଇ ଚୋରି ନେଇ ଥାନାରେ ଅଭିଯୋଗ କରିଛନ୍ତି।

# ଜେଏମ୍‌ଏମ୍‌ର ୧୩ଟି ବ୍ଲକ ଓ ବାରିପଦା ଟାଉନ ସଭାପତିଙ୍କ ନାମ ଘୋଷଣା

ବାରିପଦା, ୧୬।୭(ସମିସ): ବୁଧବାର ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜ୍ୟ ସଭାପତି ଅଞ୍ଜନୀ ସୋରେନଙ୍କ ଅନୁମୋଦନ କ୍ରମେ ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ମୟୂରଭଞ୍ଜ ଜିଲ୍ଲାର ୧୩ଟି ବ୍ଲକ ଓ ବାରିପଦା ଟାଉନ ସମେତ ୧୪ ଜଣ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ସେମାନେ ହେଲେ କପ୍ତିପଦାର ସୋମା ସିଂ, ଉଦଳାର ମଧୁସୂଦନ ମହାନ୍ତ, ଗୋପବନ୍ଧୁ ନଗରର ଚୈତନ୍ୟ ମୁର୍ମୁ, ଖୁଣ୍ଟାର ବିକ୍ରମ ମୁର୍ମୁ, ଶାମାଖୁଣ୍ଟାର ଗୌର ଚନ୍ଦ୍ର ସିଂ, ବାରିପଦାର ପାରାନ ସୋରେନ, ଶୁଳିଆପଦାର ମନୋଜ ଦାନ, ମୋରଡାର ହେମନ୍ତ କୁମାର ମହାନ୍ତ, ରାସଗୋବିନ୍ଦପୁରର ସୁକୁଲ ମାର୍ଣ୍ଡି, ବିଶୋଇର ଶ୍ୟାମସୁନ୍ଦର ହାଁସଦା, କୁସୁମୀର ଛୋଟରାମ ସୋରେନ, ବିଜାତଳାର ଲକ୍ଷ୍ମଣ ମୁର୍ମୁ, ସରସକଣାର ଭଗବାନ ହାଁସଦା ଓ ବାରିପଦା ଟାଉନର ତରେନ ସେନାପତି ବୋଲି ପ୍ରେସ ବିବୃତ୍ତିରେ କୁହାଯାଇଛି। ଆଗାମୀ ଦିନରେ ଦଳୀୟ ସଂଗନଠକୁ ମଜବୁତ ପାଇଁ ଏପରି କାର୍ଯ୍ୟକ୍ରମ କରାଯାଇଛି। ନୂତନ ସଭାପତିମାନେ ନିଜ ନିଜ କ୍ଷେତ୍ରରେ ସଙ୍ଗଠନ ଶକ୍ତି ବୃଦ୍ଧି ପାଇଁ ଚେଷ୍ଟା କରିବେ ବୋଲି କହିଛନ୍ତି।

# ୧୮ ରେ ଜେଏମ୍‌ଏମ୍‌ର ଧାରଣା

ବାରିପଦା, ୧୬।୭(ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ସାହସୀ ଛାତ୍ରୀ ସୌମ୍ୟାଶ୍ରୀଙ୍କ ବଳିଦାନକୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ବୃଥା ହେବାକୁ ଦେବନାହିଁ। ତାଙ୍କର ସାହସିକ ପଦକ୍ଷେପ କୌଣସି ସାଧାରଣ ଛାତ୍ରୀ କ୍ଷେତ୍ରରେ ଦେଖାଯାଇ ନାହିଁ। ତାଙ୍କୁ ମରଣ ମୁହଁକୁ ଠେଲି ଦେଇଥିବା ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଓ ସାଂସଦ, ବିଧାୟକଙ୍କ ବିରୋଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଦାବିରେ ଆସନ୍ତା ୧୮ ତାରିଖରେ ୧୧.୩୦ଟାରେ ପୂର୍ଣ୍ଣଚନ୍ଦ୍ରପୁରସ୍ଥିତ ସମ୍ବିଧାନ ପ୍ରଣେତା ଡକ୍ଟର ବାବାସାହେବ ଭୀମରାଓ ଆମ୍ବେଦକରଙ୍କର ପ୍ରତିମୂର୍ତ୍ତି ଏବଂ ରାଇରଙ୍ଗପୁରସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ଧାରଣା ଦେବାର କାର୍ଯ୍ୟକ୍ରମ ରହିଛି। ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ରାଜ୍ୟ ସରକାରଙ୍କୁ ଏହି ଘଟଣାରେ ଆରମ୍ଭରୁ ବିରୋଧ କରି ଆସୁଅଛି ଏବଂ ଶେଷ ପର୍ଯ୍ୟନ୍ତ ଦିଂବଗତ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବା ପାଇଁ ସଂଘର୍ଷ ଜାରି ରଖିବ। ଏହି ସଂଘର୍ଷରେ ଯେଉଁ ସଂଗଠନଗୁଡିକ ନିଜ ଢଙ୍ଗରେ କାର୍ଯ୍ୟକ୍ରମ ଜାରି ରଖୁଛନ୍ତି ତାଙ୍କୁ ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚାର ନୈତିକ ସମର୍ଥନ ରହିଛି ବୋଲି ଦଳର ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଜଣାଇଛନ୍ତି।

# ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ କ୍ୟାଣ୍ଡେଲ ଶୋଭାଯାତ୍ରା




ବାରିପଦା, ୧୬।୭(ସମିସ): ଦୀର୍ଘ ମାସ ଧରି ମାନସିକ ଚାପରେ ରହୁଥିବା ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମଶ୍ରୀ ବିଶି ନିଜ ସ୍ୱାଭିମାନକୁ ବଞ୍ଚାଇ ରଖିବା ପାଇଁ ଶେଷରେ ଆତ୍ମହତ୍ୟାକୁ ଆଦରି ନେଇଥିଲେ। ଯାହା ଆଜିର ସଭ୍ୟ ସମାଜ ତଥା ଶାସନ ତନ୍ତ୍ରର ସମସ୍ତ ମୁଖାକୁ ସର୍ବସାଧାରଣରେ ଖୋଲିଦେଇଛି। ସୌମଶ୍ରୀଙ୍କ ଆତ୍ମାର ସତଗତି ନିମନ୍ତେ ରାଜ୍ୟ କଂଗ୍ରେସ ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନ କ୍ରମେ ମୟୂରଭଞ୍ଜ ପୂର୍ବ ଜିଲ୍ଲା ସଂଯୋଜକ ଅରବିନ୍ଦ ଦାସଙ୍କ ନେତୃତ୍ୱରେ ଏକ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ସ୍ଥାନୀୟ ଏମପିସି କଲେଜଠାରୁ ବାହାରି ମା' ଅମ୍ବିକା ମନ୍ଦିରରେ ପହଞ୍ଚିଥିଲା। ପରେ ସେଠାରେ ଅମର ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରାଯାଇଥିଲା। ଶୋଭାଯାତ୍ରାରେ ହେମନ୍ତ ଦାସ ଓ ନିରୋଜ ଲୋଚନ ଦାସ, ବିଜନ ଦାସ, ଯୋଗେଶ ଅଗ୍ରୱାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଶାଲ, ଜ୍ୟୋତିପ୍ରକାଶ ରଥ, ଚୈତନ୍ୟ ହାଁସଦା, ଦୀପକ ଦାସ, ପ୍ରଦୀପ ମିଶ୍ର, ଶିବାନନ୍ଦ ଦାସ, ଶାନ୍ତନୁ ପାଲ, ଅଶୋକ ଅଧିକାରୀ, ଅଶୋକ ଗିରି, ଶୁଭସ୍ମିତା ଦାସ, ଫରିଦା ତବସୁମ, ଭବାନୀ ଶଙ୍କର, ଶେଖ ଇକବାଲ, ସିପିଆଇ ଓ ସିପିଏମର କାର୍ଯ୍ୟକର୍ତ୍ତା ରବି ଗୋସ୍ୱାମୀ ଓ ଜଗବଂଧୁ ମିଶ୍ର ପ୍ରମୁଖ ସହ ଶତାଧିକ ଛାତ୍ର, ଯୁବ ଓ ବିଭିନ୍ନ ଅନୁଷ୍ଠାନର କର୍ମୀ ଯୋଗ ଦେଇଥିଲେ।

# ନ୍ୟାୟ ଦାବିରେ ଛାତ୍ର ସଂଗଠନ ପକ୍ଷରୁ ଦାବିପତ୍ର

ରାଇରଙ୍ଗପୁର,୧୬।୭(ସମିସ): ବୁଧବାର ମୟୂରଭଞ୍ଜ ଆଦିବାସୀ ଛାତ୍ର ସଂଗଠନ ପକ୍ଷରୁ ରାଇରଙ୍ଗପୁର ଉପଖଣ୍ଡ ଅତିରିକ୍ତ ଉପଜିଲ୍ଲାପାଳଙ୍କୁ ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ବାଲେଶ୍ୱର ଫକୀର ମୋହନ କଲେଜରେ ପ୍ରଫେସର ସମୀର ରଞ୍ଜନ ସାହୁଙ୍କ ଦ୍ୱାରା ଛାତ୍ରୀ ସୌମ୍ୟାଶ୍ରୀ ନିର୍ଯାତନା ସହିନପାରି ଆତ୍ମାହୁତି ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଛାତ୍ର ସଂଗଠନ ଦାବି କରିଛି। ନହେଲେ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ସଂଗଠନ। ବୁଧବାର ରାଇରଙ୍ଗପୁର କଲେଜ ଫାଟକ ସମ୍ମୁଖରେ ସୌମ୍ୟାଶ୍ରୀଙ୍କ ଆତ୍ମାର ସଦଗତି କାମନା ନିମନ୍ତେ ସମୂହ ଦୀପଦାନ କରାଯାଇଥିଲା। ଏଥିରେ ସଂଗଠନ ପକ୍ଷରୁ ରାମ ମୁର୍ମୁ, ସୁନୀଲ ସୋରେନ, ମାନସିଂ ହେମ୍ବ୍ରମ, ଜଗନ୍ନାଥ ମୁର୍ମୁ, ସୁଗୀମଣି ଟୁଡୁ ସମେତ ବହୁ ଛାତ୍ର ଉପସ୍ଥିତ କରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



# ଓଡ଼ିଶା ବନ୍ଦକୁ ଭଞ୍ଜସେନାର ସମର୍ଥନ

ବାରିପଦା, ୧୬।୭(ସମିସ): ବାଲେଶ୍ୱର ଏଫଏମ ବିଶ୍ୱବିଦ୍ୟାଳୟରେ ନିଜ ପ୍ରଫେସରଙ୍କ ନିର୍ଯାତନା ସହି ନ ପାରି ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଥିବା ଛାତ୍ରୀ ସୋମବାର ରାତିରେ ମୃତ୍ୟୁବରଣ କରିଛନ୍ତି। ଏଭଳି ମୃତ୍ୟୁ ପାଇଁ ଦାୟୀ ଥିବା ପ୍ରତ୍ୟେକ ଦୋଷୀଙ୍କ ବିରୋଧରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭଞ୍ଜସେନା ଦାବି ଜଣାଇ ଗୁରୁବାର ଓଡ଼ିଶା ବନ୍ଦ ଡାକରାକୁ ସମର୍ଥନ କରୁଛି। ଏଥିସହିତ ଦୁଷ୍କର୍ମ, ନାରୀ ନିର୍ଯାତନା, ନାବାଳିକା ଦୁଷ୍କର୍ମ, ବନ୍ଧୁକ ମୁନରେ ଲୁଟ୍, ଛିନତାଇ ଓ ମୟୂରଭଞ୍ଜ ଜିଲ୍ଲାରେ ନାରୀ ଅସୁରକ୍ଷିତ ଏବଂ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ। ନେତାମନ୍ତ୍ରୀଙ୍କ ଜିଲ୍ଲାରେ ସମସ୍ତେ ଭୟଭୀତ। ଦେଶର ସର୍ବୋଚ୍ଚ ନାଗରିକ ରାଷ୍ଟ୍ରପତିଙ୍କ ଜିଲ୍ଲା ଓ ରାଜ୍ୟରେ ନାରୀ ଅସହାୟ ହୋଇପଡିଛି। ଏହାର ପ୍ରତିବାଦରେ ଗୁରୁବାର ଜାତୀୟ କଂଗ୍ରେସ ଏବଂ ଅନ୍ୟାନ୍ୟ ରାଜନୈତିକ ଦଳ ଦେଇଥିବା ବନ୍ଦ ଡାକରା ନେଇ ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ଭଞ୍ଜସେନା ପକ୍ଷରୁ ହରତାଳ କରାଯିବାର ନିଷ୍ପତ୍ତି ଗ୍ରହଣ କରାଯାଇଛି ବୋଲି ଜିଲ୍ଲା ସାଧାରଣ ସମ୍ପାଦକ ତଥା ମୁଖପାତ୍ର ଜ୍ୟୋତିରଞ୍ଜନ ପୃଷ୍ଟି ଏକ ପ୍ରେସ ବିବୃତ୍ତିରେ ଜଣାଇଛନ୍ତି।

**ଏଫଏମ କଲେଜ ଛାତ୍ରୀ ଆତ୍ମଦାହ ଘଟଣା**

# ଏମ୍‌ପିସି କଲେଜ ଫାଟକରେ ତାଲା ପକାଇ ବିସିଜେଡିର ପ୍ରତିବାଦ





ବାରିପଦା, ୧୬।୭(ସମିସ): ବାଲେଶ୍ୱର ସ୍ଥିତ ଏଫ ଏମ କଲେଜର ଛାତ୍ରୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ମୃତ୍ୟୁ ହୋଇଛି। ଯାହାକୁ ନେଇ ସାରା ରାଜ୍ୟ ସ୍ତବ୍ଧ ହୋଇଯାଇଛି। ତାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ପ୍ରଦର୍ଶନ କରାଯାଉଛି। ତକତପୁର ସ୍ଥିତ ଏମପିସି ମହାବିଦ୍ୟାଳୟ ସମ୍ମୁଖରେ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ କଲେଜ ଗେଟରେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଛାତ୍ରୀ ଜଣକ ତାହାର ସମସ୍ୟା ନେଇ ବାରମ୍ବାର ଅଭିଯୋଗ କରିଥିବା ବେଳେ ନ୍ୟାୟ ପ୍ରଦାନ କରିବାରେ ରାଜ୍ୟ ସରକାର ବିଫଳ ହୋଇଥିଲେ। ଫଳରେ ଛାତ୍ରୀ ଜଣକ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଦେବା ଭଳି ଚରମ ପଦକ୍ଷେପ ଗ୍ରହଣ କରିବାକୁ ବାଧ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଦାୟୀ। ଛାତ୍ରୀ ଜଣକ ଛଅ ମାସ ହେବ ମୁଖ୍ୟମନ୍ତ୍ରୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କୁ ନିଜର ଅଭିଯୋଗ ଜଣାଇବା ପରେ ବି ସରକାର ତାଙ୍କ କଥା ଶୁଣିନଥିଲେ। ପୁଣି ଜଣେ ନାରୀ ନିର୍ଯାତନାର ଶିକାର ହୋଇଥିବା ବେଳେ ଡବଲ ଇଞ୍ଜିନ ସରକାର ତାଙ୍କୁ ନ୍ୟାୟ ଦେଇପାରିନାହିଁ ବୋଲି ବିସିଜେଡି ଅଭିଯୋଗ କରିଛି। ତେଣୁକରି ଉକ୍ତ ଘଟଣାରେ ସମ୍ପୃକ୍ତ ଥିବା ସମସ୍ତଙ୍କ କ୍ଷେତ୍ରରେ ତୁରନ୍ତ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଇସ୍ତଫା ଦେବାକୁ ଦାବି ହୋଇଛି। ନଚେତ ଆଗକୁ ବିସିଜେଡି ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନ ଆହୁରି ତୀବ୍ରତର ହେବା ବୋଲି ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡି ପୂର୍ବତନ ସଭାପତି ଦେବାଶିଷ ମହାନ୍ତି, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ସରୋଜ କୁମାର ବୋଷ, ବିସିଜେଡି ଜିଲ୍ଲା ସଭାପତି ସୁନୀଲ କୁମାର ନାୟକ, ରାଜ୍ୟ ସମ୍ପାଦକ ଆଶୀର୍ବାଦ ଦାସ, ଆଭାସ ଦେ, ଦୀପକ କୁମାର ମଡୁଆଳ, ଶିରିଷ ହେମ୍ବ୍ରମ, ମିଲିଣ୍ଡ ସ୍ୱାଇଁ, ସେକ ଅମନଉଲ୍ଲା ସମେତ ବିସିଜେଡିର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ବାଲେଶ୍ୱର ଏଫଏମ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ଏବିଭିପି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ତକତପୁର ସ୍ଥିତ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସମ୍ମୁଖରେ ପ୍ରଥମେ ତାଙ୍କ ଅମର ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ଛାତ୍ରଛାତ୍ରୀ ମାନେ ସୌମ୍ୟାଶ୍ରୀଙ୍କ ମୃତ୍ୟୁରେ ମର୍ମାହତ ହୋଇଛନ୍ତି। ଏହାପରେ ଛାତ୍ରଛାତ୍ରୀ ମାନେ ମିଳିତ ଭାବେ ବିକ୍ଷୋଭ ପ୍ରଦର୍ଶନ କରି ଉକ୍ତ ଘଟଣାରେ ଉଚ୍ଚସ୍ତରୀୟ ତଦନ୍ତ କରି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟ ଦଳ ମାନଙ୍କ ଭଳି ଏବିଭିପି ମଧ୍ୟ ଛାତ୍ରୀଙ୍କୁ ନ୍ୟାୟ ଦେବାକୁ ରାଜରାସ୍ତାକୁ ଓହ୍ଲାଇବ ବୋଲି କହିଛନ୍ତି। ସରକାର ଦିଲ୍ଲୀରେ ନିର୍ଭୟା ଘଟଣା ପରେ ନିର୍ଭୟା ଆଇନ ଲାଗୁ କରିଥିବା ବେଳେ ଓଡିଶାରେ ଛାତ୍ରୀଙ୍କ ନାମରେ ଆଇନ ଲାଗୁ କରିବାକୁ ଦାବି କରିଛନ୍ତି। ଉକ୍ତ ଘଟଣାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସଂଶ୍ଳିଷ୍ଟ ଥିବା କମିଟି ସଦସ୍ୟ, ଥାନା ଅଧିକାରୀ ଓ ମାନସିକ ଚାପ ଦେଇଥିବା ସମସ୍ତଙ୍କୁ ତୁରନ୍ତ ଗିରଫଦାରୀ ପାଇଁ ଦାବି ହୋଇଛି। ଏହାସହିତ କଲେଜ କ୍ୟାମ୍ପସରେ ପୂର୍ବ ପରି ଗ୍ରୁରନିଙ୍ଗ ବଡି ବ୍ୟବସ୍ଥା ଥିଲା ତାହାକୁ ପୁନଃ କାର୍ଯ୍ୟକାରୀ କରିବାକୁ ଦାବି କରିଛନ୍ତି। ଦାବି ପୂରଣ ନହେଲେ ଆଗକୁ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# ମୟୂରଭଞ୍ଜ ଆଇନ ମହାବିଦ୍ୟାଳୟରେ ଶୋକସଭା



ବାରିପଦା, ୧୬।୭(ସମିସ): ବାଲେଶ୍ୱର ଏଫ୍‌ଏମ୍ ମହାବିଦ୍ୟାଳୟର ଛାତ୍ରୀଙ୍କ ଚିକିତ୍ସାଧିନ ଅବସ୍ଥାରେ ଦୁଃଖଦ ମୃତ୍ୟୁରେ ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟ ତରଫରୁ ବୁଧବାର ଏକ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟର ଅଧକ୍ଷ ଡଃ ରଞ୍ଜନ କୁମାର ତରେଇ, ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ମହାବିଦ୍ୟାଳୟର ଅନ୍ୟାନ୍ୟ କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଯୋଗଦେଇ ସୌମ୍ୟାଶ୍ରୀଙ୍କ ଅକାଳ ବିୟୋଗ ଏକ ଅପୂରଣୀୟ କ୍ଷତି ବୋଲି ବିବେଚନା କରିଛନ୍ତି। ଏହି ଅବସରରେ ଛାତ୍ରୀଙ୍କ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା।

# ଲିଙ୍ଗ ଅନ୍ତର୍ଭୁକ୍ତୀକରଣ ଶୀର୍ଷକ କର୍ମଶାଳା




ବଡ଼ସାହି,୧୬।୭(ସମିସ): ବଡସାହି ବ୍ଲକ ମାନଗୋବିନ୍ଦପୁର ଓ ଶାଳଗାଁ ପଞ୍ଚାୟତ ସମିଳନୀ କକ୍ଷରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ଓ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଯୋଗରେ ଏକ ଲିଙ୍ଗ ଅନ୍ତର୍ଭୁକ୍ତୀକରଣ କର୍ମଶାଳା ଅନୁଷ୍ଠିତ ହେଇଯାଇଛି। ଏଥିରେ ମାନଗୋବିନ୍ଦପୁର ସରପଞ୍ଚ କୁନି ସିଂ ଓ ଶାଳଗାଁ ସମିତି ସଭ୍ୟ ବିଶମ୍ବର ବେହେରା ଅଧକ୍ଷତା କରିଥିଲେ। ଜିପିଡିଓ ଅବିନାଶ ପଣ୍ଡା ସ୍ୱାଗତ ଭାଷଣ ଦେଇଥିଲେ। ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ଯୋଗଦେଇ ବିପର୍ଯ୍ୟୟ ସମୟରେ ଅସୁରକ୍ଷିତ ଗୋଷ୍ଠୀ ସମୂହ ଯଥା ଗର୍ଭବତୀ ଓ ପ୍ରସୂତି, କିଶୋରୀ ବାଳିକା, ଶିଶୁ, ବୟସ୍କ ବ୍ୟକ୍ତି, ବିକଳାଙ୍ଗ, ତୃତୀୟ ଲିଙ୍ଗ ଆଦିଙ୍କୁ ଚିହ୍ନଟ କରି ସେମାନଙ୍କୁ କିଭଳି ଉତ୍ତମ ସେବା ଯୋଗାଇ ଦିଆଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ସମାଜରେ ଦୁର୍ବଳ ଗୋଷ୍ଠୀଙ୍କୁ ସଶକ୍ତ କରାଯିବା, ମହିଳା ନେତୃତ୍ୱ ପ୍ରତି ଧ୍ୟାନ ଦେବା, ଯୋଜନା ପ୍ରସ୍ତୁତି ଓ ତାର ସଫଳ ରୂପାୟନ ସହିତ ସମସ୍ତଙ୍କର ସହଯୋଗରେ ଏକ ବିପର୍ଯ୍ୟୟ ସହନଶୀଳ ସମାଜ ଗଠନ କରାଯାଇପାରିବ କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ଏମବିକେ, ସିଆରପି, ଅଙ୍ଗନୱାଡି, ଆଶା କର୍ମୀ, ପିଆରଆଇ ମେମ୍ବର, ଶିକ୍ଷକ ଓ ପଞ୍ଚାୟତ ପ୍ରତିନିଧ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର ଜୁଲିମଣି ବେହେରା, ମାନସୀ ମିଶ୍ର, କବିତା ଘଡେଇ ମଧ୍ୟ ଉପସ୍ଥିତ ଥିଲେ। ବଡ଼ସାହି ବ୍ଲକର ନୋଡାଲ ଏନଜିଓ 'ସଂକଳ୍ପ' ର ସମ୍ପାଦକ ପ୍ରଦୀପ କୁମାର ଦାସମହାପାତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଶେଷରେ ଫୋର୍ଡର ସନ୍ତୋଷ କୁମାର ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**ବିଶ୍ୱବିଦ୍ୟାଳୟରେ ବିଶୃଙ୍ଖଳା ଓ ଅରାଜକତାକୁ ନେଇ ମୁହଁ ଖୋଲିଲେ ପୂର୍ବତନ ବିଧାୟକ**

# ଉଚ୍ଚଶିକ୍ଷା ବିଭାଗକୁ କଲେ ଦାୟୀ; ନୂତନ କୁଳପତି ନିଯୁକ୍ତି ଦାବି

ବାରିପଦା, ୧୬।୭(ସମିସ):



ବାରିପଦା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୮ତମ ପ୍ରତିଷ୍ଠା ଦିବସ ପାଳନ ନ ହେବା ଜିଲ୍ଲାବାସୀଙ୍କୁ ହତବାକ କରିଦେଇଛି ବୋଲି ପୂର୍ବତନ ବିଧାୟକ ତଥା ବିଶ୍ୱବିଦ୍ୟାଳୟର ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ ତଥା ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ନିମନ୍ତେ ହୋଇଥିବା ଐତିହାସିକ ଛାତ୍ରଛାତ୍ରୀ ଆନ୍ଦୋଳନର ପୁରୋଧା କିଶୋର ଦାଶ ଅଭିଯୋଗ କରିଛନ୍ତି। ଗତ ସମାବର୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅଭିଭାଷଣ ରଖିବା ବେଳେ ବିଦ୍ୟୁତ ସରବରାହରେ ବାଧା ଉପୁଜିବା ଓ ରାଷ୍ଟ୍ରପତିଙ୍କୁ ଅନ୍ଧାରରେ ଭାଷଣ ଦେବାକୁ ପଡିବା ଭଳି ଦୁର୍ଭାଗ୍ୟଜନକ ଘଟଣା ଘଟିଥିଲା। ବିଶ୍ୱବିଦ୍ୟାଳୟରେ ଯେଉଁ ଅରାଜକତା ଚାଲିଛି, ସେଥିପାଇଁ ଉଚ୍ଚଶିକ୍ଷା ବିଭାଗ ସମ୍ପୂର୍ଣ୍ଣ ଦାୟୀ ବୋଲି ଶ୍ରୀ ଦାଶ କହିଛନ୍ତି। ସେତେବେଳର ଭାରପ୍ରାପ୍ତ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀଙ୍କୁ ଅବ୍ୟାହତି ଦେଇ ଏଫଏମ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କୁ ଅତିରିକ୍ତ ଦାୟିତ୍ୱ ଦେବା, ସବୁ ନିୟମର ଉଲ୍ଲଙ୍ଘନ ଉଚ୍ଚଶିକ୍ଷା ବିଭାଗ କରିଥିବା ସେ କହିଛନ୍ତି। ବିଶ୍ୱବିଦ୍ୟାଳୟରେ ୨ବର୍ଷ ୮ ମାସ ହେଲା ସ୍ଥାୟୀ କୁଳପତି ନିଯୁକ୍ତ ନକରି ଶ୍ରୀ ତ୍ରିପାଠୀଙ୍କୁ ଦାୟିତ୍ୱରେ ରଖିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ଏହି ବିଶ୍ୱବିଦ୍ୟାଳୟରେ କୁଳପତି ନିଯୁକ୍ତି ପାଇଁ ଉଚ୍ଚଶିକ୍ଷା ବିଭାଗ ବିଜ୍ଞାପନ ପ୍ରକାଶ କଲେ ଏବଂ ବହୁ ପ୍ରଫେସର ଆଶାୟୀ ପ୍ରାର୍ଥୀ ଭାବେ ଆବେଦନ ମଧ୍ୟ କରିବା ସତ୍ତ୍ୱେ ଉଚ୍ଚଶିକ୍ଷା ବିଭାଗ କାହା ଚାପରେ ଚୟନ ପ୍ରକ୍ରିୟାକୁ କାର୍ଯ୍ୟକାରୀ କଲେ ନାହିଁ କିମ୍ବା ଭାରପ୍ରାପ୍ତ କୁଳପତି ପ୍ରଫେସର ଶ୍ରୀ ତ୍ରିପାଠୀଙ୍କୁ କାର୍ଯ୍ୟରୁ ଅନ୍ତର କଲେ ନାହିଁ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗତ ୨ବର୍ଷ ହେବ ବିଶ୍ୱବିଦ୍ୟାଳୟ ଅରାଜକତା ମଧ୍ୟରେ ଗତି କରୁଛି। କୁଳପତିଙ୍କ କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଯୋଗଦେବା ପରେ ପାଠପଢା କମ, ଗୁଇନ୍ଦା ଗିରି ବେଶୀ ହେଉଛି ବୋଲି ଶ୍ରୀ ଦାସ କହିଛନ୍ତି। ବିଶ୍ୱବିଦ୍ୟାଳୟ ପରୀକ୍ଷାଗାରରେ ଇନଭର୍ଟରର ବ୍ୟବସ୍ଥା ନ ଥିବା ହେତୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ପ୍ରଫେସର ହାଇକୋର୍ଟ ଓ କୁଳାଧିପତିଙ୍କ ଦ୍ୱାରସ୍ଥ ହେଉଛନ୍ତି; ମାତ୍ର ଉଚ୍ଚନ୍ୟାୟାଳୟର ନିଷ୍ପତ୍ତି ଓ କୁଳାଧିପତିଙ୍କ କାର୍ଯ୍ୟାଳୟରୁ ଆସିଥିବା ପତ୍ରକୁ କୌଣସି ଗୁରୁତ୍ୱ ଦିଆଯାଉନାହିଁ। କୁଳପତି ଏକ ନିର୍ଦ୍ଦିଷ୍ଟ କର୍ମଚାରୀ ଓ କିଛି ତଳିଆ ଅଧ୍ୟାପକଙ୍କ ଦ୍ୱାରା ପରିଚାଳିତ ହୋଇ କାର୍ଯ୍ୟ କରୁଥିବା ସେ ଅଭିଯୋଗ କରିଛନ୍ତି। ସବୁଠାରୁ ଗୁରୁତ୍ୱ ପୂର୍ଣ୍ଣ କଥା ହେଲା ବିଶ୍ୱବିଦ୍ୟାଳୟର କୌଣସି କାର୍ଯ୍ୟକ୍ରମରେ ମୟୂରଭଞ୍ଜର ନେତା, ମନ୍ତ୍ରୀ, ବିଧାୟକ, ପୂର୍ବତନ ସିନେଟ ଓ ସିଣ୍ଡିକେଟ ସଦସ୍ୟ, ପୂର୍ବତନ ଏକାଡେମିକ କାଉନସିଲ ମେମ୍ବର ଓ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ସଂଘର୍ଷ କରିଥିବା ଛାତ୍ରନେତାଙ୍କୁ ସାମିଲ କରାଯାଉନାହିଁ। ପ୍ରାୟ ସବୁ ଅଧ୍ୟାପକ ଜିଲ୍ଲା ବାହାରର ହୋଇଥବାବେଳେ ତଳିଆ କର୍ମଚାରୀ ଏହି ଜିଲ୍ଲାର। ବିଶ୍ୱବିଦ୍ୟାଳୟର କାର୍ଯ୍ୟଶୈଳୀ ଉତ୍କଳ ବିଶ୍ୱବିଦ୍ୟାଳୟ ଦ୍ୱାରା ନିୟନ୍ତ୍ରିତ ହେଉଛି ବୋଲି ଶ୍ରୀ ଦାଶ ମତପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟ କାର୍ଯ୍ୟଶୈଳୀ ଉପରେ ସେ ପ୍ରଶ୍ନ ଉଠାଇ ସମସ୍ତ କାର୍ଯ୍ୟର ତଦନ୍ତ ଦାବି କରିଛନ୍ତି। ତେଣୁ ତୁରନ୍ତ ନୂତନ କୁଳପତିଙ୍କୁ ନିଯୁକ୍ତି କରାଯାଉ ବୋଲି ସେ ଦାବି କରିଛନ୍ତି।

# ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ସ୍କୁଲ ପରିଦର୍ଶନ

ଖମାର, ୧୬ ।୭ (ସମିସ)

ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ପାଲଲହଡ଼ା ଉପଖଣ୍ଡ ରଜଡଙ୍ଗ ପ୍ରାଥମିକ ବିଦ୍ୟାଳୟ, ସିଆରିମାଳିଆ ବାପୁଜୀ ଆଶ୍ରମ ଉଚ୍ଚ ବିଦ୍ୟାଳୟ ଓ ବଡ଼ସଡ଼ା ଉଚ୍ଚ ବିଦ୍ୟାଳୟକୁ ଅଚାନକ ପରିଦର୍ଶନ କରିଛନ୍ତି । ପ୍ରଥମେ ରଜଡଙ୍ଗ ପ୍ରାଥମିକ ବିଦ୍ୟାଳୟକୁ ଯାଇ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରଚଳିତ ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ଉନ୍ନତ ଧରଣର ଶିକ୍ଷା ପ୍ରଦାନ କରାଯାଉଛି କି ନାହିଁ ସେ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ପଚାରି ବୁଝିଥିଲେ । ମଧ୍ୟାହ୍ନଭୋଜନରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ପରଖିଥିଲେ । ଖାଦ୍ୟର ମାନ ଠିକ୍ ଥିଲେ ମଧ୍ୟ ଯେଉଁ ସ୍ଥାନରେ ମଧ୍ୟାହ୍ନ ଭୋଜନ ରନ୍ଧାଯାଉଛି ତାହାର ପରିବେଶ ସମ୍ପୂର୍ଣ୍ଣ ଅପରିଷ୍କାର ଥିବା ନଜରକୁ ଆସିଥିଲା । ଏ ଦିଗରେ ପଦକ୍ଷେପ ନେବାକୁ ଇଂ. ସାହୁ ନିର୍ଦ୍ଦେଶ ଦେଇଥିଲେ । ବିଦ୍ୟାଳୟରେ ଶୌଚାଳୟ ବ୍ୟବସ୍ଥା ନ ଥିବାରୁ ପିଲାମାନେ ବାହାରକୁ ଯାଉଛନ୍ତି ।



ଏ ସମ୍ପର୍କରେ ଗ୍ରାମବାସୀ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କୁ ଜଣାଇଥିଲେ । ପରେ ସିଆରିମାଳିଆ ବାପୁଜୀ ଆଶ୍ରମ ହାଇସ୍କୁଲକୁ ଯାଇ ଛାତ୍ରଛାତ୍ରୀଙ୍କୁ ପାଠପଢ଼ାର ମାନ ବିଷୟରେ ପଚାରି ବୁଝିବା ସହ ମଧ୍ୟାହ୍ନ ଭୋଜନର ମାନ ପରଖିଥିଲେ । ସ୍କୁଲ ପରିବେଶ ପରିଷ୍କାର ଥିଲା । ତେବେ ପୂର୍ବ ସରକାର ସମୟରେ ଏହି ଆଶ୍ରମ ଉଚ୍ଚ ବିଦ୍ୟାଳୟର ରୂପାନ୍ତରଣ ହୋଇଥିଲା । ବାଳକ ଓ ବାଳିକାଙ୍କ ଶୌଚାଳୟ ୱାସିଂ ପଏଣ୍ଟ ତିଆରି ହୋଇଥିବା ବେଳେ ତାହା ଆରମ୍ଭରୁ କୌଣସି କାମରେ ଆସୁନି ଓ ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଗ୍ରାମବାସୀ ଅବଗତ କରିଥିଲେ । ସ୍କୁଲର ସବୁ ଶ୍ରେଣୀ ଗୃହର ଛାତରୁ ପାଣି ଗଳୁଛି । ପିଲାଙ୍କୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ସରକାରଙ୍କ ପକ୍ଷରୁ ଜଳ ବିଶୋଧକ ଯନ୍ତ୍ର ପ୍ରଦାନ ବ୍ୟବସ୍ଥା ଥିଲେ ବି ତାହା ମିଳିନାହିଁ । ରୂପାନ୍ତରଣ କାର୍ଯ୍ୟ ନିମ୍ନ ମାନର କରାଯାଇଥିବା ଅଭିଯୋଗ କରିଥିଲେ । ବଡ଼ସଡ଼ା ପଞ୍ଚାୟତ ହାଇସ୍କୁଲ ପରିଦର୍ଶନ ସମୟରେ ମଧ୍ୟ ସମାନ ଅଭିଯୋଗ ଆସିଥିଲା । ରାଜ୍ୟ ସରକାରଙ୍କୁ ଏ ବିଷୟରେ ଅବଗତ କରି ଆବଶ୍ୟକ ପଦକ୍ଷେପ ନେବେ ବୋଲି ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ. ସାହୁ ପ୍ରତିଶ୍ରୁତି ଦେଇଛନ୍ତି ।

# ରାଜରାସ୍ତାରେ ରାହାଜାନୀ କରି ବନ୍ଧାହେଲେ ୪ ଯୁବକ

କିଶୋରନଗର, ୧୬ ।୭ (ସମିସ): ଦିନ ଦ୍ୱିପ୍ରହରରେ ରାଜରାସ୍ତାରେ ଯାଉଥିବା ଲୋକଙ୍କୁ ଅଟକାଇ ମାଡ଼ମାରିବା ସହ ବ୍ଲାକମେଲ କରି ଟଙ୍କା ଓ ମୋବାଇଲ ଲୁଟ୍ ଘଟଣାରେ ଆଠମଲ୍ଲିକ ଥାନା ପୁଲିସ ୪ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ କିଶୋରନଗର ଥାନା କରଡିଙ୍ଗବହାଲ ଗ୍ରାମର ଟୁକୁନା ବେହେରା, ଅଙ୍ଗପଡ଼ା ଗ୍ରାମର ତାରିଣୀ ପ୍ରସାଦ ବିଶ୍ୱାଳ, କିଶୋରନଗରର ଆକାଶ ନାଏକ ଓ ହଣ୍ଡପା ଥାନା କୁରୁମଟାପ ଗ୍ରାମର ବଳରାମ ସାହୁ । ସୂଚନା ଅନୁସାରେ, ଗତ ୮ ତାରିଖ ଅପରାହ୍ନ ଗୋଟାଏ ବେଳେ ଆଠମଲ୍ଲିକ ଥାନା ରାଜିଙ୍ଗ ଗ୍ରାମର ଗୋବିନ୍ଦ ଚନ୍ଦ୍ର ସାହୁ ଓ ଦିବାକର ସାହୁ ମାଧପୁରରୁ କିଶୋରନଗର ଅଭିମୁଖେ ଯାଉଥିବା ବେଳେ ମାନଜୋର ଡ୍ୟାମଠାରୁ ଦେଢ଼ କିଲୋମିଟର ଦୂର ମାଧପୁର-




କିଶୋରନଗର ରାସ୍ତାରେ ଏହି ୪ ଅଭିଯୁକ୍ତ ସେମାନଙ୍କୁ ଅଟକାଇଥିଲେ । ତାଙ୍କ ହାତରେ ଜବରଦସ୍ତି ଏକ ପ୍ୟାକେଟ ଧରାଇ ଫଟୋ ଉଠାଇ, ଏଥିରେ ଗଞ୍ଜେଇ ଅଛି ବୋଲି ଧମକାଇଥିଲେ । ଟଙ୍କା ନ ଦେଲେ ପୁଲିସକୁ ଡାକି ଧରାଇଦେବାକୁ ଧମକ ଦେଇ ମାଡ଼ମାରି ମୋବାଇଲ, ନଗଦ ୨୦ ହଜାର ଟଙ୍କା ଏବଂ ଫୋନ୍ ପେ' ଜରିଆରେ ୧୪ ହଜାର ଟଙ୍କା ନେଇ ଫେରାର ହୋଇଯାଇଥିଲେ । ଏ ସମ୍ପର୍କରେ ଗୋବିନ୍ଦ ଆଠମଲ୍ଲିକ ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସୋମବାର ରାତିରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିଛି । ସେମାନଙ୍କଠାରୁ ଗୋବିନ୍ଦ ଓ ଦିବାକରଙ୍କ ମୋବାଇଲ ସହ ଅନ୍ୟ ୫ଟି ମୋବାଇଲ, ବ୍ୟବହୃତ ବାଇକ୍ ଏବଂ ୧୭ ଶହ ଟଙ୍କା ଜବତ କରିଛି ।

## ଭାଇବୋହୂକୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା, ୧୬ ।୭ (ସମିସ): ଠାକୁରଗଡ଼ ଥାନା ଧାକୁଟିବାହାଳ ଗ୍ରାମର ସସ୍ମିତା ପ୍ରଧାନଙ୍କୁ ତାଙ୍କ ଦେଢ଼ଶୁର ବିଭୂତି ଭୂଷଣ ପ୍ରଧାନ ଟାଙ୍ଗିଆରେ ଆକ୍ରମଣ କରିଥିବା ସସ୍ମିତାଙ୍କ ସ୍ୱାମୀ ସରୋଜ ପ୍ରଧାନ ମଙ୍ଗଳବାର ଦିନ ଠାକୁରଗଡ଼ ଥାନାରେ ଅଭିଯୋଗ କରିଛନ୍ତି । ପୁଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି । ସସ୍ମିତା ଓ ସରୋଜ ତାଙ୍କ ଘରେ ଥିବାବେଳେ ବିଭୂତି ଆସି ପ୍ରଥମେ ସରୋଜଙ୍କ ସହ ଝଗଡ଼ା ଲାଗିଥିଲେ । ସସ୍ମିତା ପ୍ରତିବାଦ କରିବାରୁ ବିଭୂତି ଉତ୍କ୍ଷିପ୍ତ ହୋଇ ଟାଙ୍ଗିଆରେ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଉଲ୍ଲେଖ କରାଯାଇଛି ।

## ହଣ୍ଡପାରେ ସଫେଇ କାର୍ଯ୍ୟକ୍ରମ

ବଇଣ୍ଡା, ୧୬ ।୭ (ସମିସ): କିଶୋରନଗର ବ୍ଲକ ହଣ୍ଡପା ଛକ ଅଞ୍ଚଳରେ ବୁଧବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ନାକିଚି ଅଞ୍ଚଳରେ ଏଫଏସଟିସି ପ୍ଲାଣ୍ଟ ହେବା ପରେ କିଶୋରନଗର ବ୍ଲକ କିପରି ଅଳିଆମୁକ୍ତ ହେବ ସେ ନେଇ ଜିଲ୍ଲା ପ୍ରଶାସନ ଯୋଜନା କରିଥିବା ବେଳେ ବୁଧବାର ସ୍ଥାନୀୟ ସରପଞ୍ଚ ରଶ୍ମିତା ପ୍ରଧାନଙ୍କ ନେତୃତ୍ୱରେ ହଣ୍ଡପା ଅଞ୍ଚଳର ବିଭିନ୍ନ ଦୋକାନରେ ଥିବା ଅଳିଆ ସହ ହଣ୍ଡପା ଛକକୁ ସଫେଇ କରାଯାଇଥିଲା । ଅଞ୍ଚଳକୁ ସଫାସୁତରା ରଖିବା ପାଇଁ ଲୋକଙ୍କୁ ପରାମର୍ଶ ଦଆଯାଇଥିଲା ।

## ପୁଲିସର ଚଢ଼ଉ; ମଦ ଜବତ, ୩ ଗିରଫ

କିଶୋରନଗର, ୧୬ ।୭ (ସମିସ): କିଶୋରନଗର ଓ ଆଠମଲ୍ଲିକ ଥାନା ପୁଲିସ ମଙ୍ଗଳବାର ବିଭିନ୍ନ ଅଞ୍ଚଳରେ ଚଢ଼ଉ କରି ଚୋରା ପାଉଚ ମଦ ଜବତ କରିଛି । ଏଥିସହ ୩ ଜଣଙ୍କୁ ଗିରଫ କରିଛି । କିଶୋରନଗର ପୁଲିସ ଅଙ୍ଗପଡ଼ା ଅଞ୍ଚଳରେ ଚଢ଼ଉ କରି ବିଜୟ କୁମାର ସାହୁଙ୍କଠାରୁ ୭ ଲିଟର ମଦ ଜବତ କରିଛି । ବିଜୟଙ୍କ ବିରୋଧରେ ଏକ ମାମଲା ରୁଜୁ କରାଯାଇ ତାଙ୍କୁ ଗିରଫ କରାଯାଇଛି । ସେହିପରି କୁସୁଣୀ ଗ୍ରାମରେ ଚଢ଼ଉ କରି ଅଜିତ ସାହୁଙ୍କଠାରୁ ୬ ଲିଟର ମଦ ଜବତ କରିଛି । ସେ ବେଆଇନ ଭାବେ ଘରେ ମଦ ବିକ୍ରି କରିବା ପାଇଁ ନେଉଥିବା ଖବର ପୁଲିସ ଚଢ଼ଉ କରି ତାଙ୍କୁ ଗିରଫ କରିଥିଲା । ଏ ନେଇ ତାଙ୍କ ନାମରେ ଏକ ମାମଲା ରୁଜୁ କରି ତାଙ୍କୁ ଗିରଫ କରାଯାଇଛି । ଆଠମଲ୍ଲିକ ଥାନା ପୁଲିସ ବନ୍ଧୁପାଲି ଅଞ୍ଚଳରେ ଚଢ଼ଉ କରି ପିଣ୍ଟୁ ସାହୁଙ୍କଠାରୁ ୬ ଲିଟର ମଦ ଜବତ କରିବା ସହ ତାଙ୍କୁ ଗିରଫ କରିଛି ।

## ହୃଦ୍‌ଘାତରେ ଯୁବନେତାଙ୍କ ପରଲୋକ

ବଇଣ୍ଡା, ୧୬ ।୭ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ହଣ୍ଡପା ଅଞ୍ଚଳର ଯୁବ ବିଜେପି ନେତା ମଳୟ ପ୍ରଧାନଙ୍କର ବୁଧବାର ହୃଦଘାତରେ ପରଲୋକ ହୋଇଛି । ସେ କିଛିଦିନ ହେବ ହୃଦଘାତର ଶିକାର ହୋଇଥିଲେ । ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଭୁବନେଶ୍ୱରର ଏକ ଘରେଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ସକାଳେ ତାଙ୍କ ପରଲୋକ ହୋଇଛି । ଖବର ପାଇ ଜିଲ୍ଲା ବିଜେପି ଉପ ସଭାପତି ଅର୍ଜୁନ କୁମାର ସାହୁ ହସ୍ପିଟାଲକୁ ଯାଇ ତାଙ୍କ ଶେଷଦର୍ଶନ କରିଛନ୍ତି । ତାଙ୍କ ବିୟୋଗରେ ହଣ୍ଡପା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ନୂତନ କୃଷି ଅଧିକାରୀଙ୍କୁ ସମ୍ବର୍ଦ୍ଧନା

କିଶୋରନଗର, ୧୬ ।୭ (ସମିସ): କିଶୋରନଗର ବ୍ଲକ କୃଷକସାଥୀ ସଂଘ ତରଫରୁ ନୂତନ ବ୍ଲକ କୃଷି ଅଧିକାରୀ ଦେବଦତ୍ତ ପୃଷ୍ଟିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବ୍ଲକ କୃଷକସାଥୀ ସଂଘ ସଭାପତି ପବିତ୍ର ଦେହୁରୀ, ସମ୍ପାଦକ ବିଜୟ ସାହୁ, ରମାକାନ୍ତ ପ୍ରଧାନ, ମଧୁସୂଦନ ସାହୁ ପ୍ରମୁଖ ଉପସ୍ଥିତ ବ୍ଲକ କୃଷି ଅଧିକାରୀ ପୃଷ୍ଟିଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ କୃଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ ।

# ବିଭିନ୍ନ ସମସ୍ୟା ନେଇ ବିଧାୟକଙ୍କୁ ଅଭିଯୋଗ

ଅନୁଗୋଳ, ୧୬ ।୭ (ସମିସ): ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ଆଠମଲ୍ଲିକ ନିର୍ବାଚନ ମଣ୍ଡଳୀର ଅନୁଗୋଳ ବ୍ଲକ ପୁରୁଣାକୋଟ, ଟିକରପଡ଼ା, ଅନ୍ତୁଳିଆ, ମାଟିଆସାହି ଓ ଟାଇଁସି ପଞ୍ଚାୟତର ୨୦ ଗ୍ରାମକୁ ଗସ୍ତ କରି ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝିଛନ୍ତି । ଗତ ରବିବାର ଓ ସୋମବାର ୨ ଦିନ ଏହି ଗ୍ରାମଗୁଡ଼ିକୁ ଯାଇ ଗ୍ରାମବାସୀଙ୍କ ସହ ସମସ୍ୟା ଉପରେ ଆଲୋଚନା କରିଥିଲେ । ଗ୍ରାମବାସୀଙ୍କ ଅଭିଯୋଗ ଶୁଣିବା ସହ ସରକାରୀ ଯୋଜନାର ଫାଇଦା ନେବା ପାଇଁ ପରାମର୍ଶ ଦେଇଥିଲେ । ବିଧାୟକଙ୍କ ହାତପାଣ୍ଠିକୁ ପ୍ରତି ଗ୍ରାମରେ ଜରୁରୀ କାର୍ଯ୍ୟରେ ଖର୍ଚ୍ଚ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଗ୍ରାମବାସୀଙ୍କ ନିଷ୍ପତ୍ତି ଅନୁଯାୟୀ ଯୋଜନା ପ୍ରସ୍ତୁତ କରିବା ଉପରେ ଗୁରୁତ୍ୱ ଦେଇଥିଲେ । ଜଙ୍ଗଲ ଅଞ୍ଚଳରେ ଗ୍ରାମବାସୀ କୃଷିକାର୍ଯ୍ୟକୁ



ଗୁରୁତ୍ୱ ଦେବା ସହ ସରକାରୀ ସବ୍‌ସିଡି, କୃଷି ଯନ୍ତ୍ରପାତି, କୃଷି ଉପକରଣ ବ୍ୟବହାର ଆପଣାଇ ଜୈବିକ କୃଷିକୁ ପ୍ରାଧାନ୍ୟ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମାଟିଆସାହି ପଞ୍ଚାୟତ ନୂଆ ବଡ଼ଦାଣ୍ଡସାହିରେ ଏକ ଚାରାରୋପଣ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ସମସ୍ତେ ନିଜ ବାଡ଼ିବଗିଚାରେ ବିଭିନ୍ନ ଚାରାରୋପଣ କରି ଯତ୍ନନେବାକୁ ପରାମର୍ଶ ଦେଇଥିଲେ । ହାତୀବାରି ମାଟିଆସାହିରେ ଅଙ୍କୁର ମୁଣ୍ଡାଙ୍କର ପୁଅ ସାଗର ମୁଣ୍ଡାଙ୍କ ସାପକାମୁଡ଼ାରେ ମୃତ୍ୟୁ ହୋଇଥିବା ବେଳେ ବିଧାୟକ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ । ସାପକାମୁଡ଼ା ଜନିତ ମୃତ୍ୟୁର ଅନୁକମ୍ପା ରାଶି ଶୀଘ୍ର ପ୍ରଦାନ କରିବାକୁ ପ୍ରଶାସନକୁ ଜଣାଇବେ ବୋଲି ପ୍ରକାଶ କରିଥିଲେ ।

# ଦେବେନ୍ଦ୍ର ପ୍ରଧାନଙ୍କ ଜୟନ୍ତୀରେ ରକ୍ତଦାନ ଶିବିର




ଛେଣ୍ଡିପଦା, ୧୬ ।୭ (ସମିସ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ସ୍ୱର୍ଗତ ଡ. ଦେବେନ୍ଦ୍ର ପ୍ରଧାନଙ୍କ ଜୟନ୍ତୀ ଅବସରରେ ଛେଣ୍ଡିପଦା ଏ-ୱାନ କ୍ଲବରେ ବୁଧବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି । ଶିବିରରେ ମୋଟ ୬୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଡା. ଯୋଗମାୟା ଦେହୁରୀ ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଅନୁଗୋଳ ରକ୍ତଭଣ୍ଡାର ପକ୍ଷରୁ କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ । ଜିଲ୍ଲା ପରିଷଦ ସଭ୍ୟ ଯଶୋବନ୍ତ ପ୍ରସାଦ ବେହେରା ଓ ଏ-ୱାନ କ୍ରିକେଟ୍ କ୍ଲବ ସଦସ୍ୟମାନେ ମିଳିତ ଭାବେ ଏହି ଶିବିର ଆୟୋଜନ କରିଥିଲେ । ଶିବିରରେ ଜିଲ୍ଲାପରିଷଦ ସଭ୍ୟ ବେହେରାଙ୍କ ସମେତ ସ୍ଥାନୀୟ ସରପଞ୍ଚ ସୁଦୀପ୍ତ ପ୍ରଧାନ, ଛେଣ୍ଡିପଦା ଡାକ୍ତରଖାନାର ମୁଖ୍ୟ ଚିକିତ୍ସା ଅଧିକାରୀ ମହାମିଳନ ମୁର୍ମୁ, ଛେଣ୍ଡିପଦା ଗ୍ରାମ ସଭାପତି ଚନ୍ଦ୍ରମଣି ପ୍ରଧାନ, ବରିଷ୍ଠ ବିଜେପି ନେତା ଗୋପବନ୍ଧୁ ଗଡ଼ନାୟକ, ବିଜେପି ମଣ୍ଡଳ ସଭାପତି ଦୀପକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ । ରାକେଶ କୁମାର ବେହେରା, ଗଜେନ୍ଦ୍ର ଦେହୁରୀ, ସରୋଜ ଦେହୁରୀ, ବିଶ୍ୱଜିତ୍ ପ୍ରଧାନ, ଦୁଃଖିଶ୍ୟାମ ପ୍ରଧାନ, ଅଜିତ ପ୍ରଧାନ, ଅଭିନନ୍ଦନ ମହରଥା, ଧନଞ୍ଜୟ ନାୟକ, ଗୌତମ ଧଳ, ବିଷ୍ଣୁ ପ୍ରସାଦ ମହାରଣା, ଅଭିଜିତ ପ୍ରଧାନ, ପାର୍ଥସାରଥି ଅମୃତରଞ୍ଜନ, ହିମାଂଶୁ ପ୍ରଧାନ, ସଞ୍ଜୟ ଗୋଚ୍ଛାୟତ, ରଞ୍ଜିତ ମାଝୀ, ମହେଶ କୁମାର ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

# ଓଡ଼ିଶା ବନ୍ଦ ସଫଳ କରିବା ପାଇଁ ପ୍ରସ୍ତୁତି ବୈଠକ

ଅନୁଗୋଳ, ୧୬ ।୭ (ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଗୁରୁବାର ବିରୋଧୀଦଳଗୁଡ଼ିକ ପକ୍ଷରୁ ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । ବନ୍ଦକୁ ସଫଳ କରିବା ପାଇଁ ବୁଧବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ



ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି । ଗୁରୁବାର ପ୍ରତ୍ୟେକ ଛକ ଓ ଦୋକାନ ବଜାରରେ କଂଗ୍ରେସ କର୍ମୀ ଓ ସମର୍ଥକମାନେ ଉପସ୍ଥିତ ରହି ପିକେଟିଂ କରିବା ସହ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରିବେ । ଗାଡ଼ିମଟର ସମେତ ସମସ୍ତ ସରକାରୀ, ବେସରକାରୀ ଅନୁଷ୍ଠାନ, ସ୍କୁଲ, କଲେଜ ଆଦି ବନ୍ଦ ରଖିବା ପାଇଁ ନିବେଦନ କରାଯିବ । ତେବେ ଜରୁରୀ ସେବା ଯୋଗାଉଥିବା ଗଡ଼ିକୁ ଛାଡ଼ି ଦିଆଯିବ । ତେବେ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ବନ୍ଦ ପାଳନ କରାଯିବ । କୌଣସି ବିଶୃଙ୍ଖଳାକୁ ଆଦୌ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି । ବୈଠକରେ ଜିଲ୍ଲା ସଭାପତିଙ୍କ ସମେତ ଜିଲ୍ଲାର ସମସ୍ତ ଛାମୁଆ ସଂଗଠନର ସଭାପତି, କର୍ମକର୍ତ୍ତା, ନେତା ଓ ଶତାଧିକ କର୍ମୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

■ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା

# ତାଳଚେର ରାଇଫଲ କ୍ଲବର ୭ ପଦକ ହାସଲ

ଅନୁଗୋଳ, ୧୬ ।୭ (ସମିସ): ଭୁବନେଶ୍ୱର ଉତ୍କଳ କରାଟେ ସଙ୍ଘରେ ଜୁନ ୨୫ରୁ ୨୮ ପର୍ଯ୍ୟନ୍ତ ଦ୍ୱିତୀୟ ରାଜ୍ୟ ବନ୍ଧୁକ ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ତାଳଚେର ରାଇଫଲ କ୍ଲବର ଖେଳାଳିମାନେ ୭ ପଦକ



ହାସଲ କରିଛନ୍ତି । କ୍ଲବର ସ୍ୱାତିରାଣୀ ଗଡ଼ନାୟକ ସ୍ୱର୍ଣ୍ଣ, ଆୟୁଷ୍ମାନ ଦାସ ସ୍ୱର୍ଣ୍ଣ, ଶୁଭମ ମହାପାତ୍ର ରୌପ୍ୟ, ବୈଷ୍ଣବୀ ମିଳନ ରୌପ୍ୟ, ରିତିକା ରାଜ ବ୍ରୋଞ୍ଜ, ସୋମନାଥ ବାରିକ ବ୍ରୋଞ୍ଜ ଓ ଜିତେନ୍ଦ୍ର ସାମନ୍ତ ବ୍ରୋଞ୍ଜ ପଦକ ପାଇଛନ୍ତି । ସମସ୍ତ କୃତୀ ଖେଳାଳିଙ୍କୁ ବୁଧବାର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଳଚେର ଉପଜିଲ୍ଲାପାଳ ସମିର କୁମାର ଜେନା ଉପଢୌକନ, ମାନପତ୍ର ଦେଇ ସମ୍ମାନିତ କରିଛନ୍ତି ।

# ଛାତ୍ରୀମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ



ବଇଣ୍ଡା, ୧୬ ।୭ (ସମିସ): ବାଲେଶ୍ୱର ଜିଲ୍ଲା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନିର୍ଯାତନା ନେଇ ଛାତ୍ରୀଜଣକ ଆତ୍ମହତ୍ୟା କରିବା ପରେ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶ କ୍ରମେ ଆଠମଲ୍ଲିକ ବ୍ଲକ ପାଇକସାହି କାଶୀ ବିଶ୍ୱନାଥ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବୁଧବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ମହାବିଦ୍ୟାଳୟ ଅଧ୍ୟକ୍ଷ ନିରଜକାନ୍ତ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସାରଦା ପ୍ରସାଦ ସାହୁ, ସରୋଜ କର, ମିଳନ ସାହୁ, ରଞ୍ଜନ ରାଉଳ, ଜସ୍ମିରାଣୀ ନାୟକ, ପ୍ରିୟଦର୍ଶିନୀ ଦେହୁରୀ ଯୋଗଦେଇଥିଲେ । ଛାତ୍ରୀମାନେ କିଭଳି ମହାବିଦ୍ୟାଳୟରେ କୌଣସି ପ୍ରକାର ନିର୍ଯାତନାର ସାମ୍ନା ନ କରିବେ ସେ ବିଷୟରେ ଆଲୋଚନା ହୋଇଥିଲା । ଦୋଷୀଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କୁହାଯାଇଥିଲା । ଏ ନେଇ ଏକ କମିଟି ଗଠନ ହୋଇଛି । ଏଥିରେ ଆଇନଜୀବୀ, ଛାତ୍ରୀ ଓ ମହାବିଦ୍ୟାଳୟ କର୍ମଚାରୀ ରହିଛନ୍ତି । ମହାବିଦ୍ୟାଳୟରେ କଡ଼ାକଡ଼ି ଭାବେ ଏହି କମିଟି କାର୍ଯ୍ୟ କରୁଛି । ଛାତ୍ରୀମାନଙ୍କୁ ସବୁବେଳେ ସମ୍ମାନ ଦେବାକୁ ଅତିଥିମାନେ କହିଥିଲେ ।

# ସର୍ଭିସିଂ ବେଳେ ଓଲଟିପଡ଼ିଲା କାର୍

ଅନୁଗୋଳ, ୧୬ ।୭ (ସମିସ): ଅନୁଗୋଳ ମାଛ ମାର୍କେଟ ଅଞ୍ଚଳରେ ଏକ ସର୍ଭିସିଂ ସେଣ୍ଟରରେ ଘଟିଛି ଅଘଟଣ । ଗାଡ଼ି ସର୍ଭିସିଂ ସମୟରେ ଏକ କାର ରାମ୍ପ ଉପରୁ ଓଲଟି ପଡ଼ିଛି । ବୁଧବାର ଅପରାହ୍ନରେ ମାଛ ମାର୍କେଟ ନିକଟରେ ଥିବା ସର୍ଭିସିଂ ସେଣ୍ଟରକୁ



ଜଣେ ବ୍ୟକ୍ତି ନିଜ କାର ଧୋଇବାକୁ ଆଣିଥିଲେ । ଗାଡ଼ିକୁ ରାମ୍ପ ଉପରକୁ ଚଢ଼ାଇବା ପରେ କମ୍ପ୍ରେସର କାରକୁ ଉପରକୁ ଉଠାଇଥିଲା । ତେବେ ଗାଡ଼ି ଠିକ ଭାବେ ରାମ୍ପ ଉପରେ ରହି ନ ଥିବାରୁ ଉପରକୁ ଉଠିବା ବେଳେ ଓଲଟି ପଡ଼ିଥିଲା । ଫଳରେ ଗାଡ଼ିର କେତେକ ଅଂଶ ଭାଙ୍ଗିଯାଇଛି ।

# ବିଶ୍ୱ ଯୁବଦକ୍ଷତା ବିକାଶ ଦିବସ ପାଳିତ

ଅନୁଗୋଳ, ୧୬ ।୭ (ସମିସ): ଅନୁଗୋଳ ଜନଶିକ୍ଷଣ ସଂସ୍ଥାନ ନିର୍ଦ୍ଦେଶକ ସୌରୀ ରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଗୀତାଗ୍ରାମ ଗାଁ ପ୍ରଶିକ୍ଷଣ କେନ୍ଦ୍ରରେ ବିଶ୍ୱ ଯୁବଦକ୍ଷତା ବିକାଶ ଦିବସ-୨୦୨୫ ପାଳିତ ହୋଇଛି । ଜାତିସଂଘ ଦ୍ୱାରା ୨୦୧୪ ଜୁଲାଇ ୧୫ରୁ ସାରା ବିଶ୍ୱରେ ବିଶ୍ୱ ଯୁବଦକ୍ଷତା ବିକାଶ ଦିବସ ପାଳନ କରିବାକୁ ଘୋଷଣା କରାଯାଇଥିଲା । କେନ୍ଦ୍ର ସରକାରଙ୍କ କୌଶଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜୁଲାଇ ୧୫ରୁ ୨୨ ପର୍ଯ୍ୟନ୍ତ ସପ୍ତାହ ବ୍ୟାପୀ ଏହି କାର୍ଯ୍ୟକ୍ରମ ପାଳନ ହେବା ସହ ଏ ବର୍ଷର ବିଷୟବସ୍ତୁ 'କୃତ୍ରିମ ତତ୍ତ୍ୱ ଏବଂ ଡିଜିଟାଲ ଦକ୍ଷତା ମାଧ୍ୟମରେ ଯୁବ ସଶକ୍ତୀକରଣ' ରହିଛି । ଜନ ଶିକ୍ଷଣ ସଂସ୍ଥାନ ପରିଚାଳନା କମିଟି ସଦସ୍ୟା ତଥା ଇକୋଆରସିଟି ଅଧିକାରୀ ମିନର୍ଭା ଦାଶ ଅତିଥି ଭାବେ ଯୋଗଦେଇ ଦକ୍ଷତା ବିକାଶ କାର୍ଯ୍ୟକ୍ରମରେ ମହିଳା ଓ ଯୁବବର୍ଗ ସାମିଲ ହୋଇ ନିଜେ ସ୍ୱାବଲମ୍ବୀ ହେବା ସହ ଦେଶ ବିକାଶରେ ସହଭାଗୀ ହେବାକୁ ପରାମର୍ଶ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ଗୀତାଗ୍ରାମ ଗାଁ କମିଟି ସଭାପତି ବାସୁଦେବ ହୋତା ଯୋଗଦେଇ ଗାଁର




ମହିଳା ଓ ପିଲାଙ୍କ ପାଇଁ ଘର ପାଖରେ ଏହି ସୁଯୋଗ ଯୋଗାଇ ଦେଇଥିବାରୁ କେନ୍ଦ୍ର ସରକାର ଏବଂ ଜେଏସଏସ୍‌କୁ ଧନ୍ୟବାଦ ଦେଇଥିଲେ । ଶିକ୍ଷକତା ଚାକିରି କ୍ଷେତ୍ରରେ ଯାହା ପିଲାମାନଙ୍କୁ ଗଢ଼ିବା ପାଇଁ ଉପଦେଶ ଦେଉଥିଲି ଆଜି ଚାକିରିରୁ ଅବସର ପରେ ମଧ୍ୟ ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କିଛି କାମ କରିପାରୁଛି ବୋଲି ଗାଁ କମିଟି ସମ୍ପାଦକ ବିଜୟ କୁମାର ପ୍ରଧାନ କହିଥିଲେ । ଜେଏସ୍‌ଏସ୍ ନିର୍ଦ୍ଦେଶକ ସୌରୀ ରଞ୍ଜନ ପଣ୍ଡା ଅତିଥି ପରିଚୟ ପ୍ରଦାନ ସହ ସରକାରଙ୍କ କୌଶଳ ବିକାଶ ମନ୍ତ୍ରଣାଳୟ ଅଧୀନ ବିଭିନ୍ନ ପ୍ରଶିକ୍ଷଣର ଲାଭ ଉଠାଇ ସ୍ୱାବଲମ୍ବୀ ହେବାକୁ ଆହ୍ୱାନ କରିଥିଲେ । ଜେଏସ୍‌ଏସ୍‌ର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତି ସାମଲ, ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଚିତ୍ତରଞ୍ଜନ ସାମଲ କାର୍ଯ୍ୟକ୍ରମରେ ପରିଚାଳନା କରିଥିଲେ । ୬୦ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ ।

# ବିକାଶଠାରୁ ଦୂରରେ ୧୬ ନମ୍ବର ୱାର୍ଡ

ତାଳଚେରସଦର, ୧୬ ।୭ (ସମିସ)

କୌଣସି ଗ୍ରାମାଞ୍ଚଳ ବା ଦୁର୍ଗମ ଜଙ୍ଗଲ ନୁହେଁ ତାଳଚେର ସହର ପୌରପରିଷଦ କାର୍ଯ୍ୟାଳୟଠାରୁ ମାତ୍ର ୧କିମି ଦୂର ୧୬ନମ୍ବର ୱାର୍ଡ ଗୋପିନାଥପୁରରେ ଅପହଞ୍ଚ ହୋଇଛି ବିକଶ । ଏହି ଅଞ୍ଚଳ ବହୁ ପୁରାତନ ଶୈବପୀଠ ପଶ୍ଚିମେଶ୍ୱର ମନ୍ଦିର ପାଇଁ ପ୍ରସିଦ୍ଧି ଲାଭ କରିଥିବା ବେଳେ ଏଠାକୁ ଦର୍ଶନ କରିବା ପାଇଁ ବିଭିନ୍ନ ଅଞ୍ଚଳର ଭକ୍ତଙ୍କ ଭିଡ଼ ଲାଗି ରହିଥାଏ । ତେବେ ଏହି ୱାର୍ଡରେ ବିଭିନ୍ନ ସମସ୍ୟା ଲାଗି ରହିଛି । ଏହି ୱାର୍ଡରେ ଗୋପିନାଥପୁର ସମେତ ବେର୍ବତାମୁଣ୍ଡା, କାଶୀପୁର ଓ ଷଣ୍ଢ ଗାଁ ରହିଛି । ଅଞ୍ଚଳରେ ନିର୍ମାଣ ହୋଇଥିବା ଡ୍ରେନ୍ ଉପରେ ସ୍ଲାବ୍ ପଡ଼ି ନ ଥିବାରୁ ୱାର୍ଡବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୌରପରିଷଦ ପକ୍ଷରୁ ଉକ୍ତ ୱାର୍ଡରେ ନିୟମିତ ସଫେଇ ହେଉନାହିଁ । କେଉଁ ଅମଳରୁ ନିର୍ମାଣ ହୋଇଥିବା ରାସ୍ତା ଏବେ ଭାଙ୍ଗିରୁଜି କାଦୁଅ ପଚପଚ ହୋଇ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି । ରାସ୍ତାର ଉଭୟ ପାର୍ଶ୍ୱରେ ଅନାବନା ଘାସ, ଲଟାବୁଦା ହୋଇ ପଡ଼ିଛି । ରାସ୍ତା କିମ୍ବାର ଡ୍ରେନ୍‌ରେ କେବେ ବ୍ଲିଚିଂ ପାଉଡର କିମ୍ବା ମଶାତେଲ ପଡୁ ନ ଥିବାରୁ ଏବେ ଡେଙ୍ଗୁକୁ ଆମନ୍ତ୍ରଣ କରିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଏହି ୱାର୍ଡ ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ ଥିବା ବେଳେ ତାଳଚେର ସହରଠାରୁ ମଣ୍ଡାପାଳ ରାସ୍ତାଦେଇ ଉକ୍ତ ୱାର୍ଡକୁ ପ୍ରବେଶ କରିବାକୁ ପଡ଼ିଥାଏ । ଏହି ରାସ୍ତାରେ ଦୈନନ୍ଦିନ ୱାର୍ଡବାସୀ ସମେତ



ମନ୍ଦିରକୁ ଶ୍ରଦ୍ଧାଳୁ ଓ ବହୁ ପୁରାତନ ଶ୍ମଶାନଘାଟକୁ ସ୍ଥାନୀୟ ବାସିନ୍ଦା ଶବଦାହ କରିବାକୁ ଯାଇଥାନ୍ତି । ମାତ୍ର ଏହି ରାସ୍ତା ମଝିରେ ଏକ ଛୋଟନାଳ ରହିଥିବାରୁ ଯାତାୟାତ ବାଧାପ୍ରାପ୍ତ ହେଉଛି । ଏହି ନାଳ ଉପରେ ଏକ ବ୍ରିଜ ନିର୍ମାଣ କଯାଇଥିଲା । ପୂର୍ବତନ ନଗରପାଳ ସ୍ୱର୍ଗତ ରବି ନାହାକ ଲୋକଙ୍କ ଯାତାୟାତ ସୁଗମ ପାଇଁ ଏହି ପୋଲ ନିର୍ମାଣ କରାଇଥିଲେ । ଏବେ ଏହି ପୋଲ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ପୋଲର ଉଭୟ ପାର୍ଶ୍ୱରେ ସୁରକ୍ଷା ବାଡ଼ ଭାଙ୍ଗିରୁଜି ଯାଇଛି । କିଛିଦିନ ପୂର୍ବରୁ ଜଣେ ଯୁବକ ଏହି ବ୍ରିଜ ଦେଇ ସାଇକଲରେ ଯାଉଥିବା ସମୟରେ ତଳକୁ ଖସିପଡ଼ି ଗୁରୁତର ଆହତ ହୋଇଥିଲେ । ଏହି ବ୍ରିଜ ଉପରେ ଗାଡ଼ିମଟର ଯିବା ଦୂର କଥା ଚାଲି ଚାଲି ଯିବାକୁ ଲୋକେ ଭୟ କରୁଛନ୍ତି । ଗୋପିନାଥପୁର ଅଞ୍ଚଳବାସୀ ବ୍ରାହ୍ମଣୀ ନଦୀ ଉପରେ ନିର୍ଭର କରୁଥିଲେ ମଧ୍ୟ ପୌରପରିଷଦ ପକ୍ଷରୁ ନଦୀକୂଳରେ ପାହାଚ, ମହିଳାମାନେ ବସ୍ତ୍ର ପରିଧାନ କରିବାକୁ କୋଠରି ସୁବିଧା କରାଯାଇ ନ ଥିବାରୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏହି ୱାର୍ଡରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ବାସ କରୁଛନ୍ତି । ପୌରପରିଷଦକୁ ଲୋକେ ଟିକସ ପ୍ରଦାନ କରି ଆସୁଥିଲେ ମଧ୍ୟ ଅଞ୍ଚଳର ବିକାଶ ଦିଗରେ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ନିର୍ବାଚନ ଆସିଲେ ୱାର୍ଡକୁ ମାଳମାଳ ନେତାଙ୍କ ସୁଅ ଛୁଟୁଥିବା ବେଳେ ଜିତିଗଲା ପରେ ଆଉ କୌଣସି ନେତାଙ୍କ ପାଦ ସେଠାରେ ପଡ଼େ ନାହିଁ ବୋଲି ୱାର୍ଡବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ୱାର୍ଡର ସମସ୍ୟା ସମାଧାନ କରିବାକୁ ଅଞ୍ଚଳର ଡାକ୍ତର ସାହୁ, ସୁନିଆ ନାଏକ, ବିଶ୍ୱନାଥ ବେହେରା, ଲକ୍ଷ୍ମଣ ବେହେରା, ପ୍ରଦୀପ ବେହେରା ପ୍ରମୁଖ ଦାବି କରିଛନ୍ତି ।

### ପରିବାର ଅଦାଲତ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରୁନି ପୁଲିସ୍

# ନ୍ୟାୟ ନ ପାଇ ଆତ୍ମାହୁତିର ଚେତାବନୀ ଦେଲେ ମହିଳା

ପ୍ରୀତିପୁର, ୧୬।୭ (ସମିସ)

ନ୍ୟାୟ ନ ପାଇଁ ବାଲେଶ୍ୱରର ଜଣେ ଛାତ୍ରୀ ଆତ୍ମାହୁତି ଭଳି କଠୋର ନିଷ୍ପତ୍ତି ନେବା ଘଟଣା ସାରା ରାଜ୍ୟରେ ଅସନ୍ତୋଷର ନିଆଁ ଜାଳିଥିବା ବେଳେ ପୁଣି ଜଣେ ମହିଳା ଆତ୍ମାହୁତି କରିବାକୁ ଚେତାବନୀ ଦେଉଛନ୍ତି। ପରିବାର ଅଦାଲତର ଆଦେଶ ଅନୁଯାୟୀ ଏକ ସ୍ୱାମୀ ପରିତ୍ୟକ୍ତା କେସ୍‌ରେ ଜନୈକା ମହିଳାଙ୍କୁ ମାସିକ ଭରଣ ପୋଷଣ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ମହିଳାଙ୍କ ସ୍ୱାମୀଙ୍କୁ ଆଦେଶ ଦେଇଥିଲେ। ମାତ୍ର ଏହି ଆଦେଶକୁ ପାଳନ ନ ହେବା ଫଳରେ ସ୍ୱାମୀଙ୍କ ବିରୁଦ୍ଧରେ ଫ୍ୟାମିଲି କୋର୍ଟ ଗିରଫ ପରୱାନା ଜାରି କରିଥିଲେ। କିନ୍ତୁ ଏହି ଗିରଫ ପରୱାନାକୁ ଦୀର୍ଘ ଛଅବର୍ଷ ଧରି ପୁଲିସ ଫାଇଲର ନାଲିଫିତା ତଳେ ଚାପି ରଖିଛି।

ପ୍ରକାଶ ଯେ ବିଞ୍ଝାରପୁର ଥାନା ଅନ୍ତର୍ଗତ ବରୀ ବ୍ଲକର ଅଙ୍ଗାଲୋ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ପିତାମ୍ବର ରାଉତଙ୍କର ଝିଅ ଏଲୋରା ଭାରତୀ ରାଉତ ବରୀ ଥାନା ରାଉତସାହି ଗ୍ରାମର କାହ୍ନୁଚରଣ ରାଉତଙ୍କ ପୁଅ ମାନସ ରାଉତଙ୍କୁ ବିବାହ କରିଥିଲେ। ତାଙ୍କର ଏକ ଝିଅ ଜନ୍ମ ହେବା ପରେ ସ୍ୱାମୀ ସହିତ ମତାନ୍ତର ହୋଇ ସେ ବାପଘରକୁ ଚାଲିଆସିଥିଲେ। ବିବାହ ବିଚ୍ଛେଦ ପୂର୍ବରୁ ଏଲୋରା ଭାରତୀ ତାଙ୍କର ସ୍ୱାମୀଙ୍କ ଠାରୁ ଭରଣ ପୋଷଣ ଦାବି କରି ଫ୍ୟାମିଲ କୋର୍ଟରେ ଏକ ମକଦ୍ଦମା ରୁଜୁ କରିଥିଲେ। ଏହି ମକଦ୍ଦମାର ରାୟରେ ଫ୍ୟାମିଲ କୋର୍ଟ ଏଲୋରା ଭାରତୀ ଓ ତାଙ୍କର ଝିଅ ଙ୍କର ଭରଣ ପୋଷଣ ନିମନ୍ତେ ୪୫୦୦ ଟଙ୍କା ପ୍ରତିମାସରେ ଦେବା ପାଇଁ ସ୍ୱାମୀ ମାନସ ରାଉତଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାନସ ଏହି ଭରଣପୋଷଣ ଟଙ୍କା ନ ଦେଇ ଲୁଚୁ ଥିବାରୁ ଏଲୋରା ଭାରତୀ ଫ୍ୟାମିଲ କୋର୍ଟରେ ବାରମ୍ବାର ଅଭିଯୋଗ କରିଥିଲେ। ଫ୍ୟାମିଲ କୋର୍ଟ ବିଚାରପତି ୨୦୧୯, ୨୦୨୩, ୨୦୨୪ ଓ ୨୦୨୫ ମସିହାରେ ବାରମ୍ବାର ଅଭିଯୁକ୍ତ ସ୍ୱାମୀ ମାନସ ରାଉତଙ୍କୁ କୋର୍ଟରେ ହାଜର କରାଇବା ପାଇଁ ବରୀ ରାମଚନ୍ଦ୍ରପୁର ପୁଲିସଙ୍କ ନିକଟକୁ ଗିରଫ ପରୱାନା ପଠାଇବା ସତ୍ତ୍ୱେ ସମ୍ପୃକ୍ତ ପୁଲିସ ଏଥିରେ ତତ୍ପରତା ପ୍ରକାଶ କରୁନାହିଁ। ମାସିକ ଭରଣ ପୋଷଣକୁ ଚାହିଁ ଚାହିଁ ଏଲୋରାଭାରତୀ ଭୋକ ଉପାସରେ ଜୀବନ କାଟୁଥିବା ବେଳେ ନିଜର ପିଲାର ଭବିଷ୍ୟତକୁ ନେଇ ଚିନ୍ତାରେ ଥିବା ପ୍ରକାଶ କରିଛନ୍ତି। ଏଲୋରାଭାରତୀ ରାଜ୍ୟ ମହିଳା କମିଶନର, ରାଜ୍ୟ ମାନାଧିକାର କମିଶନଙ୍କ ନିକଟରେ ପହଞ୍ଚି ନିଜର ଦୁଃଖ ବ୍ୟକ୍ତ କରିବା ପରେ ସେମାନେ ପୁଲିସ ନିକଟକୁ ଚିଠି ଦେଇଥିଲେ। ଏଲୋରା ଭାରତୀ ପୁଲିସ ଉପରେ ଆସ୍ଥା ରଖଥିବା ବେଳେ ପୁଲିସର ଏପରି ଆଚରଣ ତାଙ୍କୁ ହତାଶ କରିଛି। ଫ୍ୟାମିଲ କୋର୍ଟଙ୍କ ଆଦେଶ ଅନୁସାରେ ଅଦ୍ୟାବଧି ଏଲୋରା ଭାରତୀ ତାଙ୍କ ସ୍ୱାମୀଙ୍କ ଠାରୁ ପାଖାପାଖି ଛଅଲକ୍ଷ ଟଙ୍କା ପାଇବେ ବୋଲି କହିଛନ୍ତି। ବରୀ ରାମଚନ୍ଦ୍ରପୁର ପୁଲିସ ଯଦି ୱାରେଣ୍ଟ କାର୍ଯ୍ୟକାରୀ ନ କରେ ତେବେ ସେ ଥାନା ସାମ୍ନାରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ବରୀ ରାମଚନ୍ଦ୍ରପୁର ପୁଲିସ ଏହି ଅସହାୟା ମହିଳାଙ୍କ ପାଇଁ ଆଇନଗତ ସହଯୋଗ କରିବା ପାଇଁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ବେଆଇନ ପାର୍କିଂ ଉପରେ ମିଳିତ ଚଢ଼ଉ



ପାଣିକୋଇଲି, ୧୬।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ୧୬ ଓ ୨୦ ଏବେ ବେଆଇନ ପାର୍କିଂସ୍ଥଳୀ ପାଲଟିଛି। ରାଜପଥ ଉପରେ ବେଆଇନ ପାର୍କିଂ ହେବା ଯୋଗୁଁ ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନର କ୍ଷୟକ୍ଷତି ଘଟୁଛି। ଏ ନେଇ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛି ଯାଜପୁର ଆଞ୍ଚଳିକ ପରିବହନ ବିଭାଗ। ଏ ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶିତ ହେବା ପରେ ବିଭାଗ ପକ୍ଷରୁ ପାଣିକୋଇଲି ପୁଲିସ ରାଜପଥ ପାଟ୍ରୋଲିଂ ସହିତ ଚଢ଼ଉ କରି ପାଣିକୋଇଲି ଛକ ଠାରୁ ସାହାପୁର ପର୍ଯ୍ୟନ୍ତ ରାଜପଥ ଉପରେ ବେଆଇନ ପାର୍କିଂ କରିଥିବା ୧୫ଟି ଟ୍ରକ୍‌ରୁ ୮୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ଆଜି ଯାଜପୁର ଆଞ୍ଚଳିକ ପରିବହନ ଅଧିକାରୀ ଦୀପକ କୁମାର ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏମ୍‌ଭିଆଇ ସୁଦୀପ୍ତ ବେହେରା, ଏଟିଏସଆଇ ରାଜେଶ ମଙ୍ଗରାଜ, କନଷ୍ଟେବଲ ଟି କିଶୋର କୁମାର, ପାଣିକୋଇଲି ଥାନା ଏଏସଆଇ ସୋମନାଥ ରାଉତ, ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ଥାନା କର୍ମଚାରୀ ଅମର ବେହେରା, ମହେନ୍ଦ୍ର ଦାସ, ବିକେ ଖଣ୍ଡାଇ, ଗୋପିନାଥ ଦାସ, ସନ୍ତୋଷ ବେହେରା ପ୍ରମୁଖ ଚଢ଼ଉରେ ସାମିଲ ହୋଇଥିଲେ।

## ବିଦ୍ୟୁତ୍ ଖୁଣ୍ଟରେ ଧକ୍କା; ଟ୍ରକ୍ ଚାଳକ ମୃତ



ପାଣିକୋଇଲି, ୧୬।୭ (ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ୍‌ଗେଟ ନିକଟରେ ଗତକାଲି ରାତି ପ୍ରାୟ ୨.୩୦ ସମୟରେ ଏକ ଲୁହାପଥର ବୋଝେଇ ଟ୍ରକ୍‌ର ଚାଳକଙ୍କ ଆଖି ଲାଗିଯିବାରୁ ସେ ଅନ୍ୟ ଏକ ଟ୍ରକ୍ ପଛରେ ଧକ୍କା ଦେଇଥିଲା। ପରେ ବାମ ପାର୍ଶ୍ୱରେ ଏକ କାରକୁ ଧକ୍କାଦେଇ ଭାରସାମ୍ୟ ହରାଇ ଏକ ବିଦ୍ୟୁତ ଖୁଣ୍ଟରେ ଧକ୍କା ହୋଇଥିଲା। ପ୍ରକାଶ ଯେ ପାଣିକୋଇଲି ଆଡ଼ୁ ଯାଉଥିବା ଏକ ଅଟା ବୋଝେଇ ଟ୍ରକ୍ (ଓଡ଼ି୨୯ଏଚ୦୧୫୩) ଯାନ୍ତ୍ରିକ ତ୍ରୁଟି ଯୋଗୁଁ ରାସ୍ତା ଉପରେ ଛିଡ଼ା ହୋଇଥିଲା। ଉକ୍ତ ଟ୍ରକ୍ ପଛରେ ଅନ୍ୟ ଏକ ଲୁହାପଥର ବୋଝେଇ ଟ୍ରକ୍ (ଓଡ଼ି୨୯ ଏଫ ୩୬୨୧) ଧକ୍କା ଲାଗି ଭାରସାମ୍ୟ ହରାଇ ବାମ ପାର୍ଶ୍ୱରେ ଯାଉଥିବା ଏକ କାରକୁ ଧକ୍କାଦେଇ ୧୧ କେଭି ବିଦ୍ୟୁତ ଖୁଣ୍ଟ ସହିତ ଧକ୍କା ହୋଇଥିଲା। ଫଳରେ ଲୁହାପଥର ବୋଝେଇ ଟ୍ରକ୍‌ର ଚାଳକ ବିହାର ରାଜ୍ୟ ଭୋଜପୁର ଜିଲ୍ଲା କ୍ରିଷ୍ଣଗଡ଼ ଥାନା ଅନ୍ତର୍ଗତ ପୋରା ଗ୍ରାମର ମହେଶ ସାହଙ୍କ ପୁଅ ଜିତୁ ସାହ ଗାଡ଼ି ଭିତରେ ଚାପି ହୋଇ ରହିଯାଇଥିଲେ। କାର୍‌ଟି ଓଲଟି ପଡ଼ିବା ସହ ଟ୍ରକ୍ ପାଖରେ ଛିଡା ହୋଇଥିବା ଅଟା ଟ୍ରକର ଚାଳକ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକମାନେ ଅଟା ଟ୍ରକର ଚାଳକକୁ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ପଠାଇଛନ୍ତି। ଘଟଣାସ୍ଥଳରେ ପାଣିକୋଇଲି ପୁଲିସ, ରାଜପଥ ପୁଲିସ, ସ୍ଥାନୀୟ ଜନସାଧାରଣ, ସ୍ୱେଚ୍ଛାସେବୀ ସଦସ୍ୟ ଓ ଯାଜପୁର ରୋଡ଼ ଦମକଳ ବାହିନୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଟ୍ରକ୍‌ର କେବିନ କାଟି ଚାଳକକୁ ବାହାର କରିଥିଲେ। ତାଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ପାଣିକୋଇଲି ଥାନାରେ ଏକ ମାମଲା ରୁଜୁ ହୋଇ ଶବକୁ ବ୍ୟବଚ୍ଛେଦ କରାଯାଇଛି ବୋଲି ଥାନାର ଏସ୍‌ଆଇ ସୁମିତ କୁଜୁର ଜଣାଇଛନ୍ତି। ଦୁର୍ଘଟଣା ଗ୍ରସ୍ତ ଟ୍ରକ୍ ଦୁଇଟିକୁ ପୁଲିସ ଜବତ କରିଛି।

## ଯାଜପୁର ଜିଲ୍ଲାରେ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ

ଯାଜପୁର, ୧୬।୭ (ସମିସ): ଜାତୀୟ ଆଇନସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ଏବଂ ତାଲୁକ୍ ଆଇନ ସେବା ସମିତି ଯାଜପୁର ରୋଡ ଓ ଚଣ୍ଡିଖୋଲରେ ଏକ ୯୦ ଦିନିଆ ସ୍ୱତନ୍ତ୍ର ମଧ୍ୟସ୍ଥତା ଅଭିଯାନ ଶୁଭାରମ୍ଭ କରାଯାଇଛି। ଏହି ଅଭିଯାନ ମାଧ୍ୟମରେ ଅଦାଲତରେ ବିଚାରାଧୀନ ବୈବାହିକ ବିବାଦ, ଘରୋଇ ହିଂସା, ଚେକ୍ ବାଉନ୍ସ, ବାଣିଜ୍ୟିକ ବିବାଦ, ସର୍ଭିସ୍ ମ୍ୟାଟର, କ୍ରିମିନାଲ କମ୍ପାଉଡେବଲ, ଖାଉଟି ବିବାଦ, ଡେବଟ୍ ରିକଭରି, ପାର୍ଟିସନ୍ ଏଭିକ୍ସନ୍, ଜମି ଅଧିଗ୍ରହଣ, ଅନ୍ୟାନ୍ୟ ଉପଯୋଗୀ ଦେୱାନୀ ମାମଲାର ଆପୋଷ ସହମତି ଭିତ୍ତିରେ ସମାଧାନ କରାଯିବ। ଏହି ଅଭିଯାନ ଆସନ୍ତା ଅକ୍ଟୋବର ମାସ ୬ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ଅଭିଯାନରେ ଅଂଶଗ୍ରହଣ କରି ଉପରୋକ୍ତ ମାମଲା ଗୁଡ଼ିକର ତ୍ୱରିତ ସମାଧାନ କରାଇନେବା ପାଇଁ ଜିଲ୍ଲା ଆଇନସେବା ପ୍ରାଧିକରଣ, ଯାଜପୁର ତରଫରୁ ଅନୁରୋଧ କରାଯାଇଛି।

## ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ




ଯାଜପୁର, ୧୬।୭ (ସମିସ): ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ କାର୍ଯ୍ୟାଳୟ, ଯାଜପୁର ଏବଂ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଯାଜପୁର ଦ୍ୱାରା ସ୍ଥାନୀୟ ବରୁଆଁ ସ୍ଥିତ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ, ଯାଜପୁର ଠାରେ ବିଶ୍ୱ ଯୁବ ଦକ୍ଷତା ଦିବସ ପାଳନ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଯୁଧିଷ୍ଠିର ନାୟକ ଏବଂ ଜିଲ୍ଲା ଦକ୍ଷତା ବିକାଶ ତଥା ନିଯୋଜନ ଅଧିକାରୀ ସୁଶାନ୍ତ କୁମାର ନାୟକ ଏବଂ ଅଧ୍ୟକ୍ଷ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ପଦ୍ମଚରଣ ସେଠୀ ଯୋଗଦାନ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ନିଯୁକ୍ତି ଭିତ୍ତିକ ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ନେଇଥିବା ଯୁବକ ଯୁବତୀମାନଙ୍କୁ ନିଯୁକ୍ତି ପତ୍ର ଏବଂ ପ୍ରମାଣ ପତ୍ର ପ୍ରଦାନ କରିବା ସହ ସରକାରୀ ଶିଳ୍ପ ତାଲିମ୍ ଅନୁଷ୍ଠାନ ଦ୍ୱାରା ହୋଇଥିବା କୁଇଜ୍ ଏବଂ ବକ୍ତୃତା ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ସହ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ତିଆରି ହୋଇଥିବା ପ୍ରୋଜେକ୍ଟ ଏବଂ ମଡେଲ ଗୁଡ଼ିକୁ ଦେଖି ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାକେଶ କୁମାର ନାୟକ, ରଞ୍ଜନ କୁମାର ଜେନା, ସ୍ୱାଗତ ସାହୁ, ବିଭୂତି ଭୂଷଣ ଆଇଚ, ରିଙ୍କି ବେହେରା ପ୍ରମୁଖ ଆୟୋଜନ କରିଥିଲେ।

## ଅଖିଳଚକ୍ର ପକ୍ଷରୁ ଶାସନ୍ଦାରେ ଶ୍ରଦ୍ଧାଞ୍ଜଳି ସଭା

ପ୍ରୀତିପୁର, ୧୬।୭ (ସମିସ): ଶାସନ୍ଦା ଗ୍ରାମର ପୂର୍ବତନ କୃଷି ଅଧିକାରୀ, ସୁସଂଗଠକ ତଥା ଅଖିଳଚକ୍ରର ପୁରାତନ କର୍ମୀ ଗୋକୁଳି ଚନ୍ଦ୍ର ସାମଲଙ୍କର ଗତ ବାହୁଡାରେ ୮୨ ବର୍ଷ ବୟସରେ ଦେହାନ୍ତ ହୋଇଯାଇଥିଲା। ତାଙ୍କର ଏକାଦଶାହରେ ଅଖିଳଚକ୍ର ପକ୍ଷରୁ ଏକ ଶୋକସଭାର ଆୟୋଜନ ହୋଇଥିଲା। ଏଥିରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ ଓ ବିଜୟ କୁମାର ମହାପାତ୍ର ଯୋଗ ଦେଇ ଶ୍ରଦ୍ଧାଞ୍ଜଳି ଅପ;ଣ କରିଥିଲେ। ଅନୁଷ୍ଠାନର ଉପସଭାପତି ଡ. ଶ୍ରୀହରି ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଶୋକସଭାରେ ସ୍ୱର୍ଗତଃ ସାମଲଙ୍କ ବଡ଼ ଝିଅ ସ୍ୱର୍ଣ୍ଣଲତା ସାମଲ, ପ୍ରଭାମଞ୍ଜରୀ ସାମଲ, ଶୋଭାମଞ୍ଜରୀ ସାମଲ ଓ ସବିନ୍ଦ୍ର କୁମାର ସାମଲ ତାଙ୍କ ପିତାଙ୍କ ସ୍ମୃତି ରୋମନ୍ଥନ କରିଥିଲେ। ଅଖିଳଚକ୍ରର ଉପସଭାପତି ପ୍ରାଧ୍ୟାପକ ପ୍ରସନ୍ନ କୁମାର ରାଉତ, ସମ୍ପାଦକ ହରେକୃଷ୍ଣ ପଣ୍ଡା, ସହସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଶୁଶାନ୍ତ ମିଶ୍ର, କବି ରବୀନ୍ଦ୍ର କୁମାର ବେଉରିଆ, ପ୍ରାଣକୃଷ୍ଣ ଶତପଥୀ, କୃଷ୍ଣ କୁମାର ଦାସ, ରବୀନ୍ଦ୍ର କୁମାର ସାମଲ, ଖରସ୍ରୋତା ପୁସ୍ତକମେଳା କମିଟିର ସଭାପତି ପଦ୍ମାକର ଗୁରୁ, ଜହାଙ୍ଗୀର ଖାଁ, ନିତ୍ୟାନନ୍ଦ ରାଉତ, ପ୍ରଦୀପ କୁମାର ମଲ୍ଲିକ, ପ୍ରିୟତମା ବେଉରିଆ ପ୍ରମୁଖ ସାମିଲ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।



## ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ଧର୍ମଶାଳା, ୧୬।୭ (ସମିସ): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ନାକପୋଲସ୍ଥିତ ପତିତପାବନ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସହକାରୀ ବିଜ୍ଞାନ ଶିକ୍ଷୟିତ୍ରୀ ସୁପ୍ରଭା ଜେନାଙ୍କ ବିଦାୟୀକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଇନ୍ଦିରା ଗାଗରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଯାଜପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଶତପଥୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଧର୍ମଶାଳା ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଇନ୍ଦୁପ୍ରଭା ସାମଲ ଯୋଗଦେଇ କଠିନ ପରିଶ୍ରମ ବିନା ସଫଳତା ଅସମ୍ଭବ ବୋଲି ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଧର୍ମଶାଳା ମଣ୍ଡଳ ଶିକ୍ଷାଧିକାରୀ ଅଭୟ କୁମାର ବେହେରା ଯୋଗଦେଇଥିଲେ।। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଗଙ୍ଗାଧରପୁର ଗ୍ରାମପଞ୍ଚାୟତର ସରପଞ୍ଚ ତ୍ରିଲୋଚନ ଜେନା, ମୋ ସ୍କୁଲ ଅଭିଯାନର ସଭାପତି ଇଂ. ନିରଞ୍ଜନ ମିଶ୍ର, ଏସ୍‌ଏମସି ସଭାପତି ବେଣୁଧର ଦାସ, ଅବସରପ୍ରାପ୍ତ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ନବଘନ ମହାନ୍ତି, ଯୁଗଳ କିଶୋର ଦାସ, ସଦାଶିବ ଦାସ, ପ୍ରଫୁଲ୍ଲ କୁମାର ଜେନା, ଅନନ୍ତ କିଶୋର ଜେନା, ଉମେଶ ଚନ୍ଦ୍ର ଦାଶ, ଭାସ୍କର ସେଠୀ, ମଦନମୋହନ ସାମଲ ପ୍ରମୁଖ ଯୋଗଦେଇଥିଲେ। ଶିକ୍ଷକ ନାରାୟଣ ନନ୍ଦ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଅକ୍ଷୟ କୁମାର ଦାସ ମଞ୍ଚ ସଞ୍ଚାଳନା କରିଥିଲେ। କଣ୍ଟାମାଳିଆ ପ୍ରକଳ୍ପ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ନରେନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଏକ ବିରାଟ ପଟୁଆରରେ ବିଦାୟୀ ଶିକ୍ଷୟିତ୍ରୀ ତାଙ୍କ ନିଜସ୍ୱ ବାସଭବନରେ ଛାଡିଥିଲେ।

## ଖରସ୍ରୋତା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠା ଦିବସ



ପାଣିକୋଇଲି, ୧୬।୭ (ସମିସ): ଯାଜପୁର ବ୍ଲକ ଅନ୍ତର୍ଗତ ବେରୁଦା ପଞ୍ଚାୟତ ଜହଲସ୍ଥିତ ଖରସ୍ରୋତା ସରକାରୀ ଉଚ୍ଚ ବିଦ୍ୟାଳୟର ୫୨ତମ ପ୍ରତିଷ୍ଠା ଦିବସ ଆଜି ମହାସମାରୋହରେ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗୀତା କରାଯାଇଥିଲା। କୃତୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସମେତ ସମସ୍ତ ପୁରାତନ ଓ ବର୍ତ୍ତମାନର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟର ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭା ପ୍ରଧାନ ଶିକ୍ଷକ ଅଶୋକ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିମନ୍ତ୍ରିତ ଅତିଥି ଭାବେ ଭରତ ଚନ୍ଦ୍ର ବେହେରା, କେଦାର ନାଥ ଭଦ୍ର, କୈଳାସ ଚନ୍ଦ୍ର ବାରିକ, ଭଗବାନ ନାୟକ, ପିତାମ୍ବର ଭଦ୍ର, ଚୈତନ୍ୟ ଚରଣ ସାହୁ, ହେମଲତା ବିଶ୍ୱାଳ, ଆର୍ତ୍ତତ୍ରାଣ ସ୍ୱାଇଁ, ପ୍ରଦୀପ କୁମାର ନାୟକ, ଧରଣୀ ଧର ଭଦ୍ର, ଉତ୍ତମ ଭଦ୍ର ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ ଛାତ୍ରଛାତ୍ରୀ, କର୍ମଚାରୀ ସହଯୋଗ କରିଥିଲେ।

## ଯୁବ ବିଜେଡିର ସାଂଗଠନିକ ବୈଠକ



କୁଆଖିଆ, ୧୬।୭ (ସମିସ): ରସୁଲପୁର ବ୍ଲକ ବଡକଇଁଚି ପଞ୍ଚାୟତ ସ୍ଥିତ ମା' ଜାଗୁଳାଇ ପୀଠରେ ଯୁବ ବିଜେଡିର ଏକ ସାଂଗଠନିକ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଜିଲା ଯୁବ ବିଜେଡି ଉପସଭାପତି ନିହାର ରଞ୍ଜନ କଣ୍ଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଗାମୀ ଦିନରେ ବ୍ଲକ ତଥା ଜିଲା ସ୍ତରରେ ଦଳୀୟ ଯୁବ ସଂଗଠନକୁ ଅଧିକ ମଜବୁତ କରିବା ପାଇଁ ଆଲୋଚନା ହୋଇଥିଲା। ପୂର୍ବତନ ମନ୍ତ୍ରୀ ତଥା ବିଜେଡି ଉପସଭାପତି ପ୍ରଣବ ପ୍ରକାଶ ଦାସ ଓ ଭବ ପ୍ରସାଦ ଦାସଙ୍କ ମାର୍ଗଦର୍ଶନରେ ସଂଗଠନକୁ ଦୃଢ କରିବା ସହିତ ସରକାରଙ୍କ ବିଫଳତାକୁ ଜୋରଦାର ବିରୋଧ କରିବାକୁ ଶ୍ରୀ କଣ୍ଟ ଉପସ୍ଥିତ ଯୁବନେତୃତ୍ୱ ଓ ସଂଗଠକ ମାନଙ୍କୁ ଆହ୍ୱାନ ଦେଇଥିଲେ। ମଧୁବନ ଠାରୁ ଏକ ଶୋଭାଯାତ୍ରାରେ ନିହାର କଣ୍ଟଙ୍କୁ ଯୁବ ବିଜେଡିର କର୍ମୀମାନେ ଶୋଭାଯାତ୍ରାରେ ବୈଠକ ସ୍ଥଳକୁ ନେଇଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ବହୁ ସଂଖ୍ୟକ ଯୁବ ବିଜେଡି କର୍ମୀମାନେ ଯୋଗଦେଇଥିଲେ।

## କୋରେଇ ଉନ୍ନୟନ ପରିଷଦର ବୃକ୍ଷରୋପଣ



ଶଙ୍ଖଚିଲା, ୧୬।୭ (ସମିସ): ଦିନକୁ ଦିନ ବହୁସଂଖ୍ୟାରେ ଗଛକଟା ହେବା ଯୋଗୁଁ ଜଙ୍ଗଲ ଧ୍ୱଂସ ହେଉଛି। ଏଥିଯୋଗୁଁ ପ୍ରକୃତି ତା'ର ଭାରସାମ୍ୟ ହରାଇ ବସିଲାଣି। ପରିବେଶ ସନ୍ତୁଳନରେ ବାଧା ବି ଉପୁଜିଲାଣି। ଯାହା ଫଳରେ ଜଳବାୟୁରେ ଅନେକ ପରିବର୍ତ୍ତନ ଦେଖାଯାଉଛି। ଏହାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଲକ୍ଷରେ କୋରେଇ ଉନ୍ନୟନ ସାମାଜିକ ସଂଗଠନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। ସଂଗଠନର ସଭାପତି ଶ୍ରୀଧର ଦାସଙ୍କ ନେତୃତ୍ୱରେ ବିଭିନ୍ନ ଜାତିର ବୃକ୍ଷ ଶଙ୍ଖଚିଲାରୁ ଖମଣ ଆରଡ଼ି ରାସ୍ତା ପାର୍ଶ୍ୱରେ ରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଆଲୋକ କୁମାର ଦାଶ, ସୂର୍ଯ୍ୟମଣୀ ମହାପାତ୍ର, ପ୍ରଭାକର ସାହୁ, ଧନେଶ୍ୱର ସାହୁ, କାଶୀନାଥ ସାହୁ, ପ୍ରଦୀପ କୁମାର ସାହୁ, ବୈଷ୍ଣବ ପାତ୍ର, ସୂର୍ଯ୍ୟମଣି ପାତ୍ର, ପ୍ରସନ୍ନ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ। ଚଳିତ ବର୍ଷ କୋରେଇର ବିଭିନ୍ନ ଅଞ୍ଚଳରେ ଏହି ଭଳି ବୃକ୍ଷରୋପଣ କରିବାକୁ ଲକ୍ଷ୍ୟ ରଖାଯାଇଛି।

## ମାନବର ଭୁଲ୍ ପାଇଁ ଦଣ୍ଡପାଉଛି କୁକୁର

କଁଯାଗୋଲା, ୧୬।୭ (ସମିସ)



ପ୍ଲାଷ୍ଟିକର ବହୁଳ ବ୍ୟବହାର ଯୋଗୁଁ ପରିବେଶ ଓ ଜୀବଜଗତ ନାହିଁ ନଥିବା କ୍ଷତି ହୋଇଥିବାରୁ ରାଜ୍ୟ ଓ କେନ୍ଦ୍ର ସରକାର ସଂଗଠନ ପର୍ଯ୍ୟନ୍ତ ପ୍ଲାଷ୍ଟିକ ବ୍ୟବହାର ଉପରେ ରୋକ ଲଗାଇବାକୁ ସ୍ୱର ଉଠିଛି। ପ୍ଲାଷ୍ଟିକ ବର୍ଜନ ପାଇଁ ପ୍ରଶାସନ ତରଫରୁ ବାରମ୍ବାର ନିବେଦନ କରାଯାଉଥିଲେ ମଧ୍ୟ ପ୍ଲାଷ୍ଟିକର ବ୍ୟବହାର କମୁନି ଓ ପ୍ଲାଷ୍ଟିକର ବ୍ୟବହାର ଯୋଗୁଁ ଜୀବଜଗତ ପ୍ରତି ମୁହୂର୍ତ୍ତରେ କ୍ଷତି ସହୁଛି। ଏହିପରି ଭାବରେ ଦଶରଥପୁର ଆଞ୍ଚଳରେ ଗତ କିଛି ମାସ ହେଲା ବର୍ଜ୍ୟ ପ୍ଲାଷ୍ଟିକ ବସ୍ତୁରେ ଗୃହପାଳିତ ପଶୁ କ୍ଷତିଗ୍ରସ୍ତ ହେବାର ଦେଖାଯାଉଛି। ନିକଟରେ ଏକ ବୁଲା କୁକୁର ପ୍ଲାଷ୍ଟିକ ଜାରରେ ମୁହଁ ପୂରେଇ ଦେବାରୁ ପ୍ଲାଷ୍ଟିକ ଜାରଟି ତା' ମୁଣ୍ଡରେ ଲଟକି ଯାଇଥିଲା। ଫଳରେ ତାର ଆଖି କୁ ଦେଖା ଯାଉଥିଲେ ମଧ ସେ ଖାଦ୍ୟ ପାଣି ପିଇ ପାରୁନ ଥିଲା। କିଛି ଯୁବକ ତା' ମୁଣ୍ଡରୁ ଜାରଟି ଖସେଇବା ପାଇଁ ଚେଷ୍ଟା କରିଥିଲେ ମଧ ବିଫଳ ହୋଇଥିଲେ। କୁକୁରଟି ୨ ଦିନ ହେବ ଏଣେ ତେଣେ ବୁଲୁଥିଲେ ମଧ ସେ ଖାଇପାରୁ ନଥିଲା ଦୁର୍ବଳ ହେଇଥିବା ଦେଖାଯାଉଛି। ମଣିଷର ସାମାନ୍ୟ ଭୁଲ ପାଇଁ କୁକୁର ଟି ବିନା କାରଣ ରେ ଶାସ୍ତି ପାଉଥିବାରୁ ପଶୁପ୍ରେମୀ ଉଦବେଗ ପ୍ରକାଶ କରିଛନ୍ତି। ବୁଲା ଗାଇଗୋରୁ ପ୍ଲାଷ୍ଟିକ ଜରିରେ କିଛି ଖାଦ୍ୟ ଲାଗିଥିଲେ ଜରି ସହିତ ଖାଇ ରୋଗାଗ୍ରସ୍ତ ହେଉଥିବା ଦେଖାଯାଉଛି। ସରକାର ପ୍ଲାଷ୍ଟିକ ନିଷିଦ୍ଧ କରିଥିଲେ ମଧ ଏବେ ବି ବଜାରରେ ବହୁ ଜିନିଷ ପ୍ଲାଷ୍ଟିକ ପ୍ୟାକେଟରେ ମିଳୁଥିବା ଦେଖାଯାଇଛି। ଉପର ଠାଉରିଆ ଭାବରେ ଲୋକଙ୍କୁ ସଚେତନତା କରା ନଯାଇ ସଚେତନତା ବାର୍ତ୍ତାକୁ ଘରେ ଘରେ ନ ପହଞ୍ଚାଇଲେ ଭବିଷ୍ୟତରେ ଏପରି ଅନେକ କୁକୁର ଓ ଗାଇଗୋରୁ ଅଯଥାରେ ଦଣ୍ଡପାଇବେ ବୋଲି ସ୍ପଷ୍ଟ ଦେଖାଯାଉଛି।

# ଭୁବନେଶ୍ୱର ସିଟି









ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ମାନସିକ ନିର୍ଯାତନା ଓ ଆତ୍ମଦାହ ଘଟଣାର ପ୍ରତିବାଦରେ ବିଜେଡି ପକ୍ଷରୁ ଗାନ୍ଧୀମାର୍ଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ବେଳେ ଧସ୍ତାଧସ୍ତି

## ଗାଧୁଆ ବେଳର ଭିଡିଓ ଭାଇରାଲ୍ କରି ଗିରଫ

ଭୁବନେଶ୍ୱର, ୧୬।୭ (ସମିସ): ଗୋଟିଏ ପରିବାରର ଜଣେ ନାବାଳିକା ଓ ଦୁଇ ମହିଳାଙ୍କ ଗାଧୁଆ ବେଳର ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାଣିଓରାରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର



ନିର୍ମଳ କୁମାର ପ୍ରଧାନ ଓରଫ୍ କାର୍ତ୍ତିକ (୩୦)।

ପୁଲିସ ସୂଚନା ଅନୁସାରେ, କାର୍ତ୍ତିକ ପାଣିଓରା ଅଞ୍ଚଳରେ ଭଡ଼ାରେ ରହୁଥିଲା। ଗତ କିଛିଦିନ ହେବ ପଡ଼ୋଶୀ ଘରର ମହିଳାଙ୍କ ପ୍ରତି ମନରେ ମନ୍ଦ ଚିନ୍ତାଧାରା ରଖିଥିଲା। ପୀଡିତା ନିଜ ଘର ପଛ ପାଖରେ ଗାଧୋଉଥିବା ବେଳେ କାର୍ତ୍ତିକ କୌଶଳକ୍ରମେ ତାଙ୍କର ଭିଡିଓ କରି ନେଇଥିଲା। ସେହିଭଳି ଘରର ନାବାଳିକା ଏବଂ ତାଙ୍କ ପରିବାରର ଆଉ ଦୁଇ ମହିଳାଙ୍କ ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲା। ସେହି ଭିଡିଓଗୁଡ଼ିକୁ ତା'ର ଜଣେ ବନ୍ଧୁ ନିକଟକୁ ପଠାଇ ଦେଇଥିଲା। ପୀଡିତାଙ୍କ ବାପା ଘଟଣା ବିଷୟରେ ଜାଣିବା ପରେ କାର୍ତ୍ତିକକୁ ପଚାରିବା ସହିତ ଭିଡିଓ ଡିଲିଟ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ କାର୍ତ୍ତିକ ଭିଡିଓ ଡିଲିଟ କରିବା ପରିବର୍ତ୍ତେ ତାଙ୍କୁ ଗାଳିଗୁଲଜ କରିଥିଲା। ଭିଡିଓ ଡିଲିଟ କରିବା ପାଇଁ ଟଙ୍କା ମାଗିଥିଲା। ଏଥିସହିତ ସେହି ଭିଡିଓକୁ ପୁଣିଥରେ ତା'ର ସାଙ୍ଗକୁ ପଠାଇ ଦେଇଥିଲା। ଏନେଇ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ କାର୍ତ୍ତିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ର ମୋବାଇଲ ଫୋନ ଓ ତାଙ୍କ ବନ୍ଧୁଙ୍କ ମୋବାଇଲ ଫୋନକୁ ଜବତ କରିଥିଲା ପୁଲିସ।

## ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୬।୭ (ସମିସ): ସରକନ୍ତରା ଲେବଲ କ୍ରସିଂ ନିକଟସ୍ଥ ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି ସରକନ୍ତରା ଗାଁର ରୁଦ୍ରନାରାୟଣ ଦାସ ଓରଫ ଗୁଡ୍ଡୁ (୧୭)। ଭୁବନେଶ୍ୱର ଜିଆରପି ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁସାରେ, ସରକନ୍ତରାର ଗୁଡ୍ଡୁ ମହୁରାସ୍ଥିତ ମାମୁ ଘରେ ରହି ମଦନପୁରସ୍ଥିତ ଏକ ଘରୋଇ କଲେଜରେ ଆଇଟିଆଇ ପଢୁଥିଲେ। ସବୁଦିନ ଭଳି ଗତକାଲି ସକାଳେ ମାମୁଘରୁ କଲେଜ ଯାଇଥିଲେ ମଧ୍ୟ ଅପରାହ୍ନରେ ଘରକୁ ଫେରି ନ ଥିଲେ। ସେ ନିଜ ଗାଁ ସରକନ୍ତରା ଯାଇଥିବା ଭାବି ମାମୁ ତାଙ୍କ ବାପାଙ୍କୁ ଫୋନ କରି ପଚାରିଥିଲେ। ହେଲେ ସେଠାକୁ ମଧ୍ୟ ଯାଇ ନ ଥିବାରୁ ଦୁଇ ପରିବାର ଖୋଜାଖୋଜି କରିଥିଲେ। ପୁଲିସ ସହାୟତାରେ ମୋବାଇଲ ଟ୍ରାକିଂ କରିବା ପରେ ଲୋକେସନ ରେଳ ଧାରଣା ନିକଟରେ ଦେଖାଇଥିଲା। ଗାଁ ଲୋକେ ଖୋଜାଖୋଜି କରିବା ପରେ ରେଳ ଧାରଣାରୁ ରୁଦ୍ରଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରିବାର ଲୋକେ ତାଙ୍କୁ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ, ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଅଭିଯୋଗ ଆଧାରରେ ଜିଆରପି ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଛି। ତେବେ ପୁଅର ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ରେଳ ଧାରଣାରେ ଫୋପାଡ଼ି ଦିଆଯାଇଛି, ସେନେଇ ମଧ୍ୟ ସ୍ପଷ୍ଟ ହୋଇ ପାରିନାହିଁ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ




ଭୁବନେଶ୍ୱର, ୧୬।୭ (ସମିସ) : ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବଛାତ୍ର କ୍ରାନ୍ତିସେନା। ଏଭଳି ଘଟଣା ପାଇଁ ସରକାରଙ୍କୁ ଦାୟୀ କରିଛି ସଂଗଠନ। ଏକ ଶିକ୍ଷା ପ୍ରତିଷ୍ଠାନର ଏଚ୍ଓଡି ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ କରି, ନ୍ୟାୟ ପାଇଁ ଲଢୁଥିବା ସୌମ୍ୟାଶ୍ରୀ ନିଜର ଶରୀରକୁ ନିଆଁ ଲଗାଇବାକୁ ବାଧ୍ୟ ହେଲେ, ଯାହା ଅତ୍ୟନ୍ତ ଦୁଃଖଦ ତଥା ଆମ ଶାସକୀୟ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ସଂଗଠନର ଆବାହକ ପାର୍ଥସାରଥୀ ମୁଦୁଲି ଅଭିଯୋଗ କରିଛନ୍ତି।

ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଯୁବଛାତ୍ର କ୍ରାନ୍ତି ସେନା ତରଫରୁ ମାଷ୍ଟରକ୍ୟାଣ୍ଟିନରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରିସ୍ଥଳେ ଛାତ୍ରମାନଙ୍କ ଉପରକୁ ଲାଠିଚାର୍ଜ କରିଥିଲା ପୁଲିସ। ସଂଗଠନର ଅଭିଯୋଗ

## ଭୀମକୁଣ୍ଡରେ ଶୋଭାପାଇବ ୫ ଫୁଟିଆ ଶିବମୂର୍ତ୍ତି

ଭୁବନେଶ୍ୱର, ୧୬।୭(ସମିସ): ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଭୀମକୁଣ୍ଡ ପୁଷ୍କରିଣୀରେ ଶୋଭା ପାଇବାକୁ ଯାଉଛି ୫ ଫୁଟିଆ ଶିବଙ୍କ ମୂର୍ତ୍ତି। ଏହି ମୂର୍ତ୍ତିରୁ ଗଙ୍ଗା ଅବତରଣ କରୁଥିବା ଦୃଶ୍ୟ ବି ଦେଖିବାକୁ ମିଳିବ। ଭୀମଟାଙ୍ଗୀସ୍ଥିତ ଭୀମେଶ୍ୱର ମନ୍ଦିର ପାଖରେ ଥିବା ଏହି ପୁଷ୍କରିଣୀ ଏବେ ଆଲୋକମାଳାରେ ଝଲସି ଉଠିବା ସହିତ ଚାରିପଟ ଷ୍ଟିଲ୍ ବ୍ୟାରିକେଡ୍ ବି ରହିବା ସହ ପୁଷ୍କରିଣୀ ପାଖରେ ବସିବା ପାଇଁ ଉପଯୁକ୍ତ ସ୍ଥାନ ମଧ୍ୟ ମିଳିବ।

ଏହି ପୁଷ୍କରୀଣୀ କାର୍ଯ୍ୟ ଚଳିତ ବର୍ଷ ମେ ମାସରୁ ଆରମ୍ଭ ହୋଇଛି। ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ୧୫ ବର୍ଷ ତଳେ ଏହି ପୁଷ୍କରିଣୀକୁ ଅଳ୍ପ ଖୋଳାଯାଇଥିଲା। କିନ୍ତୁ ଗତବର୍ଷ ସ୍ଥାନୀୟ କର୍ପୋରେଟରଙ୍କ ପ୍ରଚେଷ୍ଟାରେ ୪୨ଲକ୍ଷ ଟଙ୍କାର ବ୍ୟୟବରାଦରେ ଏହାର ଟେଣ୍ଡର କରାଗଲା। ଚଳିତ ବର୍ଷ ୧୪.୯୯ ଲକ୍ଷରେ ଟେଣ୍ଡର ଅନୁମୋଦିତ ହୋଇ ବର୍ତ୍ତମାନ ଏହାର କାର୍ଯ୍ୟ ଚାଲୁଅଛି। ବିଶେଷ କରି ଏହି ପୁଷ୍କରିଣୀ ମଝିରେ ୫ଲକ୍ଷ ଟଙ୍କାରେ କଳା ମୁଗୁନି ପଥରରେ ନିର୍ମିତ ୫ଫୁଟ୍‌ର ଶିବ ଲିଙ୍ଗ ସ୍ଥାପନ କରାଯିବ।

ବର୍ଷା ହେଉଥିବାରୁ ପୁଷ୍କରିଣୀ ଭିତରେ ପାଣି ଥିବାରୁ କାମ ବନ୍ଦ ଅଛି। ବର୍ଷା ଛାଡ଼ିଲେ କାମ ପୁଣି ଆରମ୍ଭ ହେବ। ଏବେ ଖାଲି ମନ୍ଦିର ଚାରିପଟ କାମ ଚାଲୁଅଛି। ନଭେମ୍ବର ମାସ ସୁଧା କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି କର୍ପୋରେଟର ଶିବ ନାରାୟଣ ରାୟ କହିଛନ୍ତି। ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଭୀମେଶ୍ୱର ମନ୍ଦିରର ପୂଜକ ଗତିକୃଷ୍ଣ ମହାପାତ୍ର। ସୂଚନା ଯୋଗ୍ୟ ଲିଙ୍ଗରାଜ ମହାପ୍ରଭୁ ମାଘ ମାସ ଭୌମ୍ୟ ଏକାଦଶୀରେ ଏହି ଭୀମଶ୍ୱର ମନ୍ଦିରକୁ ବିଜେ ପାଇଁ ଆସିବା ବେଳେ ଏହି ପୁଷ୍କରିଣୀରୁ ପାଣିଆସି ଠାକୁରଙ୍କୁ ସ୍ନାନ କରାଯାଉଥିଲା। ହେଲେ ପାଣି ଆସ୍ତେ ଆସ୍ତେ ଖରାପ ହେବାରୁ ପ୍ରାୟ ପଚିଶି ବର୍ଷ ହେଇଯିବ ପୁଷ୍କରିଣୀରୁ ଆଉ ପାଣି ଆସୁନାହିଁ। ମନ୍ଦିରରେ ଏକ କୂଅ କରାଯାଇ ସେହି କୂଅ ପାଣିରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଭୌମ୍ୟ ଏକାଦଶୀ ବେଳେ ଗାଧୋଉଛନ୍ତି।

## ବର୍ଷାଦିନେ ୱାଟ୍‌କୋର ରାସ୍ତାଖୋଳା

ଭୁବନେଶ୍ୱର, ୧୬।୭(ସମିସ): ୱାଟ୍‌କୋର ବିଚିତ୍ର ବ୍ୟବସ୍ଥା ସାମ୍ନାକୁ ଆସିଛି। ଶୀତ ଗଲା, ଖରାଦିନ ଗଲା। ଯେମିତି ବର୍ଷା ଆସିଲା ସେମିତି ସ୍ୱେରେଜ୍ ଲାଇନ୍ ପାଇଁ ୱାଟ୍‌କୋର ରାସ୍ତାଖୋଳା ଆରମ୍ଭ ହେଲା। ବିଶେଷକରି ଡୁ ଡୁ ବର୍ଷା ବେଳେ ୱାଟକୋ ରାସ୍ତା ଖୋଳି ସ୍ୱେରେଜ ଲାଇନ୍ କାମ ଆରମ୍ଭ କରିଛି। ବିକଳ୍ପ ବ୍ୟବସ୍ଥା ନ କରି ଡୁମୁଡୁମା ପାଲାମଣ୍ଡପ ଅଞ୍ଚଳରେ ୩ ଦିନ ହେଲା ରାସ୍ତା ଖୋଳି ଚାଲିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଘରୁ ବାହରି ପାରୁ

■ ଘରୁ ବାହାରି ପାରୁନାହାନ୍ତି ଅଞ୍ଚଳବାସୀ




ନାହାନ୍ତି। ଏଭଳି ଭାବେ ରାସ୍ତା ଖୋଳା ହୋଇଛି ଜରୁରିକାଳୀନ ସ୍ଥିତିରେ ବାହାରକୁ ଲୋକେ ବାହାରି ପାରୁ ନାହାନ୍ତି। ଯାତାୟତ ଏବଂ ଜିନିଷପତ୍ର ନେବା ଆଣିବା କରିବା ବେଳେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୪ଦିନ ମଧ୍ୟରେ ପ୍ରାୟ ୪୦୦ ମିଟର ରାସ୍ତା ଖୋଳା ଶେଷ ହେଲାଣି। ଲୋକେ ଘରୁ ବାହାରକୁ ବାହାରିବାକୁ ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ। ବାଇକ୍ କିମ୍ବା ଚାରି ଚକିଆ ନେବା ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟ ହୋଇପଡୁଛି। ଘରୁ ବାହାରକୁ ବାହାରିବା ପାଇଁ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟ ସମ୍ଭବ ହୋଇପାରୁ ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଅଧ କିଲୋମିଟର ଦୂରରେ ଗାଡି ରଖି ଚାଲି ଚାଲି ଆସିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବର୍ଷା ବେଳେ ଜଳବନ୍ଦୀ ଦେଖାଦେଲେ ଏହି ଅଞ୍ଚଳକୁ ଚାଲି ଚାଲି ଯିବା ଆସିବା କରିବା ବିପଦସଂକୁଳ ହୋଇଯିବ। ଏସମ୍ପର୍କରେ ଦୀପକ ବେହେରା ନାମକ ଜଣେ ଯୁବକ କହିଛନ୍ତି ସମାନ୍ୟତମ ରାସ୍ତା ଛଡା ଯାଇ ନାହିଁ ଯିବା ଆସିବା କରିବାକୁ। ଖରାଦିନ ଶୀତଦିନ ଚାଲିଗଲା କାମ ହେଲାନି କିନ୍ତୁ ବର୍ଷା ଡୁ ଡୁ ହେଉଛି ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଲା ବେଳେ ୱାଟକୋର ରାସ୍ତା ଖୋଳା କଥା ମନେ ପଡୁଛି। ପିଙ୍କି ନାୟକ ନାମକ ଜଣେ ଯୁବତୀ କହିଛନ୍ତି ଅନ୍ତତ ୨ଚକିଆ ଯିବା ଆସିବା କରିବାକୁ ଏକ ଅସ୍ଥାୟୀ ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ। ନହେଲେ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ହସ୍ପିଟାଲ ପର୍ଯ୍ୟନ୍ତ ନେବା ମୁସ୍କିଲ ହୋଇଯିବ।

### ମନ୍ତ୍ରୀଙ୍କ ବାସଭବନ ଘେରଉ

## ୪ ଛାତ୍ର କଂଗ୍ରେସ ସଦସ୍ୟ ଗିରଫ

ଭୁବନେଶ୍ୱର, ୧୬।୭ (ସମିସ): ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନ ଘେରଉ ଘଟଣାରେ ୪ ଛାତ୍ର କଂଗ୍ରେସ ସଦସ୍ୟଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଆଦିତ୍ୟ ପ୍ରିତମ ଦାସ (୨୭), ସୌମ୍ୟରଞ୍ଜନ ଜେନା (୨୫), ଶୁଭଙ୍କର ସେଠୀ (୨୧) ଓ ବଳରାମ ସାହୁ (୨୨)।

ପୁଲିସ ସୂଚନା ଅନୁସାରେ, ଗତ କାଲି ସନ୍ଧ୍ୟାରେ ଉପରୋକ୍ତ ଛାତ୍ର କଂଗ୍ରେସ ସଦସ୍ୟଙ୍କ ନେତୃତ୍ୱରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ସହିତ ଭିନ୍ନଭିନ୍ନ ସ୍ଲୋଗାନ ଦେଉଥିଲେ। ପୁଲିସ ଦ୍ୱାରା ଏହି ସ୍ଥାନଟି ବିକ୍ଷୋଭ ପାଇଁ ପ୍ରତିବନ୍ଧିତ ଅଞ୍ଚଳ ବୋଲି ସୂଚନା ଦିଆଯିବା ପରେ ମଧ୍ୟ ସେମାନେ ଜୋରଜବରଦସ୍ତି ଘର ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏଥିସହିତ ଘର ଭିତରେ ଥିବା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଭୟଭୀତ କରିବା ପାଇଁ ଧମକ ମଧ୍ୟ ଦେଇଥିଲେ। ବାରମ୍ବାର ଚେତାବନୀ ସତ୍ତ୍ୱେ ମନ୍ତ୍ରୀଙ୍କ ବାସଭବନ ଭିତରକୁ ଅଣ୍ଡା, ଟମାଟୋ ଓ ପଥର ମାଡ଼ କରିଥିଲେ। ପୁଲିସ ହସ୍ତକ୍ଷେପ କରିବାରୁ ସେମାନେ ପୁଲିସ କର୍ମଚାରୀଙ୍କ ସହ ଧସ୍ତାଧସ୍ତି କରିବା ସହିତ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ସରକାରୀ କାର୍ଯ୍ୟ କରିବାରୁ ନିବୃତ୍ତ କରିଥିଲେ। ଧସ୍ତାଧସ୍ତି ସମୟରେ ଦୁଇ ପୁଲିସ କର୍ମଚାରୀ ସାମାନ୍ୟ ଆହତ ହୋଇଥିଲେ। କ୍ୟାପିଟାଲ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି।

## ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୧୬।୭ (ସମିସ): ରାଜଧାନୀରେ ଆଇନଶୃଙ୍ଖଳା ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବୁଧବାର ସନ୍ଧ୍ୟାରେ ଜଣେ ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆଇନଜୀବୀ ଆୟୁଷ ଶୁଭଦର୍ଶୀ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଆୟୁଷ କଟକରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲେ। ସେ ନନ୍ଦନକାନନ ରୋଡରେ ପାଇଥିବା ବେଳେ ଗାଡ଼ି ଓଭରଟେକକୁ ନେଇ ବାଇକରେ ଯାଉଥିବା ଦୁଇ ଜଣଙ୍କୁ ସହିତ କଥା କଟାକଟି ହୋଇଥିଲା। ହଠାତ୍ ସେମାନେ ବାଇକରୁ ଓହ୍ଲାଇ ସହଯୋଗୀଙ୍କୁ ଡକାଇଥିଲେ। ଆଉ ଦୁଇ ଜଣ ଘଟଣାସ୍ଥଳରେ ପହଞ୍ଚିବା ପରେ ୪ ଜଣ ମିଶି ଆୟୁଷଙ୍କୁ ଆକ୍ରମଣ କରିଥିଲେ। ଆୟୁଷ ଅନୁରୋଧ କରୁଥିବା ବେଳେ ଅଭିଯୁକ୍ତମାନେ ଲଗାତାର ଆକ୍ରମଣ କରି ଚାଲିଥିଲେ। ସ୍ଥାନୀୟ ଲୋକେ ଏକାଠି

## ୭୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୬।୭ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଅବକାରୀ ଥାନା ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ମଇଁଷି ଖାଲ ବସ୍ତିର ଲକ୍ଷ୍ମୀଧର ବେହେରା (୪୩)। ମିଳିଥିବା ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଅବକାରୀ ଥାନା ଖବର ପାଇଥିଲା। ଥାନା ଅଧିକାରୀ ଚିତ୍ତରଞ୍ଜନ ଜେନା ଓ ତାଙ୍କ ଟିମ୍ ମଇଁଷି ଖାଲ ବସ୍ତିରେ ଚଢ଼ଉ କରିଥିଲା। ସେଠାରୁ ଲକ୍ଷ୍ମୀଧରକୁ ଗିରଫ କରିବା ସହିତ ତା' ଠାରୁ ୭୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୭୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଥାନା ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ଥାନା ପିଆର୍ ନଂ - ୮୧/୨୫ ଆଧାରରେ ଲକ୍ଷ୍ମୀଧରକୁ କୋର୍ଟ ଚାଲାଣ କରିଛି।

**ଅନୁକମ୍ପା ନା ଅପାରଗତା ?**

## ଏନ୍‌କାଉଣ୍ଟର କଲେ; ଚାର୍ଜସିଟ୍ ଦେବାକୁ ଭୁଲିଗଲେ

ଭୁବନେଶ୍ୱର, ୧୬।୭ (ସମିସ)

ନିଶା କାରବାର କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଛି ବୋଲି ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନେ କହି ଆସୁଛନ୍ତି। ରାଜଧାନୀ ଠାରୁ ଆରମ୍ଭ କରି ଉପାନ୍ତ ଅଞ୍ଚଳ ଯାଏଁ, ନିଶାଦ୍ରବ୍ୟ ମଧ୍ୟ ଜବତ କରାଯାଉଛି। ଭୁବନେଶ୍ୱର ଡିସିପି ମଧ୍ୟ ମାମଲାଗୁଡ଼ିକର ତଦନ୍ତ ଶୀଘ୍ର ସାରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଆଉ ଠିକ୍ ଏତିକି ବେଳେ କିଛି ଅଧିକାରୀଙ୍କ ପାଇଁ ରାଜ୍ୟ ପୁଲିସ ପ୍ରଶାସନର ଛବି ମଳିନ ପଡ଼ିଯାଇଛି। ଯେଉଁ ନିଶା ବେପାରୀକୁ ପୁଲିସ ଏନକାଉଣ୍ଟର କରି ବ୍ରାଉନସୁଗର ଆଉ ବନ୍ଧୁକ ଜବତ କରିଥିଲା, ସେଇ ଅଭିଯୁକ୍ତ ବିରୋଧରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ ଦାଖଲ କରିପାରିଲା ନାହିଁ। ଫଳରେ ଅଭିଯୁକ୍ତକୁ କୋର୍ଟରୁ ଜାମିନ ମିଳିଗଲା। କେବଳ ଜାମିନ କଥା ନୁହେଁ ବରଂ ଏହି ମାମଲାକୁ ସଠିକ୍ ଭାବେ ତଦନ୍ତ କରାଯାଇନଥିବା ମଧ୍ୟ କୁହାଯାଉଛି। ତେବେ ଏହା ଅଭିଯୁକ୍ତ ସହ ସଲାସୁତରା ନା ଅପାରଗତା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ତଦନ୍ତର ଅବହେଳା ପାଇଁ ଅଭିଯୁକ୍ତକୁ ମିଳିଲା ଜାମିନ

■ ଜବତ ହୋଇଥିଲା ୨୦ ଲକ୍ଷର ବ୍ରାଉନ୍‌ସୁଗର ଓ ବନ୍ଧୁକ

ସୂଚନା ଅନୁଯାୟୀ, ଗତ ଏପ୍ରିଲ ମାସ ୧୦/୧୧ ତାରିଖ ରାତିରେ ମଙ୍ଗରାଜ ପଏଣ୍ଟ ଅଞ୍ଚଳର ଶେଖ୍ ଜାମସେଦ ବ୍ରାଉନସୁଗର ନେଇ ଯାଉଥିଲା। ସେହି ସମୟରେ କମିସନରେଟ ପୁଲିସର ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ଓ ଖଣ୍ଡଗିରି ଥାନା ପୁଲିସ ତାକୁ ଧରିବା ପାଇଁ ପିଛା କରୁଥିଲା। ଜୟଦେବ ବାଟିକା ନିକଟରେ ଜାମସେଦ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୁଲିସର ଗୁଳି ଜାମସେଦର ଗୋଡ଼ରେ ବାଜିବାରୁ ସେ ବାଇକରୁ ତଳେ ପଡ଼ି ଯାଇଥିଲା। ଏନକାଉଣ୍ଟର ପରେ ପୁଲିସ ତା'କୁ ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍‌ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତା' ଠାରୁ ୨୦ ଲକ୍ଷ ଟଙ୍କାର ୨୦୦ ଗ୍ରାମ ଓଜନର ବ୍ରାଉନସୁଗର, ବନ୍ଧୁକ, ଦୁଇଟି ଗୁଳି, ବାଇକ୍ ଓ ଟଙ୍କା ଜବତ କରିଥିଲା। ୧୦ ଦିନର ଚିକିତ୍ସା ପରେ ଅର୍ଥାତ୍ ଏପ୍ରିଲ ୨୧ ତାରିଖ ଦିନ ଜାମସେଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ।

ସେବେଠାରୁ ଅଭିଯୁକ୍ତ ଜାମସେଦ ଜେଲରେ ରହିଥିଲା। ଗତମାସ ୨୧ ତାରିଖ ଦିନ ଜାମସେଦ ଜେଲରେ ରହିବାର ୬୨ ଦିନ ପୂରଣ କରିଥିଲା। ଅଭିଯୁକ୍ତର ଗିରଫ ଠାରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ନିୟମ ରହିଥିଲେ ମଧ୍ୟ ଘଟଣାର ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରି ନ ଥିଲେ। ଫଳରେ ଅଭିଯୁକ୍ତ ଜାମସେଦର ଆଇନଜୀବୀ ସୁକାନ୍ତ କୁମାର ସାହୁ ଭାରତୀୟ ନାଗରିକ ସଂହିତା ଧାରା ୧୮୭(୨) ଆଧାରରେ କୋର୍ଟରେ ଜାମିନ ଆବେଦନ କରିଥିଲେ। ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ଦାଖଲ କରିନଥିବାରୁ କୋର୍ଟ ଅଭିଯୁକ୍ତ ଜାମସେଦକୁ ଜାମିନ ପ୍ରଦାନ କରିଥିଲେ।

ଥାନା ସ୍ତରର କାର୍ଯ୍ୟ ତଦାରଖ କରିବା ପାଇଁ ପ୍ରତି ଜୋନରେ ଏସିପି ରାଙ୍କର ଅଧିକାରୀ ରହିଛନ୍ତି। ଏଥିସହିତ କେବଳ କେସ୍ ସୁପରଭିଜନ୍ (ମାମଲା ନିରୀକ୍ଷଣ) ପାଇଁ ପ୍ରତି ଜୋନରେ ଜଣେ ଲେଖାଏଁ ଅତିରିକ୍ତ ଡିସିପି ରାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ଦାଖଲ ନହେବା କେବଳ ତଦନ୍ତକାରୀ ଅଧିକାରୀ ନୁହଁ, ବରଂ ବରିଷ୍ଠ ଅଧିକାରୀମାନଙ୍କ ଆଡ଼କୁ ମଧ୍ୟ ଆଙ୍ଗୁଳି ନିର୍ଦ୍ଦେଶନା କରିଛି। ରାଜ୍ୟ ପୁଲିସରେ ସବୁଠାରୁ ଦକ୍ଷ କୁହାଯାଉଥିବା କମିସନରେଟ ପୁଲିସର ଅଧିକାରୀ ନିଶାଦ୍ରବ୍ୟ କାରବାର ଭଳି ସମ୍ବେଦନଶୀଳ ମାମଲାରେ ସମୟସୀମା ଭିତରେ ଚାର୍ଜସିଟ୍ ଦାଖଲ କରି ନ ପାରିବା ପୁଲିସର ଖାମଖିଆଲି ମନୋଭାବକୁ ପଦାରେ ପକାଇଛି। ତଦନ୍ତକାରୀ ଅଧିକାରୀଙ୍କ ଅବହେଳା କେବଳ ଅଭିଯୁକ୍ତକୁ ଜାମିନ ପ୍ରଦାନରେ ସହାୟକ ହୋଇଛି ତାହା ନୁହଁ, ବରଂ ମାମଲାର ବିଚାରକୁ ମଧ୍ୟ ପ୍ରଭାବିତ କରିବାର ସମ୍ଭାବନା ରହିଛି।

## ସମସ୍ୟା ଘେରରେ ଉଦଳା ନିର୍ବାଚନ ମଣ୍ଡଳୀ

# ସମସ୍ୟା ବୁଝିବାକୁ ସାଂସଦ, ବିଧାୟକଙ୍କ ସମୟ ନାହିଁ

■ ନିର୍ବାଚନ ପରେ ବିକାଶ କଥା ଭୁଲିଗଲେ ଜନପ୍ରତିନିଧି

ଉଦଳା, ୧୬।୭ (ସମିସ): ନିର୍ବାଚନ ଶେଷ ହେବାର ଇତିମଧ୍ୟରେ ଏକବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲାଣି; କିନ୍ତୁ ମୟୂରଭଞ୍ଜ ଜିଲ୍ଲା ଉଦଳା ନିର୍ବାଚନ ମଣ୍ଡଳୀରେ ବିକାଶର ରଥ ସେଭଳି ଅଟକି ରହିଛି। ଆଜିଯାଏ କୌଣସି ବିକାଶମୂଳକ କାମ ହୋଇନାହିଁ। ପୂର୍ବ ସରକାରରେ ଯେଉଁଳି ରାସ୍ତା ଅସମ୍ପୂର୍ଣ୍ଣ ଥିଲା ଏବେ ବି ସେଇଆ। କେବଳ କିଛି ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପକୁ ଔପଚାରିକତା ଆଳରେ ବିଧାୟକ ଭାସ୍କର ମଢେଇ ଉଦଘାଟନ କରି ବିକାଶର ଭ୍ରମ ସୃଷ୍ଟି କରିବାକୁ ଉଦ୍ୟମ ଚଳାଇଛନ୍ତି। ଅଞ୍ଚଳରେ ଶିକ୍ଷାଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା ପର୍ଯ୍ୟନ୍ତ ସବୁ ବିପର୍ଯ୍ୟସ୍ତ ସ୍ଥିତିରେ ରହିଛି। କୃଷି କ୍ଷେତ୍ର ନ କହିବା ଭଲ। ସହରର ଡ୍ରେନେଜ୍ ବ୍ୟବସ୍ଥା ଠିକ ରହିଛି ନା ରାସ୍ତାଘାଟ। ସହରର ମୁଖ୍ୟ ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଡ୍ରେନ ଓ ରାସ୍ତା କଥା ନ କହିବା ଭଲ। ବିସ୍ଥାପିତ ବ୍ୟବସାୟୀଙ୍କୁ ଥଇଥାନ କରାଯାଇନି କି ଯୁବକଙ୍କ ପାଇଁ କୌଣସି ରୋଜଗାରର ବ୍ୟବସ୍ଥା ବି ନାହିଁ। ନିର୍ବାଚନ ପୂର୍ବରୁ ପର୍ଯ୍ୟଟନର ବିକାଶରେ ଉପଖଣ୍ଡର ଅର୍ଥନୈତିକ ଉନ୍ନତି ବୋଲି ଗଳା ଫଟେଇ କହୁଥିବା ଦଳ ଓ ନେତା ଏବେ ସମ୍ପୂର୍ଣ୍ଣ ବିପରୀତ ଧର୍ମୀ। କିଛି ସମସ୍ୟା କି ବିକାଶ ପ୍ରସଙ୍ଗ ଉଠାଇଲେ ବିଧାୟକ ତାଙ୍କ ଦଳ ଏବେ କ୍ଷମତାକୁ ଆସିଥିବା କହି କଥାକୁ ଏଡାଇ ଯାଉଛନ୍ତି। ସାଧାରଣ ଲୋକଙ୍କ ସମସ୍ୟା ବୁଝିବାକୁ ସାଂସଦ କି ବିଧାୟକଙ୍କ ପାଖରେ ସମୟ ନାହିଁ। ଅପରପକ୍ଷେ ବିଜେଡି ସରକାର ସମୟରେ ଅଧିକାରୀମାନେ ସହଯୋଗ କରୁ ନ ଥିବା କଥାକୁ ମଧ୍ୟ ପରୋକ୍ଷରେ କହି ନିଜ ମୁଣ୍ଡରୁ ଦୋଷ ଖସାଉଛନ୍ତି ବିଧାୟକ। ସେହିପରି ସାଂସଦଙ୍କୁ ଲୋକେ ଦେଖିବାକୁ ପାଉନାହାନ୍ତି। ବାସ୍ତବରେ ସାଂସଦ କେବଳ ଅଞ୍ଚଳ ପାଇଁ ନାମର ଏକ ଅଂଶ ଓ ଲୋକ ପ୍ରତିନିଧି ଭାବେ ଏପର୍ଯ୍ୟନ୍ତ ଗ୍ରହଣୀୟ ହୋଇପାରିନାହାନ୍ତି। ବିଜେପିରେ ମଧ୍ୟ ନିଜର ଗୋଷ୍ଠୀ କନ୍ଦଳକୁ ନେଇ ଅଡୁଆରେରେ ଥିବା ଲକ୍ଷ୍ୟ କରାଯାଇଛି। ସାଧାରଣ ଲୋକ ଖୋଜିଲେ ଛାମୁଆ ନେତା ନେତାମାନେ ବିଧାୟକ ତଥା ସାଂସଦ ପାର୍ଟି କାମରେ ଯାଇଥିବା ଶୁଣାଇବାକୁ ପଛାଉ ନାହାନ୍ତି। ଏବେ ଅଧିକାରୀମାନେ ମଧ୍ୟ ରାଜନୈତିକ ଟଣାଓଟରରେ ନିଜକୁକୁ ସୁରକ୍ଷିତ ସ୍ଥାନରେ ରଖିବାକୁ ଶ୍ରେୟ ମଣୁଛନ୍ତି। ଫଳରେ ଅଞ୍ଚଳର ବିକାଶ କିଛି ହୋଇପାରୁନାହିଁ। କେବଳ କିଛି ଅସାଧୁ ବ୍ୟକ୍ତିବିଶେଷ ନିଜର ମୁନାଫା କମାଇବାକୁ ହାତବାରିସୀ କରୁଥିବା ଅଭିଯୋଗ ମଧ୍ୟ ହୋଇଆସୁଛି। କିଛି ଦଳୀୟ, ସରକାରୀ ମଞ୍ଚ ସମେତ ମନ୍ଦିର ପ୍ରତିଷ୍ଠା କିମ୍ବା ଉତ୍ସବ କୁ ପ୍ରାଧାନ୍ୟ ଦେଇ ନିଜର ଲୋକପ୍ରିୟତା ଜରିଆରେ ଭୋଟ ହାତେଇବା ବ୍ୟତୀତ କିଛି ବି ଯୋଜନା ନ ଥିବା ଲକ୍ଷ୍ୟ କରାଯାଇଛି। ସାଧାରଣ ଲୋକେ ଡବଲ ଇଞ୍ଜିନ ସରକାର ନାମ ବଡ କାମ ଶୂନ ବୋଲି କହି ବୁଲୁଛନ୍ତି। ଯାହାହେଉ ନା କାହିଁକି ଅବହେଳିତ ତଥା ଉଦଳା ନିର୍ବାଚନ ମଣ୍ଡଳୀ ପଛୁଆ ରହିଥିବା ଏହି ସମୟ ଅବଧି ମଧ୍ୟରେ ମଧ୍ୟ ବିକାଶର ଗୋଲାପି ଚିତ୍ର ବାହସ୍ଫୋଟ ବୋଲି ଆଲୋଚନା ହେଉଛି।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

କୁଆମରା, ୧୬।୭ (ସମିସ): ଖୁଣ୍ଟା ଥାନା ବଣିଆବସା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହ ଜନକଭାବେ ମୃତ୍ୟୁ ଘଟିଛି। ମୃତକ ହେଉଛନ୍ତି ଜାଲ ହେମ୍ବ୍ରମ (୪୨)। ସେ ୧୨ ତାରିଖରେ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଉଦଳା ଡାକ୍ତରଖାନା ନିଆଯାଇଥିଲା। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଅଧିକ ବିଗିଡିବାରୁ ତାଙ୍କୁ ୧୪ ତାରିଖରେ ବାରିପଦା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରତ କରାଯାଇଥିଲା। ମାତ୍ର ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ମୃତ୍ୟୁ ଘଟିଛି। ଏ ନେଇ ଖୁଣ୍ଟା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡ଼ିବ।

## ନାଳରୁ ଯୁବକଙ୍କ ମୃତଦେହ ଉଦ୍ଧାର

ମହୁଲଡିହା, ୧୬।୭ (ସମିସ): ମହୁଲଡିହା ଥାନା ଘୁଳଘୁଳିଆ ତେନ୍ଦ୍ରା ନାଳରୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ଏହି ପୋଲ ନିର୍ମାଣ ପାଇଁ ପୂର୍ବରୁ ହୋଇଥିବା ବାଇପାସ ରାସ୍ତା ହୋମ ପାଇପରେ ଶବଟି ଲାଗିଥିବା ଦେଖିବାକୁ ମିଳିଥିଲା। ପରେ ଥାନାକୁ ଖବର ଦେବାପରେ ଦମକଳ ବାହିନୀ ପହଞ୍ଚି ଶବକୁ ଉଦ୍ଧାର କରିଥିଲା। ମୃତକ ଜଣକ ହେଲେ ଘୁଳଘୁଳିଆ ଗ୍ରାମର (ଚାମ୍ପିଆ ସାହିର) ରାଜ ସୋରେନ (ଟାଳା) (୩୮)। ସେ ଗତକାଲି ଚାଷଜମିକୁ ଯାଇ ଆଉ ଫେରିନଥିଲେ। ପୁଲିସ ଏକ ମାମଲା ରୁଜୁକରିଛି।

## ବିଦେଶୀ ମଦ ଦୋକାନରୁ ଚୋରି

କପ୍ତିପଦା, ୧୬।୭ (ସମିସ): ମୟୂରଭଞ୍ଜ ଜିଲ୍ଲା ଶରତ ବଜାର ସ୍ଥିତ ଏକ ସରକାରୀ ମଦ ଦୋକାନ ପଛପଟ ଝରକା ଗ୍ରିଲ୍ ଭାଙ୍ଗି ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ ଯେ, ମଙ୍ଗଳବାର ବିଳମ୍ବିତ ରାତିରେ ଦୋକାନର ସେଲସମ୍ୟାନ ଅନ୍ୟତ୍ର ଶୋଇଥିବା ବେଳେ ପଛପଟ ଝରକା ଗ୍ରିଲ୍ ଭାଙ୍ଗି କେହି ଦୁର୍ବୃତ୍ତମାନେ ଚୋରିକରି ନେଇଛନ୍ତି। ବୁଧବାର ସକାଳୁ ଘର ଝାଡୁ କରିବାକୁ ଆସିଥିବା ବେଳେ ଚୋରି ହୋଇଥିବା ଜଣାପଡ଼ିଥିଲା। ପରେ ଥାନାକୁ ଖବର ଦେବାପରେ ଥାନା ଅଧିକାରୀ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ସଆଇଣ୍ଟିଫିକ ଟିମ୍ ପହଞ୍ଚିବା ପର୍ଯ୍ୟନ୍ତ ଘର ଭିତରକୁ ପଶିବାକୁ ମନା କରାଯାଇଥିଲା। ତେବେ ଦୋକାନରେ ଥିବା ୩ ଲକ୍ଷ ଟଙ୍କା ଏବଂ ୨ ଲକ୍ଷ ଟଙ୍କାର ମଦ ଚୋରି ହୋଇଥିବା ନେଇ ସେଲସମ୍ୟାନ ଅଭିଯୋଗ କରିଛନ୍ତି। ଏହି ଦୋକାନ ଏକ ଅସ୍ଥାୟୀ ଘରେ ଚାଲିଥିବା ଜଣାପଡ଼ିଛି।

## ରାଇରଙ୍ଗପୁର ବିଜେଡି ପକ୍ଷରୁ ବିକ୍ଷୋଭ ଓ କୁଶ ପୁତ୍ତଳିକା ଦାହ

ରାଇରଙ୍ଗପୁର, ୧୬।୭ (ସମିସ): ବାଲେଶ୍ୱର ଫକିର ମୋହନ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶି (୨୦)ଙ୍କ ଆତ୍ମାହୂତି ଘଟଣାରେ ରାଇରଙ୍ଗପୁର ବିଜେଡି ପକ୍ଷରୁ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ବିଜେଡି ପକ୍ଷରୁ କଲେଜ ଅଧକ୍ଷ ଦିଲିପ ଘୋଷ, ଏଡୁକେସନ ଅଧାପକ ସମୀର ସାହୁ, ସହଦେବ ଖୁଣ୍ଟା ଥାନାଧିକାରୀ ଅଜୟ ମୁର୍ମୁ, ବାଲେଶ୍ୱର ବିଧାୟକ ମାନସ ଦତ୍ତ, ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ, ମୁଖ୍ୟମନ୍ତ୍ରୀ ପ୍ରମୁଖ ଏଥିପାଇଁ ଦାୟୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ, ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦଙ୍କ କୁଶପୁତ୍ତଳିକା ଦାହ କରାଯାଇଥିଲା। ବିକ୍ଷୋଭରେ ଈଶାନ ମିଶ୍ର, ମନୁ ଚୌଧୁରୀ, ବିଜେଡି ବିଧାୟକ ପ୍ରାର୍ଥି ରାଇସେନ ମୁର୍ମୁ, ଆଡଭୋକେଟ ପଙ୍କଜ ଦାସ, ଆଡଭୋକେଟ ଗୌରୀ ଦତ୍ତ, ବୁଲୁ ପଟନାୟକ, ଯୁବ ବିଜେଡ଼ି ସଭାପତି ଅଭିଷେକ ପଟନାୟକ, ନାରୀ ନେତ୍ରୀ ତନୁଜା ମହାନ୍ତ, ପୌର ଉପାଧ୍ୟକ୍ଷା ମମିତା ଚୌଧୁରୀ, ଶାଶ୍ୱତ ବଳ, ସାଜିଦ୍ ହୁସେନ, ରାଜ୍ୟ ଛାତ୍ର ବିଜେଡ଼ି ସମ୍ପାଦକ ବିକାଶ ମହାନ୍ତ, ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ରାମଚନ୍ଦ୍ର ମୁର୍ମୁ, ବିଜେଡି ଜିଲ୍ଲା ପରିଷଦ ସଦସ୍ୟ ପରେଶ ମୁଣ୍ଡା, ସୂର୍ଯ୍ୟମଣି ହାଁସଦା, ରାଜେନ୍ଦ୍ର ମଲ୍ଲିକ, କାଉନସିଲର ସୁକଦେବ ବେହେରା, ପଞ୍ଚୁ ଲୋହାର ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ।




**ବେତନଟୀ**: ବିଜୁ ଛାତ୍ର ଜନତା ଦଳ ବେତନଟୀ ବ୍ଲକ ତରଫରୁ ଆଜି ବେତନଟୀ ମହାବିଦ୍ୟାଳୟ ସମ୍ମୁଖରେ ବାଲେଶ୍ୱର ଏଫଏମ୍ ଛାତ୍ରୀ ମୃତ୍ୟୁ ଘଟଣାର ନ୍ୟାୟ ପାଇଁ କଲେଜ ଛକରୁ ଆରମ୍ଭ କରି କଲେଜ ମୁଖ୍ୟ ଫାଟକ ସମ୍ମୁଖ ପର୍ଯ୍ୟନ୍ତ ପଦଯାତ୍ରା ସହ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫାପତ୍ର ଦାବି କରାଯାଇ କୁଶପୁତ୍ତଳିକା ଦାହ କରିଥିଲେ। କାର୍ଯ୍ୟକ୍ରମରେ ବିଜୁ ଛାତ୍ର ଜନତା ଦଳ ସଭାପତି ମନିସ ଗିରି, ଚିତ୍ତେଶ୍ୱର ବେହେରା, ସୌରଭ ପରିଡ଼ା, ଦୀପକ ସାହୁ, ଭୀଷ୍ମ ମହାନ୍ତ, ପୂର୍ବତନ ବ୍ଲକ ସଭାପତି ସୁନ୍ଦର ମହାନ୍ତ, ସମିତି ସଭ୍ୟ କିଶୋର ନାୟକ, ରାଜନ ଦସ, ଲଲାଟେନ୍ଦୁ ବେହେରା ଆଶିଷ ବେହେର, ଚନ୍ଦନ ମହାନ୍ତ, ଓମ୍ ପ୍ରକାଶ, ଜୀବନ ଦାସ, ଗିତୁ ଲେଙ୍କା, କମଲ ଲୋଚନ ହେମ୍ବ୍ରମ, ରାହୁଲ ବେହେରା ସମେତ ବହୁ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।




## ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ମହମବତି ଶୋଭାଯାତ୍ରା



ମୋରଡା, ୧୬।୭ (ସମିସ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଇଣ୍ଟିଗ୍ରେଟେଡ଼ ବିଏଡ଼ ଦ୍ୱିତୀୟ ବର୍ଷ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ସୋମବାର ରାତିରେ ମୃତ୍ୟୁ ଘଟିଛି। ତାଙ୍କ ଉଦ୍ଦେଶ୍ୟରେ ଗତକାଲି ମୟୂରଭଞ୍ଜ ଜିଲା ମୋରଡା ବ୍ଲକ ଅଧୀନ ଚିତ୍ରଡା ଶୀର୍ଷାପାଳ ଛକରେ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ସୌମ୍ୟାଶ୍ରୀ ଅମର ରହେ ଧ୍ୱନିରେ ବଜାର ପ୍ରକମ୍ପିତ ହୋଇଥିଲା। ପରେ ଏକ ନିରବ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା।

## ବନ୍ଦ ସଫଳ ପାଇଁ ମିଳିତ ବୈଠକ



ରାଇରଙ୍ଗପୁର, ୧୬।୭ (ସମିସ): ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଏଫ୍ଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ପ୍ରତିବାଦରେ ଆଜି ଓଡ଼ିଶା ବନ୍ଦ ଡାକରାକୁ ସଫଳ କରିବାକୁ ଆହ୍ୱାନ ଦିଆଯାଇଛି। ଏହି ବନ୍ଦକୁ କଂଗ୍ରେସ, ଜେଏମଏମ, ବାମପନ୍ଥୀ ଦଳ ମିଳିତ ଭାବରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାରେ ସମ୍ପୂର୍ଣ୍ଣ ସ୍କୁଲ କଲେଜ ଦୋକାନ ବାଜାର, ଟ୍ରେନ, ଯାନବାହାନ, ସରକାରୀ, ବେସରକାରୀ ବ୍ୟାଙ୍କ, ଉପଖଣ୍ଡ ସ୍ତରୀୟ କାର୍ଯ୍ୟାଳୟ ସବୁ (ଜରୁରୀକାଳୀନ ଆମ୍ବୁଲାନ୍ସ ସେବା ଖିର ଓ ପନିପରିବା ଛାଡ଼ି) ବନ୍ଦ ରହିବ। ଏ ନେଇ କଂଗ୍ରେସ, ଜେଏମଏମ ଓ ବାମପନ୍ଥୀ ନେତାଙ୍କୁ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଶା ବନ୍ଦକୁ ସମ୍ପୂର୍ଣ୍ଣ ଭାବରେ ପଶ୍ଚିମ ମୟୂରଭଞ୍ଜ ଜିଲ୍ଲାରେ ସଫଳ କରିବାକୁ ନିଷ୍ପତ୍ତି ନିଆଯାଇଛି। ବୈଠକରେ କଂଗ୍ରେସର ବରିଷ୍ଠ ନେତା ବସନ୍ତ ପଟ୍ଟନାୟକ ପୂର୍ବତନ ବିଧାୟକ ପ୍ରହ୍ଲାଦ ପୂର୍ତ୍ତି, ରୂପକ କୁମାର ମହାନ୍ତି, ଅମର ମହାନ୍ତ, ଜେଏମଏମର ବରିଷ୍ଠ ନେତା ସୁନିଲ ମାଝୀ, ସାଲୁ କିସ୍କୁ, ଉଦୟନାଥ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ।

## ବଜ୍ରପାତ ଜନିତ ମୃତ୍ୟୁ ସଚେତନତା



କୁଆମରା, ୧୬।୭ (ସମିସ): ଖୁଣ୍ଟା ବ୍ଲକ ଅନ୍ତର୍ଗତ ପୁରୁଣାପାଣି ଗ୍ରାମର ବଜ୍ରପାତ ଆଘାତ ଜନିତ ମୃତ୍ୟୁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ଉକ୍ତ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କଲେଜ ଜାତୀୟ ସେବା ଯୋଜନାର ଯୋଜନା ଅଧିକାରୀ ଶୁଭମ ସାସମଲ, ଡ଼ଃ ସୁଷମା ହାଁସଦା, ଯୁବ ରେଡକ୍ରସ୍ କାଉନସିଲର ଅଧ୍ୟାପିକା ଗୋପା ସିଂହ ତଥା ହେମନ୍ତ ଲୋହାରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସଭାରେ କ୍ରୀଡା ବିଭାଗର ପ୍ରଶିକ୍ଷକ କିଶୋର ଚନ୍ଦ୍ର ଦାସ, ଅଲଚିକି ବିଭାଗର ଅଧ୍ୟାପକ ବୁନା ଟୁଡୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଏବଂ ଜନସାଧାରଣ ଉପସ୍ଥିତ ଥିଲେ। ମୁଖ୍ୟ ବକ୍ତା ଭାବେ ଅଗ୍ନିଶମ ବିଭାଗର ଆସିଷ୍ଟାଣ୍ଟ ଷ୍ଟେସନ ଅଫିସର ସୀତାକାନ୍ତ ମହାନ୍ତ ଯୋଗଦେଇ ବଜ୍ରପାତ ସମୟରେ କିପରି ସାବଧାନତା ଅବଲମ୍ବନ କରିବେ ସେ ନେଇ ସଚେତନତା କରାଇଥିଲେ।

## ପ୍ରଧାନ ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା



ବେତନଟୀ, ୧୬।୭ (ସମିସ): ମଙ୍ଗଳବାର ବଡଯୋର ବନସ୍ଥଳୀ ବିଦ୍ୟାପୀଠରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରବୋଧ କୁମାର ଭୂୟାଁଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶିକ୍ଷକ ନଳୀନି ସେନାପତି ସ୍ୱାଗତ ଭାଷଣ ଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ଗିରି ସଭାପତିତ୍ୱ କରି ଶ୍ରୀ ଭୂୟାଁଙ୍କୁ ଜଣେ ଛାତ୍ର ବତ୍ସଳ ଓ ଶୃଙ୍ଖଳିତ ଶିକ୍ଷକ ଭାବେ ବର୍ଣ୍ଣନା କରିଥଲେ। ଅବସରପ୍ରାପ୍ତ ପୂର୍ବତନ ପ୍ରଧାନ ଶିକ୍ଷକ ପରେଶଚନ୍ଦ୍ର ଗିରି ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଦକ୍ଷତା, କର୍ଯ୍ୟଶୈଳୀ, ଶୃଙ୍ଖଳାକୁ ପ୍ରଶଂସା କରିଥିଲେ। ଶେଷରେ ବିଦ୍ୟାଳୟ ତରଫରୁ ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ଓ ଉପଢ଼ୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମ

ବାଙ୍ଗିରିପୋଷି, ୧୬।୭ (ସମିସ): ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ କଲେଜ ପରିସରରେ ‘ମା’ ପାଇଁ ଗଛଟିଏ’ କାର୍ଯ୍ୟକ୍ରମକୁ ବିଧାୟିକା ସଞ୍ଜଲି ମୁର୍ମୁ ଉଦଘାଟନ କରିଥିଲେ। ବୃକ୍ଷରୋପଣ ପରେ ବିଧାୟିକା ମହାବିଦ୍ୟାଳୟର ବିଭିନ୍ନ ହଷ୍ଟେଲ ପରିଦର୍ଶନ କରି ଛାତ୍ରାତ୍ରୀଙ୍କ ବିଭିନ୍ନ ସମସ୍ୟା ନେଇ ଅନୁଧ୍ୟାନ କରିଥିଲେ। ପରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ହରିହର ଶଙ୍ଖୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟିକା ସଞ୍ଜଲି ମୁର୍ମୁ ଓ ସମ୍ମାନିତ ଅତିଥି ଭାବେ ସମାଜ ସଂଗଠକ ସୁଗଦା ମୁର୍ମୁ ଓ ଦୋଳଗୋବିନ୍ଦ ବେହେରା ଯୋଗଦେଇଥିଲେ। ପ୍ରାଧ୍ୟାପକ ଡ. ନିର୍ମଳ ଚନ୍ଦ୍ର ସାହୁ ପ୍ରାରମ୍ଭିକ ଅଭିଭାଷଣ ଓ ଅଧ୍ୟାପିକା ପାୟଲ ପ୍ରୀତିଲଗ୍ନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଏନସିସି କ୍ୟାଡେଟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## କାଦୁଅ ପଚପଚ ରାସ୍ତାରେ ଯାତାୟାତ



ରାଇରଙ୍ଗପୁର/ବହଳଦା, ୧୬।୭ (ସମିସ): ବହଳଦା ବ୍ଲକ ସୁରୁଦା ଯଶିପୁର ପଞ୍ଚାୟତ କୁଦର ସାହି ରାସ୍ତା ବେହାଲ ହୋଇପଡ଼ିଛି। ଫଳରେ ବର୍ଷା ଦିନରେ ଗାଁ ଲୋକମାନେ ଯିବା ଆସିବା ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ରାସ୍ତାରେ ଆଣ୍ଠୁଏ ଲେଖାଏଁ କାଦୁଅ ହୋଇରହିଛି। ଫଳରେ ଲୋକଙ୍କୁ ଯିବା ଆସିବାରେ ଅନେକ ଅସୁବିଧା ହେଉଛି। ବିଶେଷ କରି ଛାତ୍ରଛାତ୍ରୀ ଦୈନିକ ଯିବାଆସିବା ପାଇଁ ହଇରାଣ ହରକତ ହେଉଛନ୍ତି। ବର୍ଷା ଯୋଗୁଁ ରାସ୍ତା ସମ୍ପୂର୍ଣ୍ଣ ଖରାପ୍ ହୋଇଯାଇଛି। ରୋଗୀ ଏବଂ ଗର୍ଭବତୀ ଡାକ୍ତରଖାନା ଯିବା ନିମନ୍ତେ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ତୁରନ୍ତ ରାସ୍ତା ମରାମତି କରିବାକୁ ସମାଜସେବୀ ବାରିଆଳ ହେମ୍ବ୍ରମ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

## ଚଣ୍ଡୀଛକ ହାଇମାଷ୍ଟ ଲାଇଟ ମରାମତି କରିବାକୁ ଦାବିକଲା ସିଭିଲ ସୋସାଇଟି

ବେତନଟୀ, ୧୬।୭ (ସମିସ): ପ୍ରାୟ ଦଶବର୍ଷ ତଳେ ବିଧାୟକଙ୍କ ହାତପାଣ୍ଠିରୁ ବେତନଟୀର ଚଣ୍ଡୀଛକରେ ୮ଟି ହାଇମାଷ୍ଟ ଲାଇଟ୍ ଲଗାଯାଇଥିଲା। ହେଲେ କିଛିବର୍ଷ ପରେ କ୍ରମାନ୍ୱୟରେ ଗୋଟିଏ ପରେ ଗୋଟିଏ ଲାଇଟ୍ ଖରାପ ହୋଇଗଲା। ସ୍ଥାନୀୟ ବଦାନ୍ୟ ବ୍ୟକ୍ତି, ବ୍ୟବସାୟୀଙ୍କଠାରୁ ଚାନ୍ଦା ଆଦାୟ ଏବଂ ସରପଞ୍ଚଙ୍କ ସହାୟତାରେ ଆଂଶିକ ମରାମତି କରାଯାଇଥିଲା; କିନ୍ତୁ ଏବେ ଦୁଇବର୍ଷ ହେଲା ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ଫଳରେ ଛକଟି ଅନ୍ଧାର ରହୁଛି। ବ୍ୟସ୍ତବହୁଳ ଚଣ୍ଡୀଛକଠାରୁ ଦୁଇଟି ରାସ୍ତା ୧୮ନଂ ଜାତୀୟ ରାଜପଥ, ଉଦଳା-ବଡ଼ସାହି ଓ ରେଳ ଷ୍ଟେସନ ତଥା ମୁଖ୍ୟ ବଜାରକୁ ସଂଯୋଗ କରୁଛି। ଦିନ ଦ୍ୱିପହରରେ ମହିଳାଙ୍କଠାରୁ ଗହଣା ଲୁଟ୍ ଆଦି ରାହାଜାନି ଘଟୁଛି। ଅବିଳମ୍ବେ ଏହାର ମରାମତି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ନେବାକୁ ସିଭିଲ ସୋସାଇଟି ବେତନଟୀ ବିଡିଓ ଓ ବାରିପଦା ଉପଜିଲ୍ଲାପାଳଙ୍କୁ ଲିଖିତଭାବେ ସଭାପତି ଚୂଡାମଣି ମହାପାତ୍ର ଓ ସାଧାରଣ ସମ୍ପାଦକ ଆଇନଜୀବୀ ସଚ୍ଚିଦାନନ୍ଦ ମହାନ୍ତି ଜଣାଇଛନ୍ତି। କାର୍ଯ୍ୟକାରୀ ସଭାପତି ହରିଶ୍ ଚନ୍ଦ୍ର ନନ୍ଦ ଗୋସ୍ୱାମୀ, ଉପସଭାପତି ଅରୁଣ କୁମାର ଓତା, ସୋସାଇଟିର ସଦସ୍ୟ ତଥା ସମାଜସେବୀ ପ୍ରକାଶ ବେହେରା, ଉପଦେଷ୍ଟା ବାସୁଦେବ ନାପିତ ଓ ଯତୀନ୍ଦ୍ର ନାଥ ସାହୁ, କୋଷାଧ୍ୟକ୍ଷ ହରେନ୍ଦ୍ର ନାଥ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ୧୭୧ ଜଣ ଛାତ୍ରଛାତ୍ରୀଙ୍କୁ ଚଷମା ବଣ୍ଟନ

ବାଙ୍ଗିରିପୋଷି, ୧୬।୭ (ସମିସ): ବାଙ୍ଗିରିପୋଷି ଦ୍ୱାରଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଦୃଷ୍ଟିବାଧିତ ଛାତ୍ରଛାତ୍ରୀଙ୍କ ପାଇଁ ଏକ ଚଷମା ବଣ୍ଟନ ଶିବିର ବିଡିଓ ଯତୀନ୍ଦ୍ର ନାଥ ଦତ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଭଦ୍ରା ନାଏକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସେହ୍ନଲତା ପରିଡ଼ା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗିରଥି ନାଏକ ଓ ଦ୍ୱାରଶୁଣୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ପାତ୍ର ପ୍ରମୁଖ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମ ଅନ୍ତର୍ଗତ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନା ଏକ ଲୋକାଭିମୁଖି ଯୋଜନା ବୋଲି ଅତିଥିମାନେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ ୧୭୧ ଜଣ ସ୍ୱଳ୍ପ ଦୃଷ୍ଟିବାଧିତ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଯୋଗଦେଇଥିଲେ। ଶିକ୍ଷକ ବୀରେନ୍ଦ୍ର କୁମାର ସାହୁଙ୍କୁ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ, ଶିକ୍ଷକ ରତିକାନ୍ତ ମହାନ୍ତ, ଜନ୍ମେଞ୍ଜୟ ନାୟକ ଓ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ହରିଶଚନ୍ଦ୍ର ନାଏକ ଓ କର୍ଣ୍ଣ ନାଏକ ପ୍ରମୁଖ ସହଯୋଗ କରିଥିଲେ।



## ଡାକ୍ତର ଓ ଫାର୍ମାସିଷ୍ଟ ବଦଳି ପ୍ରସଙ୍ଗ

# ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ

କୁଆମରା, ୧୬।୭ (ସମିସ): ଗୋପବନ୍ଧୁନଗର ବ୍ଲକ କୁଆମରା ଆଞ୍ଚଳିକ ଡାକ୍ତରଖାନାରେ ଡାକ୍ତର ଓ ଫାର୍ମାସିଷ୍ଟଙ୍କ ବଦଳିକୁ ନେଇ ଦୁଇ ଦିନ ଧରି ଚାଲିଥିବା ଆନ୍ଦୋଳନ ମଙ୍ଗଳବାର ସନ୍ଧ୍ୟାରେ ପ୍ରତ୍ୟାହୃତ ହୋଇଛି। ଅଚାନକ ଏଠାରୁ ଜଣେ ଡାକ୍ତର ଓ ଜଣେ ଫାର୍ମାସିଷ୍ଟଙ୍କୁ ଅନ୍ୟତ୍ର ବଦଳି କରିଦେବା ଯୋଗୁଁ ସ୍ୱାସ୍ଥ୍ୟ ସେବାରେ ବାଧାପ୍ରାପ୍ତ ଘଟିଥିଲା। ଉକ୍ତ ଡାକ୍ତରଖାନା ଉପରେ ୪୦ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ୮ ଶଯ୍ୟା ବିଶିଷ୍ଟ ଏହି ଡାକ୍ତରଖାନାରେ ଦୁଇ ଜଣ ଡାକ୍ତର ଓ ଦୁଇଜଣ ଫାର୍ମାସିଷ୍ଟ ପଦବୀ ରହିଛି। ତେବେ ଦୁଇ ଜଣଙ୍କୁ ବଦଳି କରିଥିବା ପ୍ରତିବାଦରେ ସୋମବାରଠାରୁ ପଞ୍ଚାୟତ ବିକାଶ ପରିଷଦ ପକ୍ଷରୁ ଡାକ୍ତରଖାନା ସମ୍ମୁଖରେ ଧାରଣା ଦିଆ ଯାଇଥିଲା। ବଦଳି କରାଯାଇଥିବା ଡାକ୍ତର ଓ ଫାର୍ମାସିଷ୍ଟଙ୍କୁ ତୁରନ୍ତ ଫେରାଇ ଆଣିବା ଏବଂ ଖାଲି ପଡ଼ିଥିବା ପଦ ପୂରଣ କରିବାକୁ ଦାବି ହୋଇଥିଲା। ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଫୋନ ଜରିଆରେ ଧାରଣା ପ୍ରତ୍ୟାହୃତ କରିବା ପାଇଁ ନିବେଦନ କରିଥିଲେ ମଧ୍ୟ ଆନ୍ଦୋଳନ ଜାରି ରହିଥିଲା। ମଙ୍ଗଳବାର ସନ୍ଧ୍ୟାରେ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଖୁଣ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଇନଚାର୍ଜ ଡ଼ଃ ସାକିଲା ମୁର୍ମୁ, ବିପିଏମ୍ ଅନୁଭବ ପଟ୍ଟନାୟକ, ସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସତ୍ୟଜିତ ଦାସ, କୁଆମରା ମେଡିକାଲ ଇନଚାର୍ଜ ଡ଼ଃ ଶାନ୍ତନୁ କୁମାର ଜେନା ପ୍ରମୁଖ ପହଞ୍ଚି ପଞ୍ଚାୟତ ବିକାଶ ପରିଷଦ ସହ ଆଲୋଚନା କରିଥିଲେ। ଏଠାରୁ ଫାର୍ମାସିଷ୍ଟ ସତ୍ୟଜିତ ଚକ୍ରବର୍ତ୍ତୀଙ୍କୁ ରାଣୀବନ୍ଧ ଡାକ୍ତରଖାନାକୁ ବଦଳି କରାଯାଇଥିବା ବେଳେ ପୁଣି ତାଙ୍କୁ ଏଠାକୁ ଡେପୁଟେସନରେ ଦିଆଯାଇଛି। ବଦଳି ପରେ ଶୂନ୍ୟ ପଡ଼ିଥିବା ଡାକ୍ତର ପଦବୀ ଦୁଇ ଦିନ ମଧ୍ୟରେ ପୂରଣ କରାଯିବ ଓ ଅନ୍ୟାନ୍ୟ ପଦବୀ ଗୁଡିକ ପର୍ଯ୍ୟାୟକ୍ରମେ ପୂରଣ କରାଯିବାର ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକୁ ସ୍ଥଗିତ ରଖାଯାଇଛି। ତେବେ ପ୍ରତିଶ୍ରୁତି ପୂରଣ ନ ହେଲେ ପୁଣି ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ପଞ୍ଚାୟତ ବିକାଶ ପରିଷଦର ସମ୍ପାଦକ ବିମଳ ପ୍ରସାଦ ମିଶ୍ର ଗଣମାଧ୍ୟମକୁ ସୂଚନା ଦେଇଛନ୍ତି।

# ବିରୂପା ନଦୀରେ ବିପଦସଙ୍କେତ ଉପରେ ବହୁଛି ବନ୍ୟାଜଳ

ଡେରାବିଶ/ପଞ୍ଚୁପାଣ୍ଡବ, ୧୬ା୭(ସମିସ)



ବ୍ରାହ୍ମଣୀ ସିଷ୍ଟମରେ ବନ୍ୟାଜଳ ଆସି ଏବେ ବିରୂପା ନଦୀ ଫୁଲିବାରେ ଲାଗିଛି। ଜେଟ୍ଟିରେ ତିନୋଟି ଗେଟ୍ ଦେଇ ବନ୍ୟାପାଣି ବ୍ରାହ୍ମଣୀରେ ପ୍ରବେଶ କରିବା ଫଳରେ ଏହାର ଶାଖାନଦୀ ବିରୂପା ନଦୀରେ ଜଳ ବିପଦ ସଙ୍କେତ

- ବନ୍ୟାରେ ବ୍ୟାପକ ଫସଲ ନଷ୍ଟ
- ହାଇଆଲର୍ଟରେ ବ୍ଲକ ପ୍ରଶାସନ ଓ ଜଳସମ୍ପଦ ବିଭାଗ
- ୨୦୨୦ରେ ବେଣୀପୁରରେ ଭାଙ୍ଗିଥିଲା ଘେରିବନ୍ଧ

ଉପରେ ପ୍ରବାହିତ ହେଉଛି। ନଦୀଜଳ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଥିବା ବେଳେ ଏହି ନଦୀକୂଳରେ ଥିବା ଡେରାବିଶ ଅଧୀନ ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ଜନସାଧାରଣ ଆତଙ୍କିତ ଅବସ୍ଥାରେ ଅଛନ୍ତି। ବନ୍ୟା ପାଣି ଏବେ ନଦୀବନ୍ଧ କଡ଼କୁ ଲାଗିଯାଇଥିବା ବେଳେ ନଦୀପଠାରେ ରହିଥିବା ବ୍ୟାପକ ପରିବା ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ଛୋଟି ଗ୍ରାମର ପରିବା ଚାଷୀ ପ୍ରଦୀପ ଜେନା, ହଳଧର ସେଠୀ, ଜଳଧର ସେଠୀ, ବଳରାମ ସେଠୀ, ନିରଞ୍ଜନ ମଲିକ ନଦୀ ପଠାରେ ଚାଷକରିଥିବା ବହୁ ପରିମାଣରେ କଖାରୁ, କାକୁଡ଼ି ଓ ପୋଟଳ ଫସଲ ପାଣିରେ ବୁଡ଼ି ନଷ୍ଟ ହୋଇଯାଇଛି। ସେହିପରି ମଙ୍ଗଳପୁର ଗ୍ରାମର ଚାଷୀ ପ୍ରମୋଦ ଜେନା, ଅନନ୍ତ ମଲିକ ନଦୀ ପଠାରେ କରିଥିବା ବ୍ୟାପକ ବାଇଗଣ ଫସଲ ନଷ୍ଟ ହୋଇଯାଇଥିବା ପ୍ରକାଶ କରିଛନ୍ତି। ବିରୂପା ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଡେରାବିଶ ବ୍ଲକର ନଦୀ କୂଳ ବାସିନ୍ଦା ବନ୍ୟା ଆଶଙ୍କାରେ ଭୟଭୀତ ଅବସ୍ଥାରେ ଅଛନ୍ତି ବୋଲି ନଦୀକୂଳିଆ ଲୋକେ କହିଛନ୍ତି। ବନ୍ୟା ସମୟ ଆସିଲେ ୨୦୨୦ ଅଗଷ୍ଟ ଶେଷ ସପ୍ତାହରେ ଡେରାବିଶ ବ୍ଲକ ଅଧୀନ ବେଣୀପୁର ଠାରେ ବିରୂପା ନଦୀ ଘେରି ବନ୍ଧ ଭାଙ୍ଗିଥିବା ବେଣୀପୁରବାସୀଙ୍କୁ ମନେ ପଡ଼େ। ପଞ୍ଚାୟତର ୫ଟି ୱାର୍ଡର ପ୍ରାୟ ୨୦୦ ଘର ପରିବାର ଏବଂ ଯାଜପୁର ଜିଲ୍ଲା ଦେଉଳ୍ପିଡ଼ି ଗ୍ରାମ ୩ଟି ୱାର୍ଡର ପ୍ରାୟ ୫୦ ଘର ପରିବାର ଲୋକେ ବନ୍ୟାଜଳରେ ଜଳବନ୍ଦୀ ହୋଇଥିଲେ। ଜଳବନ୍ଦିରେ କେତେକ କୋଠାଘରର ଛାତ ଉପରକୁ ପାଣି ଚଢ଼ି ଯାଇଥିଲା ବେଳେ ଲକ୍ଷାଧିକ ଟଙ୍କାର ଜିନିଷ ପତ୍ର ବର୍ବାଦ ହୋଇଥିବା ଦେଖିବାକୁ ମିଳିଥିଲା। ବନ୍ୟାଜଳ ଘେରରେ ପ୍ରାୟ ମାସାଧିକ କାଳ ଜଳବନ୍ଦି ହୋଇ ରହିଥିଲେ ହଜାରହଜାର ଲୋକ। ଚାଷୀମାନେ କହିଛନ୍ତି ଆମେ ଧାର କରଜ କରି ବହୁ କଷ୍ଟରେ ଫସଲ ଲଗାଇ ଅମଳ କରିବା ବେଳକୁ ବନ୍ୟା ଆମର ସବୁ ଫସଲ ନଷ୍ଟ କରିଦେଲା। ବେଣିପୁର, ମଙ୍ଗଳପୁର ଓ ଛୋଟି ପଞ୍ଚାୟତର ଆହୁରି ଅନେକ ଚାଷୀଙ୍କର ଫସଲ ବିରୂପା ନଦୀପଠାରେ ବୁଡ଼ି ନଷ୍ଟ ହୋଇଯାଇଥିବାରୁ ଚାଷୀମାନେ ଏବେ ମୁଣ୍ଡରେ ହାତଦେଇ ବସିଛନ୍ତି। ବନ୍ୟାପାଣି ବଢ଼ୁଥିବାରୁ ମଙ୍ଗଳପୁର ପଞ୍ଚାୟତର ମଙ୍ଗଳପୁର ଦଳିତ ସାହି (ଧୋବାସାହି) ଓ ବେଣିପୁର ପଞ୍ଚାୟତର ବେଣିପୁର ପୋଲ ପାଖରେ ରହିଥିବା କିଛି ଲୋକଙ୍କ ଘରେ ପାଣି ପଶିଯିବା ଆଶଙ୍କା ରହିଥିବାରୁ ସେମାନେ ଏବେ ଉଚ୍ଚସ୍ଥାନକୁ ଯିବା ପାଇଁ ପ୍ରସ୍ତୁତ ହେଉଥିବା ଜଣାପଡ଼ିଛି। ଏଥିସହିତ ସେମାନଙ୍କ ଗାଈଗୋରୁମାନଙ୍କୁ ମଧ୍ୟ ଉଚ୍ଚସ୍ଥାନକୁ ନେଇଯାଉଥିବା ଜଣାଯାଇଛି। ଏଥିପାଇଁ ବ୍ଲକ ପ୍ରଶାସନ ଓ ଜଳସମ୍ପଦ ବିଭାଗ ହାଇଆଲର୍ଟରେ ରହିଛି। ଆଜି ଡେରାବିଶ ବିଡିଓ ନମିତା ବାରିକ ଓ ତହସିଲଦାର ସରୋଜ କୁମାର ନାୟକ ନଦୀକୂଳିଆ ଅଞ୍ଚଳକୁ ଯାଇ ବନ୍ୟାସ୍ଥିତି ଦେଖିବା ସହିତ ନଦୀକୂଳିଆ ପଞ୍ଚାୟତର ସରପଞ୍ଚମାନଙ୍କୁ ହାଇଆଲର୍ଟରେ ରହିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏସମ୍ପର୍କରେ ଛୋଟି ସରପଞ୍ଚ ରଜନୀ ମଲିକ କହିଛନ୍ତି ଡେରାବିଶ ବ୍ଲକ ପ୍ରଶାସନ ପକ୍ଷରୁ ବିରୁପା ନଦୀରେ ବନ୍ୟା ପାଇଁ ହାଇଆଲର୍ଟ ଜାରି କରାଯାଇଛି। ଏଥିସହିତ ସମ୍ଭାବ୍ୟ ବନ୍ୟାକୁ ମୁକାବିଲା କରିବା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି।

# ନୀଳକଣ୍ଠପୁରରେ ୫୦ଫୁଟ ଘାଇ

■ ଗାଁରେ ପଶିଲା ପାଣି ; ଲୋକ ଭୟଭୀତ

ପଟ୍ଟାମୁଣ୍ଡାଇ, ୧୬ା୭(ସମିସ): ନୀଳକଣ୍ଠପୁରରେ ବୁଧବାର ରାତି ୮ଟା ବେଳେ ୫୦ ଫୁଟ ଘାଇ ସୃଷ୍ଟି ହୋଇଛି। ଯାହାଫଳରେ ନୀଳକଣ୍ଠପୁର, ବଙ୍ଗାଳି ସାହିରେ ପାଣି ପଶିଯାଇ ସମସ୍ତ ଗାଁ ରାସ୍ତାରେ ବନ୍ୟା ଜଳ ସୁଅ ଛୁଟିଛି। ବନ୍ୟା ଅଞ୍ଚଳର ବିଭିନ୍ନ ସ୍ଥାନରେ କୁମ୍ଭୀର ଭାସୁଥିବାରୁ ଲୋକମାନେ କୁମ୍ଭୀରକୁ ନେଇ ଭୟଭୀତ ହୋଇପଡ଼ିଛନ୍ତି। ଲୋକମାନଙ୍କୁ ସୁରକ୍ଷା ଦେବା ପାଇଁ ପଟ୍ଟାମୁଣ୍ଡାଇର ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଛନ୍ତି। କେନ୍ଦ୍ରାପଡ଼ା ବିଜେପି ବିଧାୟିକା ପ୍ରାର୍ଥୀ ଗୀତାଞ୍ଜଳି ସେଠୀ ପଟ୍ଟାମୁଣ୍ଡାଇ ଘୋଇଅଞ୍ଚଳର ବନ୍ୟା ବିପନ୍ନ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରି ବନ୍ୟାସ୍ଥିତି ଅନୁଧ୍ୟାନ କରିବା ସହିତ ଅଭାବ ଅସୁବିଧା ସମ୍ପର୍କରେ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ବିପନ୍ନ ଲୋକମାନଙ୍କୁ ଅବିଳମ୍ବେ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ପାଖରେ ଦାବି କରିଛନ୍ତି।

# ନଦୀବନ୍ଧ ସ୍ଥିତି ଅନୁଧ୍ୟାନ କଲେ ବିଭାଗୀୟ ଅଧିକାରୀ



ଗୋବିନ୍ଦପୁର, ୧୬ା୭(ସମିସ): ଖରସ୍ରୋତା ଓ ଏହାର ଶାଖା କାଣି ନଦୀରେ ବନ୍ୟା ଯୋଗୁଁ ଆଳି, ଧୋଆ ଅଞ୍ଚଳ ଲୋକେ ଜଳବନ୍ଦୀ ହୋଇଯାଇଛନ୍ତି। ଏହି ଅଞ୍ଚଳର ସମସ୍ତ ମୁଖ୍ୟରାସ୍ତା ବନ୍ୟା ଜଳ ବୁଡ଼ି ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ଧୋଆ ଅଞ୍ଚଳର ଖରସ୍ରୋତା ଓ କାଣୀ ନଦୀବନ୍ଧର ସ୍ଥିତି ଅନୁଧ୍ୟାନ କରିବାକୁ ଆଜି ଜଳସମ୍ପଦ ବିଭାଗର ଏସି ସବିତ୍ କୁମାର ସାହୁ, ସହକାରୀ ଯନ୍ତ୍ରୀ ଧୃବଚରଣ ବେହେରା, କନିଷ୍ଠ ଯନ୍ତ୍ରୀ ଚିତ୍ତରଞ୍ଜନ ପଣ୍ଡା ପ୍ରମୁଖ ମଧୁବନ, ପାଳିମି, ମଧୁସୁଦନପୁର ଆଦି ଅଞ୍ଚଳ ବୁଲି ସ୍ଥିତି ଅନୁଧ୍ୟାନ କରିଥିଲେ। ନଦୀର ଜଳପତ୍ତନ ବୃଦ୍ଧି ପାଉଥିବାରୁ ବିଭାଗ ପକ୍ଷରୁ ନଜର ରଖାଯାଇଛି ବୋଲି ଏସି ଶ୍ରୀ ସାହୁ କହିଛନ୍ତି।

■ ଝିଅକୁ ଖୋଜିଲାନି ପୁଲିସ

# ନିରାଶ ହୋଇ ବିଷ ପିଇଦେଲେ ନାବାଳିକାଙ୍କ ବାପା

କେନ୍ଦ୍ରାପଡ଼ା, ୧୬ା୭ (ସମିସ): ନାବାଳିକା ଝିଅକୁ ଖୋଜିବାରେ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଶେଷରେ ନିରାଶ ହୋଇ ବାପା ବିଷ ପିଇ ଦେଇଛନ୍ତି। ଏହିଭଳି ଅଭାବନୀୟ ଘଟଣା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଚକଡ଼ା ଗୋଗୁଆ ଗ୍ରାମର କଳ୍ପତରୁ ଓଝା(୪୮)ଙ୍କ ୧୬ ବର୍ଷୀୟ ନାବାଳିକା ଝିଅଙ୍କୁ ସେହି ଗ୍ରାମର ଅଜୟ ଜେନାଙ୍କ ଭଣଜା ରାଜେଶ ଜେନା (ଚଗଲା) ବିବାହର ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରି ନେଇଛନ୍ତି। ଏନେଇ ନାବାଳିକାଙ୍କ ବାପା ଅଜୟ ୨୭ ମେରେ ତନ୍ତିଆପାଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଝିଅକୁ ଖୋଜିବାରେ ବିଳମ୍ବ କରିବାରୁ ୯ ଜୁନ୍‌ରେ ପୁଲିସର ଅସହଯୋଗ ସମ୍ବନ୍ଧରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ମଧ୍ୟ ଅଭିଯୋଗ କରିଥିଲେ। ନାବାଳିକାକୁ ଖୋଜିବାରେ ସମସ୍ତଙ୍କୁ ଗୁହାରି କରିବା ପରେ କିଛି ସୁଫଳ ନମିଳିବାରୁ ଶେଷରେ ସେ ବାଧ୍ୟ ହୋଇ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି। ଅବସ୍ଥା ଏବେ ସଙ୍କଟାପନ୍ନ ରହିଥିବା ବେଳେ କଟକ ବଡ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସମାଜସେବୀ ସୌଭାଗ୍ୟ ପରିଡ଼ା ସାମାଜିକ ଗଣମାଧ୍ୟମରେ ଭିଡିଓ କରି ପୁଲିସର ଅବହେଳା ପାଇଁ ଏମିତି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି। ଯଦି ପୁଲିସ ତୁରନ୍ତ ଅଭିଯୋଗ ଆଧାରରେ ଅଭିଯୁକ୍ତକୁ ଖୋଜିବା ସହ ଝିଅକୁ ଖୋଜିବାରେ ସଫଳ ହୋଇଥାଆନ୍ତା ତେବେ ଜଣେ ବାପା ଆଜି ବିଷ ପିଇ ନଥାଆନ୍ତେ ବୋଲି ସେ ମତ ପ୍ରକାଶ କରିଛନ୍ତି।

# ମଙ୍ଗଳପୁରରେ ବ୍ୟାପୁଛି ଜଣ୍ଡିସ

■ ଗାଁରେ ପହଞ୍ଚିଲା ଡାକ୍ତରୀ ଟିମ୍

ଡେରାବିଶ, ୧୬ା୭(ସମିସ): ଡେରାବିଶ ବ୍ଲକ ମଙ୍ଗଳପୁର ପଞ୍ଚାୟତ ଅଧୀନ ମଙ୍ଗଳପୁର ଗ୍ରାମରେ ଜଣ୍ଡିସ ତାର କାୟା ବିସ୍ତାର କରିବାରେ ଲାଗିଛି। ଏବେ ସୁଦ୍ଧା ଏହି ଗ୍ରାମରେ ଲକ୍ଷ୍ମୀପ୍ରିୟା ମଲିକ(୧୪), ସସ୍ମିତା ମଲିକ (୧୫), ରୁବିନା ମଲିକ(୧୦), ସାଇ ଶ୍ରଦ୍ଧା ମଲିକ(୭), ରାନି ଦାସ(୧୦), ମାମୁନି ମଲିକ(୧୧), କ୍ରୀଷ୍ଣା ମଲିକ(୭), ରଶ୍ମିରଞ୍ଜନ ମିଶ୍ର(୧୫), ସୂର୍ଯ୍ୟକାନ୍ତ ମଲିକ(୧୨) ପ୍ରମୁଖ ଜଣ୍ଡିସରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣାଯାଇଛି। ସୂଚନା ପାଇ ଜିଲ୍ଲା ଅତିରିକ୍ତ ଜନ ସ୍ୱାସ୍ଥ୍ୟ ଅଧିକାରୀ ଡା. ଗୌରାଙ୍ଗ ଚରଣ ଗିରିଙ୍କ ନେତୃତ୍ୱରେ ଏଡିପିଏଚଓ ଡା. ଶ୍ୟାମସୁନ୍ଦର ଟୁଡୁ, ଏପିଡେମିକୋଲୋଜିଷ୍ଟ ଡା. ଆଶୋକ କୁମାର ସାହୁ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସ୍ମିତା ପ୍ରିୟଦର୍ଶନୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗ ଟିମ ଗ୍ରାମରେ ପହଞ୍ଚି ପୀଡ଼ିତଙ୍କୁ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ରୋଗ ବ୍ୟାପିବାର କାରଣ ସମ୍ପର୍କରେ ଅନୁଧ୍ୟାନ କରିବା ସହ ଆକ୍ରାନ୍ତମାନଙ୍କ ରକ୍ତନମୁନା ସଂଗ୍ରହ କରି ପରିକ୍ଷା ପାଇଁ ପଠାଇଥିଲେ। ଗ୍ରାମରେ ଥିବା ଅସ୍ୱାସ୍ଥ୍ୟକର ପରିବେଶ, ଦୁଃଷିତ ପାନୀୟ ଜଳ ଓ ଖାଦ୍ୟ ଏହି ରୋଗର କାରଣ ହୋଇଥାଇ ପାରେ ବୋଲି ଡାକ୍ତରୀ ଦଳ ସନ୍ଦେହ ପ୍ରକାଶ କରିଛନ୍ତି।

# ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ନିବେଦନ

କେନ୍ଦ୍ରାପଡ଼ା, ୧୬ା୭(ସମିସ): ବାଲେଶ୍ୱର ଜିଲ୍ଲା ଫକୀରମୋହନ କଲେଜର ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ହତ୍ୟାର ନ୍ୟାୟିକ ତଦନ୍ତ ଓ ଦୋଷୀମାନଙ୍କ ବିରୋଧରେ କଠୋର ଦଣ୍ଡ ବ୍ୟବସ୍ଥା ଦାବିରେ ଆହୁତ ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ବୁଧବାର କଜଳାସ୍ଥିତ କଂଗ୍ରେସ ଭବନରେ କଂଗ୍ରେସ, ସିପିଆଇ(ଏମ୍) ଓ ସିପିଆଇ ପକ୍ଷରୁ ମିଳିତ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି। ଜିଲ୍ଲାର ସମସ୍ତ ଜନସାଧାରଣ, ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତ ବର୍ଗଙ୍କୁ ଜୁଲାଇ ୧୭ ଓଡ଼ିଶା ବନ୍ଦକୁ ସଫଳ କରିବାକୁ ନିବେଦନ କରାଯାଇଛି। ସମ୍ମିଳନୀରେ କଂଗ୍ରେସ ଦଳ ତରଫରୁ ଜିଲ୍ଲା ସଭାପତି ପ୍ରଫୁଲ୍ଲ ଦାସ, ପୂର୍ବତନ ବିଧାୟିକା ସିପ୍ରା ମଲ୍ଲିକ, ପୂର୍ବତନ ନଗରପାଳ ଆକବର ଅଲ୍ଲୀ, ଯୁବକଂଗ୍ରେସ ନେତା ଉମେଶ ପାଢ଼ୀ, ସଂଖ୍ୟାଲଘୁ ସେଲ ନେତା ସୟଦ ଅବଦୁଲ ସତ୍ତାର, ସିପିଆଇ(ଏମ୍) ଜିଲ୍ଲା ସମ୍ପାଦକ ଗୟାଧର ଧଳ, ଅନ୍ୟତମ ନେତା ଜଗତଜୀବନ ଦାଶ, ସିପିଆଇ ରାଜ୍ୟ ସମ୍ପାଦକମଣ୍ଡଳୀ ସଭ୍ୟ ରମଣିରଞ୍ଜନ ରାଉତରାୟ ପ୍ରମୁଖ ଜିଲ୍ଲା ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ନିବେଦନ କରିଥିଲେ।

■ ଏଫଏମ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣା

# ବିଜୁ ଯୁବଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ



ମାର୍ଶାଘାଇ, ୧୬ା୭(ସମିସ): ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ପ୍ରତିବାଦ ଓ ଆନ୍ଦୋଳନ ଅନୁଷ୍ଠିତ ହୋଇଯାଇଛି। ଏଫଏମ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ସରକାରଙ୍କ ବିଫଳତା ଦାୟୀକରି ଏହି ପ୍ରତିବାଦ ନାରାବାଜି ଆନ୍ଦୋଳନରେ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ଜୀବନ ଫେରାଇବ କିଏ, ସରକାର ତୁମେ ଜବାବ ଦିଅ ବୋଲି ନାରାଦେଇ ପ୍ରତିବାଦ କରିଛନ୍ତି। ଏଥିସହ ଶିକ୍ଷାମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଠାରୁ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ଉଚିତ୍ ନ୍ୟାୟ ଦାବି କରାଯାଇଛି। ଛାତ୍ରୀଙ୍କ ଅଭିଯୋଗ ଗୁରତ୍ୱ ଦିଆନଯିବା ଘଟଣା ପ୍ରଶାସନିକ ବିଫଳତାକୁ ପଦାରେ ପକାଇଛି ବୋଲି ଆନ୍ଦୋଳନକାରୀ ଅଭିଯୋଗ କରିଛନ୍ତି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦିଲ୍ଲୀପ୍ ଘୋଷ, ଅଧ୍ୟାପକ ସମୀର ସାହୁଙ୍କ ଦ୍ୱାରା ନିର୍ଯାତିତ୍ ସତ୍ତ୍ୱେ ସରକାର କିମ୍ବା ପ୍ରଶାସନ ପକ୍ଷରୁ କୌଣସି ନ୍ୟାୟ ନମିଳିବାରୁ ମହାବିଦ୍ୟାଳୟ ଅଧକ୍ଷଙ୍କ କାର୍ଯ୍ୟାଳୟରେ ସମ୍ପୃକ୍ତ ଛାତ୍ରୀ ପେଟ୍ରୋଲ ଢାଳି ଆତ୍ମାହୁତୀ ଘଟଣା ସମଗ୍ର ରାଜ୍ୟରେ ବିଜେପି ସରକାରରେ ମହିଳା ଏବଂ ଛାତ୍ରୀ ମାନେ ଅସୁରକ୍ଷୀତ ମଣୁଛନ୍ତି। ଦୋଷୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଦାବି କରି ବିଜେଡି ଯୁବ ଜନତା ଦଳ ଉପସଭାପତି ସର୍ବେଶ୍ୱର ଦାସଙ୍କ ନେତୃତ୍ୱରେ ବିଜୁ ଛାତ୍ର ଜନତା ଦଳର ଓମ୍‌ପ୍ରକାଶ ରାଉତ, ସ୍ୱରାଜ ରାୟ, ଫକୀର ପ୍ରଧାନ, ରଶ୍ମିରଞ୍ଜନ ଦାସ, ଦୁର୍ଗାପ୍ରସାଦ ନାୟକ, ସୂର୍ଯ୍ୟକାନ୍ତ ନାଥ ପ୍ରତିବାଦରେ ସାମିଲ ଥିଲେ।

# ଡେରାବିଶରେ ପୁଣି ବାର୍ଡଫ୍ଲୁ ଆତଙ୍କ

ଡେରାବିଶ, ୧୬ା୭(ସମିସ): ଡେରାବିଶ ବ୍ଲକ ଅଞ୍ଚଳର ଗୋଲରାହାଟ, ବାଲିଆ ଓ ଏଣ୍ଡର ଇତ୍ୟାଦି ପଞ୍ଚାୟତରେ ଗତ କିଛି ମାସ ତଳେ ବାର୍ଡଫ୍ଲୁ ତାର କାୟା ବିସ୍ତାର କରିବା ସହିତ ବହୁ କୁକୁଡ଼ା ଚାଷୀଙ୍କୁ ସର୍ବସ୍ୱାନ୍ତ କରିଦେଇଛି। ସେତେବେଳେ ସରକାରଙ୍କ ପକ୍ଷରୁ ହାଇଆଲର୍ଟ ଜାରି କରାଯାଇ ଏହି ପଞ୍ଚାୟତରୁ ୩କିମି ପରିଧିରେ ରହିଥିବା ସମସ୍ତ ଫାର୍ମର କୁକୁଡ଼ାମାନଙ୍କୁ ସୁରକ୍ଷିତ ଭାବରେ ମରାଯିବା ସହିତ ଘରୋଇ କୁକୁଡ଼ା, ବତକ ଇତ୍ୟାଦିଙ୍କୁ ମଧ୍ୟ ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ମରାଯାଇଥିଲା। ପୁଣି ବ୍ଲକ ଅଧୀନ ଗୋଲରାହାଟ ପଞ୍ଚାୟତରେ ଗତ ଦୁଇ ତିନିଦିନ ହେବ କୁକୁଡ଼ା ମଡ଼କ ଦେଖାଦେଇଛି। ପଞ୍ଚାୟତ ଅଧୀନ ଦୁମୁକାହାଟ ଗ୍ରାମର ପ୍ରଭାକର ଲେଙ୍କାଙ୍କ କୁକୁଡ଼ା ଫାର୍ମରେ ଦୈନିକ ୨୦ରୁ ୩୦ଟି କୁକୁଡ଼ା ମରିଯାଉଥିବା ବେଳେ ଅନ୍ୟ କୁକୁଡ଼ାମାନେ ଘୁମାଉଥିବା ଦେଖିବାକୁ ମିଳୁଛି। ଫାର୍ମ ମାଲିକଙ୍କ କହିବା ଅନୁଯାୟୀ, ସେ ତାଙ୍କ ଫାର୍ମରେ ପାଖାପାଖି ୫୨୦୦ କୁକୁଡ଼ା ରଖିଥିଲେ। ତିନିଦିନ ହେବ ଫାର୍ମରେ ରହିଥିବା କୁକୁଡ଼ାମାନେ ଏପରି ଘୁମାଇ ଧିରେଧିରେ ମୁଣ୍ଡମାଡ଼ି ପଡ଼ି ମରିଯାଉଥିବା ଜଣାଯାଇଛି। ଡେରାବିଶ ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କୁ ଅବଗତ କରିବା ପରେ ଡେରାବିଶ ପ୍ରାଣୀ ଚିକିତ୍ସା ଅଧିକାରୀ ଦିଲ୍ଲୀପ କୁମାର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ ସମ୍ପୃକ୍ତ ଫାର୍ମକୁ ଯାଇ ଏହି କୁକୁଡ଼ାମାନଙ୍କର ରକ୍ତ ନମୁନା ସଂଗ୍ରହ କରି ଫେରିଥିବା ବେଳେ ମଲା କୁକୁଡ଼ାମାନଙ୍କୁ ମାଟି ଖୋଳି ପୋତିବା ପାଇଁ ପରାମର୍ଶ ଦେଇଛନ୍ତି। ଘଟଣା ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ରହିଥିବା ବହୁ କୁକୁଡ଼ା ଚାଷୀ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି।

# ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଓ ଚାରାରୋପଣ

ପଟ୍ଟାମୁଣ୍ଡାଇ, ୧୬ା୭(ସମିସ): ପଟ୍ଟାମୁଣ୍ଡାଇ ବିଜେପି ପକ୍ଷରୁ ପୌରାଞ୍ଚଳର ୨୦ ନମ୍ବର ୱାର୍ଡ ମାଆ ଭାବାନୀ ଠାକୁରାଣୀଙ୍କ ପୀଠ ପରିସରରେ ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ଓ ଚାରାରୋପଣ ଅନୁଷ୍ଠିତ ହୋଇଯାଇଛି। ବିଜେପି ନଗର ସଭାପତି ଅଶୋକ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ବିଦ୍ୟାଧର ସେଠୀ, ବରିଷ୍ଠ ନେତା ମିଟୁ ମନୋଜ ନାୟକ, ସଞ୍ଜୟ ସ୍ୱାଇଁ, ରବୀନ୍ଦ୍ର ବିଶ୍ୱାଳ, ଆଡଭୋକେଟ ପ୍ରମୋଦ ସାହୁ, ପିତାମ୍ବର କର, ଯୋଗେଶ ବେହେରା, ଚନ୍ଦନ ପାତ୍ର, ରବୀନ୍ଦ୍ର ସେଠୀ,



ସମୀର ପାତ୍ର, ବିମଳ ତ୍ରିପାଠୀ, ରୀଙ୍କନ୍ ମଲିକ, ଅମୂଲ୍ୟ ବେହେରା, ଗୋଲେଖ ମଲିକ, ସନ୍ତୋଷ ସ୍ୱାଇଁ, ବରିଷ୍ଠ ଦଳିତ ଯୁବନେତା ଉତ୍ତମ ମଲିକ, ବାବାଜୀ ମଲିକ ପ୍ରମୁଖ ବହୁ ଦଳୀୟ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗଦେଇଥିଲେ। ପ୍ରତ୍ୟେକ ପରିବାର ତାଙ୍କ ବାଡ଼ିରେ ନିଜ ମାଆଙ୍କ ନାମରେ ଗଛଟିଏ ଲଗାଇ ପରିବେଶର ସୁରକ୍ଷା ପାଇଁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଥିଲା। ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ ପଟ୍ଟାମୁଣ୍ଡାଇ ପୌର ପରିଷଦର ୨୦ଟି ୱାର୍ଡରେ କରାଯିବ ବୋଲି ନଗର ସଭାପତି ଶ୍ରୀ ସାହୁ ପ୍ରକାଶ କରିଛନ୍ତି।

# କନିଷ୍ଠ ଯନ୍ତ୍ରୀଙ୍କ ଘରୁ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

କେନ୍ଦ୍ରାପଡ଼ା, ୧୬ା୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଅଧୀନ ରାମିଆଗଞ୍ଜ ଗ୍ରାମରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଘରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଛି। ଏନେଇ କନିଷ୍ଠ ଯନ୍ତ୍ରୀ ଜଣକ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। କନିଷ୍ଠ ଯନ୍ତ୍ରୀ କମଳଲୋଚନ ଲେଙ୍କା କୌଣସି କାର୍ଯ୍ୟରେ ମଙ୍ଗଳବାର କେନ୍ଦ୍ରାପଡ଼ା ଯାଇ ରାତିରେ ଫେରି ନଥିଲେ। ଘରେ କେହି ସଦସ୍ୟ ନ ଥିବା ବେଳେ ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରୁ କଳାକନା ବୁଲାଇଛନ୍ତି। ଗ୍ରୀଲ୍ ଓ କବାଟର ତାଲା ଭାଙ୍ଗି ଚୋରମାନେ ଘରେ ପଶି ଆଲମିରାରୁ ସୁନା ଅଳଙ୍କାର ଚୋରି କରିଛନ୍ତି। ଏସଂକ୍ରାନ୍ତରେ ମାର୍ଶାଘାଇ ଥାନାଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋରି ହୋଇଛି। ଏସଂକ୍ରାନ୍ତରେ ଚୋରି ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଜଣେ ଅବସରପ୍ରାପ୍ତ ପୁଲିସ ଅଧିକାରୀ କହିଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମାସିକ ଆୟ କେତେ ଯେ ସେ ଘରେ ୩୦ ଲକ୍ଷ ଟଙ୍କାର ସୁନା ଗହଣା କିଣି ରଖିଥିଲେ। ତେଣୁ ଯନ୍ତ୍ରୀଙ୍କ ଆୟର ଉତ୍ସ ମଧ୍ୟ ତଦନ୍ତ ହେବା ଉଚିତ ବୋଲି ସେ କହିଛନ୍ତି।

# ସାପ କାମୁଡ଼ାରେ ଛାତ୍ରୀ ମୃତ

ରାଜନଗର, ୧୬ା୭(ସମିସ): ରାଜନଗର ବ୍ଲକ ମହୁଲିଆ ପଞ୍ଚାୟତ ମାଣପଡ଼ା ଗାଁରେ ସାପ କାମୁଡ଼ିବାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ମୌସୁମୀ ନାଥ। ମୌସୁମୀ ମାଣପଡ଼ାସ୍ଥିତ ପଞ୍ଚୁବରାହୀ ବିଦ୍ୟା ନିକେତନରେ ନବମ ଶ୍ରେଣୀରେ ପାଠପଢ଼ନ୍ତି। ଖବର ଜଣାପଡ଼ିବା ପରେ ବିଦ୍ୟାଳୟରେ ଶୋକର ଛାୟା ଖେଳିଯାଇଛି। ପ୍ରଧାନଶିକ୍ଷକ ଶୁଭ୍ରଜ କୁମାର ବରାଳଙ୍କ ପୌରୋହିତ୍ୟରେ ବିଦ୍ୟାଳୟରେ ମୃତ ଛାତ୍ରୀଙ୍କ ପାଇଁ ଶୋକସଭା ଓ ନୀରବ ପାର୍ଥନା ଅନୁଷ୍ଠିତ ହୋଇଥିଲା।

# ସୋମ୍ୟାଶ୍ରୀ ପାଇଁ ମହାବିଦ୍ୟାଳୟରେ ଶୋକସଭା

ରାଜନଗର, ୧୬ା୭(ସମିସ): ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପ୍ରଶାସନିକ ମୁଖ୍ୟ ଅଧ୍ୟାପକ ପ୍ରଣୟ କୁମାର ବେହେରାଙ୍କ ପୌରୋହିତ୍ୟରେ ମୃତ ଛାତ୍ରୀଙ୍କ ଅମର ଆତ୍ମାର ସଦଗତି ପାଇଁ ଦୁଇ ମିନିଟ ନୀରବ ପାର୍ଥନା କରାଯାଇଥିଲା। ଶୋକସଭାରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

# ସୋମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା

ରାଜକନିକା, ୧୬ା୭(ସମିସ): ଏଫଏମ କଲେଜ ଛାତ୍ରୀ ସୋମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ପାଇଁ ମିଳିତ ବିରୋଧୀ ଦଳ କଂଗ୍ରେସ, ସିପିଆଇଏମ, ସିପିଆଇଏମଏଲ ପକ୍ଷରୁ ଚନ୍ଦନପୋଖରୀ ଛକରେ ଶାନ୍ତିପୂର୍ଣ୍ଣ ନୀରବ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଛି। ଛାତ୍ରୀ ମୃତ୍ୟୁର ତଦନ୍ତ, ସ୍ଥାନୀୟ ବିଧାୟକ, ସାଂସଦଙ୍କ ବହିଷ୍କାର, ସମସ୍ତ ଦୋଷୀଙ୍କ ବିରୁଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବିରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତଚରଣ ଦାସଙ୍କ ଆହ୍ୱାନରେ ତମାମ ରାଜ୍ୟରେ ପ୍ରତିବାଦର ଆସନ୍ତାକାଲି ଓଡ଼ିଶା ବନ୍ଦ ଡାକରାକୁ ମିଳିତ ବିରୋଧୀ ଦଳ ସମର୍ଥନ ଦେଉଛି। କ୍ୟାଣ୍ଡେଲ ଶୋଭାଯାତ୍ରାରେ କଂଗ୍ରେସ ନେତ୍ରୀ ପିସିସି ସମ୍ପାଦିକା ଦେବସ୍ମିତା ଶର୍ମା, ବ୍ଲକ ସଭାପତି ମଙ୍ଗୁଳି ଚରଣ ବେହେରା, ସିପିଆଇଏମର କାଳୀପ୍ରସାଦ ନାୟକ, ସିପିଆଇଏମଏଲର ବିଧାନ ଦାସ, କଂଗ୍ରେସ ଯୁବନେତା ସତ୍ୟ ପରିଡ଼ା, ସମିତି ସଭ୍ୟା ଅଞ୍ଜନା ସାହୁ, ଅମିତ ନାୟକ, ସରପଞ୍ଚ ଦୁର୍ଯୋଧନ ମହାନ୍ତି, ପଙ୍କଜ ଦାସ, ଗଙ୍ଗାଧର ବେହେରା, ପ୍ରଦୀପ ପଣ୍ଡା, କୃତିବାସ ନାୟକ, ରଞ୍ଜନ ସେଠି, ପ୍ରମୋଦ ପତି, ଉମେଶ ପରିଡ଼ା, ପ୍ରମୋଦ ପତି, ବିଶ୍ୱଜିତ ତରାଇ ପ୍ରମୁଖ ସାମିଲ ହୋଇଥିଲେ।

# ସରକାରୀ ସୁବିଧାରୁ ବଞ୍ଚିତ ବାସନ୍ତୀ

ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି, ୧୬ା୭(ସମିସ): ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅଧୀନ କୂଳସାହି ଗ୍ରାମର ଅସହାୟ ମହିଳା ବାସନ୍ତୀ ଆରୁଖ (୫୫) ସମସ୍ତ ସରକାରୀ ସୁବିଧାରୁ ବଞ୍ଚିତ ଅଛନ୍ତି। ୨୦୦୧ରେ ସ୍ୱାମୀଙ୍କୁ ହରାଇଥିବା ବାସନ୍ତୀ ୨୦୨୩ରେ ବିଧବା ଭତ୍ତା ପାଇଥିଲେ ହେଁ ଅନ୍ୟାନ୍ୟ ସରକାରୀ ସୁବିଧା ପାଇବାରୁ ବଞ୍ଚିତ ହୋଇଛନ୍ତି। ବାସନ୍ତୀଙ୍କୁ ସୁଭଦ୍ରା ଯୋଜନାରେ ସରକାରୀ ପ୍ରୋତ୍ସାହନ ମିଳିପାରିନାହିଁ।



ବାସନ୍ତୀ ଓ ତାଙ୍କ ବିବାହଯୋଗ୍ୟା ଝିଅକୁ ନେଇ ତାଙ୍କର ସଂସାର। ଗୁଜୁରାଣ ମେଣ୍ଟାଇବା ପାଇଁ ବାସନ୍ତୀ ପାଉଥିବା ଭତ୍ତା ଟଙ୍କା ଯଥେଷ୍ଟ ହେଉ ନ ଥିବାରୁ ସେ ପେଟ ପୋଷିବା ପାଇଁ ପର ଘରେ କାମ କରୁଛନ୍ତି। ଅନ୍ୟପକ୍ଷରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବାସନ୍ତୀଙ୍କୁ ଆବାସ ବି ମିଳିନି। ସେ ଜଣେ ଯୋଗ୍ୟ ହିତାଧିକାରୀ ହୋଇଥିଲେ ହେଁ ଏଥିରୁ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ବାସନ୍ତୀ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ରାଜନେତାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିବା ସହିତ ପଞ୍ଚାୟତଠାରୁ ବ୍ଲକ ଅଫିସ ଦୌଡ଼ି ଦୌଡ଼ି ନୟାନ୍ତ ହେଲେଣି। ତାଙ୍କ ଗୁହାରି କାହାରି କାନରେ ପଡୁନାହିଁ। ବ୍ରାହ୍ମଣୀ ନଦୀକୂଳରେ ଏକ ପରିତ୍ୟକ୍ତ ଘରେ ବାସନ୍ତୀ ଓ ତାଙ୍କର ଏକମାତ୍ର ଝିଅ ରହୁଥିବା ବେଳେ ପାଦେ ପାଦେରେ ବିପଦ ରହିଛି। ନଦୀରେ କୁମ୍ଭୀର, ଏଣେ ସରୀସୃପଙ୍କ ଭୟ ରହିଛି। ଅସହାୟ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବିଭିନ୍ନ ଯୋଜନା ପ୍ରଣୟନ କରୁଥିବାବେଳେ ବାସନ୍ତୀଙ୍କ ପାଇଁ ସରକାରୀ ଯୋଜନା ସାତସପନ ପାଲଟିଛି।

# 'ଆତ୍ମବିଶ୍ୱାସ, କଠିନ ପରିଶ୍ରମ ହିଁ ସଫଳତାର ମୂଳମନ୍ତ୍ର'

ଡେରାବିଶ, ୧୬ା୭(ସମିସ): ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅଧୀନ ମୁଣ୍ଡାଳୋସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସଭାକକ୍ଷରେ ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ବିଦ୍ୟାଳୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଅଧ୍ୟକ୍ଷ ଶରତ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ଯୋଗଦେଇ ଜୀବନର ସଫଳତା ପାଇଁ ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମର ଆବଶ୍ୟକତା ଅଛି ବୋଲି କହିଥିଲେ। ସେଥିପ୍ରତି ଛାତ୍ରଛାତ୍ରୀ ସଚେତନ ହେଲେ ନିଶ୍ଚୟ ସଫଳତା ହାସଲ କରିପାରିବେ ବୋଲି କହିଥିଲେ। ପ୍ରାରମ୍ଭରେ ଅଧକ୍ଷ ଶ୍ରୀ ଜେନା ସ୍ୱାଗତ ଭାଷଣ ଓ ବରିଷ୍ଠ ଶିକ୍ଷକ ପ୍ରଶାନ୍ତ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ସୁବ୍ରତ ମହାନ୍ତି, ଭକ୍ତରଞ୍ଜନ କର, ହିମାଂଶୁ ମହାନ୍ତି, କବିତାଞ୍ଜଳି ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ।

# ସାହାଣୀ କପ୍ ଫୁଟବଲ୍ ଉଦ୍‌ଘାଟିତ

■ ଝାରସୁଗୁଡ଼ା ଓ ଭଦ୍ରକ ବିଜୟୀ

ରାଜକନିକା, ୧୬ା୭(ସମିସ)



ରାଜକନିକା ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ କେନ୍ଦ୍ରାପଡ଼ା ଜିଲ୍ଲା କ୍ରୀଡ଼ା ସଂସଦ ଓ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା ସହଯୋଗରେ ରାଜକନିକା ଆର୍‌ଏନ ହାଇସ୍କୁଲ ମିନି ଷ୍ଟାଡିୟମରେ ୬୪ ତମ ସିନିଅର ଆନ୍ତ ଜିଲ୍ଲା ସାହାଣୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତଥା ଆଳି ବିଧାୟକ ପ୍ରତାପ କେଶରୀ ଦେବ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚ ଜଗତସିଂହପୁର ଜିଲ୍ଲା ଓ ଝାରସୁଗୁଡ଼ା ଜିଲ୍ଲା ମଧ୍ୟରେ ହୋଇଥିଲା। ଏଥିରେ ଝାରସୁଗୁଡା ଜିଲ୍ଲା ୨-୧ ଗୋଲ ବିଜୟ ଲାଭ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ କେନ୍ଦ୍ରାପଡ଼ା ଜିଲ୍ଲା ଭଦ୍ରକ ଜିଲ୍ଲାକୁ ଭେଟିଥିଲା। ଏଥିରେ ଭଦ୍ରକ ୨-୦ ଗୋଲରେ ବିଜୟ ଲାଭ କରିଥିଲା। ଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦେବାଶିଷ ଧଳ, କନିକା ତହସିଲଦାର ଭାନୁମତୀ ମାଝୀ, ଜିଲ୍ଲା କ୍ରୀଡ଼ା ସଂସଦ ସମ୍ପାଦକ ସୟଦ ଅକମଲ ଅଲ୍ଲୀ, ରାଜକନିକା ଏସ୍‌ଏନ କଲେଜ ଅଧକ୍ଷ ପ୍ରଫେସର ଉପେନ୍ଦ୍ର କୁମାର ପଣ୍ଡା, ଓଳାଭର କଲେଜ ଅଧକ୍ଷ ପ୍ରଫେସର ହଳଧର ବେହେରା, ପ୍ରାକ୍ତନ ଅଧକ୍ଷ ପ୍ରଫେସର ଶେଖର ଚନ୍ଦ୍ର ବାରିକ, ସ୍ୱତନ୍ତ୍ର ଅତିଥି ଭାବେ ଫାଓର ଉପସଭାପତି ସହଦେବ ରାଉତ, ବିଶିଷ୍ଟ ଫୁଟବଲ ଖେଳାଳି ବିଜୟ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ରାଜକନିକା ଆଥଲେଟିକ ଆସୋସିଏସନର ସଭାପତି ଦୋଳ ଗୋବିନ୍ଦ ନାୟକ, ଉପସଭାପତି ବୈକୁଣ୍ଠନାଥ ପରିଡ଼ା ଓ କପିଳେନ୍ଦ୍ର ମଲ୍ଲିକ, ସାଧାରଣ ସମ୍ପାଦକ ଅଜୟ କୁମାର ନାୟକ, ଉପଦେଷ୍ଟା କୃଷ୍ଣଚନ୍ଦ୍ର ପଣ୍ଡା, ଯୁଗ୍ମ ସମ୍ପାଦକ ପ୍ରାଣବନ୍ଧୁ ରାଉତ, ଇଂ ପ୍ରଶାନ୍ତ ବିଶ୍ୱାଳ, ଡ. ଫକୀର ଚନ୍ଦ୍ର ପ୍ରଧାନ, କୋଷାଧକ୍ଷ ଦେବେନ୍ଦ୍ର ନାୟକ, ମିଡିଆ ସମ୍ପାଦକ ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଜ୍ୟୋତିରଞ୍ଜନ ସ୍ୱାଇଁ, ଶଶୀକାନ୍ତ ଦାସିଆ ଖେଳ ପରିଚାଳନା କରିଥିବା ବେଳେ ଦିଲୀପ ରାଉତ ମ୍ୟାଚ କମିଶନର କାର୍ଯ୍ୟ ସମ୍ପାଦନ କରିଥିଲେ। ଗୋଲକ ବିହାରୀ ମଲ୍ଲିକ, ବେଣୁଧର ପରିଡ଼ା, ପ୍ରକାଶ ସେନାପତି, ଶରତ ମଲିକ, ବିଜୟ ଭୂୟାଁ, ଶରତ ଜେନା, ମିର୍ଜା ଇବ୍ରାହିମ ବେଗ, ଅକ୍ଷୟ ନାଥ, ସୋମିୟକାନ୍ତ ନାୟକ ଆଦି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ଖେଳଟି ଦିବଂଗତ ଶିକ୍ଷାବିତ ଦାମୋଦର ରାଉତଙ୍କୁ ଉତ୍ସର୍ଗ କରାଯାଇ ଥିବା ବେଳେ ଦ୍ୱିତୀୟ ମ୍ୟାଚ ଆଳିର ରାଜା ସାହେବ ଓ ରାଣୀ ସହେବା ସ୍ୱର୍ଗତ ଶରତ କୁମାର ଦେବ ଓ ସୁଶ୍ରୀ ଦେବୀଙ୍କୁ ଉତ୍ସର୍ଗ କରାଯାଇଥିଲା।

୧୬/୭/୨୦୨୫ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୬,୧୫,୪୪୬/- ସୁନା: ୦୧.୦୦୦ ଗ୍ରାମ୍ ରୁପା: ୦୩.୮୦୦ ଗ୍ରାମ୍







# ନିଆରା ଶିଳ୍ପୀ ନିରାକାର

# ଗୋଟିଏ ନିମ୍ବ କାଠରେ ଗଢ଼ିଛନ୍ତି ମହାପ୍ରଭୁଙ୍କ ବିଶ୍ୱରୂପ

ପୁରୀ,୧୬।୭ (ସମିସ)

ବିଶ୍ୱନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ। ତାଙ୍କ ଲୀଳା ଅପାର। ତାଙ୍କୁ ନେଇ ଅନେକ ଭଜନ, ଜଣାର, ଗପ, ଗୀତ ଲେଖାଯାଇଛି। ପୁଣି ଶିଳ୍ପୀ କାନ୍‌ଭାସରେ ମହାପ୍ରଭୁଙ୍କୁ ଜୀବନ୍ତ ରୂପ ଦେବାକୁ ଚେଷ୍ଟା କରିଥା'ନ୍ତି। ଶିଳ୍ପୀର ନିହାଣ ମୁନ ସ୍ପର୍ଶରେ ସତେ ଅବା ପଥର ଓ କାଠ ଜୀବନ୍ତ ହୋଇଉଠେ ଜଗନ୍ନାଥଙ୍କ ମୂର୍ତ୍ତି ମାଧ୍ୟମରେ। ଏଭଳି ଏକ ନିଆରା ଉଦାହରଣ ଦେଖିବାକୁ ମିଳିଛି ପୁରୀରେ। ସ୍ଥାନୀୟ ମାଟିତୋଟା ୫ ଲେନ୍‌ରେ ଦେଖିବାକୁ ମିଳିଛି ଏକ ନିଆରା କଳାକୃତି। ଗୋଟିଏ ନିମ୍ବ କାଠରେ ନିର୍ମାଣ କରାଯାଇଛି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱରୂପ। ଆଉ ଏହି ନିଆରା କଳାକୃତିକୁ ପ୍ରସ୍ତୁତ କରିଛନ୍ତି ଯୁବଶିଳ୍ପୀ ନିରାକାର ମହାରଣା।



ଏଥିପାଇଁ ସେ ୫ ବର୍ଷ ହେବ ଚେଷ୍ଟା ଜାରି ରଖିଥିଲେ, ଯାହା ତାଙ୍କୁ ସଫଳତା ଦେଇଛି। ଏହି ଜଗନ୍ନାଥ ମୂର୍ତ୍ତି ତିଆରି କରିବାକୁ ମାତ୍ର ଗୋଟିଏ ନିମ୍ବ କାଠ ବ୍ୟବହାର କରିଛନ୍ତି ନିରାକାର। କାଠକୁ ଆଠଫାଳ କରି ଏହି ମୂର୍ତ୍ତିକୁ ତିଆରି କରିଛନ୍ତି। ବଡ଼ କଥା ହେଉଛି ଯେମିତି ମହାପ୍ରଭୁଙ୍କ ମୂର୍ତ୍ତିରେ କୌଣସି କଣ୍ଟା କି କ୍ଷୟ ନାହିଁ ସେମିତି ଗୋଟେ ନିମ୍ବ ବୃକ୍ଷର ଗଣ୍ଡିରେ ବିନା କଣ୍ଟା ଏବଂ ବିନା ଅଠାରେ ପ୍ରସ୍ତୁତ କରିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅବିକଳ ମୂର୍ତ୍ତି। ଏଭଳି ଏକ ଅଦ୍ଭୁତ କଳାକୃତିରେ ପ୍ରତିମୂର୍ତ୍ତି ଗଢ଼ିଛନ୍ତି ନିରାକାର। ମାଟିତୋଟା ସୁଜାତା ନଗର ମଙ୍ଗଳା ମନ୍ଦିରରେ ଏହାକୁ ବାସ୍ତବତାର ରୂପ ଦେଇଛନ୍ତି। ଏହା ବେଶ୍ ଆକର୍ଷଣୀୟ ହୋଇଛି।



ଏ ସମ୍ପର୍କରେ ନିରାକାର କହିଛନ୍ତି, ଏହି ମୂର୍ତ୍ତି ବଜାରରେ ବିକ୍ରି ହେବ ନାହିଁ। ଏହି ମୂର୍ତ୍ତି ଗଢ଼ିବା ପାଇଁ ସେ ଅନେକ ରାତି ଅନିଦ୍ରା ହୋଇଛନ୍ତି। ଯେଉଁ ମୂର୍ତ୍ତି ସେ କେବେ ଦେଖିନାହାନ୍ତି ତାକୁ କେମିତି ଗଢ଼ିଲେ ତାହା ତାଙ୍କୁ ଆଶ୍ଚର୍ଯ୍ୟ ଲାଗୁଛି। ତାଙ୍କୁ ଲାଗୁଥିଲା କିଏ ତାଙ୍କ ହାତ ଧରି ମୂର୍ତ୍ତି ଗଢ଼ିବା ପାଇଁ ପ୍ରେରଣା ଦେଉଛି। ଏହି ମୂର୍ତ୍ତି ଗୁଣ୍ଡିଚା ମନ୍ଦିରରେ ପୂଜାପାଉ ବୋଲି ତାଙ୍କ ଇଚ୍ଛା। କିନ୍ତୁ ବାକିସବୁ ଜଗନ୍ନାଥଙ୍କ ଇଚ୍ଛା ବୋଲି କହିଛନ୍ତି ନିରାକାର।

## ଆଜି ମହାପ୍ରଭୁଙ୍କ ବନକଲାଗି

# ସାଢ଼େ ୪ ଘଣ୍ଟା ବନ୍ଦ ରହିବ ଦର୍ଶନ

ପୁରୀ,୧୬।୭ (ସମିସ): ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଶ୍ରୀମନ୍ଦିରରେ ଗୁରୁବାର ମହାପ୍ରଭୁଙ୍କ ବନକଲାଗି ବା ଶ୍ରୀମୁଖ ଶୃଙ୍ଗାର ନୀତି ଅନୁଷ୍ଠିତ ହେବ। ଏଥିପାଇଁ ଦ୍ୱିତୀୟ ଭୋଗମଣ୍ଡପ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ସାଢ଼େ ୬ରୁ ରାତି ୧୧ଟା ପର୍ଯ୍ୟନ୍ତ ପ୍ରାୟ ସାଢ଼େ ୪ ଘଣ୍ଟା ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇଛି। ବନକଲାଗି ହେଉଛି ମହାପ୍ରଭୁଙ୍କର ଏକ ଗୁପ୍ତ ନୀତି। ଏହି ନୀତି ପାଇଁ ଜୟ ବିଜୟ ଦ୍ୱାର ବନ୍ଦ ରହିବ। ଦ୍ୱିପ୍ରହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ଏଥିପାଇଁ ଦତ୍ତମହାପାତ୍ର ସେବକ ପ୍ରାକୃତିକ ରଙ୍ଗ ପ୍ରସ୍ତୁତ କରିଥା'ନ୍ତି।

## ଭିତରକାଠରେ ପରିସ୍ରା

# ମହାପ୍ରଭୁଙ୍କର ହେଲା ବଡ଼ ମହାସ୍ନାନ

ପୁରୀ,୧୬।୭ (ସମିସ): ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ହୋଇଛି ବଡ଼ ମହାସ୍ନାନ। ଭିତରକାଠ ପାଖରେ ପରିସ୍ରା ପଡ଼ିବାରୁ ଏହି ବଡ଼ ମହାସ୍ନାନ କରାଯାଇଛି। ତେବେ ଏହି ସ୍ୱତନ୍ତ୍ର ମହାସ୍ନାନ ପୂଜା ପାଇଁ ନୀତିକାନ୍ତି ପ୍ରାୟ ଦେଢ଼ ଘଣ୍ଟା ବିଳମ୍ବ ହୋଇଛି। ବୁଧବାର ସନ୍ଧ୍ୟା ୫ଟା ୫୫ରେ ଦ୍ୱିତୀୟ ଭୋଗମଣ୍ଡପ ସରିଥିଲା। ସନ୍ଧ୍ୟା ୭ଟା ୩୦ରେ ଦ୍ୱାଦଶ ଯାତ୍ରା ବନ୍ଦାପନା ପରେ ଭିତରକାଠରୁ ଦର୍ଶନ ଚାଲିଥିଲା। ଏହି ସମୟରେ ଭିତରକାଠ ନିକଟରେ ଜଣେ ଛୋଟ ପିଲା ପରିସ୍ରା କରି ଦେଇଥିଲା। ତେଣୁ ସେହିଠାରୁ ନୀତି ଅଟକାଯାଇ ମହାସ୍ନାନ ବିଧି ଆରମ୍ଭ ହୋଇଥିଲା। ବନ୍ଦ ରହିଥିଲା ସର୍ବସାଧାରଣ ଦର୍ଶନ। ରତ୍ନସିଂହାସନଠାରୁ ଜୟ ବିଜୟ ଦ୍ୱାର ପର୍ଯ୍ୟନ୍ତ ଧୂଆ ହୋଇ ଚୁନପାଣି ପଡ଼ିଥିଲା। ପୂଜାପଣ୍ଡା ସେବକମାନେ ରାତି ୯ଟା ୧୫ରେ ମହାସ୍ନାନ ପୂଜା କରିଥିଲେ। ୯ଟା ୨୫ରେ ମହାସ୍ନାନ ପୂଜା ବଢ଼ିବା ପରେ ଆରମ୍ଭ ହୋଇଥିଲା ନୀତିକାନ୍ତି। ଏହାପରେ ଭକ୍ତମାନଙ୍କ ଦର୍ଶନ ପୁଣି ସ୍ୱାଭାବିକ ହୋଇଥିଲା। ଏହି ମହାସ୍ନାନ ପାଇଁ ପ୍ରାୟ ଦେଢ଼ ଘଣ୍ଟାରୁ ଊର୍ଦ୍ଧ୍ୱ ନୀତିକାନ୍ତି ବିଳମ୍ବ ହୋଇଥିଲା। ଏହି ବିଳମ୍ବ ଅନ୍ୟାନ୍ୟ ନୀତିକୁ ମଧ୍ୟ ପ୍ରଭାବିତ କରିଥିଲା।

## ■ ପୁରୀରେ ପ୍ରକଳ୍ପ ପାଇଁ ଓଏନ୍‌ଜିସି ଆଗ୍ରହୀ

# ଜିଲ୍ଲାପାଳଙ୍କୁ ଭେଟି ଆଲୋଚନାକଲେ ବୈଷୟିକ ଟିମ୍

ପୁରୀ,୧୬।୭ (ସମିସ): ତୈଳ ଓ ପ୍ରାକୃତିକ ଗ୍ୟାସ୍ ନିଗମ (ଓଏନ୍‌ଜିସି) ପକ୍ଷରୁ ପୁରୀ ଜିଲ୍ଲାରେ ଏକ ମେଗା ପ୍ରକଳ୍ପ ପାଇଁ ଆଗ୍ରହ ପ୍ରକାଶ କରାଯାଇଛି।

ଏ ନେଇ ବୁଧବାର ଓଏନ୍‌ଜିସିର ଏକ ବରିଷ୍ଠ ପ୍ରତିନିଧି ଦଳ ଜିଲ୍ଲାପାଳ ଚଞ୍ଚଳ ରାଣାଙ୍କୁ ଭେଟି ପ୍ରକଳ୍ପ ସମ୍ପର୍କରେ ପ୍ରାରମ୍ଭିକ ଆଲୋଚନା କରିଛନ୍ତି। ବିଶେଷକରି ପୁରୀ ସମୁଦ୍ର କୂଳିଆ ଅଞ୍ଚଳ ହୋଇଥିବାରୁ ଏଠାରେ ପବନଚାଳିତ ଶକ୍ତି ଉତ୍ପାଦନ ପାଇଁ ସୁଯୋଗ ରହିଛି। ପୂର୍ବରୁ ମଧ୍ୟ ପୁରୀ ସମୁଦ୍ର କୂଳରେ ଏହି ବ୍ୟବସ୍ଥା ଥିଲା। ଏବେ ଜିଲ୍ଲାର ଅସ୍ତରଙ୍ଗ ଅଞ୍ଚଳରେ ୫୦ ମେଗାୱାଟ୍ ବିଶିଷ୍ଟ ପବନଚାଳିତ ଶକ୍ତି ଉତ୍ପାଦନ ପାଇଁ ଓଏନ୍‌ଜିସି ଏକ ପ୍ରକଳ୍ପ ପ୍ରସ୍ତୁତ କରିଛି। ଏନେଇ ଓଏନ୍‌ଜିସିର ବରିଷ୍ଠ ବୈଷୟିକ ଟିମ୍ ଜିଲ୍ଲାପାଳଙ୍କ ସହ ଆଲୋଚନା କରିଛନ୍ତି।

## ● ଦଳାଚକଟା ଘଟଣାର ସାକ୍ଷ୍ୟ ଗ୍ରହଣ

# ସାକ୍ଷ୍ୟଦେଲେ ୪୨ ଅଧିକାରୀ ଓ କର୍ମଚାରୀ

ପୁରୀ,୧୬।୭ (ସମିସ): ରଥଯାତ୍ରା ସମୟରେ ଗୁଣ୍ଡିଚା ମନ୍ଦିର ନିକଟରେ ଘଟିଥିବା ଦଳାଚକଟା ଘଟଣାରେ ୩ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାର ତଦନ୍ତ ଚାଲିଛି। ଶରଧାବାଲି ଦଳାଚକଟା ଘଟଣାର ତଦନ୍ତ ଜାରି ରଖିଛନ୍ତି ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ। ଭୁବନେଶ୍ୱର ପରେ ପୁରୀରେ ଉନ୍ନୟନ କମିଶନରଙ୍କ ସାକ୍ଷ୍ୟ ଗ୍ରହଣ ଜାରି ରହିଛି। ପୂର୍ବରୁ ସର୍ବସାଧାରଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଥିବାବେଳେ ମଙ୍ଗଳବାର ଅଧିକାରୀମାନଙ୍କ ମତାମତ ନେଇଥିଲେ। ବୁଧବାର ସ୍ଥାନୀୟ ସର୍କିଟ୍ ହାଉସ୍‌ଠାରେ ଚତୁର୍ଥ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗଙ୍କ ନିକଟରେ ୪୨ ଜଣ ବିଭିନ୍ନ ଅଧିକାରୀ ଓ କର୍ମଚାରୀ ସାକ୍ଷ୍ୟ ପ୍ରଦାନ କରିଛନ୍ତି। ଶ୍ରୀମନ୍ଦିର ପ୍ରଶାସନର କର୍ମଚାରୀ, ଇଣ୍ଟିଗ୍ରେଟେଡ୍ କଣ୍ଟ୍ରୋଲ ଆଣ୍ଡ କମାଣ୍ଡ ସେଣ୍ଟର ଦାୟିତ୍ୱରେ ଥିବା ପୁଲିସ ଅଧିକାରୀ ଏବଂ ଦଳାଚକଟା ଦିନ କାର୍ଯ୍ୟରତ ଥିବା ପୁଲିସ ଅଧିକାରୀ ଓ କର୍ମଚାରୀମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଛି। ଗତ ମଙ୍ଗଳବାର ଜିଲ୍ଲା ପ୍ରଶାସନର ୪୦ ଜଣ ସରକାରୀ କର୍ମଚାରୀଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ପୂର୍ବରୁ ପୁରୀରେ ୪୮ ଜଣ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ସାକ୍ଷ୍ୟ ପ୍ରଦାନ କରିଥିଲେ। ସେହିପରି ପ୍ରଥମ ପର୍ଯ୍ୟାୟରେ ଭୁବନେଶ୍ୱରରେ ୧୭ ଜଣଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଆଗକୁ ଏହି ତଦନ୍ତ ପ୍ରକ୍ରିୟା ଜାରି ରହିବ ବୋଲି ଉନ୍ନୟନ କମିଶନର ଅନୁ ଗର୍ଗ କହିଛନ୍ତି। ତଦନ୍ତ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବା ପରେ ହିଁ ଯାହା କହିହେବ ବୋଲି ସେ ମତ ରଖିଛନ୍ତି।

## ପୁଣି ଜଣେ ନାବାଳିକା ନିଖୋଜ

# ୨୬ ଦିନ ହେଲା ମିଳୁନି ପତ୍ତା; ମା'ର ଆତ୍ମାହୁତି ଧମକ

ପୁରୀ,୧୬।୭ (ସମିସ): ପୁରୀ ଜିଲ୍ଲା ଡେଲାଙ୍ଗ ରତନପୁରର ନାବାଳକ ନିଖୋଜ ହେବାକୁ ନେଇ ବେଶ୍ କିଛିଦିନ ରାଜ୍ୟବ୍ୟାପୀ ଚର୍ଚ୍ଚାର ବିଷୟ ପାଲଟିଥିଲା। ହେଲେ ପରବର୍ତ୍ତୀ ସମୟରେ ପାଇଖାନା ଟାଙ୍କିରୁ ନାବାଳକର ମୃତଦେହ ମିଳିଥିଲା। ପ୍ରାୟ ୩ ମାସ ପୂର୍ବର ଏହି ଘଟଣା ଲୋକଙ୍କ ମନରୁ ଲିଭି ନ ଥିବାବେଳେ ମଝିରେ ମଝିରେ ନିଖୋଜ ଖବର ଆସୁଛି। ନିକଟରେ ପୁରୀ ଜିଲ୍ଲାରୁ ପୁଣି ଜଣେ ନାବାଳିକା ନିଖୋଜ ହେବା ଏବଂ ୨୬ ଦିନ ପରେ ବି ତା'ର ପତ୍ତା ନ ମିଳିବା ଆଇନ ଶୃଙ୍ଖଳା ବ୍ୟବସ୍ଥା ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିଛି।

ସମ୍ପୃକ୍ତା ନାବାଳିକାର ପରିବାର ଲୋକେ ଥାନାଠାରୁ ଆରମ୍ଭ କରି ଏସ୍‌ଡିପିଓ, ଏସ୍‌ପି ଓ ମହିଳା କମିଶନ ସମସ୍ତଙ୍କୁ ଫେରାଦ ହୋଇସାରିଲେଣି। ହେଲେ ଏ ପର୍ଯ୍ୟନ୍ତ କିଛି ସୁଫଳ ମିଳିନାହିଁ। ଏଭଳି ଅଭିଯୋଗ ଆସିଛି ପୁରୀ ଜିଲ୍ଲା କଣାସ ଥାନା ଅନ୍ତର୍ଗତ ଜଂଘାର ଗାଁରୁ। ନାବାଳିକାର ମା'ଙ୍କ ଅଭିଯୋଗ ଅନୁଯାୟୀ, ଗତ ଜୁନ୍ ୨୦ରେ ସେମାନେ ସମସ୍ତେ ଖାଇପିଇ ଶୋଇଥିଲେ। ସେ ପରିଶ୍ରା କରିବା ପାଇଁ ଉଠିବା ସମୟରେ ତାଙ୍କ ଦାଣ୍ଡ ଦୁଆର ଖୋଲା ଥିଲା। ତାଙ୍କର ୧୫ ବର୍ଷର ଝିଅ ଘରେ ନ ଥିବା ସେ ଜାଣିବାକୁ ପାଇଥିଲେ। ରାତିରେ ବିଭିନ୍ନ ଜାଗାରେ ଖୋଜାଖୋଜି କରିଥିଲେ ମଧ୍ୟ ଝିଅକୁ ପାଇ ନ ଥିଲେ। ଗାଁର ସଚ୍ଚିକାନ୍ତ ସାହୁ ଓରଫ ସାଗର ତାଙ୍କ ଝିଅକୁ ପୂର୍ବରୁ ଅଶ୍ଳୀଳ ଇଙ୍ଗିତ କରୁଥିଲା। ଏଥିସହ ସ୍କୁଲ ଯିବା ବାଟରେ ତାଙ୍କ ଝିଅକୁ ବହୁତ ହଇରାଣ ହରକତ କରୁଥିଲା। ସଚ୍ଚିକାନ୍ତ ସେହି ଗାଁର ଅମରଜିତ୍ ସ୍ୱାଇଁ ସହ ମିଶି ଘଟଣା ଦିନ ରାତିରେ ତାଙ୍କ ନାବାଳିକା ଝିଅକୁ ବାଇକ୍ ଯୋଗେ ନେଇଯାଇଥିବା ଗତ ୨୧ ତାରିଖରେ କଣାସ ଥାନାରେ ଲିଖିତ ଅଭିଯୋଗ ହୋଇଛି। ଇତିମଧ୍ୟରେ ଘଟଣାକୁ ୨୬ ଦିନ ବିତିଯାଇଥିଲେ ମଧ୍ୟ ନାବାଳିକା ଝିଅର ଖୋଜ୍ ଖବର ମିଳିନାହିଁ। କଣାସ ପୁଲିସ କୌଣସି ସହଯୋଗ କରୁ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ତେଣୁ ନ୍ୟାୟ ପାଇଁ ସେମାନେ ପିପିଲି ଏସ୍‌ଡିପିଓ, ଏସ୍‌ପି ଓ ମହିଳା କମିଶନଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହେଲେ ସବୁଠି ତାଙ୍କୁ ନିରାଶ ହେବାକୁ ପଡ଼ିଛି। କେହି କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି। ଝିଅକୁ ନ ପାଇଲେ ମା' ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ଏସ୍‌ପି ପିନାକ୍ ମିଶ୍ରଙ୍କୁ ପଚାରିବାରେ ଏଭଳି ଅଭିଯୋଗ ନେଇ ମୋ ପାଖରେ ସୂଚନା ନ ଥିଲା। ତେବେ ଯାହା ବି ହେଉ ନିଶ୍ଚିତ ଏହା ଉପରେ ପୁଲିସ ଗୁରୁତ୍ୱ ଦେବ ବୋଲି କହିଛନ୍ତି।

# ଚିହ୍ନଟ ହେବେ ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁ

ପୁରୀ,୧୬।୭ (ସମିସ): ସ୍ଥାନୀୟ ସଂସ୍କୃତି ଭବନଠାରେ ବୁଧବାର ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଜିଲ୍ଲା ପ୍ରଶାସନର ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି ପିତୃମାତୃହୀନ ଓ ଏକକ ଅଭିଭାବକ ଥିବା ଶିଶୁଙ୍କ ପରିବାର ସର୍ବେକ୍ଷଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ। ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଉତ୍ସବରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ପ୍ରୋଟେକ୍ସନ ଅଫିସର ଚନ୍ଦ୍ରପ୍ରଭା ଦେଇ ପ୍ରମୁଖ ଯୋଗଦେଇଥିଲେ। ଏହି ଶିଶୁମାନଙ୍କର ସର୍ବୋତ୍ତମ ସ୍ୱାର୍ଥ ଓ ଅଧିକାର ସୁରକ୍ଷା ପ୍ରତି ଅଧିକ ଯତ୍ନବାନ ହେବା ସହିତ ଏହି ସର୍ବେକ୍ଷଣରେ ପ୍ରତ୍ୟେକ ଯୋଗ୍ୟ ଶିଶଙ୍କୁ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଅତିଥିମାନେ ପରାମର୍ଶ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ



ଦେଇଥିବାବେଳେ ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ ଓ ତଥ୍ୟ ସମୀକ୍ଷକ ଅକ୍ଷୟ କୁମାର ଚୌଧୁରୀ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରରେ ସମସ୍ତ ବ୍ଲକ୍ ଓ ମ୍ୟୁନିସିପାଲିଟିର ଶିଶୁ ପ୍ରକଳ୍ପ ଅଧିକାରୀ, ଆଇସିଡିଏସ୍ ସୁପରଭାଇଜର ଯୋଗଦେଇଥିଲେ। ଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ କର୍ମକର୍ତ୍ତା ଓ ଅଙ୍ଗନବାଡ଼ି କର୍ମୀମାନଙ୍କ ସହଯୋଗରେ ଏହି କାର୍ଯ୍ୟ ଜିଲ୍ଲାରେ ସମ୍ପାଦିତ ହେବ ଓ ନିର୍ଦ୍ଦିଷ୍ଟ ସମୟ ଅବଧି ମଧ୍ୟରେ ସର୍ବେକ୍ଷଣ ସାରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇଥିବା ବେଳେ ହରେକୃଷ୍ଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

# ଦାଦାବଟି ଆଦାୟ ଅଭିଯୋଗରେ ଯୁବକ ଗିରଫ

ପୁରୀ,୧୬।୭ (ସମିସ): ଜଗନ୍ନାଥ ବଲ୍ଲଭ ପରିସରରେ ଛୁରୀ ଦେଖାଇ ଦାଦାବଟି ଆଦାୟ କରୁଥିବା ଜଣେ ଯୁବକକୁ ଗିରଫ କରିଛି ଟାଉନ ଥାନା ପୁଲିସ। ଅଭିଯୁକ୍ତ ହେଲେ ଚୁଡ଼ଙ୍ଗ ସାହି ଖୁଣ୍ଟିଆ ବଗିଚାର ରାଜକିଶୋର ବେହେରା (୨୬)। ଅଭିଯୋଗ ଅନୁଯାୟୀ, ରାଜକିଶୋର ମଙ୍ଗଳବାର ଜଗନ୍ନାଥ ବଲ୍ଲଭ ପରିସର ସୁଗ୍ରୀବ ମହାବୀରଙ୍କ ନିକଟରେ ଲୋକଙ୍କୁ ଅଟକାଇ ଦାଦାବଟି ଆଦାୟ କରୁଥିଲେ। ଖବର ପାଇ ପୁଲିସ ପହଞ୍ଚି ତାଙ୍କୁ କାବୁ କରିଥିଲା। ତାଙ୍କଠାରୁ ଗୋଟିଏ ମୋବାଇଲ ଫୋନ, ଗୋଟିଏ ଛୁରୀ ଏବଂ ୨୧୦ ଟଙ୍କା ଜବତ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୨୯୭/୨୫) ରୁଜୁ ହୋଇ ବୁଧବାର ତାଙ୍କୁ କୋର୍ଟଚାଲାଣ କରିଛି ପୁଲିସ।

# ୩ ମୋବାଇଲ୍ ଜବତ, ଜଣେ ଗିରଫ

ପୁରୀ,୧୬।୭ (ସମିସ): ମୋବାଇଲ୍ ଫୋନ୍ ଚୋରି ଅଭିଯୋଗରେ ଟାଉନ୍ ଥାନା ପୁଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଜଗନ୍ନାଥ ବଲ୍ଲଭର ଦୀପକ କୁମାର ଭୋଇ (୨୧)। ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ପୂର୍ବାହ୍ଣ ୧୧ଟା ସମୟରେ ଦୀପକ ଜଗନ୍ନାଥ ବଲ୍ଲଭ ପରିସରରେ ଶ୍ରମିକମାନେ ରହୁଥିବା ରୁମ୍‌ରେ ପଶି ୩ଟି ମୋବାଇଲ୍ ଚୋରି କରିଥିଲେ। ଏ ନେଇ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା (ନଂ. ୨୯୪/୨୫) ରୁଜୁ କରି ତଦନ୍ତ ଚଳାଇଥିଲା। ଦୀପକଙ୍କୁ ଗିରଫ କରିବା ପରେ ତାଙ୍କଠାରୁ ୩ଟି ଚୋରି ମୋବାଇଲ୍ ଜବତ କରାଯାଇଥିଲା। ବୁଧବାର ପୁଲିସ ତାଙ୍କୁ କୋର୍ଟଚାଲାଣ କରିଛି।

# ସଂସ୍କୃତ ବିଶ୍ୱବିଦ୍ୟାଳୟରେ ତାଳମଞ୍ଜି ରୋପଣ

ପୁରୀ,୧୬।୭ (ସମିସ): ଭାରତ ବିକାଶ ପରିଷଦ ଜଗନ୍ନାଥ ଧାମ ଶାଖା ତରଫରୁ ସ୍ଥାନୀୟ ଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ୨ ହଜାରରୁ ଅଧିକ ତାଳମଞ୍ଜି ରୋପଣ କରାଯାଇଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରସନ୍ନ ସ୍ୱାଇଁ ଯୋଗଦେଇ ତାଳଗଛ ରୋପଣ ଦ୍ୱାରା ପରିବେଶ କିପରି ଉପକାରୀ ହେବ ସେ ନେଇ ଛାତ୍ରଛାତ୍ରୀମାନଙ୍କୁ ଆଲୋକପାତ କରିଥିଲେ। ତାଳବଣିଆର ତାଳଗଛ ଶ୍ରୀଜଗନ୍ନାଥ ସଂସ୍କୃତି ଓ ପରମ୍ପରାର ଏକ ଅବିଚ୍ଛେଦ୍ୟ ଅଙ୍ଗ। ମହାପ୍ରଭୁଙ୍କ ଦାରୁ ବିଶ୍ରାମ ଘର କୁହନ୍ତୁ କି ମହାପ୍ରଭୁଙ୍କ ଚାରମାଳ ସବୁର ପ୍ରାଥମିକତା ଏହି ତାଳଗଛ। ଏବେ ତାଳପତ୍ର ଅଭାବରୁ ଭକ୍ତମାନେ ପଲିଥିନରେ ମହାପ୍ରସାଦ ନେଉଛନ୍ତି। ପ୍ରାୟତଃ ତାଳଗଛ ଲୋପ୍ ପାଇଯିବା ଫଳରେ ଏହି ଗଛରେ ବସବାସ କରୁଥିବା ବାଇ ଚଢ଼େଇ, ଚିଲ, ଶାଗୁଣା ଆଦିଙ୍କ ଅନୁପସ୍ଥିତି ପରିବେଶ ସୁରକ୍ଷାରେ ଏକ ଅନ୍ତରାୟ ସୃଷ୍ଟି ହେଉଛି। ବେଳାଭୂମି ସୁରକ୍ଷା ପାଇଁ ତାଳଗଛର ଉପଯୋଗିତା ଅଛି। ପୁରୀ ସହରରେ ତାଳପତ୍ର ଉପରେ ନିର୍ଭର କରି ୪୦ ଘରର ପ୍ରାୟ ୭୫ ପରିବାରଙ୍କ ଜୀବନ ଜୀବିକା ପ୍ରାୟତଃ ବିପନ୍ନ ହୋଇପଡ଼ିଛି। ପ୍ରଥମ ପର୍ଯ୍ୟାୟରେ ୫ ବର୍ଷ ତଳେ ପରିଷଦ ପକ୍ଷରୁ ତାଳବଣିଆରେ ୧୦ହଜାର ତାଳ ଚାରାରୋପଣ କରାଯାଇଥିଲା। ଆଗାମୀ ଦିନମାନଙ୍କରେ ପର୍ଯ୍ୟାୟ କ୍ରମେ ତାଳମଞ୍ଜି ରୋପଣର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି କୁହାଯାଇଥିଲା। ସଚିବ ସନ୍ତୋଷ କୁମାର ମହାନ୍ତିଙ୍କ ପରିଚାଳନାରେ ଆୟୋଜିତ ତାଳମଞ୍ଜି ରୋପଣ ଶିବିରରେ ପ୍ରାନ୍ତ ମହାସଚିବ ସୌମେନ୍ଦ୍ର ଦାସ, ପର୍ଯ୍ୟାବରଣ ଆବାହକ ପତିତପାବନ ସାମନ୍ତରାୟ, ସୁପ୍ରୀତି ରଥ, ହରପ୍ରସାଦ ମହାପାତ୍ର, ମମତା ପାତ୍ର, ସସ୍ମିତା ବନ୍ଦର ନାୟକ, ବୁଦ୍ଧଦେବ ମହାପାତ୍ର, ପିତାମ୍ବର ମିଶ୍ର, କିଶୋର ପଟ୍ଟନାୟକ, ପ୍ୟାରୀମୋହନ ପଟ୍ଟନାୟକ, ପଦ୍ମନାଭ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଓକିଲ ସଂଘ ସତ୍ୟାଗ୍ରହକୁ ରାଜ୍ୟ ଆଇନଜୀବୀ ପରିଷଦର ସମର୍ଥନ

ପୁରୀ,୧୬।୭ (ସମିସ): ପୁରୀ ଅଦାଲତ ସ୍ଥାନାନ୍ତର ପ୍ରସ୍ତାବକୁ ବିରୋଧ କରି ପୁରୀ ଓକିଲ ସଂଘ ୧୪୦ ଦିନ ଧରି ସତ୍ୟାଗ୍ରହ ଚଳାଇଛି। ଏହାକୁ ଓଡ଼ିଶା ବାର୍ କାଉନ୍‌ସିଲ୍ ଦୃଢ଼ ସମର୍ଥନ କରିଛି। ବୁଧବାର ରାଜ୍ୟ ବାର୍ କାଉନ୍‌ସିଲ୍‌ର ଚେୟାରମ୍ୟାନ ସୀତାଂଶୁ ମୋହନ ଦ୍ୱିବେଦୀ ବାର୍ ସମ୍ମୁଖରେ ଚାଲିଥିବା ସତ୍ୟାଗ୍ରହସ୍ଥଳକୁ ଆସି ସତ୍ୟାଗ୍ରହୀମାନଙ୍କୁ ଶୁଭେଚ୍ଛା ଓ ସମର୍ଥନ କରି କହିଲେ ଯେ କଚେରିଠାରୁ କୋର୍ଟକୁ ଅଲଗା କରିବା ବିଚାର ଓ ନ୍ୟାୟର ପରିପନ୍ଥୀ। କୌଣସି କାରଣ ନ ଥାଇ ଓକିଲଙ୍କ ସହ କିମ୍ବା ବାର୍ ସହ ଆଲୋଚନା ନ କରି ଏକପାଖିଆ ନିଷ୍ପତ୍ତି ଓକିଲଙ୍କ ପାଇଁ ଅପମାନ। ପୁରୀରେ ଯେଉଁ ଜାଗାକୁ ନେବା ପାଇଁ ନିଷ୍ପତ୍ତି କରିଛନ୍ତି ତାହା ଉପରେ କଟକଣା ଥିବା ସତ୍ତ୍ୱେ କିପରି ସ୍ଥାନାନ୍ତର କରିବେ ଓ କାହିଁକି କରିବେ ବୋଲି ଉଠିଛି ପ୍ରଶ୍ନ। ଏହି ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ସମେତ ଓଡ଼ିଶାର ମୁଖ୍ୟମନ୍ତ୍ରୀ, ରାଜସ୍ୱମନ୍ତ୍ରୀ, ଆଇନମନ୍ତ୍ରୀଙ୍କୁ ଦେଖାକରି ଦାବି ଜଣାଇବେ ବୋଲି କହିଛନ୍ତି ରାଜ୍ୟ ଆଇନଜୀବୀ ପରିଷଦ। ଏହି ଅବସରରେ ପୁରୀ ବାର୍ ଆସୋସିଏସନ ସଭାପତି ପ୍ରେମାନନ୍ଦ ମହାନ୍ତି, ସଧାରଣ ସମ୍ପାଦକ ଶରତ କୁମାର ରାୟଗୁରୁ, ସମୀର ଘୋଷ, କର୍ଣ୍ଣବୀର ମହାପାତ୍ର, ଅନିଲ ସାହୁ, ଭାଗବତ ପଟ୍ଟନାୟକ, ବରିଷ୍ଠ ଓକିଲ ଜୟଦେବ ମିଶ୍ର, ଆଦିତ୍ୟ ମିଶ୍ର, ଅନୀଲ ରାୟ, ରୁଦ୍ର ନନ୍ଦନ ମିଶ୍ର, ପୁଷ୍କର ମହାପାତ୍ର, ଜ୍ୟୋତି ପ୍ରକାଶ ମିଶ୍ରଙ୍କ ସମେତ ଶତାଧିକ ଓକିଲ ଉପସ୍ଥିତ ଥିଲେ।

## ● ଏଫ୍‌ଏମ୍ କଲେଜ ଛାତ୍ରୀ ମୃତ୍ୟୁର ନ୍ୟାୟିକ ତଦନ୍ତ ଦାବି

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ପୁରୀ,୧୬।୭ (ସମିସ): ବାଲେଶ୍ୱର ଫକୀର ମୋହନ (ଏଫ୍‌ଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀଙ୍କ ଅକାଳ ବିୟୋଗ ଯୋଗୁଁ ରାଜ୍ୟବ୍ୟାପୀ ଶୋକର ଛାୟା ଖେଳାଇ ଦେଇଛି। ଅଧ୍ୟାପକଙ୍କ ନିର୍ଯାତନାର ଶିକାର ହୋଇ ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରି ଶେଷରେ ଜୀବନ ଯୁଦ୍ଧରେ ହାରିଯାଇଛନ୍ତି। ଏହି ଘଟଣାରେ ନ୍ୟାୟିକ ତଦନ୍ତ ଦାବିରେ ପୁରୀ ଜିଲ୍ଲା ସିପିଆଇଏମ୍ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ଓ ଛାତ୍ରୀ ହତ୍ୟା ବିରୋଧରେ ଦଳ ପକ୍ଷରୁ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହାର ନ୍ୟାୟିକ ତଦନ୍ତ ସହ ଏହି ଘଟଣା ପାଇଁ ଉଚ୍ଚଶିକ୍ଷା ମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତୁରନ୍ତ ଇସ୍ତଫା ଦେବା ପାଇଁ ଦଳ ଦାବି କରିଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଓ ନାରୀ ନିର୍ଯାତନା ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଡକରାକୁ ସଫଳ କରିବା ପାଇଁ ମଧ୍ୟ ସହଯୋଗ କାମନା କରାଯାଇଛି। ସିପିଆଇଏମ୍‌ର ଜିଲ୍ଲା ସମ୍ପାଦକ ଶରତ ରାୟଗୁରୁ, ଆଇନଜୀବୀ ଶ୍ରୀକାନ୍ତ ପରିଜା ପ୍ରମୁଖଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

## ଆଜି ଓଡ଼ିଶା ବନ୍ଦ

# ସଫଳ ପାଇଁ ଜିଲ୍ଲା କଂଗ୍ରେସର ଆହ୍ୱାନ

ପୁରୀ,୧୬।୭ (ସମିସ): ବାଲେଶ୍ୱର ଫକୀର ମୋହନ (ଏଫ୍‌ଏମ୍) ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଅକାଳ ବିୟୋଗ ରାଜ୍ୟବ୍ୟାପୀ ଶୋକର ଛାୟା ଖେଳାଇଦେଇଛି। ନିଜ କଲେଜର ଜଣେ ଅଧ୍ୟାପକଙ୍କଠାରୁ ମାନସିକ ନିର୍ଯାତନାର ଶିକାର ହୋଇ ନ୍ୟାୟ ପାଇଁ ସମସ୍ତଙ୍କୁ ଗୁହାରି କଲେ। ହେଲେ କେହି ତାଙ୍କ ଦୁଃଖ ଶୁଣିଲେ ନାହିଁ। ଏହାକୁ ନେଇ ଏବେ ରାଜ୍ୟବ୍ୟାପୀ ବିରୋଧର ନିଆଁ ଜଳୁଥିବାବେଳେ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦେଇଛନ୍ତି ଭାରତୀୟ ଜାତୀୟ କଂଗ୍ରେସ ଓ ବାମଦଳ ସମୂହ। ଏହି ବନ୍ଦକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା କଂଗ୍ରେସ ଏବଂ ବାମଦଳ ପକ୍ଷରୁ ବୁଧବାର ସାଲବେଗ ପୀଠରେ ଆୟୋଜିତ ହୋଇଥିଲା ସାମ୍ବାଦିକ



ସମ୍ମିଳନୀ। ଜିଲ୍ଲା କଂଗ୍ରେସ ସଭାପତି ଇଂ. ରାଜେଶ କୁମାର ମିଶ୍ର ଏଥିରେ ଅଧ୍ୟକ୍ଷତା କରି କହିଥିଲେ, ଗୁରୁବାର ଅତ୍ୟାବଶ୍ୟକ ଓ ଜରୁରୀ ସେବାକୁ ବାଦ୍ ଦେଇ ସବୁ ବନ୍ଦ ରହିବ। ସକାଳ ୬ରୁ ସନ୍ଧ୍ୟା ୬ ଯାଏ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ଛାତ୍ରୀ ଆତ୍ମଦାହ ଘଟଣାର ନ୍ୟାୟିକ ତଦନ୍ତ ସହ ବାଲେଶ୍ୱର ସାଂସଦ, ବିଧାୟକ ଓ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ଦଳ। କଲେଜ ଓ ବିଶ୍ୱବିଦ୍ୟାଳୟରେ ଥିବା ଆଣ୍ଟି ରାଗିଙ୍ଗ୍, ସେକ୍ସୁଆଲ ହାରାସ୍‌ମେଣ୍ଟ କମିଟି ଠିକ୍ ଭାବେ କାର୍ଯ୍ୟ କରୁନାହିଁ। କେବଳ ଫକୀର ମୋହନ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା ଘଟଣା ନୁହେଁ ବରଂ ରାଜ୍ୟରେ ନାରୀ ନିର୍ଯାତନା, ଦୁଷ୍କର୍ମ ଓ ଯୌନ ହିଂସା ଘଟଣା ଦିନକୁ ଦିନ ବୃଦ୍ଧି ପାଇ ଚାଲିଛି। ଏହାର ପ୍ରତିବାଦ ସହ ଜନସାଧାରଣ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ଅଖଚକ ସମ୍ପୂର୍ଣ୍ଣ ବନ୍ଦ ରହିବା ସହ ସମସ୍ତ ବ୍ୟାବସାୟିକ ପ୍ରତିଷ୍ଠାନ, ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ବନ୍ଦ କରାଯିବ। ଆନ୍ଦୋଳନକାରୀ ସକାଳ ୬ରୁ ସହରର ବିଭିନ୍ନ ସ୍ଥାନରେ ପିକେଟିଂ କରିବେ। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସ ଜିଲ୍ଲା ସଂଯୋଜକ ଇଂ. ରାଜେଶ କୁମାର ମିଶ୍ର, ପୁରୀ ବାର୍ ଆସୋସିଏସନ ସାଧାରଣ ସମ୍ପାଦକ ଶରତ ରାଜଗୁରୁ, ପ୍ରଫେସର ସୁରେନ୍ଦ୍ର ଜେନା, ସୁକାନ୍ତ ପ୍ରଧାନ, ଜଗନ୍ନାଥ ଦେଓ, ବ୍ରଜ ପ୍ରଧାନ, ବିଦ୍ୟୁଲତା ଆଚାର୍ଯ୍ୟ, ସୀତାକାନ୍ତ ମହାନ୍ତି, ଅମରେନ୍ଦ୍ର ପାଇକରାୟ, ସ୍ୱାଧୀନ କୁମାର ପଣ୍ଡା ପ୍ରମୁଖ ବନ୍ଦ ସଫଳତା ପାଇଁ ଆହ୍ୱାନ କରିଚନ୍ତି।

# ସୌମ୍ୟାଶ୍ରୀଙ୍କ ପାଇଁ ସଦାଶିବ ପରିସରରେ ଶୋକସଭା

ପୁରୀ,୧୬।୭ (ସମିସ): ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଦୁଃଖଦ ମୃତ୍ୟୁକୁ ନେଇ ବୁଧବାର କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଶ୍ରୀସଦାଶିବ ପରିସର ପୁରୀ ଆନୁକୂଲ୍ୟରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଏହି ଶୋକସଭା ଅଧ୍ୟାପକ, ଅଧ୍ୟାପିକା ଏବଂ ବିଦ୍ୟାର୍ଥୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀ ସୌମ୍ୟାଶ୍ରୀ ଜଣେ ମେଧାବୀ ଓ ବହୁ ପ୍ରତିଭାର ଅଧିକାରୀ ଥିଲେ। ତାଙ୍କର ଏହି ଦୁଃଖଦ ମୃତ୍ୟୁ ସମଗ୍ର ଓଡ଼ିଶାବାସୀଙ୍କୁ ଗଭୀର ଆଘାତ ଦେଇଛି ବୋଲି ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର ମତ ଦେବା ସହ ଏହି ସମୟରେ ବିଶ୍ୱନିୟନ୍ତା ତାଙ୍କ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଧୈର୍ଯ୍ୟ ପ୍ରଦାନ କରନ୍ତୁ ବୋଲି ପ୍ରାର୍ଥନା କରିଥିଲେ।



## ଭୁବନେଶ୍ୱର ସିଟି

# ଆଉ ମିଳୁନି ମଞ୍ଚ ରିହାତି

ଭୁବନେଶ୍ୱର, ୧୬।୭ (ସମିସ)

ଓଡ଼ିଶାରେ ସବୁବେଳେ ମଞ୍ଚ ନାଟକର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ସେହି ପରିପେକ୍ଷୀରେ ରାଜଧାନୀର ପୁରାତନ ତିନୋଟି ମଣ୍ଡପ ମଧ୍ୟ ରହିଛି। ଯେଉଁଠି ଆଗ ଅପେକ୍ଷା ମଞ୍ଚ ନାଟକ ପରିବେଷଣ ମଧ୍ୟ ବଢ଼ିଛି। ହେଲେ ନାଟ୍ୟ ସଂସ୍ଥାକୁ ମଞ୍ଚ ବୁକିଂରେ ଆଉ ମିଳୁନି ରିହାତି।

ସୂଚନା ଅନୁଯାୟୀ ରାଜଧାନୀରେ ଥିବା ପୁରାତନ ତିନୋଟି ମଣ୍ଡପ ତଥା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ ଏବଂ କଳ୍ପନାରେ ଭଞ୍ଜକଳା ମଣ୍ଡପ ରହିଛି। ଯେଉଁଠି ବର୍ଷ ବର୍ଷ ଧରି ନାଟକ ପରିବେଷଣ ହେଉଛି। ବର୍ତ୍ତମାନ ରାଜଧାନୀରେ ବର୍ଷକୁ ପାଖାପାଖି ୧୫୦ରୁ ଅଧିକ ନାଟକ ପରିବେଷଣ ହେଉଛି। ସେ ନେଇ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ପରିବେଷଣ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ। କେବଳ ସେତିକି ନୁହଁ ବରଂ ପ୍ରତି ମଞ୍ଚ ନାଟକ ପାଇଁ ମଣ୍ଡପ ବୁକିଂ ସମୟରେ ସଂସ୍ଥାକୁ ସରକାରୀ ଅନୁଦାନ ପୂର୍ବକ ୫୦ ପ୍ରତିଶତ ରିହାତି ବା ଛାଡ଼ ହେଉଥିଲା। ସେହିପରି ବାହାର ରାଜ୍ୟରେ ନାଟକ ମାଧ୍ୟମରେ ନିଜ ରାଜ୍ୟକୁ ପ୍ରତିନିଧିତ୍ୱ ପୂର୍ବକ ଓଡିଆ ନାଟକ ପରିବେଷଣ କଲେ ସେଥିରେ ମଧ୍ୟ ସଂସ୍ଥାକୁ କିଛି ପରିମାଣରେ ରିହାତି ପ୍ରଦାନ କରାଯାଉଥିଲା। ହେଲେ ସେସବୁ କରୋନା ପରଠାରୁ ବନ୍ଦ ହୋଇଯାଇଥିବା କିଛି ନାଟ୍ୟ ସଂସ୍ଥାଙ୍କଠୁ ଜାଣିବାକୁ ମିଳିଛି। ତାଙ୍କ କହିବା ଅନୁଯାୟୀ କରୋନା ପୂର୍ବରୁ ପ୍ରତି ନାଟକ ପାଇଁ ବୁକିଂ ଅଫଲାଇନ ହେଉଥିଲା ଏବଂ ୫୦ ପ୍ରତିଶତ ରିହାତି ମଧ୍ୟ ଦିଆଯାଉଥିଲା। ହେଲେ କରୋନା ପରଠାରୁ ସବୁ ବୁକିଂ ଅନଲାଇନ ହୋଇଯାଇଛି ଏବଂ ମଞ୍ଚ ନାଟକକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ବନ୍ଦ ହୋଇଯାଇଛି। ଫଳରେ ନାଟ୍ୟ ସଂସ୍ଥାଗୁଡିକୁ ବୁକିଂ ପାଇଁ ଅଧିକ ଟଙ୍କା ଦେବାକୁ ପଡୁଛି। ଅନେକଥର ଅଭିଯୋଗ ସତ୍ତ୍ୱେ ସେହି ବ୍ୟବସ୍ଥାକୁ ଲାଗୁ କରାଯାଉ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ ମଞ୍ଚ ନାଟକ ବହୁଳ ଭାବରେ ହେଉଛି। ନୂଆ ନୂଆ ସଂସ୍ଥା ମଧ୍ୟ ଆଗେଇ ଆସିଲେଣି। ହେଲେ ମଞ୍ଚ ନାଟକ ପାଇଁ କରୋନା ପୂର୍ବରୁ ଯେଉଁ ମଞ୍ଚ ପାଇଁ ରିହାତି ବ୍ୟବସ୍ଥା ଥିଲା ସେଥିରେ ସଂସ୍ଥାଗୁଡିକ ଅଧିକ ପ୍ରୋତ୍ସାହିତ ହେଉଥିଲେ ଏବଂ ନାଟକ ଆୟୋଜନ ଦିଗରେ ବେଶ ମନ ବଳାଉଥିଲେ। ହେଲେ ଏବେ ବନ୍ଦ ହେବା ଫଳରେ ତାହା ସଂସ୍ଥା ଉପରେ ପ୍ରଭାବ ପକାଉଛି। ଆମେ ଅନେକ ଥର ଏ ଦିଗରେ ଅଭିଯୋଗ କରିଛୁ ହେଲେ ଏଯାଏଁ ସେ ବ୍ୟବସ୍ଥା ଲାଗୁ ହେଲା ନାହିଁ ବୋଲି ଅଭିଯୋଗ କରିଛନ୍ତି ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ।

ଏ ସମ୍ପର୍କରେ ରଙ୍ଗମ ନାଟ୍ୟ ସଂସ୍ଥାର ନାଟ୍ୟ ନିର୍ଦ୍ଦେଶକ ଦର୍ପ ନାରାୟଣ ସେଠୀ କୁହନ୍ତି, ମଞ୍ଚ ନାଟକ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଆଗ ଅପେକ୍ଷା ନାଟକ ପରିବେଷଣ ମଧ୍ୟ ବଢ଼ିଛି। ଗୋଟେ ସଂସ୍ଥା ଯେତେବେଳେ ମଞ୍ଚ ନାଟକ ପରିବେଷଣ କରେ ତାକୁ ସରକାରୀ ପ୍ରୋତ୍ସାହନ ହିସାବରେ କିଛି ରାଶି ମିଳିଥାଏ। ହେଲେ ପୂର୍ବରୁ ଯେଉଁ ବ୍ୟବସ୍ଥା ରହିଥିଲା ମଞ୍ଚ ବୁକିଂ ପାଇଁ ତାହା କରୋନା ପରଠୁ ବନ୍ଦ ହେବା ଫଳରେ ସଂସ୍ଥାକୁ ହାତରୁ ପୁରା ଖର୍ଚ୍ଚ ଉଠାଇବାକୁ ପଡୁଛି। ଏହି ରିହାତି ସଂସ୍ଥାକୁ ଅଧିକ ନାଟକ ପରିବେଷଣ କରିବାରେ ସାହାଯ୍ୟ ହେଉଥିଲା।


ଫାଇଲ ଫଟୋ

### ମଞ୍ଚ ନାଟକ ପାଇଁ ବାଧକ ସାଜୁଛି ଅନ୍‌ଲାଇନ ବୁକିଂ

## ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୬।୭ (ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜଭବନ ସମ୍ମୁଖରେ ଅବସ୍ଥିତ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଅବସ୍ଥିତ ଗୁରୁ ଦେବ ପ୍ରସାଦ ଦାସଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ଦାୟଦ କମିଟିର ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବିରେନ୍ଦ୍ର ନାଥ ମେହେର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଅଶ୍ୱିନୀ ପଟ୍ଟନାୟକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଅମିତ୍ ପାତାଳ ସିଂ, ପ୍ରମୁଖ ଯୋଗଦାନ କରି ବରପୁତ୍ର ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।


ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ସଦସ୍ୟଙ୍କ ସହ ବାଚସ୍ପତି ସୁରମା ପାଢ଼ୀଙ୍କ ସୌଜନ୍ୟମୂଳକ ସାକ୍ଷାତ

## ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬।୭ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ବେହେଲା ବାଦକ ତଥା ସୁର୍‌ର ବାଦ୍‌ଶାହା ସ୍ୱର୍ଗତ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କର ୯୮ତମ ଜନ୍ମ ଜୟନ୍ତୀ ଉପଲକ୍ଷେ 'ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସନ୍ଧ୍ୟା' ଅନୁଷ୍ଠିତ ହୋଇଯାଇଛି। ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ପରିଚାଳନାରେ ସ୍ମୃତିରେଖା ପ୍ରତିହାରୀ, ନୀଳିମା ପ୍ରଧାନ ଓ ସୁନିତାରାଣୀ ବିଶ୍ୱାଳ ପରିବେଷଣ କରିଥିଲେ। ପରେ ପରେ 'ଶ୍ୟାମ ସମ କମନୀୟ ନାହିଁ କେ ଆଉ' ପରିବେଷଣ କରିଥିଲେ ଶିଳ୍ପୀ ସୁନୀତାରାଣୀ ବିଶ୍ୱାଳ ଏବଂ ପରିଚାଳନା କରିଥିଲେ ଗୁରୁ କେଶବ ଚନ୍ଦ୍ର ରାଉତ। ସେହିପରି 'ଶଙ୍କରାଭରଣ ପଲ୍ଲବୀ' ପରିବେଷଣ କରିଥିଲେ ଜ୍ୟୋତିରାଣୀ ନାୟକ ଓ ସୂର୍ଯ୍ୟକାନ୍ତ ପ୍ରଧାନ। ଗୁରୁ ସଚ୍ଚିଦାନନ୍ଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପରେଶ ନାୟକଙ୍କ ଜୟନ୍ତୀରେ ବୃକ୍ଷରୋପଣ



ଭୁବନେଶ୍ୱର, ୧୬।୭ (ସମିସ): ଓଡ଼ିଶା ଇନଟରନେସନାଲ ସେଣ୍ଟର ତରଫରୁ ଏହାର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ସ୍ୱର୍ଗତ ପରେଶ ନାଏକ (ପରେଶ ଭାଇ)ଙ୍କ ୬୬ତମ ଜୟନ୍ତୀ ଅବସରରେ ଲିମ୍ବବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି, ଟ୍ରଷ୍ଟି କୁମୁଦିନୀ ପଣ୍ଡା, ସାଧାରଣ ସମ୍ପାଦକ ତଥା ଅନ୍ୟତମ ସମ୍ପାଦକ ଉଦୟ କୁମାର ଶାନ୍ତି, ବରିଷ୍ଠ କାର୍ଯ୍ୟ କର୍ତ୍ତା ଚିତ୍ର ଶିଳ୍ପୀ ଓ ପ୍ରକୃତି ପ୍ରେମୀ ସୁନାରାମ ସିଂହ, ଅକ୍ଷୟ କୁମାର ସାହୁ, ଅନସୁୟାନନ୍ଦ, ରିଙ୍କି ବାରିକ, ସୂର୍ଯ୍ୟ ପ୍ରସାଦ ନାୟକ, ଉପସଭାପତି ସୁମିତ୍ରା ପଣ୍ଡା, ସମସ୍ମିତା ଜେନା, ରଞ୍ଜନ କୁମାର ସାହୁ, ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ କୁମାର ବିଶ୍ୱାଳ, ଦିନବନ୍ଧୁ ନାୟକ, ବରିଷ୍ଠ ସଭ୍ୟା ଭାରତୀ ଶାନ୍ତି ତଥା ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଆନନ୍ଦ ରାଜା ଏବଂ ଆମପ୍ରୀୟ ନେତା ଜଗନ୍ନାଥ ପ୍ରଧାନ ଓ ୨୯ ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ସହକର୍ମୀ ସଂଗ୍ରାମ ଜେନା ତଥା ଅନେକ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନେଇ ନମ୍ବର ବାୟାବାବା ରୋଡ ସ୍ଥିତ ମା ବାହୁଡା଼ ଶୁଣି ମନ୍ଦିର ପ୍ରାଙ୍ଗଣରେ ଓ ରାସ୍ତା ପାର୍ଶ୍ୱରେ ଅନେକ ଲିମ୍ବ ବୃକ୍ଷ ରୋପଣ କରାଯାଇଛି। ଚିତ୍ରଶିଳ୍ପୀ ସୁନା ଭାଇ ଙ୍କ ଦ୍ୱାରା ଅଙ୍କନ ୨୫ଖଣ୍ଡ ଚିତ୍ର ଫୋଟ ଚିତ୍ର ବୃକ୍ଷ ରୋପଣର ସନ୍ଦେଶ ଥାଇ ପ୍ରଦର୍ଶିତ ହୋଇଥିଲା।

## ଓଡ଼ିଶୀ ଫାଉଣ୍ଡେସନ ଦ୍ୱାରା ବୃକ୍ଷରୋପଣ ଅଭିଯାନ



ଭୁବନେଶ୍ୱର, ୧୬।୭ (ସମିସ): ଓଡ଼ିଶୀ ଫାଉଣ୍ଡେସନ ପକ୍ଷରୁ ପରିବେଶ ସୁରକ୍ଷା ଓ ତାର ସଂରକ୍ଷଣ ପାଇଁ ଏକ ବୃକ୍ଷରୋପଣ ଅଭିଯାନ ବରମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶୀ ଫାଉଣ୍ଡେସନର ପ୍ରତିଷ୍ଠାତା ସୋନାଲିସା ମହାପାତ୍ର, ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଡ. ଦିଲ୍ଲୀପ୍ ଶ୍ରୀଚନ୍ଦନ, ବିଶେଷ ଅତିଥି ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ନିବେଦିତା ଶତପଥୀ, ଦୀପିକା ମିଶ୍ର ଏବଂ ଓଡ଼ିଶୀ ଫାଉଣ୍ଡେସନର ସମସ୍ତ ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମିଳିତ ସହଯୋଗରେ ବୃକ୍ଷରୋପଣ କରାଯାଇଥିଲା।

## ଅଙ୍ଗଦାନ କରି ୨ଜଣଙ୍କୁ ନୂଆ ଜୀବନ ଦେଲେ ସୌମ୍ୟ

ଭୁବନେଶ୍ୱର, ୧୬।୭ (ସମିସ): ନୟାଗଡ଼ର ୩୭ ବର୍ଷୀୟ ଯୁବକ ସୌମ୍ୟରଞ୍ଜନ ବେହେରାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଜୁଲାଇ ୧୦ ତାରିଖରେ ତାଙ୍କୁ କିମ୍ସରେ ଭର୍ତ୍ତି କରାଯାଇଥିଲା। କିମ୍ସ ଡାକ୍ତରଙ୍କ ଅକ୍ଲାନ୍ତ ପରିଶ୍ରମ ସତ୍ତ୍ୱେ ସୌମ୍ୟଙ୍କ ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ସୌମ୍ୟଙ୍କ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ସୌମ୍ୟଙ୍କ ପରିବାର ଚିନ୍ତା କରିଥିଲେ। ସୌମ୍ୟଙ୍କଠାରୁ ଦୁଇଟି ବୃକକ୍ ଏବଂ ଯକୃତ କଢ଼ାଯାଇ ଗୋଟିଏ ବୃକକ୍ କଟକର ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଯିବା ସହ ଅନ୍ୟ ବୃକକ୍ ଏବଂ ଯକୃତ କିମ୍ସରେ ଦୁଇଜଣ ରୋଗୀଙ୍କଠାରେ ସଫଳ ପ୍ରତିରୋପଣ କରାଯାଇଥିଲା। ଫଳରେ ୨ଜଣ ଗୁରୁତର ରୋଗୀଙ୍କୁ ନୂତନ ଜୀବନ ପାଇଥିଲେ।

## ନୃତ୍ୟଗୁରୁଙ୍କ ପୂଣ୍ୟତିଥିରେ କଳା ପ୍ରଦର୍ଶନ

ଭୁବନେଶ୍ୱର, ୧୬।୭ (ସମିସ): ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୂଣ୍ୟତିଥି ଅବସରରେ ତ୍ରିଧାରା ଓ ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ୨୦୨୫ ବୁଧବାର ରବୀନ୍ଦ୍ର ମଣ୍ଡପରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହ ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଗୁରୁ ଦେବପ୍ରସାଦ ଦାସଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପାଞ୍ଜଳି ପ୍ରଦାନ କରଯାଇଥିଲା ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ କଳା ପ୍ରଦର୍ଶନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛତ୍ରପୁରର ସମୀର ନୃତ୍ୟ କେନ୍ଦ୍ର ଦ୍ୱାରା ବାଘ ନାଚ, କାଠ ପାଦ ନୃତ୍ୟ ପରିବେଷଣ ହୋଇଥିବା ବେଳେ ତ୍ରିଧାରା, ନିର୍ଝର କାଲ୍‌ଚୁରାଲ ଏକାଡେମୀ, ନୃତ୍ୟ କଳା ଡ୍ୟାନ୍ସ ଏକାଡେମୀ ଆଦି ପ୍ରାୟ ୨୫ରୁ ଅଧିକ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ସ୍ଥପତି ସଂରକ୍ଷକ ପ୍ରଭାକର ମହାରଣା, ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ, ଓଡିଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହିଥିଲେ।



### ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍‌କମିଟି ବୈଠକ

## କମ୍ପ୍ରେସିଭ ମୋବିଲିଟି ପ୍ଲାନ, ନୂଆ ଢାଞ୍ଚା ଉପରେ ଆଲୋଚନା

ଭୁବନେଶ୍ୱର, ୧୬।୭ (ସମିସ)

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା। ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି। ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି। ଏଥି ସହିତ ଭୁବନେଶ୍ୱର ସହରର ଦୃଢ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ-ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେକ୍ସନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥ ବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ନିଜର ମତାମତ ଉପସ୍ଥାପନ କରିଥିଲେ।

## 'ବିପ୍ଳବୀ ଚକ୍ରଧର ଥିଲେ କନିକାକ୍ରାନ୍ତିର ମହାନାୟକ'

ଭୁବନେଶ୍ୱର, ୧୬।୭ (ସମିସ): କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଳବୀ ଚକ୍ରଧର ବେହେରା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ଜୟଦେବ ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥି ଭାବେ ସାହିତ୍ୟିକ ଡ. ଗୌରହରି ଦାସ ସମ୍ମାନିତ ବକ୍ତା ଭାବେ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ ଯୋଗ ଦେଇଥିଲେ। ଏଥିରେ ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡ଼ା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଭାଗୀୟ ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ।

ସେହିଭଳି ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜଭବନ ଛକସ୍ଥିତ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରଦର୍ଶନୀ ଅଧିକାରୀ, ଦୀପକ କୁମାର ସାହୁ, ପ୍ରମୋଦିନୀ ଟେଟେ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିପ୍ଳବୀଙ୍କ ଦାୟାଦ ସ୍ୱପ୍ନଶ୍ରୀ ମାହୁନ୍ତ ସୁରେନ୍ଦ୍ର ମାହୁନ୍ତ, ଦିଲ୍ଲୀପ ଦାସ ଉପସ୍ଥିତ ଥିଲେ। ଅକ୍ଷୟ ସାହୁ ବିପ୍ଳବୀଙ୍କ ସ୍ମୃତିରେ କବିତା ପାଠ କରିଥିଲେ।

## ବାଲିଅନ୍ତା ବ୍ଲକରେ ଯୋଗଦେଲେ ନୂତନ ବିଡିଓ

ବାଲିଅନ୍ତା, ୧୬।୭ (ସମିସ): ବାଲିଅନ୍ତା ବ୍ଲକରେ ନୂଆ ବିଡିଓ ଭାବେ ଯୋଗଦାନ୍ କଲେ ରଶ୍ମିତା ନାଥ। ସେ ପୂର୍ବରୁ ଜଟଣୀ ବ୍ଲକରେ କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟରେ ଯୋଗ ଦେବା କଥା ଶୁଣି ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ର କର୍ମୀ ଓ ରାଜନେତା ତାଙ୍କୁ ସାକ୍ଷାତ କରି ଫୁଲ ତୋଡା ଓ ଉତାରି ପ୍ରଦାନ କରିଥିଲେ। ରଞ୍ଜନ ମହାପାତ୍ର, ଦୀନବନ୍ଧୁ ଭୋଇ, ପ୍ରଦୀପ୍ତ କୁମାର ମହାନ୍ତି, ଜଗମୋହନ ସେଠୀ, ବରିଷ୍ଠ ବିଜେପି ନେତା ସିଦ୍ଧେଶ୍ୱର ନାଥ, ସାଂସଦ ପ୍ରତିନିଧି ବିଜୟ ମହାରଣା, ମଣ୍ଡଳ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ, ଯୁବନେତା ସନ୍ତୋଷ ଜେନା, ଭାଗିରଥି ତ୍ରିପାଠୀ, ସିଦ୍ଧାନ୍ତ ବେହେରା, ବାସୁଦେବ ମହାପାତ୍ର।

## ଯୌନ ନିର୍ଯାତନା ଓ ଅମ୍ବହତ୍ୟାର ପ୍ରତିରୋଧ ସଂକ୍ରାନ୍ତ ଆଲୋଚନା



ଭୁବନେଶ୍ୱର, ୧୬।୭ (ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସଭାଗୃହରେ ଯୌନ ନିର୍ଯାତନା ଓ ଅମ୍ବହତ୍ୟାର ପ୍ରତିରୋଧ ସଂକ୍ରାନ୍ତ ଏକ ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଯୌନ ନିର୍ଯାତନା ପ୍ରତିରୋଧ ପ୍ରକୋଷ୍ଠର ମୁଖ୍ୟ ପ୍ରଫେସର ରୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ଡିଏମ୍ ସ୍କୁଲର ପ୍ରଧାନଶିକ୍ଷକ ଡ. ଅଖିଳେଶ୍ୱର ମିଶ୍ର, ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବପ୍ରକାଶ ବର୍ମା, କଳା ବିଭାଗର ମୁଖ୍ୟ ଡ. କଳିଙ୍ଗ କେତକୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ।

### ପରିତ୍ୟକ୍ତ ଶ୍ମଶାନ

# ସନ୍ଧ୍ୟା ହେଲେ ନିଶାଡ଼ିଙ୍କ ଆଡ୍ଡା

ଭୁବନେଶ୍ୱର, ୧୬।୭ (ସମିସ)

ମଶାଣି ପାଲଟିଛି ଜଙ୍ଗଲ। ରକ୍ଷଣାବେକ୍ଷଣ ଅଭାବରୁ ମଶାଣି ପରିସରରେ ଭର୍ତ୍ତି ହେଲାଣି ଅନାବନା ଗଛ। ତା ସାଙ୍ଗକୁ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ। ସନ୍ଧ୍ୟା ହେଲେ ବିଭିନ୍ନ ନିଶାଦ୍ରବ୍ୟ ସାଙ୍ଗରେ ଧରି ମେଳି ବାନ୍ଧି ଚାଲିଆସୁଛନ୍ତି ଅସାମାଜିକ ବ୍ୟକ୍ତି। ନାଁ ଅଛି ପୁଲିସ୍ ଭୟ ନାଁ ଅଛି ସ୍ଥାନୀୟ ଲୋକଙ୍କୁ ଡର। ତା ସାଙ୍ଗକୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରସୁଲଗଡ଼ସ୍ଥିତ ୱାର୍ଡ ନମ୍ବର ୧୮ ଅଧୀନରେ ରହିଥିବା ରସୁଲଗଡ଼ ଶ୍ମଶାନରେ। ଜନବସତି ମଧ୍ୟରେ ରହିଥିବା ଏହି ମଶାଣି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି।

ପ୍ରାୟ ୪୦ବର୍ଷ ତଳେ ରସୁଲଗଡ଼ରେ ଏହି ମଶାଣି ନିର୍ମାଣ କରାଯାଇଥିଲା। ସେତେବେଳେ ଲୋକସଂଖ୍ୟା କମ୍ ଥିବାବେଳେ ବର୍ତ୍ତମାନ ଏଠାରେ ହୁ ହୁ ହୋଇ ଜନସଂଖ୍ୟା ବୃଦ୍ଧି ପାଉଛି। ପାଣ୍ଡରା, ଜଗନ୍ନାଥ ବିହାର, ରସୁଲଗଡ଼ ଗାଁ ଆଦି ଅଞ୍ଚଳରେ ବାସ କରୁଥିବା ପ୍ରାୟ ୧୫ରୁ ୨୦ ହଜାର ଲୋକ ଶବଦାହ ପାଇଁ ଏହି ଶ୍ମଶାନ ଉପରେ ନିର୍ଭର କରିଥାନ୍ତି। ସହର ମଧ୍ୟରେ ଶବଦାହ କରିବାକୁ ଜାଗାଟିଏ ପାଇବା ବଡ଼ କଷ୍ଟ ହୋଇଥିବା ବେଳେ ଏଠାରେ ପ୍ରାୟ ଦେଢ଼ ଏକର ପରିମିତ ଜାଗାରେ ରହିଥିବା ବହୁ ପୁରୁଣା ଶ୍ମଶାନ ଏବେବି ପରିଚୟ ଭାବେ ଛିଡ଼ା ହୋଇଛି। ହେଲେ ଏହାର ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଶ୍ମଶାନ ପରିସରରେ ଗଛଲତା ମାଡ଼ି ଯାଇଥିବା ବେଳେ ଅପରିଷ୍କାର ପାଣି ଜମି ରହି ଦୁର୍ଗନ୍ଧ ସୃଷ୍ଟି ହେଉଛି। ଅନେକ ସମୟରେ ସ୍ଥାନୀୟ ଲୋକେ ମଧ୍ୟ ବିଭିନ୍ନ ଆବର୍ଜନା ଗଦା କରୁଛନ୍ତି। ଫଳରେ ବୁଲା କୁକୁରମାନେ ଆବର୍ଜନାଗୁଡ଼ିକ ଚାରିଆଡ଼େ ଖେଳାଇ ଏଣେତେଣେ ପକାଉଥିବା ବେଳେ ଘର ବାହାରକୁ ଆସିଲେ ଦୁର୍ଗନ୍ଧ ହେଉଥିବା ଆଖପାଖରେ ବାସ କରୁଥିବା ଲୋକେ କହିଛନ୍ତି। ସବୁଠୁ ବଡ଼ କଥା ହେଉଛି ଏହି ଶ୍ମଶାନର ମୁଖ୍ୟ ଫାଟକ ଦିନରାତି ଖୋଲା ରହୁଥିବାରୁ ପ୍ରବେଶରେ କୌଣସି କଟକଣା ନାହିଁ। କେବଳ ସେତିକି ନୁହେଁ ଏଠାରେ ସୁରକ୍ଷାକର୍ମୀ ନଥିବାରୁ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଅସହ୍ୟ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ୧୦ ବର୍ଷ ପୂର୍ବରୁ ଶ୍ମଶାନରେ ପାଚେରୀ ନିର୍ମାଣ କରାଯିବା ସହ ପିଏଚ୍‌ଡି ପାଣି ସଂଯୋଗ କରାଯାଇଥିଲା। ହେଲେ ଏବେ ପାଚେରୀ ନଷ୍ଟ ହେବା ସହ ପରିସର ଜଙ୍ଗଲ ପାଲଟିଛି। ବାରମ୍ବାର ଅଭିଯୋଗ ପରେ ସ୍ଥାନୀୟ କର୍ପୋରେଟରଙ୍କ ଉଦ୍ୟମରେ ଜଙ୍ଗଲ ସଫା କରାଯାଇଥିଲା। ହେଲେ ୨ମାସ ପରେ ପୁଣି ସେହି ଅବସ୍ଥା ହୋଇଛି। ଶ୍ମଶାନର ଚାରିପାଖରେ ଜନବସତି ରହିଥିବାରୁ ଶ୍ମଶାନରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ଆବଶ୍ୟକ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡ କର୍ପୋଟର ବିପ୍ଳବ ବେହରା କହିଛନ୍ତି ଯେ, ପୂର୍ବରୁ ଏଠାରେ ସ୍ଥାନୀୟ ଲୋକେ ଅଳିଆ ପକାଉଥିଲେ। ଏବେ ତାହା ହେଉ ନାହିଁ। ଶ୍ମଶାନ ସଫା କରାଯାଇଥିବାରୁ ଏବେ ତାହା ହେଉ ନାହିଁ। ଶ୍ମଶାନର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିଏମ୍‌ସି କମିଶନର ପରିଦର୍ଶନ କରିଥିଲେ। ଏଠାରେ ଏକ ଇଲେକ୍ଟ୍ରିକ୍ ଚୂଲା, ସୁରକ୍ଷାକର୍ମୀଙ୍କ ପାଇଁ ଘର ନିର୍ମାଣ ସହ ପାଚେରୀ ରଙ୍ଗ, ଏବଂ ସୌନ୍ଦର୍ଯ୍ୟକରଣ କରାଯିବ। ଏଥିପାଇଁ ପ୍ରାୟ ଏକ କୋଟି ଟଙ୍କାର ଟେଣ୍ଡର ହେବ। ଟେଣ୍ଡର ପାଇଁ ଡିପିଆର ପ୍ରସ୍ତୁତ ସରିଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ଟେଣ୍ଡର ହୋଇ ଖୁବ୍‌ଶିଘ୍ର କାମ ଆରମ୍ଭ ହେବ।



### ରକ୍ଷଣାବେକ୍ଷଣ ଅଭାବରୁ ମାଡ଼ିଗଲାଣି ଅନାବନା ଗଛ

ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବି

# ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବିକ୍ଷୋଭ







ଜଗତସିଂହପୁର,୧୬।୭(ସମିସ):

ଜଗତସିଂହପୁର ବିଜୁ ଯୁବ ଛାତ୍ର ଜନତା ଦଳ ପକ୍ଷରୁ ବାଲେଶ୍ୱର ଜିଲ୍ଲାର ଫକୀର ମୋହନ ବିଶ୍ୱବିଦ୍ୟାଳୟରେ ସଂଗଠିତ ଛାତ୍ରୀ ସୌମ୍ୟଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ଦୃଢ଼ ନିନ୍ଦା କରାଯାଇଛି। ଛାତ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବିରେ ସ୍ଥାନୀୟ ଏସ୍‌ଭିଏମ୍ କଲେଜ ଫାଟକ

## ଏସ୍‌ଭିଏମ୍ କଲେଜ ଫାଟକ ନିକଟରେ ଧାରଣା

ନିକଟରେ ଧାରଣା ଦିଆଯାଇଥିଲା। ଜିଲ୍ଲା ଛାତ୍ର ବିଜେଡି ସଭାପତି ସମିତ କୁମାର ଲେଙ୍କାଙ୍କ ନେତୃତ୍ୱରେ ଯୁବନେତା ପ୍ରଶାନ୍ତ କୁମାର ମଲ୍ଲିକ, ରାଜେଶ ସାମଲ, ଅବନୀ କାନ୍ତ ଦାଶ, ପୃଥ୍ୱୀରାଜ ହାତୀ, ସ୍ୱସ୍ତି ମିଶ୍ର, ସ୍ୱପ୍ନଜିତ୍ ଦାସ, ବିଶ୍ୱରଞ୍ଜନ ଦାସ, ରାଜକିଶୋର ମଲ୍ଲିକ, ସଂଗ୍ରାମ ଦାସ, ଲୋକନାଥ ସ୍ୱାଇଁ, ସମ୍ବିତ୍ ମହାନ୍ତି, ସାରଦା ସ୍ୱାଇଁ, ସିପୁନ୍, ଓମ ପରମେଶ ପଣ୍ଡା, ସୂର୍ଯ୍ୟକାନ୍ତ, ଓମ ପ୍ରକାଶ, ସଚିନ୍ଦ୍ର, ବବୁଲ, ଦିବ୍ୟ ଦର୍ଶନଙ୍କ ସହିତ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଏଥିରେ ସାମିଲ ହୋଇଥିଲେ।

## ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି

ପାରାଦୀପ: ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତିକୁ ନେଇ ସାରା ରାଜ୍ୟ ପତ୍ତୁଛିଉଠୁଛି। ଏନେଇ ରାଜ୍ୟ ବିଜେପି ସରକାର ସମ୍ପୂର୍ଣ୍ଣ ଦାୟୀ ରହିବା ସହିତ ମୃତା ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ପାରାଦୀପ ବିଜେଡି ପକ୍ଷରୁ ବିକ୍ଷୋଭ କରାଯିବାସହ ଉଚ୍ଚ ଶିକ୍ଷାମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ବରିଷ୍ଠ ବିଜେଡି ନେତା କୁମରବର ନାୟକଙ୍କ ନେତୃତ୍ୱରେ ଶହ ଶହ ଦଳୀୟ କର୍ମୀଙ୍କୁ ନେଇ ବୁଧବାର ଅପରାହ୍ଣରେ ନୂଆବଜାର ମେମୋରିଆଲ୍ ଟ୍ରଷ୍ଟରୁ ଏକ ଶୋଭାଯାତ୍ରା ବାହାରି ପାରାଦୀପ ଥାନା ଛକ ନିକଟରେ ପହଞ୍ଚିଥିଲା। ବିକ୍ଷୋଭ କାର୍ଯ୍ୟକ୍ରମରେ ପୌର ଉପାଧ୍ୟକ୍ଷା ଛବିଲତା ରାଉତ, ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସବିତା ମହାପାତ୍ର, ଜ୍ୟୋତିକାନ୍ତ ପରିଡା, ପାରିଷଦ ମନୋଜ ନାୟକ, ଅନୁପ ସାହାଣି, କୈଳାସ ଚନ୍ଦ୍ର ସାହୁ, ସୁଶୀଲ ମହାପାତ୍ର, ସୁଶୀଲ ମହାପାତ୍ର, ମାନସ ବିଶ୍ୱାଳ, ରଶ୍ମିରଞ୍ଜନ ପରିଡ଼ା, ଅଶୋକ ସାହୁ, ଲପନ ପରିଡ଼ା, ନରେନ୍ଦ୍ର ରାଉତ, ଦୀପକ ସ୍ୱାଇଁ, ଝାଡ଼େଶ୍ୱର ମାନ୍ନା ଓ ପ୍ରଦୀପ ସାମଲ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ।

## ବିଜୁ ଯୁବ-ଛାତ୍ର ପକ୍ଷରୁ ପ୍ରତିବାଦ

ବାଲିକୁଦା: ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସାରା ରାଜ୍ୟରେ ବିଜେଡି ପକ୍ଷରୁ ପ୍ରତିବାଦ ଚାଲିଥିବା ବେଳେ ବାଲିକୁଦା ବିଜୁ ଯୁବ, ଛାତ୍ର ପକ୍ଷରୁ ବ୍ଲକ୍ କାର୍ଯ୍ୟକାରୀ ଛାତ୍ର ସଭାପତି ରାଜକିଶୋର ନାୟକଙ୍କ ନେତୃତ୍ୱରେ ଶତାଧିକ ଛାତ୍ରଛାତ୍ରୀ କଲେଜ ମୁଖ୍ୟଫାଟକ ନିକଟରେ ପ୍ରତିବାଦ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହ ନୈତିକତା ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ଓ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ପୁଲିସ ବିଜେପିର ଏଜେଣ୍ଟ ସାଜିଛି ବୋଲି ବିଜେଡି ରାଜ୍ୟ ଯୁବ ସମ୍ପାଦକ କମଳାକାନ୍ତ ମହାପାତ୍ର କହିଥିଲେ। ଜିଲ୍ଲା ଯୁବ ସଭାପତି ଆଦିତ୍ୟ ନନ୍ଦନ ଦାସ, ବ୍ଲକ ସଭାପତି ଶୁଭେନ୍ଦୁ ଦାସ, ରଶ୍ମିରଞ୍ଜନ କୁଅଁର, ଆକାଶ ମହାନ୍ତି, ପ୍ରକାଶ ଦଳାଇ, ଶିତିଶ ପରିଡା, ସୌଭାଗ୍ୟ ମଲ, ଅଭିନାଶ ମୁଦୁଲି, ବାବୁ ନାଥ, ଏସବି ସାଗର, ରାଜେଶ ମସ୍ତାନ, ସିପୁ ମହାନ୍ତି, ରୁଦ୍ରନାରାୟନ ଦାସ, ତମେଶ ବାରିକ, ଇତିଶ୍ରୀ ଦାସ, ଅନିମା ଶତପଥୀ, ତନୁଶ୍ରୀ ମହାନ୍ତି, ସୁପ୍ରଭା ଶତପଥୀ, ବିଶାଳ ଗୋଛାୟାତ, ରୁଦ୍ରପ୍ରସାଦ ଦାସ ଉପସ୍ଥିତ ଥିଲେ।

# ଯୁବ ଓ ଛାତ୍ର କଂଗ୍ରେସର ମହମବତି ଶୋଭାଯାତ୍ରା

ଜଗତସିଂହପୁର,୧୬।୭(ସମିସ): ଜଗତସିଂହପୁର ଜିଲ୍ଲା ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଛାତ୍ରୀ ସୌମଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ସଦର ମହକୁମାରେ ରାଜ୍ୟ ଯୁବ କଂଗ୍ରେସ ସାଧାରଣ ସମ୍ପାଦକ କେଦାର ଦଳେଇ ଓ ପୂର୍ବତନ ରାଜ୍ୟ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ପୂର୍ବତନ ସରପଞ୍ଚ ବିଶ୍ୱଜିତ ପୋଥାଳ, ଜିଲ୍ଲା କଂଗ୍ରେସ ସେବା ଦଳ ଅଧ୍ୟକ୍ଷ ଡ. ଜଗଦାନନ୍ଦ ବେହେରା, ଜିଲ୍ଲା ସଂଖ୍ୟାଲଘୁ ସେଲ୍ ଅଧ୍ୟକ୍ଷ ଇମତିୟାଜ ଅହମ୍ମଦ ଖାଁ, ଯୁବନେତା ଇଂ ଜ୍ଞାନରଞ୍ଜନ ଜେନା, ପ୍ରବିର ପରିଜା, ସୌମ୍ୟରଞ୍ଜନ ମହାନ୍ତି, ଦାଶରଥି ସ୍ୱାଇଁ, ଉମେଶ ସ୍ୱାଇଁ, ଆର୍ଶୀବାଦ ତ୍ରିପାଠୀ, ହିଫଜୁଲ୍ ରହେମାନ, ସନ୍ଦୀପ ସ୍ୱାଇଁ, ଅତୁଲ୍ୟ ବିଶ୍ୱାଳ, ସେଖ ଅମିନୁସ ସାଜେଦିନ, ବୃନ୍ଦାବନ ପ୍ରଧାନ, ଅବନୀକାନ୍ତ ମହାରଣା, ଗୌରାଙ୍ଗ ଦଳେଇ, ରାଜା ସ୍ୱାଇଁ, ବାହାନ ପରିଡ଼ା, ପଙ୍କଜ କୁମାର ପଣ୍ଡା, ସେଖ ହେଦାୟତ ଅଲ୍ଲୀ, ବିକ୍ରମ ଚୌଧୁରୀ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଦେବପ୍ରସାଦ ମହାପାତ୍ର, ସରୋଜ ମହାପାତ୍ର, ରାଜେନ୍ଦ୍ର ସ୍ୱାଇଁ, ଇଶ୍ୱର ଚନ୍ଦ୍ର ସ୍ୱାଇଁ, ମାନସ ସେଠୀ, ଧ୍ରୁବ ଚରଣ କାଣ୍ଡି, ଲିପକ ବସ୍ତିଆ, ଗୋପିନାଥ ବିଶ୍ୱାଳ, ବାସୁଦେବ ବାରିକ, ଟୁକୁନା ନାୟକ, ରବିନ୍ଦ୍ର ସ୍ୱାଇଁ, ଗୌରାଙ୍ଗ ଚରଣ ସ୍ୱାଇଁ, ଅଶୋକ ଦାସ ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ଓ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ଇସ୍ତଫା ଦାବି କରିଥିଲେ।



# ଭାରତୀୟ ତଟ ରକ୍ଷକର ପ୍ରଦୂଷଣ ପ୍ରତିକ୍ରିୟା ସମ୍ମିଳନୀ




ପାରାଦୀପ,୧୬।୭(ସମିସ): ଭାରତୀୟ ତଟ ରକ୍ଷକ ଜିଲ୍ଲା ମୁଖ୍ୟାଳୟ-୭ ପକ୍ଷରୁ ଓଡ଼ିଶାର ସମସ୍ତ ହିତାଧିକାରୀ ସଂଗଠନଗୁଡ଼ିକ ପାଇଁ ପାରାଦୀପରେ ଦୁଇଦିନିଆ ପ୍ରଦୂଷଣ ପ୍ରତିକ୍ରିୟା କାର୍ଯ୍ୟଶାଳା ଓ ଟେବୁଲ ଟପ୍ ଅଭ୍ୟାସ ଅନୁଷ୍ଠିତ ହୋଇଯାଇଛି। ପାରାଦୀପ ବନ୍ଦର, ଧାମରା ବନ୍ଦର, ଗୋପାଳପୁର ବନ୍ଦର, ବିପିସିଏଲ୍, ଏଚ୍‌ପିସିଏଲ୍, ଆଇଓସିଏଲ୍, ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଓ ରାଜ୍ୟ ଆପାତକାଳୀନ ପରିଚାଳନା ପ୍ରାଧିକରଣ ପ୍ରତିନିଧିମାନେ ଉପସ୍ଥିତ ଥିଲେ। ମୁଖ୍ୟଅତିଥି ଭାବେ ଭାରତୀୟ ତଟ ରକ୍ଷକ ଓଡ଼ିଶାର ଜିଲ୍ଲା କମାଣ୍ଡର ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର କାର୍ଯ୍ୟକ୍ରମରେ ବିଭିନ୍ନ ସଂଗଠନ ପକ୍ଷରୁ ସମ୍ପୃକ୍ତ ବିଷୟରେ ପ୍ରସ୍ତୁତି କରଣ ଓ ଆଲୋଚନା କରାଯାଇଥିଲା। ଦ୍ୱିତୀୟ ଦିନ ଟେବୁଲ ଟପ୍ ଅଭ୍ୟାସ ପରେ ପ୍ରାକ୍ଟିକାଲ୍ ପ୍ରଦୂଷଣ ପ୍ରତିକ୍ରିୟା ପ୍ରଦର୍ଶନୀର ଆୟୋଜନ କରାଯାଇଥିଲା। ଯାହା ଭାରତୀୟ ତଟରକ୍ଷକ ଜାହାଜ "ବିଜୟା' ଓ ପାରାଦୀପ ବନ୍ଦର ପ୍ରାଧିକରଣର ଜାହାଜ "ଓସେନ ଏଲିଗାନସ'ରେ କରାଯାଇଥିଲା। କାର୍ଯ୍ୟକ୍ରମ ଆୟୋଜନରେ ରାଜ୍ୟର ସମୁଦ୍ର ତଟକୁ ପ୍ରଦୂଷଣରୁ ସୁରକ୍ଷିତ ରଖିବା ଓ ସମନ୍ୱିତ ପ୍ରତିକ୍ରିୟା କ୍ଷମତାକୁ ବୃଦ୍ଧି କରିବାରେ ସକ୍ଷମ ହେବ।

# ଅରୂପା ବାଣିଜ୍ୟ ମେଳାର ଅଷ୍ଟମ ସନ୍ଧ୍ୟା




ପାରାଦୀପ,୧୬।୭(ସମିସ): ପାରାଦୀପ ସମୁଦ୍ର ବେଳାଭୂମିରେ ଅରୂପା ପକ୍ଷରୁ ଆୟୋଜିତ ବାଣିଜ୍ୟ ମେଳାର ଆଜି ଥିଲା ଅଷ୍ଟମ ସନ୍ଧ୍ୟା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡଃ ସାଂସଦ ବିଭୁ ପ୍ରସାଦ ତରାଇ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ସମାଜସେବୀ ଟିକି ଦାସ, ସାଂସଦଙ୍କ ପ୍ରତିନିଧି ଗୌତମ ନାୟକ, ପାରିଷଦ ପ୍ରତାପ ଚନ୍ଦ୍ର ନାୟକ, ସାଂସଦଙ୍କ କୁଜଙ୍ଗ ପ୍ରତିନିଧି ସ୍ମୃତିରଞ୍ଜନ ବେହେରା ଓ ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଯୁଗଳ କିଶୋର ପ୍ରଧାନ ପ୍ରମୁଖ ଯୋଗଦେଇ ଅରୁପାର ଏଭଳି ପ୍ରୟାସକୁ ପ୍ରଶଂସା କରିଥିଲେ। ବାଣିଜ୍ୟ ମେଳା ଦ୍ୱିତୀୟ ବାଲିଯାତ୍ରା ଭଳି ଲାଗୁଥିବା ସାଂସଦ ଡ. ତରେଇ କହିଥିଲେ। ବନ୍ଦର ଅନ୍ତେବାସୀଙ୍କୁ ମନୋରଞ୍ଜନ ଦେବାର ଏହା ଏକ ପ୍ରୟାସ ବୋଲି ସେ କହିଛନ୍ତି। ଅରୁପା ଯେଉଁଭଳି ଭାବେ ମହିଳା ମାନଙ୍କ ଦ୍ୱାରା ପ୍ରସ୍ତୁତ ଗ୍ରାମୀଣ ସାମଗ୍ରୀକୁ ଲୋକଲୋଚନକୁ ଆଣି ସମସ୍ତଙ୍କର ପ୍ରିୟ ହୋଇପାରିଛି। ଶେଷରେ ପୁରୀର ଗୋଟି ପୁଅ ନୃତ୍ୟକୁ ଦେଖିବାକୁ ବହୁ ଗହଳି ଲାଗିଥିଲା। ଏଭଳି ନୃତ୍ୟକୁ ଦେଖି ଉପସ୍ଥିତ ଅତିଥି ପ୍ରଶଂସା କରିଥିଲେ। ସନ୍ଧ୍ୟାରେ ବନ୍ଦର ସହରରୁ ବହୁ ଲୋକଙ୍କ ସମାଗମ ହୋଇଥିଲା।

# ଗୁରୁକୁଳରେ 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ

ଜଗତସିଂହପୁର,୧୬।୭(ସମିସ): ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ଏକ ନିଆରା ବୌଦ୍ଧିକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ 'ଆସ ଭେଟିବା ଆମ ପିଲାଙ୍କୁ' କାର୍ଯ୍ୟକ୍ରମ ସ୍ଥାନୀୟ ତରଡ଼ାପଡ଼ା ସ୍ଥିତ ଟାଇମ୍ସ ଗୁରୁକୁଳ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାର୍ଥୀମାନଙ୍କ ମଧ୍ୟରେ କୁଇଜ୍ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା ଏବଂ ଏଥିରେ ୧୯ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। କୁଇଜ୍ ମାଷ୍ଟର ଭାବେ ଅଧ୍ୟକ୍ଷ ପ୍ରହ୍ଲାଦ ନାୟକ ଯୋଗଦେଇ ୫ ଜଣ କୃତୀ ପ୍ରତିଯୋଗୀଙ୍କୁ ଚୟନ କରିଥିଲେ। ପୁରସ୍କାର ବିତରଣୀ ସଭାରେ ପରିଷଦର ସଭାପତି ଅବସରପ୍ରାପ୍ତ ଅଧ୍ୟାପକ ଓ ସ୍ତମ୍ଭକାର ହିମାଂଶୁ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ସେବାନିବୃତ ପ୍ରଧାନଶିକ୍ଷକ ନିକୁଞ୍ଜ କିଶୋର ବେହେରା ଯୋଗଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ରଶ୍ମିରଞ୍ଜନ ମିଶ୍ର, ଶିକ୍ଷୟିତ୍ରୀ ଏଲିନା ଦାସ ଓ ସୌମ୍ୟା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗଦେଇ ନିରନ୍ତର ଅଭ୍ୟାସ ଓ କଠିନ ପରିଶ୍ରମ ବଳରେ ବିଦ୍ୟାର୍ଥୀମାନେ କେବଳ କୁଇଜ୍ ନୁହେଁ ସବୁକ୍ଷେତ୍ରରେ ସଫଳତା ହାସଲ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। କୃତୀ ବିଦ୍ୟାର୍ଥୀ ତୁଷାର ବାରିକ, ଆଲିଆ ପରୱିନ୍, ସାଇ ତନିଷ୍କା ଦାସ, ଶ୍ରେୟାଂସୀ ସାହୁ ଓ ଆକୃତି ମହନ୍ତଙ୍କୁ ପରିଷଦ ପକ୍ଷରୁ ମହାପୁରୁଷଙ୍କ ଜୀବନୀ ପୁସ୍ତକ ପ୍ରଦାନ ପୂର୍ବକ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ସୁଶ୍ରୀ ଅଞ୍ଜୁଷା ଧନ୍ୟବାଦ ଦେଇଥିଲେ।

# ମତ୍ସ୍ୟସମ୍ପଦ ବିଭାଗ ପକ୍ଷରୁ ଦିନିକିଆ କର୍ମଶାଳା

ପାରାଦୀପ,୧୬।୭(ସମିସ): ଜଗତସିଂହପୁର ଜିଲ୍ଲା ମତ୍ସ୍ୟ ସମ୍ପଦ ବିଭାଗ ପକ୍ଷରୁ ବୁଧବାର ପାରାଦୀପ ଜୟଦେବ ସଦନ ପରିସରରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ଡ. ବିଭୂ ପ୍ରସାଦ ତରାଇ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ସାଂସଦ ରବିନ୍ଦ୍ର ନାଥ ବେହେରା, ଜଗତସିଂହପୁରର ପୂର୍ବତନ ସାଂସଦ ଡା. କୁଳମଣି ସାମଲ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ମତ୍ସ୍ୟ ଅଧିକାରୀ ରେଶ୍ମାରାଣୀ ସିଂ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। କୁଜଙ୍ଗ ମତ୍ସ୍ୟ ଅଧିକାରୀ ତୁଷାରକାନ୍ତ ବେହେରା ଧନ୍ୟବାଦ ଦେଇଥିଲେ। ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ପାରମ୍ପରିକ ମତ୍ସ୍ୟଜୀବୀମାନେ ବହୁ ସଂଖ୍ୟାରେ କର୍ମଶାଳାରେ ଯୋଗଦେଇଥିଲେ।

■ ରାତିଅଧରେ ଠିକାଦାରଙ୍କ ଦ୍ୱାରା କେନାଲ ସଫେଇ

# କଟକ-ପାରାଦୀପ ରାସ୍ତାର ଉଭୟ ପାର୍ଶ୍ୱରେ ଗଦାକଲେ ବର୍ଜ୍ୟବସ୍ତୁ

ରଘୁନାଥପୁର,୧୬।୭(ସମିସ): ରଘୁନାଥପୁର ବ୍ଲକ୍ ଅଧୀନ ୭(ସି) କେନାଲର ସଫେଇ କାର୍ଯ୍ୟ ଠିକାଦାର ରାତିଅଧରେ ତରବରିଆ ଭାବେ ମେସିନ ଦ୍ୱାରା କରିଥିବାରୁ ଅଞ୍ଚଳବାସୀ ବିରୋଧ କରିଛନ୍ତି। ଏହାଛଡ଼ା ଏଥିରୁ ବାହାରୁଥିବା ପଚାସଢ଼ା କର୍ଦ୍ଦମାକ୍ତ ବସ୍ତୁକୁ ଅତି ବେପରୁଆ ଭାବେ ତାଳଦଣ୍ଡା କେନାଲ ପାୱାର୍ ଜଳ ନିଷ୍କାସନ ପାଇଁ ଥିବା ସାଇଫନ ମୁହଁରେ ଗଦେଇବା ସହ ଅବଶିଷ୍ଟକୁ କଟକ-ପାରାଦୀପ ରାସ୍ତା ପାଶ୍ୱର୍ରେ ଜମାକରି ଚାଲିଯିବା ନେଇ ବଜାର କମିଟି ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯାଇଛି। କିଶନନଗର ଜଳସମ୍ପଦ ବିଭାଗ ଏସ୍‌ଡିଓ ତଥା ସୋମପୁର ଯନ୍ତ୍ରୀଙ୍କ ଅଧୀନରେ ଥିବା ଉକ୍ତ କାର୍ଯ୍ୟକୁ ଜୈନିକ ଠିକାଦାର କରୁଛନ୍ତି। ୩ ଲକ୍ଷ ଟଙ୍କା ଉକ୍ତ କାର୍ଯ୍ୟର ବ୍ୟୟବରାଦ ରହିଛି। ରାସ୍ତା ପାଶ୍ୱର୍ରେ ଜମା ହୋଇଥିବା ବର୍ଜ୍ୟବସ୍ତୁ ବର୍ଷା ପାଣିରେ ରାସ୍ତାକୁ ବହିଆସି ପରିବେଶ ଦୂଷିତ କରିବା ସହ ଉକ୍ରଟ ଗନ୍ଧରେ ପଥଚାରୀଙ୍କ ନାକ ଫାଟି ପଡୁଛି। ବର୍ତ୍ତମାନ ବିଭିନ୍ନ ଅଞ୍ଚଳରେ ଝାଡ଼ାବାନ୍ତି ରୋଗ ବ୍ୟାପୁଥିବାରୁ ଉକ୍ତ ପୁତିଗନ୍ଧମୟ ପରିବେଶ ଶିଶୁଠାରୁ ବୟସ୍କ



ବ୍ୟକ୍ତିଙ୍କ ପାଇଁ ବିପଦ ସାବ୍ୟସ୍ତ ହୋଇଛି। ମେସିନ ଖୋଳିବା ବେଳେ ଚକ୍ରଧର ମହାରଣାଙ୍କ ସହ କେତେକ ଦୋକାନୀଙ୍କ ସାଇନବୋର୍ଡ ଓ ଅନ୍ୟାନ୍ୟ ସାମଗ୍ରୀ ଭାଙ୍ଗି ଦେଇଥିବାର ସେମାନେ ଅଭିଯୋଗ କରିଛନ୍ତି। କେନାଲ ପାୱାର୍ ସାଇଫନ ମୁହଁରେ ବର୍ଜ୍ୟବସ୍ତୁକୁ ଗଦା କରିଥିବାରୁ ବର୍ଷାପାଣି ନିଷ୍କାସନ ପାଇଁ ସମସ୍ୟା ସୃଷ୍ଟି କରିଛି। ଯଦି ପକାଯାଇଥିବା ବର୍ଜ୍ୟବସ୍ତୁକୁ ଉଠାନଯାଏ ତାହାଲେ ରଘୁନାଥପୁର ନାରାୟଣୀ ଛକ ମାଗିମେଳାପଡ଼ିଆ ଓ ଅଯୋଧ୍ୟାପୁର ଗ୍ରାମରେ ବର୍ଷାଜଳ ଜମିରହି ଲହଡ଼ା ମାରିବ ବୋଲି ସ୍ଥାନୀୟ ଅଧିବାସୀ ଅଭିଯୋଗ କରିଛନ୍ତି। ବଜାର କମିଟି ସଭାପତି ସନତ ମଣ୍ଡଳ ଓ ସମ୍ପାଦକ ରଞ୍ଜନ ମହାନ୍ତି, ଗ୍ରାମବାସୀ ଟୁନା ପରିଡା ଓ ଗେଡ଼ ସେଠୀ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ପଣ୍ଡା ଓ ନାଏବ ସରପଞ୍ଚ ଶ୍ରୀନିବାସ ପଣ୍ଡାଙ୍କୁ ଅଭିଯୋଗ କରିଥିଲେ। ସେମାନେ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରିଥିଲେ ସୁଧା ସେ ଫୋନ ରିସିଭ କରିନଥିଲେ ବୋଲି ଅଭିଯୋଗ କରିଛନ୍ତି। ସଂପୃକ୍ତ ଠିକାଦାର ବିଧାୟକଙ୍କ ପାଖଲୋକ ହୋଇଥିବାରୁ ବଳପୂର୍ବକ ଏପରି କାର୍ଯ୍ୟ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଜିଲ୍ଲାପାଳ, ବିଭାଗୀୟ ମନ୍ତ୍ରୀ ଓ ସଚିବ ଏଥିପ୍ରତି ଦୃଷ୍ଟିଦେବା ପାଇଁ ଜନସାଧାରଣ ଦାବି କରିଛନ୍ତି।

# ନାଉଗାଁ ସମିତି ସଭ୍ୟ, ସରପଞ୍ଚ ସଂଘ ପକ୍ଷରୁ ବୈଠକ

ନାଉଗାଁ,୧୬।୭(ସମିସ): ବ୍ଲକ ଅଧୀନ ନାଉଗାଁହାଟ କାଦମ୍ବିନୀ ମଣ୍ଡପରେ ନାଉଗାଁ ସଭ୍ୟ ସରପଞ୍ଚ ସଂଘ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ନାଉଗାଁ ପଞ୍ଚାୟତ ସମିତି ଅଧ୍ୟକ୍ଷା ତୃପ୍ତି ଲେଙ୍କାଙ୍କ ସଭାପତିତ୍ୱରେ ବୈଠକରେ ସଂଘ ସଭାପତି ଦୋଳଗୋବିନ୍ଦ ରାଉଳ, ଗଳଧାରୀ ସରପଞ୍ଚ ଦିଲ୍ଲୀପ କୁମାର ନାୟକ, ଘୋଡାଂଶ ସରପଞ୍ଚ ନିହାର ରଞ୍ଜନ ବସ୍ତିଆ, ଡାବର ସମିତିସଭ୍ୟ ସୁବଳ ବେହେରା, ବଛାଲୋ



ସମିତିସଭ୍ୟ ଚନ୍ଦନ ଲେଙ୍କାଙ୍କ ସମେତ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ, ସଭ୍ୟାମାନେ ଯୋଗଦେଇଥିଲେ। ବ୍ଲକର ସମସ୍ତ ଉନ୍ନୟନମୂଳକ କାର୍ଯ୍ୟରେ ସ୍ଥାନୀୟ ବିଧାୟକଙ୍କ ହସ୍ତକ୍ଷେପ ଯୋଗୁ ଟଙ୍କା ଥାଇମଧ୍ୟ ଉନ୍ନୟନ ମୂଳକ କାର୍ଯ୍ୟ ଆଗେଇ ପାରୁନଥିବା ଅଭିଯୋଗ କରିଥିଲେ। ବ୍ଲକ ପ୍ରଶାସନ ମଧ୍ୟ ବିଧାୟକଙ୍କ କଥାରେ ଏମାନଙ୍କୁ ସବୁଥିରେ ଅଣଦେଖା କରୁଥିବା ବେଳେ ଗତ ୧୫ ତାରିଖରେ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କାର୍ଯ୍ୟକ୍ରମକୁ ଡକା ଯାଇନଥିବା ସେମାନେ ଅଭିଯୋଗ କରିଛନ୍ତି। କାର୍ଯ୍ୟକ୍ରମରେ ଯୋଗଦେବାକୁ ପଞ୍ଚାୟତର ସମସ୍ତ ଜନପ୍ରତିନିଧିମାନଙ୍କୁ ଚିଠି କରାଯାଇଥିଲେ ମଧ୍ୟ ଏମାନଙ୍କ ଅନୁପସ୍ଥିତି ପାଇଁ ପ୍ରଶାସନ କଣ କରିପାରିବ ବୋଲି ମଣ୍ଡଳ ଉନ୍ନୟନ ଅଧିକାରୀ ନିରଞ୍ଜନ ପରିଡ଼ା କହିଥିଲେ। ଏନେଇ ସ୍ଥାନୀୟ ବିଧାୟକ ଅମରେନ୍ଦ୍ର ଦାସଙ୍କ ମତ ନେବାରୁ ମୁଁ ବିଧାୟକ ହେବା ପରଠୁ ସବୁବେଳେ ସବୁ ସମୟରେ ସରକାରୀ ଅର୍ଥକୁ ସାଧାରଣ ଜନତାଙ୍କ କାର୍ଯ୍ୟରେ ଲଗାଇବାକୁ ଦଳ ବଳ ନିର୍ବିଶେଷରେ ସମସ୍ତେ ଏକାଠି ହୋଇ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଆସୁଛି। ହେଲେ କିଛି ଜନପ୍ରତିନିଧି ନିଜେ ଠିକାଦାର ସାଜି ସରକାରଙ୍କ ଅର୍ଥକୁ ହଡ଼ପ କରିଆସୁଥିଲେ ଯାହା ଏବେ ଆଉ ମୁଁ ତାହାହେବାକୁ ଦେବିନି। ସରକାରଙ୍କ ଅର୍ଥ ସାଧାରଣ ଜନତା ମାନଙ୍କର ତାହା ମୁଁ ସେମାନଙ୍କ କାର୍ଯ୍ୟରେ ଲଗାଇବାର ଗୁରୁଦାୟିତ୍ୱ ବହନ କରୁଛି। ଯାହାର ପ୍ରମାଣ ଏହି ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାର ପ୍ରଥମ କିସ୍ତିରେ ସେହି ଜନ ପ୍ରତିନିଧିମାନେ ମାତ୍ର ୧୬ ଜଣଙ୍କ ନାମ ପ୍ରଦାନ କରିଥିଲେ। ସେ ଲୋକଙ୍କ ନିକଟକୁ ଯାଇ ସମସ୍ୟାକୁ ଅନୁଧ୍ୟାନ କଲାପରେ ପୁଣି ୨୪୯ ଜଣ ପ୍ରକୃତ ଗରିବ ହିତାଧିକାରୀଙ୍କୁ ଏହି ଯୋଜନାରେ ସାମିଲ କରି କାର୍ଯ୍ୟାଦେଶ ପ୍ରଦାନ କରିଛୁ ବୋଲି କହିଛନ୍ତି।

## ରାଜ୍ୟସ୍ତରୀୟ ୱାକୋ କିକ୍ ବକ୍ସିଂ ପ୍ରତିଯୋଗିତା

# ଜିଲ୍ଲାକୁ ୨୦ସ୍ୱର୍ଣ୍ଣ ସହ ୫୦ପଦକ

ପାରାଦୀପ,୧୬।୭(ସମିସ):

ଓଡ଼ିଶା ସରକାରଙ୍କ କ୍ରୀଡ଼ା ଯୁବସେବା ବିଭାଗ ଏବଂ ୱାକୋ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲା ସଭାପତି ତଥା ପାରାଦୀପର ଅମର ଜ୍ୟୋତି ରାଉତଙ୍କ ନେତୃତ୍ୱରେ ୩୭ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଭିନ୍ନ ବିଭାଗରୁ ୫୦ ପଦକ ଅର୍ଜନ କରିଛନ୍ତି। ସେଥିରୁ ୨୦ଟି ସ୍ୱର୍ଣ୍ଣ ପଦକ, ୧୬ଟି ରୌପ୍ୟ ପଦକ ଏବଂ ୧୪ଟି ବ୍ରୋଞ୍ଜ ପଦକ ରହିଛି। ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶାର ୨୨ ଜିଲ୍ଲାରୁ ପ୍ରତିଯୋଗୀମାନେ ଅଂଶଗ୍ରହଣ କରିଥିଲେ। ରେଫ୍ରୀ କାହ୍ନୁ ମଲ୍ଲିକ ଏବଂ ମ୍ୟାନେଜେର ମୋନାଲିସା ସ୍ୱାଇଁ ପିଲାମାନଙ୍କୁ ନେଇଯାଇଥିଲେ। ବର୍ଷା ପ୍ରିୟଦର୍ଶିନୀ ରାଉତ ୨ଟି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ଲବିତ୍ରା ଦାସ ୨ଟି




ସ୍ୱର୍ଣ୍ଣ ପଦକ, ଆୟୁଷ ସାହୁ ୨ଟି ସ୍ୱର୍ଣ୍ଣ ପଦକ, ମାନସ ଦୋରା ୧ଟି ସ୍ୱର୍ଣ୍ଣ, ୧ ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ, ଶୁଭଶ୍ରୀ ପ୍ରଧାନ ୧ଟି ସ୍ୱର୍ଣ୍ଣ ପଦକ, ଅର୍ଚ୍ଚିତା ସେଠି ୧ଟି ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ, ଇଶନ ମହାନ୍ତି ୧ଟି ସ୍ୱର୍ଣ୍ଣ ଓ ୧ ରୌପ୍ୟ ପଦକ, ସୌମ୍ୟା ରାଉତ ୧ଟି ସ୍ୱର୍ଣ୍ଣ ପଦକ, ଆକାଂକ୍ଷା ସାହୁ ୧ଟି ସ୍ୱର୍ଣ୍ଣ ପଦକ, ହାର୍ଦ୍ଦିକ ମହାନ୍ତି ୧ଟି ସ୍ୱର୍ଣ୍ଣ ପଦକ, ଅମିତ ୧ଟି ସ୍ୱର୍ଣ୍ଣ ପଦକ, ସୁମେଶ ଦୋରା ୧ଟି ସ୍ୱର୍ଣ୍ଣ ପଦକ, ଶୁଭଙ୍କର ୧ଟି ସ୍ୱର୍ଣ୍ଣ ପଦକ, ଅରିଆ ଅମୃତା ୨ଟି ରୌପ୍ୟ ପଦକ, ସୋମାଲିନ ୨ଟି ରୌପ୍ୟ ପଦକ, ସୋନାକ୍ଷୀ ୧ଟି ରୌପ୍ୟ ପଦକ, ପ୍ରଭାତ ୧ଟି ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ, ଶୁଭମ ୧ଟି ରୌପ୍ୟ ପଦକ, ସାଇ ସ୍ୱରୂପ ୧ଟି ରୌପ୍ୟ ଓ ୧ ବ୍ରୋଞ୍ଜ ପଦକ, ସୋହନଦୀପ ୧ଟି ରୌପ୍ୟ ପଦକ, କହ୍ନେଇ ବେହେରା ୧ଟି ରୌପ୍ୟ ପଦକ, ସୁବାଶିଷ ୧ଟି ରୌପ୍ୟ ପଦକ, ମନସ୍ୱିନି ରାଉତ ୧ ରୌପ୍ୟ ପଦକ, ଜଗଦୀଶ ୧ ରୌପ୍ୟ ପଦକ, ସିଦ୍ଧାର୍ଥ ୨ଟି ବ୍ରୋଞ୍ଜ ପଦକ, ତାରିଣୀ ୨ ବ୍ରୋଞ୍ଜ ପଦକ, ଅସୀମି ଆଦ୍ୟାଶା, ବିସ୍ମୟ ପରିଡା, ଅର୍ପିତରାଜ, ପ୍ରିୟାଂଶୁ, ସୌମ୍ୟ ରଞ୍ଜନ, ସୋହାଗ, ପ୍ରଜ୍ଞା ମଲିକ, ସନ୍ତୋଷ ପଟ୍ଟନାୟକ, ଶଶିକାନ୍ତ ସୁତାର ୧ଟି ଲେଖାଏ ବ୍ରୋଞ୍ଜ ପଦକ ପାଇ ଜଗତସିଂହପୁର ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି।

# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ବ୍ଲଡ୍ ବ୍ୟାଙ୍କ ସମସ୍ୟା ଜଣାଇଲେ ସ୍ୱେଚ୍ଛାସେବୀ

ଜଗତସିଂହପୁର,୧୬।୭(ସମିସ): ଜଗତସିଂହପୁର ଜିଲ୍ଲା ମାନ୍ୟତା ପାଇବାର ୧୪ ବର୍ଷ ପରେ ଅର୍ଥାତ ୨୦୦୭ ମସିହାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପନ ହୋଇଥିଲା ବ୍ଲଡ ବ୍ୟାଙ୍କ। ରୋଗୀମାନଙ୍କ ପାଇଁ ରକ୍ତର ଅଭାବ ଦୂର କରିବା ଲକ୍ଷ୍ୟରେ ଏହା ପ୍ରତିଷ୍ଠା କରାଯାଇଥିଲା। ଏଥିରେ ଜଣେ ଅଫିସର ଏବଂ ଅନ୍ୟ କର୍ମଚାରୀମାନଙ୍କୁ ନିଯୁକ୍ତି କରାଯାଇଥିଲା। ତେବେ ୨୦୧୫ ମସିହାରୁ ବ୍ଲଡ ବ୍ୟାଙ୍କ ଅଫିସର ପଦବୀ ଖାଲି ପଡ଼ିଥିବା ବେଳେ ଅଦ୍ୟାବଧି କାହାରିକୁ ନିଯୁକ୍ତି ମିଳିନାହିଁ। ଅନ୍ୟ ବିଭାଗର ଡାକ୍ତରଙ୍କୁ କାମଚଳା ଅଧିକାରୀ ଭାବେ ଦାୟିତ୍ୱ ମିଳିଆସୁଛି। ଏନେଇ ବିଭିନ୍ନ ସମୟରେ ସରକାର ଓ ସ୍ୱାସ୍ଥ୍ୟ ବିଭାଗ ନିକଟରେ ଦାବି ହୋଇଥିଲେ ମଧ୍ୟ ଫଳ ଶୂନ୍। ବିଗତ ୭ ବର୍ଷ ଧରି ନିୟମିତ ଭାବରେ ରକ୍ତଦାନ ତଥା ୨୨ ଥର ରକ୍ତଦାନ କରିଥିବା




ବାଲିକୁଦା ଅଞ୍ଚଳର ଯୁବ ସ୍ୱେଚ୍ଛାସେବୀ ମନୋଜ ନାୟକ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କୁ ଭେଟି ଉପରୋକ୍ତ ସମସ୍ୟା ବାବଦରେ ଅବଗତ କରାଇ ସମାଧାନ ଦିଗରେ ପଦକ୍ଷେପ ନେବାକୁ ଦାବି ଜଣାଇଛନ୍ତି। ଦାବିପରେ ବ୍ଲଡ ବ୍ୟାଙ୍କ ପରିଚାଳନା କମିଟି ଗଠନ କରାଯାଇଛି ସତ; କିନ୍ତୁ ଏଥିରେ ସ୍ୱଚ୍ଛତା ରକ୍ଷା କରାଯାଇନି ବୋଲି ସେ ଅଭିଯୋଗ କରିଛନ୍ତି। ଜିଲ୍ଲାର ବନ୍ଦର ନଗରୀ ପାରାଦୀପ ଶିଳ୍ପ ସମୃଦ୍ଧ ଅଞ୍ଚଳ ହୋଇଥିବାରୁ ଅନେକ ସମୟରେ ଛୋଟବଡ଼ ଦୁର୍ଘଟଣା ଘଟୁଛି। ରକ୍ତ ଆବଶ୍ୟକ ହେଲେ ଏଥିପାଇଁ ଜଗତସିଂହପୁର କିମ୍ବା କଟକ ଯିବାକୁ ପଡୁଛି। ଏହା ବଡ଼ ସମସ୍ୟା ହୋଇଥିବାରୁ ପାରାଦୀପ ଡାକ୍ତରଖାନାରେ ବ୍ଲଡ ବ୍ୟାଙ୍କ ସ୍ଥାପନ ଏବଂ ଜଗତସିଂହପୁର ବ୍ଲଡ ବ୍ୟାଙ୍କରେ ରକ୍ତ ସଙ୍କଟ ଦୂର କରିବା ପାଇଁ ହେଲେ ଗ୍ରାମାଞ୍ଚଳରେ ରକ୍ତଦାନ ଶିବର ଆୟୋଜନର ଆବଶ୍ୟକତା ରହିଛି। ତେଣୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଡାକ୍ତରଖାନା ବ୍ଲଡ ବ୍ୟାଙ୍କକୁ ଭ୍ରାମ୍ୟମାଣ ରକ୍ତ ସଂଗ୍ରହ ଯାନ ଏବଂ ତାସହ ରକ୍ତ ଉପାଦାନ ପୃଥକ ଯନ୍ତ୍ର ଯୋଗାଇ ଦେବାକୁ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ସେ ଅନୁରୋଧ କରିଛନ୍ତି। ପୂର୍ବରୁ ଏସବୁ ପ୍ରସଙ୍ଗ ଜନଶୁଣାଣି ପୋର୍ଟାଲରେ ଜିଲ୍ଲା ମୁଖ୍ୟ ଜନସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲାପାଳ, ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପାଖରେ ଦାବି ଉପସ୍ଥାପନ କରିବାସହ ରାଜ୍ୟ ଏସ୍‌ବିଟିସି ନିର୍ଦ୍ଦେଶକଙ୍କୁ ଭେଟି ସବୁ ସମସ୍ୟା ସମ୍ପର୍କରେ ଅବଗତ କରାଇଥିବା ଗଣମାଧ୍ୟମକୁ ଶ୍ରୀ ନାୟକ ସୂଚନା ଦେଇଛନ୍ତି।

# ନୂତନ ତହସିଲଦାରଙ୍କ କାର୍ଯ୍ୟଭାର ଗ୍ରହଣ



ରଘୁନାଥପୁର,୧୬।୭(ସମିସ): ବହୁଦିନର କଳ୍ପନାଜଳ୍ପନା ପରେ ରଘୁନାଥପୁର ତହସିଲରେ ବୁଧବାର ନୂତନ ତହସିଲଦାର ଭାବେ ରାଜଲକ୍ଷ୍ମୀ ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଅତିରିକ୍ତ ତହସିଲଦାର ତପନ କୁମାର ପରିଡାଙ୍କ ସହ ସମସ୍ତ ଆରଆଇ ଓ ତହସିଲ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ଜଣାଇଥିଲେ। ସେ ପୂର୍ବରୁ ଭୁବନେଶ୍ୱର ମ୍ୟୁନିସପାଲିଟି କର୍ପୋରେସନରେ ଡେପୁଟି କମିଶନର ଭାବେ କାର୍ଯ୍ୟରତ ଥିଲେ। ଅଞ୍ଚଳବାସୀଙ୍କ ସହଯୋଗରେ କର୍ମଚାରୀଙ୍କ ସହାୟତାରେ ତହସିଲର ସମସ୍ତ କାର୍ଯ୍ୟ ସୁରୁଖୁରୁରେ ତୁଲାଇବେ ବୋଲି ତହସିଲଦାର ପ୍ରକାଶ କରିଛନ୍ତି।

# ଓଡ଼ିଶା ବନ୍ଦ ସଫଳ ପାଇଁ ବାମପନ୍ଥୀ ଓ କଂଗ୍ରେସର ବୈଠକ




ରାଉରକେଲା,୧୬।୭(ସମିସ): ବାଲେଶ୍ୱର ଜିଲ୍ଲା ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣା ପ୍ରତିବାଦରେ ଗୁରୁବାର ଓଡ଼ିଶା ବନ୍ଦ ଡାକରା ପରିପ୍ରେକ୍ଷୀରେ ବନ୍ଦକୁ ସଫଳ କରିବା ପାଇଁ କଂଗ୍ରେସ ଏବଂ ବାମପନ୍ଥୀ ଦଳ ପକ୍ଷରୁ ରାଉରକେଲା ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସଙ୍କ ନେତୃତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ସିପିଆଇର ଜୋନାଲ ସମ୍ପାଦକ ସଦାନନ୍ଦ ସାହୁ, ସିପିଏମର ରାଜକିଶୋର ପ୍ରଧାନ, ଜାହାଙ୍ଗିର ଅଲ୍ଲୀ , ଶ୍ରୀମନ୍ତ ବେହେରା , ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ଗଣେଶ ପ୍ରଧାନ ପ୍ରମୁଖ ଉଦବୋଧନ ଦେଇ ଥିଲେ। ଏହି ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଏବଂ ଉଚ୍ଚ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଗୁରୁବାର ଓଡ଼ିଶା ବନ୍ଦକୁ ସହଯୋଗ କରିବା ପାଇଁ ସମସ୍ତ ନେତୃବୃନ୍ଦ ଜନସାଧାରଣ ଏବଂ ବ୍ୟବସାୟୀଙ୍କୁ ନିବେଦନ କରାଯାଇଛି। ବନ୍ଦ ସମୟରେ ଅତ୍ୟାବଶ୍ୟକୀୟ ଜରୁରୀକାଳୀନ ସେବାକୁ ବାଦ ଦିଆଯିବା ସହିତ ଅହିଂସାତ୍ମକ ଭାବରେ ବନ୍ଦ ପାଳନ କରାଯିବ ବୋଲି ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ଦାସ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କଂଗ୍ରେସ ଉପସଭାପତି ସନ୍ତୋଷ ବିଶ୍ୱାଳ, ଜିଲ୍ଲା ଯୁବ କଂଗ୍ରେସ ଉପସଭାପତି ଇସ୍ତେହାର ମହମ୍ମଦ, ସେବା ଦଳ ମୁଖ୍ୟ ବିନୋଦ ରାଉତ, ବ୍ଲକ୍ ସଭାପତି ହରପ୍ରସାଦ ସାମଲ, ରଘୁନାଥ ଦାସ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ନଚିକେତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ସୋନାପର୍ବତରେ ବସ୍ତିବାସିନ୍ଦାଙ୍କୁ ଛତା ବଣ୍ଟନ



ରାଉରକେଲା,୧୬।୭(ସମିସ): ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ରଘୁନାଥପାଲି ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ସୋନାପର୍ବତର ଗଞ୍ଜୁ ବସ୍ତିରେ ବିଜେପି ପକ୍ଷରୁ ଗରିବ ଲୋକଙ୍କୁ ଛତା ବଣ୍ଟନ କରାଯାଇଥିଲା। ଅଞ୍ଚଳର ବରିଷ୍ଠ ବିଜେପି ନେତା ତଥା ବିଶିଷ୍ଟ ସମାଜସେବୀ ଅଶୋକ ପଟ୍ଟନାୟକଙ୍କ ନେତୃତ୍ୱରେ ଆଜି ଏକ ପ୍ରତିନିଧି ଦଳ ସୋନାପର୍ବତର ଗଞ୍ଜୁ ବସ୍ତିକୁ ଯାଇ ଗରିବ ବସ୍ତିବାସିନ୍ଦାଙ୍କୁ ଛତା ବଣ୍ଟନ କରିଥିଲେ। ଏହି ଅବସରରେ ୫୦୦ରୁ ଊର୍ଦ୍ଧ୍ୱ ଛତା ବଣ୍ଟନ କରାଯାଇଥିଲା ବେଳେ ଛତା ପାଇ ବସ୍ତିବାସିନ୍ଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସର୍ବେଶ୍ୱର ଜେନା, ନିରାକାର ବେହେରା, ଶ୍ରୀକାନ୍ତ ଦାସ, ନରେଶ ଜେନା, ବିଶ୍ୱଜିତ ଜେନା, ପ୍ରକାଶ ସାହୁ, ଶଶିକଳା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସାହିତ୍ୟ ସଂସଦ ପକ୍ଷରୁ 'ସାହିତ୍ୟ ସୃଜନୀ' କାର୍ଯ୍ୟକ୍ରମ




ରାଉରକେଲା, ୧୬।୭(ସମିସ): ରାଉରକେଲାର ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ରାଉରକେଲା ସାହିତ୍ୟ ସଂସଦ ଓ ବିର୍ସାମୁଣ୍ଡା ସରକାରୀ ଉଚ୍ଚ ବିଦ୍ୟାଳୟ ମିଳିତ ଆନୁକୂଲ୍ୟରେ ସାହିତ୍ୟ ସୃଜନୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ବିଶ୍ୱାଳ ତାଙ୍କର ସଭାପତିତ୍ୱ ଅଭିଭାଷଣରେ କହିଲେ କୋମଳମତି ଶିଶୁମାନଙ୍କ ମଧ୍ୟରେ ଆମ ଭାଷା ସାହିତ୍ୟ ଓ ସଂସ୍କୃତି ପ୍ରତି ଆଗ୍ରହ ସୃଷ୍ଟି କରିବାରେ ରାଉରକେଲା ସାହିତ୍ୟ ସଂସଦର ଭୂମିକା ଉଚ୍ଚ ପ୍ରଶଂସନୀୟ। ମୁଖ୍ୟଅତିଥି ଭାବେ ରାଉରକେଲା ସାହିତ୍ୟ ସଂସଦର ସାଧାରଣ ସମ୍ପାଦକ ବିଜୟ କୁମାର ସାହୁ ଯୋଗଦାନ କରି କହିଲେ ଆମ ସାହିତ୍ୟ, ଆମ ସଂସ୍କୃତି ହେଉଛି ଆମ ଅସ୍ମିତା। ସେ କହିଲେ ଜୀବନରେ ୬ଟି ଜିନିଷ ଭାଷା, ଭୂଷା, ଭବନ, ଭୋଜନ, ଭଜନ, ଭ୍ରମଣକୁ ଆମେ ସୁଚାରୁରୂପେ କାମରେ ଲଗାଇ ପାରିବା ତେବେ ଆମେ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ପାଇବା ସହ ସୁନାମ ଅର୍ଜନ କରିପାରିବା। ରାଉରକେଲା ସାହିତ୍ୟ ସଂସଦର ଆବାହକ କବି ସୁଶାନ୍ତ କୁମାର ନାୟକ ଏବଂ ଶିକ୍ଷକ ହେମନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ପିଲାମାନଙ୍କ ମଧ୍ୟରେ ଆମପର୍ବ ପର୍ବାଣୀକୁ ନେଇ ଏକ କୁଇଜ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ କୃତିତ୍ୱ ହାସଲ କରିଥିବା ୫ ଜଣ ଛାତ୍ରଛାତ୍ରୀଙ୍କୁ ଆଗାମୀ ଅଗଷ୍ଟ ମାସରେ ପୁରସ୍କୃତ କରାଯିବ। ବରିଷ୍ଠ ଶିକ୍ଷକ ବିଜୟ କୁମାର ପ୍ରଧାନ ମଞ୍ଚ ସଂଯୋଜନା କରିଥିଲା ବେଳେ ଶିକ୍ଷକ ରାଜେନ୍ଦ୍ର କୁମାର ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟିତ୍ରୀ ସୁଷମା ପଣ୍ଡା, ଉର୍ମିଳା ଲାକ୍ରା, ଶିଲା ମିଞ୍ଜ୍, ଜାହ୍ନବୀ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶତାୟୁ ମହିଳାଙ୍କ ପରଲୋକ



ରାଉରକେଲା,୧୬।୭(ସମିସ): କଲୁଙ୍ଗା ଅଞ୍ଚଳରେ ଜଣେ ଶତାୟୁ ମହିଳାଙ୍କ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁବେଳକୁ ତାଙ୍କୁ ୧୦୧ ବର୍ଷ ହୋଇଥିଲା। ମହିଳାଙ୍କ ମାଡ୍ରାସରେ ୧୯୨୪ ମସିହା ଏପ୍ରିଲ ୨୦ ତାରିଖରେ ଜନ୍ମ ହୋଇଥିବା ବେଳେ ସେ ଜଣେ ଧର୍ମ ପରାୟଣା, ସମାଜସେବୀ, ସ୍ୱାଧୀନତା ସଂଗ୍ରାମୀ ଓ ପରୋପକାରୀ ଥିଲେ।

## ଚ୍ୟାମ୍ବର ଅଫ୍ କମର୍ସ ପଦାଧିକାରୀଙ୍କୁ ସମ୍ବର୍ଦ୍ଧନା



ରାଉରକେଲା, ୧୬।୭(ସମିସ): ସ୍ମାର୍ଟସିଟି ରାଉରକେଲାର ଥିବା ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏସନ, ରାଉରକେଲା ଟ୍ରକ୍ ଓନର୍ସ ଆସୋସିଏସନ, ରାଉରକେଲା ଟ୍ରେଲର ଓନର୍ସ ଆସୋସିଏସନ ଏବଂ ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଆଣ୍ଡ ଟିପ୍ପର ଓନର୍ସ ଆସୋସିଏସନ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭା ଆୟୋଜିତ ହୋଇଥିଲା। ରାଉରକେଲା ଚ୍ୟାମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିର ନବ ନିର୍ବାଚିତ ସଭାପତି ମଳୟ ମଣ୍ଡଳ, ସାଧାରଣ ସମ୍ପାଦକ ଶୁଭମ୍ କାପୁର, ସଚିବ (ଅର୍ଥ) ମନୀଷ ମୋଦି, ଗୁରିନ୍ଦର ସିଂହ, ନିମୁ ଜୈନ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ବେଦବ୍ୟାସ ଟ୍ରକ୍ ଓନର୍ସ ଆସୋସିଏସନର ସଭାପତି ବିଜୟ ପ୍ରଧାନ, ଉପସଭାପତି ଜୟ ବାହାଦୁର ସିଂହ, ସାଧାରଣ ସମ୍ପାଦକ ବିଶ୍ୱରଞ୍ଜନ ବେଉରିଆ, ରାଉରକେଲା ମାଇନିଂ ଏରିଆ ଟ୍ରକ୍ ଆଣ୍ଡ ଟିପ୍ପର ଓନର୍ସ ଆସୋସିଏସନ ସଭାପତି ଦିଲୀପ ମାହାନ୍ତି, ସୁମନ କୁମାର, ରାଉରକେଲା ଟ୍ରକ୍ ଓନର୍ସ ଆସୋସିଏସନ ସଭାପତି ପଙ୍କଜ ସିଂହ, ସାଧାରଣସମ୍ପାଦକ ଜଗଦିଶ ଜୟସ୍ୱାଲ, ରାଉରକେଲା ଟ୍ରେଲର ଓନର୍ସ ଆସୋସିଏସନ ଉପସଭାପତି ବିଶ୍ୱନାଥ ଦେ, ସାଧାରଣ ସମ୍ପାଦକ ରଣଜିତ ସାହୁ ପ୍ରମୁଖ ଉପସ୍ଥିତ ରହି ଚାମ୍ବର ଅଫ କମର୍ସର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

## ବିନା ବିକଳ୍ପରେ ରେଳ ଫାଟକ ବନ୍ଦ ଉଦ୍ୟମ, | ପ୍ରତିବାଦ ପରେ ସ୍ଥଗିତ

ବଲାଙ୍ଗିର,୧୬।୭(ସମିସ):ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ରେଳ ବିଭାଗର ଦାଦାଗିରୀ। କୌଣସି ବିକଳ୍ପ ବ୍ୟବସ୍ଥା ନକରି ରେଳ ଫାଟକ ବନ୍ଦ କରିବାକୁ ବୁଧବାର ରେଳ ବିଭାଗ ଉଦ୍ୟମ କରିଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ଜୋରଦାର ପ୍ରତିବାଦ କରିଥିଲେ। ଶେଷରେ ରେଳ ବିଭାଗର ଅଧିକାରୀମାନେ ବିକଳ୍ପ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହେବା ପରେ ଫାଟକ ବନ୍ଦ କରିବାକୁ କହିଥିବା ଜଣାପଡିଛି। ତେବେ ଫାଟକ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ସବୁଜ ସଙ୍କେତ ଦେଇଥିବା ବେଳେ ବିନା କୌଣସି ଲୋକଙ୍କ ସହ ଆଲୋଚନା ଓ ବିକଳ୍ପ ବ୍ୟବସ୍ଥା ନକରି ବନ୍ଦ କରିବା ପାଇଁ ରେଳ ବିଭାଗକୁ କିଭଳି ସମ୍ମତି ପ୍ରଦାନ କରିଥିଲେ ତାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଚାରିଛକ ଠାରୁ ବସ୍ତିକୁ ଯାଉଥିବା ରାସ୍ତାରେ ରହିଛି ରେଳ ଫାଟକ ନଂ ଜେଟି-୮୬। ଯାହାକୁ ବନ୍ଦ କରିବା ପାଇଁ ରେଳ ବିଭାଗ ନିଷ୍ପତ୍ତି ନେଇଛି। ତେବେ ଲୋକଙ୍କ ସ୍ୱାର୍ଥ୍ୟକୁ ଗୁରୁତ୍ୱ ନଦେଇ କୌଣସି ବିକଳ୍ପ ବ୍ୟବସ୍ଥା ନକରି ତରବରିଆ ଭାବେ ବୁଧବାର ଏହାକୁ ବନ୍ଦ କରିବାକୁ ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ବୁଧବାର ସକାଳୁ ରେଳ ବିଭାଗ ଅଧିକାରୀ, ତହସିଲଦାର, ଆରପିଏଫ ଫୋର୍ସ ଓ ଲୋଇସିଂହା ପୁଲିସର ଉପସ୍ଥିତିରେ ଉକ୍ତ ଫାଟକକୁ ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦୀଲିପ କୁମାର ବେହେରା, ବିଜେପି ନେତା ଭୂତନାଥ ନାଏକ ପ୍ରମୁଖ ରେଳ ବିଭାଗର ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଥିଲେ। ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଗେଟ ବନ୍ଦ କରିବା ପୂର୍ବରୁ ଯାତାୟାତ କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ। ଏହି ରାସ୍ତାରେ ପ୍ରତିଦିନ ବସ୍ତି ବାସିନ୍ଦା ଯାତାୟାତ କରୁଥିବା ବେଳେ ବ୍ୟାଙ୍କ, ସ୍କୁଲ, କଲେଜ, ଅଫିସ ଆସିବା ପାଇଁ ଏହି ରାସ୍ତା ହିଁ ବ୍ୟବହୃତ ହେଉଛି ବୋଲି ଲୋକେ କହିଥିଲେ।

### ସପ୍ତାହେ ଭିତରେ ଆଲୋଚନା, ପରେ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି

ଏପରିକି ସ୍ଥାନୀୟ ବସ୍ତିର ମହିଳା, କୁନି ଛାତ୍ରଛାତ୍ରୀମାନେ ମଧ୍ୟ ଆସି ତାଙ୍କ ଅସୁବିଧା ରେଳ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ। ଦୀର୍ଘ ସମୟ ଆଲୋଚନା କରିବା ପରେ ରେଳ ବିଭାଗର ଅଧିକାରୀ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡିଛି। ଏନେଇ ଆସନ୍ତା ସପ୍ତାହେ ଭିତରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ ଫାଟକ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡିଥିଲା। ତେବେ ବର୍ତ୍ତମାନ ସମୟରେ ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ରେଳ ବିଭାଗ ଅନୁସାରେ ଫାଟକ ବନ୍ଦ କରିବା ଓ ନିକଟରେ ଏକ ବିକଳ୍ପ ବ୍ୟବସ୍ଥା ଥିବା ରାଜସ୍ୱ ବିଭାଗ ଅଧିକାରୀ ରିପୋର୍ଟ ପ୍ରଦାନ କରିବା ପରେ ହିଁ ଏହି ନିଷ୍ପତ୍ତି ନିଆଯାଇଥାଏ। ଏହି ଘଟଣାରେ ମଧ୍ୟ ଜିଲ୍ଲା ପ୍ରଶାସନ ସମାନ ରିପୋର୍ଟ ପ୍ରଦାନ କରିଛନ୍ତି। ଅସଲରେ କିନ୍ତୁ ଏନେଇ ନା କୌଣସି ତଦାରଖ କରାଯାଇଥିଲା ନା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇଥିଲା। ଯଦି ଆଲୋଚନା କରାଯାଇଥିଲା ତେବେ ଫାଟକ ବନ୍ଦ ପୂର୍ବରୁ କାହିଁକି ବିକଳ୍ପ ବ୍ୟବସ୍ଥା କରାଯାଇନଥିଲା। ଓ ଠିକ ପ୍ରତିବାଦ ହେବା ପରେ ଲୋକଙ୍କ ସହ ଆଲୋଚନା କରିବାକୁ ପ୍ରଶାସନ କାହିଁକି ନିଷ୍ପତ୍ତି ନେଇଥିଲା ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏହା ହିଁ ପ୍ରଶାସନର ଅଣଦେଖା ମନୋଭାବକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ନେତା ଦୀଲିପ ବେହେରା କହିଛନ୍ତି। ଲୋକଙ୍କ ସୁବିଧାକୁ ଅଣଦେଖା କରି ରେଳ ବିଭାଗ ଦାଦାଗିରୀ ଚଳାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ତେବେ ଏ ନେଇ କେବେ ବୈଠକ ହେବ ଓ ଉକ୍ତ ବୈଠକରେ କି ନିଷ୍ପତ୍ତି ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି।

### ଛାତ୍ରଙ୍କ ଦ୍ୱାରା ବିଲେଇ ଫିଙ୍ଗାଯିବା ଘଟଣା

# ତଦନ୍ତ ଶେଷ ; କାର୍ଯ୍ୟାନୁଷ୍ଠାନ ନେବେ ଡିଇଓ

ପାଟଣାଗଡ଼,୧୬।୭(ସମିସ): ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତ ୪ତାରିଖ ଦିନ ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ତଦନ୍ତ ଶେଷ ହୋଇଛି। ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ପଠାଯିବ ଓ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପାଟଣାଗଡ ଶିକ୍ଷାଧିକାରୀ ଶଙ୍କର ପ୍ରସାଦ ମାଝୀ କହିଛନ୍ତି। ପ୍ରକାଶଯୋଗ୍ୟ ଯେ ଗତ ୪ ତାରିଖ ଦିନ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ର ସ୍କୁଲ ୟୁନିଫର୍ମ ପିନ୍ଧି ଗାଁର ଶେଷ ସୀମା ପଟକୁ ଏକ ଅଖା ବସ୍ତା ଧରି ଯାଉଥିଲେ। ସେଠାରେ ଉପସ୍ଥିତ ଥିବା ଅଭିଭାବକ ଜଣକ ସନ୍ଦେହ କରି ଉକ୍ତ ଛାତ୍ରଙ୍କୁ ବସ୍ତାରେ କଣ ଅଛି ପଚାରିବାରୁ ବସ୍ତାରେ ଜିଅନ୍ତା ବିଲେଇ ଅଛି ଓ ପ୍ରଧାଶିକ୍ଷକ ଆମକୁ ଫିଙ୍ଗିବାକୁ କହିଥିବା କହିଥିଲେ। ଉକ୍ତ ଘଟଣାକୁ ଅଭିଭାବକ ଜଣକ ଭିଡିଓ ଉତ୍ତୋଳନ କରିନେଇଥିଲେ। ତେବେ ପ୍ରଧାନଶିକ୍ଷକ ସୁଧାଂଶୁ ସେଠ ବେଆଇନ ଭାବେ କୋମଳ ମତି ଛାତ୍ରଙ୍କୁ ଶିକ୍ଷାଦାନ ବଦଳରେ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣା ଏକ ଦଣ୍ଡନୀୟ ଅପରାଧ ଅଟେ। ସମସ୍ତ ସ୍କୁଲ ଗୁଡିକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିଲେ ସୁଦ୍ଧା ପ୍ରଧାନଶିକ୍ଷକ ଜଣକ ସେହି ନିର୍ଦ୍ଦେଶକୁ ବେଖାତିର କରିଛନ୍ତି। ଏହି ଘଟଣାକୁ ନେଇ ଅଭିଭାବକ ଜଣକ ଗତ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓଡିଶା ସରକାର, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଓଡିଶା ସରକାର, ଜିଲ୍ଲାପାଳ ବଲାଙ୍ଗିର ଓ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ଏବିଇଓ ପାଟଣାଗଡ଼ ଘୁମେର ସ୍କୁଲକୁ ଆସି ତଦନ୍ତ କରିଥିଲେ। ତେବେ ପ୍ରଧାନଶିକ୍ଷକ ଜଣକ ଘଟଣାରୁ ବର୍ତ୍ତିବା ପାଇଁ ସ୍କୁଲ ରନ୍ଧାଣିଙ୍କ ଉପରେ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ଜଣାପଡିଛି। ତେବେ ବିଲେଇ ଫିଙ୍ଗା ଘଟଣାରେ ପ୍ରଧାନଶିକ୍ଷକ ସମ୍ପୂର୍ଣ୍ଣ ଭାବରେ ଦାୟୀ ଯେହେତୁ ତାଙ୍କ ଉପସ୍ଥିତିରେ ଛାତ୍ରମାନେ ବିଲେଇ ଫିଙ୍ଗି ଯାଇଛନ୍ତି ତେଣୁ ସେ ବର୍ତ୍ତିବା ପାଇଁ ଚେଷ୍ଟା କଲେ ବି ପାରିବେନି ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ କହିଛନ୍ତି। ଅପରପକ୍ଷରେ ଅଭିଭାବକ ଜଣକ ଘଟଣା ପରେ ସିଆରସିସି ମୀନକେତନ ମେହେରଙ୍କୁ ଅବଗତ କରିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ବଦଳରେ ଓଲଟା ଘଟଣାକୁ ଚପାଇବାକୁ ଉଦ୍ୟମ ସହ ପ୍ରଧାନଶିକ୍ଷକଙ୍କୁ ଘଣ୍ଟଘୋଡାଇବାକୁ ଚେଷ୍ଟା ଜାରି ରଖିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ପୂର୍ବକ ପ୍ରଧାନଶିକ୍ଷକ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ସହ ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିବା ସିଆରସିସି ମୀନକେତନ ମେହେରଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଭାବକ ଜଣକ ଦାବି କରିଛନ୍ତି।

● ଖପ୍ରାଖୋଲ ଅଞ୍ଚଳରେ ମନରେଗା ଅନିୟମିତତା

## ଦୁର୍ନୀତିଗ୍ରସ୍ତଙ୍କୁ ଘଣ୍ଟ ଗୋଡାଉଛି ପ୍ରଶାସନ

ଖପ୍ରାଖୋଲ,୧୭।୭(ସମିସ):ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଅଞ୍ଚଳରେ ହେଉଥିବା ମନରେଗା ଯୋଜନାରେ ଅନିୟମିତତାକୁ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ନିରବ ରହି ଆସୁଥିବା ଦେଖିବାକୁ ମିଳୁଛି। ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି ବରଂ ସେମାନଙ୍କୁ ଘଣ୍ଟ ଘୋଡାଉଛି ପ୍ରଶାସନ। ମନରେଗାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରି ଉପରିସ୍ଥ ଅଧିକାରୀ ମାନଙ୍କୁ ଧରି ନିଜକୁ ଖପ୍ରାଖୋଲ ବ୍ଲକ୍ ଅଞ୍ଚଳରେ ଏକ ସଚ୍ଚୋଟ କର୍ମଚାରୀ ଭାବେ ନିଜକୁ ସଜାଉ ଥିବା ବେଳେ ଅନ୍ୟପଟରେ ହିତାଧୀକାରୀଙ୍କୁ ଭୂଆଁ ଯାଉଛି। ଖପ୍ରାଖୋଲ ବ୍ଲକ୍ ମାଳପଡ଼ା ପଞ୍ଚାୟତର ଫୁଲଝର ଠାରୁ ଝଲିଆଲିଟି ମନରେଗା ଯୋଜନାରେ ହୋଇଥିବା କାମରେ ଲକ୍ଷାଧିକ ଟଙ୍କାର ହେରଫେର ହୋଇଥିବା ବେଳେ ଏହି ପଞ୍ଚାୟତର ଫୁଲଝର ଗୋଚର ଜମିରେ ହୋଇଥିବା ଟ୍ରେଞ୍ଚ ପରିବର୍ତ୍ତେ ଅନ୍ୟ କାମ କରି କରିତ କର୍ମା ଯନ୍ତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି। ସେହିପରି ମହରାପଦର ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ଅନିୟମିତତା କାହାକୁ ଅଛପା ନାହିଁ। ଏଥିରୁ ଜଣାପଡୁଛି ଯେ ପ୍ରଶାସନ କରିତକର୍ମା ଯନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବାର ପ୍ରୟାସ କରୁଛି। ଯଦି ଅଧିକାରୀମାନେ ଦୁର୍ନୀତି ଗ୍ରସ୍ତ ହେବେ ତାହା ହେଲେ ସରକାରଙ୍କ ମନରେଗା ଭଳି ଯୋଜନାର ସଫଳ ରୂପାୟନ କିପରି ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ବିରୋଧରେ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ଉଠୁଛି।

## ବଙ୍ଗୋମୁଣ୍ଡା ସରପଞ୍ଚଙ୍କୁ 'ସାହାରା' ଜମାକାରୀଙ୍କ ଦାବିପତ୍ର



ବଙ୍ଗୋମୁଣ୍ଡା,୧୬।୭(ସମିସ):ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଅଞ୍ଚଳର ସାହାରା ଜମାକାରୀମାନେ ଦୀର୍ଘ ବର୍ଷ ହେବ ସେମାନେ ତାଙ୍କ ଜମାଟଙ୍କା ନପାଇ ନିରାଶ ହୋଇଛନ୍ତି। ଏ ନେଇ ବୁଧବାର ବଙ୍ଗୋମୁଣ୍ଡା ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଅନେକ ଥର ସାହାରା ଜମାକାରୀ ଟଙ୍କା ପାଇବା ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘ ବର୍ଷରୁ ବହୁ କଷ୍ଟ ରେ ଆଶା ରଖି ସାହାରାରେ ସଞ୍ଚୟ କରିଥିଲେ ଜମାକାରୀ। କିନ୍ତୁ ବର୍ଷ ପରେ ବର୍ଷ ବିତୁଛି ହେଲେ ଜମାକାରୀଙ୍କୁ ଟଙ୍କା ମିଳୁନଥିବାରୁ କ୍ଷୋଭ ପ୍ରକାଶ ପାଉଛି। ବୁଧବାର ବଙ୍ଗୋମୁଣ୍ଡା ଅଞ୍ଚଳର ଜମାକାରୀମାନେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ କୁମାର ଯୋଶୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସରକାର ଆବଶ୍ୟକ ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି। ପରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା। ଦାବିପତ୍ର ଦେବା ସମୟରେ ବହୁ ଜମାକାରୀ ସାମିଲ ହୋଇଥିଲେ।

# ବଣାଇଁ ବ୍ଲକ୍‌ରେ ୪ କଳିକା କେନ୍ଦ୍ର ଉଦ୍‌ଘାଟିତ



ବଣାଇଁ,୧୬।୭(ସମିସ): ଶିଶୁ ମାନଙ୍କର ଶାରୀରିକ, ମାନସିକ, ବୌଦ୍ଧିକ ବିକାଶ ତଥା ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ବଣାଇଗଡ଼ ବ୍ଲକର ଶୁଣ୍ଠିକୋଣ, କେନାଭେଟା -୧, କେନାଭେଟା-୨, ବରଘାଟଠାରେ ଚାରୋଟି କଳିକା କେନ୍ଦ୍ର ଉଦଘାଟିତ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ, ଉପ ଜିଲ୍ଲାପାଳ ଅକ୍ଷୟ ପିଲ୍ଲେ, ଜିଲ୍ଲା ସାମାଜିକ ମଙ୍ଗଳ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ସୁଷମା ମିଶ୍ର, କ୍ଲଷ୍ଟର ପ୍ରକଳ୍ପ ଅଧିକାରୀ ଯାଜ୍ଞସେନୀ ପଣ୍ଡା, ଓମବାଡସି ଅଧିକାରୀ ୱାସେନ, ବିଡିଓ ଦିବ୍ୟଶଙ୍କର ଜୟପୁରିଆ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ବୀଣାପାଣି ନାୟକ ମଣ୍ଡଳ ପରିଦର୍ଶିକା, ସରପଞ୍ଚ, ଜିଲ୍ଲା ପରିଷଦ ସଭ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ନିୟତି ଫାଉଣ୍ଡେସନ ଦ୍ୱାରା ପରିଚାଳିତ ଏହି କଳିକା କେନ୍ଦ୍ରରେ କର୍ମଜୀବୀ ମହିଳା ୭ମାସରୁ ୩ବର୍ଷ ର ଛୁଆମାନଙ୍କୁ ସୁରକ୍ଷିତ ରଖିବା ସହ ସେମାନଙ୍କର କୁପୋଷଣ ଦୂର କରିବା ପାଇଁ ନିଯୁକ୍ତି ପାଇଛନ୍ତି। କଳିକାକେନ୍ଦ୍ରରେ ଶିଶୁ ମାନଙ୍କୁ ସୁରକ୍ଷିତ ରହିବା ସହିତ ଖେଳିବା, ପୁଷ୍ଟିକର ଖାଦ୍ୟ ଖାଇବା ଓ ଶୋଇବାର ବ୍ୟବସ୍ଥା ମଧ୍ୟ ରହିଛି। ଓଡ଼ିଶା ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଓ ଓମ୍ବାଡସି ସହାୟତାରେ ବଣାଇଗଡ଼ ବ୍ଲକରେ ମୋଟ ୩୭ ଟି ଗ୍ରାମରେ କଳିକା କେନ୍ଦ୍ର ଖୋଲାଯାଇଛି। ଏହି ଅବସରରେ ଅତିଥିମାନେ ଶିଶୁମାନଙ୍କୁ ଖାଦ୍ୟ ଦେବା ସହିତ ଚାରାରୋପଣ କରି ଅଭିଭାବକଙ୍କ ସହିତ ଆଲୋଚନା କରିଥିଲେ। ନିୟତି ଫାଉଣ୍ଡେସନର ସଂଯୋଜକ ଅମୂଲ୍ୟ କୁମାର ପଇଟାଳ, କ୍ଷେତ୍ର ପରିଚାଳକ ରୁଦ୍ର ଚରଣ ସାହୁ, ପ୍ରତାପ କୁମାର ମହନ୍ତ, ମନୋରଞ୍ଜନ ମହନ୍ତ, ମନୋରଞ୍ଜନ ପଶାୟତ ଓ ମମତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧମୁଣ୍ଡା ସି-ସେକ୍ଟରରେ ଛାତ୍ରୀ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା,୧୬।୭(ସମିସ): ବାଲେଶ୍ୱର ଜିଲ୍ଲା ଏଫଏମ୍ ବିଶ୍ୱବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଉଦ୍ଦେଶ୍ୟରେ ବନ୍ଧମୁଣ୍ଡା ସି-ସେକ୍ଟର ସ୍ଥିତ ବଙ୍ଗଭାରତୀଠାରେ ଏକ ଶ୍ରଦ୍ଧାଞ୍ଜଳି ସଭାର ଆୟୋଜନ କରାଯାଇଛି।

ଏହି ସଭାରେ ବନ୍ଧମୁଣ୍ଡା ଅଞ୍ଚଳର ବିଭିନ୍ନ ରାଜନୈତିକ ସଂଗଠନ ସମେତ ସାମାଜିକ କର୍ମୀମାନେ ଉପସ୍ଥିତ ହୋଇ ମୃତଛାତ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନିରବ ପ୍ରାର୍ଥନା କରିଥିଲେ। ମୃତ ଛାତ୍ରୀ ଏବଂ ତାଙ୍କର ପରିବାରକୁ ଉଚିତ୍ ନ୍ୟାୟ ପ୍ରଦାନ କରିବା ଏବଂ ଦୋଷୀଙ୍କୁ ଉଚିତ୍ ଦଣ୍ଡ ଦେବାପାଇଁ ଦାବି କରିଥିଲେ। ଏହା ସହିତ ରାଜ୍ୟର ସମସ୍ତ ଛାତ୍ରୀଙ୍କୁ ଉଚିତ୍ ସୁରକ୍ଷା ଦେବା ପାଇଁ ମଧ୍ୟ ଦାବି କରାଯାଇଥିଲା।

ଏହି ଅବସରରେ ସୁପ୍ରିୟା ତନ୍ତୀ, ସୋମା ଦେ, ମଞ୍ଜୁ ସିଂ, ରୋଷଣୀ ମୁଖୀ, ପୂର୍ଣ୍ଣିମା ସେନ, ଭାରତୀ ସିଂ, ଲିନା ନାଇଡୁ, ଜୟା ସିଂ, ଚନ୍ଦନ ତରାଇ, ନୀତିଶ ମୁଖୀ, ରିଶବ୍ ଘୋଷ, ବିକାଶ ଏକ୍କା, ଧରମବୀର ରାମ, ଗୁଲସନ ଚୌଧୁରୀ, ମଧୁମିତା ଦାସ, ସ୍ନେହା କାଳନ୍ଦୀ ଉପସ୍ଥିତ ଥିଲେ।

ସକାଳ THE SAKALA



## ଆତ୍ମାହୁତି ଦେଇଥିବା ଦୀନବନ୍ଧୁଙ୍କୁ ୪ ବର୍ଷ ପରେ ବି ମିଳିନି ନ୍ୟାୟ

# ନିରପେକ୍ଷ ତଦନ୍ତ ଓ ଦୋଷୀଙ୍କୁ ଦଣ୍ଡ ଦାବିକଲେ ପୁଅ ଅଭିଷେକ

ସମ୍ବଲପୁର, ୧୬।୭ (ସମିସ)

ଗତ ୨୦୨୧ ମସିହା ଏପ୍ରିଲ ୨୦ ତାରିଖରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତିଙ୍କ ମାନସିକ ନିର୍ଯାତନାର ଶିକାର ହୋଇ କୁଳପତି ପ୍ରକୋଷ୍ଠ ସମ୍ମୁଖରେ ନିଜ ଦେହରେ ନିଆଁ ଲଗାଇ ଆତ୍ମାହୁତି ଦେଇଥିବା ବିଶ୍ୱବିଦ୍ୟାଳୟର ଚୁକ୍ତିଭିତ୍ତିକ କର୍ମଚାରୀ ଦୀନବନ୍ଧୁ ମିଶ୍ରଙ୍କୁ ଆଜି ଯର୍ପ୍ୟନ୍ତ ନ୍ୟାୟ ମିଳିପାରିନାହିଁ। ଏହାର ସମ୍ବେଦନଶୀଳତା ସତ୍ତ୍ୱେ ଏହି ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ କିମ୍ବା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏହାଦ୍ୱାରା ଦୋଷୀମାନଙ୍କୁ ଦଣ୍ଡ ଓ ପିଡ଼ିତଙ୍କୁ ନ୍ୟାୟ ମିଳିପାରିନଥିଲା। ବୁଧବାର ସନ୍ଧ୍ୟାରେ ସାମ୍ବାଦିକ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମୃତ ଦୀନବନ୍ଧୁ ମିଶ୍ରଙ୍କ ପୁଅ ଅଭିଷେକ ମିଶ୍ର ତାଙ୍କ ବାପାଙ୍କ ପାଇଁ ନ୍ୟାୟ ମାଗିଛନ୍ତି। ପିତାଙ୍କ ମୃତ୍ୟୁ ପାଇଁ ଦାୟୀ ଦୋଷୀଙ୍କୁ ଗିରଫ ସହ ଘଟଣାର ନିରପେକ୍ଷ ତଦନ୍ତ କରି ଅଭିଯୁକ୍ତ ମାନଙ୍କୁ କଠୋର ଦଣ୍ଡ, ଘୋଷଣା ମୁତାବକ ସମ୍ପୂର୍ଣ୍ଣ ଅନୁକମ୍ପା ରାଶି ପ୍ରଦାନ ଏବଂ ବିଶ୍ୱବିଦ୍ୟାଳୟରେ ତାଙ୍କୁ ସ୍ଥାୟୀ ଚାକିରୀ ପାଇଁ ଅଭିଷେକ ଦାବି କରିଛନ୍ତି। ବାପାଙ୍କ ମୃତ୍ୟୁକୁ ୪ ବର୍ଷ ହେଲା ମାତ୍ର ଏପର୍ଯ୍ୟନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାରୁ ସେ କ୍ଷୋଭ ପ୍ରକାଶ କରିଛନ୍ତି। ବାଲେଶ୍ୱର ଫକିର ମୋହନ ମହାବିଦ୍ୟାଳୟରେ ଛାତ୍ରୀ ସୌମ୍ୟା ବିଶିଙ୍କ ଆତ୍ମାହୁତି ଘଟଣାର ଦୋଷୀଙ୍କୁ ଗୋଟିଏ ଦିନ ମଧ୍ୟରେ ଗିରଫ କରାଯାଇଥିବା ବେଳେ ସମାନ ଘଟଣାରେ ତାଙ୍କ ପିତାଙ୍କ ମୃତ୍ୟୁ ପାଇଁ



ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ। ଏପରିକି ପୂର୍ବତନ ସାଂସଦ ସୁରେଶ ପୂଜାରୀ ଏହି ଘଟରାକୁ ନେଇ ରାଜ୍ୟପାଳଙ୍କୁ ପତ୍ର ଲେଖିଲାପରେ ବି କୌଣସି କାର୍ଯ୍ୟାନୁଷ୍ଠନ ଗ୍ରହଣ କରାନଯିବା ଦୁର୍ଭାଗ୍ୟଜନକ। ନ୍ୟାୟ ନମିଳିଲେ ନିଜେ ପିତା ଦୀନବନ୍ଧୁଙ୍କ ମାର୍ଗ ଅନୁସରଣ କରିବାକୁ ବାଧ ହୋଇପାରନ୍ତି ବୋଲି ପୁଅ ଅଭିଷେକ କହିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଅଭିଷେକ ମିଶ୍ର କହିଛନ୍ତି ଯେ, ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଦୀର୍ଘ ୨୨ ବର୍ଷରୁ ଅଧିକ ସମୟ ଧରି ଚୁକ୍ତିଭିତ୍ତିକ କର୍ମଚାରୀ ଭାବେ କାର୍ଯ୍ୟ କରି ମଧ୍ୟ ତାଙ୍କ ବାପା ଦୀନବନ୍ଧୁ ମିଶ୍ରଙ୍କୁ ସ୍ଥାୟୀ ନିଯୁକ୍ତି ମିଳିପାରିନଥିଲା। ଏଥିପାଇଁ ସେ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ ପର୍ଯ୍ୟନ୍ତ ନିଜ ପକ୍ଷ ରଖିଥିଲେ। ଶେଷରେ ଅନନ୍ୟୋପାୟ ହୋଇ ସେ ଓଡ଼ିଶା ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ୨୦୧୭ ମସିହାରେ ଏହାର ଶୁଣାଣି କରି ଓଡ଼ିଶା


ଦୀନବନ୍ଧୁ ମିଶ୍ର

ହାଇକୋର୍ଟ ତାଙ୍କ ବାପାଙ୍କ ଚାକିରି ନିୟମିତ କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏହାକୁ କାର୍ଯ୍ୟକାରୀ କରିନଥିଲେ। ବରଂ ସମ୍ବଲପୁର ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ ତାଙ୍କ ବିରୋଧରେ ଚୋରି ଅଭିଯୋଗ ଆଣି ତାଙ୍କୁ ଦୁର୍ବ୍ୟବହାର କରିବାସହ ମାନସିକ ନିର୍ଯାତନା ଦେଇଥିଲେ। ଏଥିଯୋଗୁଁ ତାଙ୍କ ବାପା ଦୀନବନ୍ଧୁ ମିଶ୍ର ଆତ୍ମାହୂତି ଦେଇଥିଲେ ବୋଲି ସେ କହିଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ଅସ୍ଥାୟୀ ଟେକ୍ନିକାଲ ଆସିଷ୍ଟାଣ୍ଟ ଦୀନବନ୍ଧୁ ମିଶ୍ର ଗତ ୨୦୨୧ ମସିହା ଏପ୍ରିଲ ୨୦ ତାରିଖରେ କୁଳପତି ପ୍ରଫେସର ସଞ୍ଜୀବ ମିତ୍ତଲଙ୍କ ଦ୍ୱାରା ଅପମାନିତ ପରେ ହେବା କୁଳପତିଙ୍କ ପ୍ରକୋଷ୍ଠ ସମ୍ମୁଖରେ ନିଜ ଶରୀରରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ପ୍ରଥମେ ଭିମ୍ସାର ଏବଂ ପୁଣି କଟକ ବଡ଼ ଡାକ୍ତରଖାନାକୁ ନିଆଯାଉଥିବାବେଳେ ରାସ୍ତାରେ ତାଙ୍କ ମୃତ୍ୟୁ ହୋଇଯାଇଥିଲା। ସେହି ସମୟରେ ଡାକ୍ତରଙ୍କ ତତ୍ତ୍ୱାବଧାନରେ ଦୀନବନ୍ଧୁ ଦେଇଥିବା ମୃତ୍ୟୁକାଳୀନ ଜମାନବନ୍ଦୀରେ ଦୀନବନ୍ଧୁ ଏହି ଘଟଣା ପାଇଁ କୁଳପତି ପ୍ରଫେସର ସଞ୍ଜିବ ମିତ୍ତଲ ଓ ଅନ୍ୟ ଦୁଇଜଣ କର୍ମଚାରୀଙ୍କ ଦୁର୍ବ୍ୟବହାର ଓ ମାନସିକ ନିର୍ଯାତନାକୁ ଦାୟୀ କରିଥିଲେ। ଦୀନବନ୍ଧୁଙ୍କ ମୃତଦେହକୁ ପ୍ରଶାସନିକ ଭବନ ସମ୍ମୁଖରେ ବିଶ୍ୱବିଦ୍ୟାଳୟ କର୍ମଚାରୀ ସଂଘ ପକ୍ଷରୁ ଧାରଣା ଦିଆଯାଇ ସଂଘ ପକ୍ଷରୁ ତାଙ୍କ ପରିବାରର ଜଣଙ୍କୁ ଚାକିରୀ ଓ ୧୫ ଲକ୍ଷ ଟଙ୍କା ଅନୁକମ୍ପା ମୂଳକ ରାଶି ପ୍ରଦାନ ସହିତ ଦୋଷୀଙ୍କୁ ତୁରନ୍ତ ଗିରଫ କରି ଦଣ୍ଡବିଧାନ କରିବାକୁ ଦାବି କରାଯାଇଥିଲା। ଆନ୍ଦୋଳନରତ କର୍ମଚାରୀ ଓ କୁଳସଚିବଙ୍କ ମଧ୍ୟରେ ହୋଇଥିବା ବୈଠକ ନିଷ୍ପତ୍ତି ଅନୁଯାୟୀ ଦୀନବନ୍ଧୁଙ୍କ ପରିବାରକୁ ୫ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରାଯାଇଥିଲା। ଏହାସହିତ ପୁଅ ଅଭିଷେକଙ୍କୁ ବିଶ୍ୱବିଦ୍ୟାଳୟ ଏସ୍‌ୟୁଆଇଆଇଟିରେ ତାଙ୍କ ପିତାଙ୍କ ଭଳି ଅସ୍ଥାୟୀ କର୍ମଚାରୀ ଭାବରେ ନିଯୁକ୍ତି ଦିଆଗଲା। ତେବେ ଅନ୍ୟ ଦାବି ପାଇଁ ପରବର୍ତ୍ତୀ ସିଣ୍ଡିକେଟ୍ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି ପରିବାରଙ୍କୁ ଆଶ୍ୱାସନା ଦିଆଯାଇଥିଲା। ମାତ୍ର ତାହା ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହେଲାନାହିଁ। ଦୀନବନ୍ଧୁଙ୍କ ସ୍ଥାୟୀ ଚାକିରୀ ନ ଥିବାରୁ ତାଙ୍କୁ ମଧ୍ୟ ସ୍ଥାୟୀ ଚାକିରୀ ମିଳି ପାରିବନାହିଁ ବୋଲି ବିଶ୍ୱବିଦ୍ୟାଳୟ ପକ୍ଷରୁ ପୁଅ ଅଭିଷେକଙ୍କୁ କୁହାଯାଇଥିବା ସେ ପ୍ରକାଶ କରିଛନ୍ତି। ଅପରପକ୍ଷେ ବୁର୍ଲା ଥାନା ପୁଲିସ ଦୀନବନ୍ଧୁଙ୍କ ପୁଅ ଅଭିଷେକ ମିଶ୍ରଙ୍କ ଏତଲା ଆଧାରରେ କୁଳପତି ସଞ୍ଜୀବ ମିତ୍ତଲ ଓ ଅନ୍ୟମାନଙ୍କ ନାମରେ ମାମଲା ରୁଜୁ କରିଥିଲା। ଦୀନବନ୍ଧୁ ଆତ୍ମଦାହ ପୂର୍ବରୁ କୁଳସଚିବଙ୍କୁ ଚିଠି ଲେଖି ତାଙ୍କ ମୃତ୍ୟୁ ପାଇଁ କୁଳପତିଙ୍କ ସମେତ ଅନ୍ୟ ଦୁଇଜଣଙ୍କୁ ଦାୟୀ କରିଥିଲେ। ବୁର୍ଲା ପୁଲିସ କିନ୍ତୁ ଏହି ମାମଲାରେ ଯେତିକି ଗୁରୁତ୍ୱ ଦେବା କଥା ଦେଇ ନ ଥିବା ଅଭିଯୋଗ ହୋଇଥିଲା। ପାଲଟା ଅଭିଯୁକ୍ତମାନଙ୍କୁ ସୁରକ୍ଷା ଦେବା ପାଇଁ ପ୍ରୟାସ କରିଥିବା ନେଇ ଆଇନଜୀବୀ ଓ ବିଶ୍ୱବିଦ୍ୟାଳୟ କର୍ମଚାରୀମାନେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

## ଚାଷୀଙ୍କୁ ମିଳୁନି ସାର

# ବିଜେଡି ପକ୍ଷରୁ କୃଷି ସମବାୟ ସମିତି କାର୍ଯ୍ୟାଳୟ ଘେରାଉ



**ରେଢ଼ାଖୋଲ, ୧୬।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଚାରମାଳ ପଞ୍ଚାୟତସ୍ଥିତ କୃଷି ସମବାୟ ସମିତି କାର୍ଯ୍ୟାଳୟକୁ ବୁଧବାର ଦିନ ଅଞ୍ଚଳର ଚାଷୀମାନେ କୃଷି କାର୍ଯ୍ୟ ପାଇଁ ସାର ନେବାକୁ ଆସି ନ ମିଳିବାରୁ ନିରାଶ ହୋଇ ଫେରି ଯାଇଥିଲେ। ଏହା ଜାଣିବା ପରେ ରେଢ଼ାଖୋଲ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ ସଭାପତି ଉଦିତ ତ୍ରିପାଠୀଙ୍କ ନେତୃତ୍ୱରେ ବିଜେଡ଼ି କର୍ମୀମାନେ କୃଷି ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିଥିଲେ। ବର୍ତ୍ତମାନ ବିଜେପି ସରକାର ଚଳିତ ବର୍ଷ କୃଷି କାର୍ଯ୍ୟ ପାଇଁ ଚାଷୀଙ୍କୁ ସାର ଦେବାରେ ବିଫଳ ହୋଇଛନ୍ତି। ଆସନ୍ତା ଦୁଇ ତିନି ମଧ୍ୟରେ ସାର ନ ଦେଲେ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ ବୋଲି ଶ୍ରୀ ତ୍ରିପାଠୀ ଚେତାବନୀ ଦେଇଛନ୍ତି। ଏଥିରେ ଚାରମାଳ ସମବାୟ ସମିତି ସଭାପତି ରମେଶ ପ୍ରଧାନ ଏବଂ ସମ୍ପାଦକ ଗୋପାଳ ସ୍ୱାଇଁ ବହୁ ବୁଝାସୁଝା କରିଥିଲେ ମଧ୍ୟ ବିଜେଡ଼ି କର୍ମୀ ମାନେ ମାନି ନ ଥିଲେ। ତେବେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତ ଫୋନ୍ ଯୋଗେ ଶ୍ରୀ ତ୍ରିପାଠୀଙ୍କ ସହିତ କଥାବାର୍ତ୍ତା କରି ପ୍ରତିଶ୍ରୁତି ଦେବା ପରେ ବିଜେଡ଼ି କର୍ମୀମାନେ ମୋହନ ସରକାର ବିରୋଧରେ ନାରାବାଜି କରି କାର୍ଯ୍ୟାଳୟ ପରିତ୍ୟାଗ କରିଥିଲେ।ଘେରାଉରେ ବିଜେଡ଼ି ପଞ୍ଚାୟତ ସଭାପତି ଅମ୍ବୁଜ ନାୟକ, ଛାତ୍ର ସଭାପତି ପ୍ରତ୍ୟୁଷ ପ୍ରଧାନ, ଅଜିତ ଦେଓ, ଶମ୍ଭୁ ପ୍ରଧାନ, ରାଧାକାନ୍ତ ପଣ୍ଡା, ରତନ ବେହେରା, ଅରୁଣ ବିଶ୍ୱାଳ, ବଳରାମ ବେରିହା, ବାବୁଲା ପ୍ରଧାନ, ମନୋଜ ବେହେରା, ପ୍ରଭାତ ପ୍ରଧାନ, ଶିବ ସାହୁ, ଅକ୍ଷୟ ଜେନା, ପୀନୁ ବେହେରା ପ୍ରମୁଖ ସମେତ ବହୁ ସଂଖ୍ୟାରେ ବିଜେଡ଼ି କର୍ମୀମାନେ ସାମିଲ ଥିଲେ।

## ବିଦ୍ୟୁତ୍ ଆଘାତରେ ମିସ୍ତ୍ରୀ ମୃତ

**କୁଚିଣ୍ଡା, ୧୬।୭(ସମିସ):** ମହୁଲପାଲି ଥାନା ଅନ୍ତର୍ଗତ ଗୋଛାର ଗ୍ରାମର ଠାରେ ନିର୍ମାଣଧିନ ଜିପିଏଲଏଫ ବିଲଡିଂ କାମ କରିବା ସ୍ଥାନରେ ପାଣି ଜମି ରହିଥିଲା। ଉକ୍ତ ପାଣିକୁ ବାହାର କରିବା ପାଇଁ ବନାଗଲି ମିସ୍ତ୍ରୀ ମୋଟର ସାହାଯ୍ୟରେ ପାଣି ଉଠାଇ ଥିଲେ। କିନ୍ତୁ କୌଣସି କାରଣ ପାଇଁ ମୋଟର ପାଣି ଉଠାଇ ନଥିଲା। ସଜାଡିବା ପାଇଁ ପାଣି ମୋଟରକୁ ମିସ୍ତ୍ରୀ ବାହାର କରୁଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ସହକର୍ମୀଗଣ ତୁରନ୍ତ ପାଖରେ ଥିବା ଡାକ୍ତରଖାନାକୁ ଆଣିଥିଲେ ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ବଙ୍ଗାଳି ମିସ୍ତ୍ରୀ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାର ଫାରାକ୍କା ଗ୍ରାମର ସମାୟୁନ ଶେଖ(୩୫) ବୋଲି ଜଣାପଡ଼ିଛି।

## ବିଦ୍ୟୁତ୍ ଖୁଣ୍ଟ ଭାଙ୍ଗିଲା ବସ୍



**କୁଚିଣ୍ଡା, ୧୬।୭(ସମିସ):** ବୁଧବାର ସକାଳ ୬ ଟା ସମୟରେ କୁଚିଣ୍ଡା କଲେଜରୋଡ଼ କାଞ୍ଚନ ଗ୍ୟାସ ଏଜେନ୍ସି ସମ୍ମୁଖ ରାସ୍ତା ଉପରେ ଯାଇଥିବା କେବୁଲ ତାର ବସ୍‌ର ଉପରି ଭାଗରେ ଲାଗିଯିବା ଫଳରେ ବସ୍ କେବୁଲ ତାରକୁ ଟାଣି ନେଇ ଯାଇଥିଲା। ଫଳରେ ବିଦ୍ୟୁତ୍ ଖୁଣ୍ଟ ଓ ବିପରୀତ ପଟରେ ଥିବା ଫୋନ ଖୁଣ୍ଟ ଅଧାରୁ ଭାଙ୍ଗି ଯାଇ ବସଟି ଛନ୍ଦିହୋଇ ରହି ଯାଇଥିଲା। ପରେ ବିଦ୍ୟୁତ୍ ବିଭାଗରୁ ବିଦ୍ୟୁତ୍ ସରବରାହ ବନ୍ଦକରିବା ସହ ତୁରନ୍ତ ବିଦ୍ୟୁତ୍ ବିଚ୍ଛିନ୍ନ କରି ଖୁଣ୍ଟ ଓ ତାରକୁ ସଜାଡି ଥିଲେ। ଫଳରେ ଦୀର୍ଘ ସମୟ ଧରି ବିଦ୍ୟୁତ୍ ସରବରାହ ବନ୍ଦ ରହିଥିଲା।

## ଗଛ ପଡ଼ି ରାସ୍ତା ଅବରୋଧ

**କୁଚିଣ୍ଡା, ୧୬।୭(ସମିସ):** କୁଚିଣ୍ଡା ବ୍ଲକ ଅଞ୍ଚଳରେ ପ୍ରବଳ ବର୍ଷାରେ ବକ୍ସମା ପଞ୍ଚାୟତ ଠାକୁର ନିକ୍ତିମାଳ-ଚାନ୍ଦୁଟିକ୍ରା ଯିବା ରାସ୍ତା କଡ଼ରେ ଥିବା ପୁରୁଣା ବରଗଛ ଉପୁଡି ପଡ଼ିଥିଲା। ଗଛ ଉପୁଡି ଦୀର୍ଘ ଦିନ ଧରି ରାସ୍ତା ଉପରେ ପଡ଼ି



ରହିଥିବା ହେତୁ ଯାତାୟାତ ପାଇଁ ନାହିଁ ନଥିବା ଅବସ୍ଥା ଭୋଗୁଥିଲେ ଚାନ୍ଦୁଟିକ୍ରା ପଡ଼ାବାସୀ। ଜନପ୍ରତିନିଧିଙ୍କୁ ପ୍ରତିକାର ସହ ରାସ୍ତା ଉପରୁ ବରଗଛ ହଟାଇବା ପାଇଁ ନିବେଦନ କରିଥିଲେ ହେଲେ କେହି ଗୁରୁତ୍ୱ ଦେଇନଥିଲେ। ଫଳରେ ରାସ୍ତା ଉପରେ ଗଛ ପଡ଼ି ରହିଥିଲା। ବୁଧବାର କିଛି ସାମ୍ବାଦିକ ସେ ଅଞ୍ଚଳକୁ ଖବର ସଂଗ୍ରହ ପାଇଁ ଯିବାରୁ ଗଛ ପଡ଼ି ରହିଥିବା ଜାଣି ବିଡିଓଙ୍କୁ ଜଣାଇଥିଲେ। ବୁଧବାର ଅପରାହ୍ନରେ ସ୍ଥାନୀୟ ବିଡ଼ିଓ ରାସ୍ତା ଉପରୁ ବରଗଛକୁ ହଟାଇବା ପାଇଁ ଦମକଳ ବାହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ବାହିନୀ ଗଛକଟା ଆରମ୍ଭ କରିଥିବା ଜଣାପଡ଼ିଛି।

## ■ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଜନିତ ମୃତ୍ୟୁ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏବିଭିପି

**ସମ୍ବଲପୁର, ୧୬।୭ (ସମିସ) :** ବାଲେଶ୍ୱରର ଏଫ୍‌ଏମ୍ ଅଟୋନୋମସ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯେଉଁ ଆତ୍ମାହୁତି ଘଟଣାରେ ଦୋଷୀ ସମୀର ସାହୁଙ୍କୁ ରାଜ୍ୟ ସରକାର କଠୋରରୁ କଠୋର ଦଣ୍ଡ ଦିଅନ୍ତୁ। ଯେଉଁ ଇଣ୍ଟରନାଲ୍ କମ୍ପ୍ଲେଣ୍ଟ କମିଟି ହୋଇଥିଲା ସେହି କମିଟିରେ ଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସଦସ୍ୟମାନେ କେଉଁ ନିର୍ଣ୍ଣୟରେ ପହଞ୍ଚିଲେ ଯେ ସେହି ନିର୍ଣ୍ଣୟରେ ଭାଙ୍ଗିପଡ଼ି ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେଲେ। ସେମାନେ ବି ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ଅଟନ୍ତି ଏଣୁ ସେମାନଙ୍କୁ ତୁରନ୍ତ ରାଜ୍ୟ ସରକାର ଗିରଫ କରନ୍ତୁ।

ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମରନ ପ୍ରଧାନ, ମହାନଗର ସମ୍ପାଦକ ନିତେଶ ପାଣିଗ୍ରାହୀ, ନଗର ସମ୍ପାଦକ ଦେବାଶିଷ ସେନ୍ଦ୍ରିୟ, ଏବିଭିପି ଓଡ଼ିଶା (ପଶ୍ଚିମ) ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରେଇ ପ୍ରମୁଖ ଉପରୋକ୍ତ ଦାବି ଉପସ୍ଥାପନା କରିଛନ୍ତି।

ଏହାସହ ସୌମ୍ୟାଶ୍ରୀ ବିଶି ତାଙ୍କ ନ୍ୟାୟର ଲଢ଼େଇ ଲଢ଼ିବା ସମୟରେ ଯେଉଁ ଛାତ୍ର ସଙ୍ଗଠନର ଛାତ୍ରମାନେ ସାମାଜିକ ଗଣମାଧ୍ୟମରେ ତାଙ୍କ ଚରିତ୍ର ସଂହାର କରିଥିଲେ ସେମାନେ ବି ଦାୟୀ ଏଣୁ ସେମାନଙ୍କୁ ମଧ୍ୟ



ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ବରେଇ ଦାବି କରିଛନ୍ତି।

ସୌମ୍ୟାଶ୍ରୀ ଜୁଲାଇ ୧ ତାରିଖରୁ ସାମାଜିକ ଗଣମାଧ୍ୟମ ଜରିଆରେ ତାଙ୍କ କଥା ରଖିଥିଲେ, ସେଥିରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ, ରାଜ୍ୟ ସରକାର ଏବଂ ବାଲେଶ୍ୱର ଏସ୍‌ପିଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ଏହି ଘଟଣା ଘଟିଛି। ଏଥିରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ ଏବଂ ବାଲେଶ୍ୱର ଏସ୍‌ପି ଦାୟୀ ଅଟନ୍ତି। ଏଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏସ୍‌ପିଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବରେଇ କହିଛନ୍ତି। ଏନ୍‌ଏସ୍‌ୟୁଆଇ ପକ୍ଷରୁ ଅଧ୍ୟାପକ ସମୀର ସାହୁ ଭଲ ବ୍ୟକ୍ତି ଏବଂ ସୌମ୍ୟାଶ୍ରୀଙ୍କ ଚରିତ୍ର ସଂହାର କରି ଅଧ୍ୟାପକଙ୍କ ସପକ୍ଷରେ ଏକ ଦସ୍ତଖତ ଅଭିଯାନ କରି ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେଇଥିଲେ ଏବଂ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ ବୋଲି ଶ୍ରୀ ବରେଇ ଅଭିଯୋଗ କରିଛନ୍ତି।

ଛାତ୍ରୀ ଜଣକ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କଲାପରେ ମଧ୍ୟ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଗୋଟେ ମୂଲ୍ୟବାନ ଜୀବନ ଆଜି ଚାଲିଗଲା। ପ୍ରଥମ ଦିନରୁ କଲେଜ କର୍ତ୍ତୃପକ୍ଷ ଏବଂ ଶିକ୍ଷା ବିଭାଗ ଘଟଣାକୁ ଗୁରୁତର ସହ ନେଇ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିଥାନ୍ତେ ତାହେଲେ ଏପରି ଦୁର୍ଭାଗ୍ୟଜନକ ଘଟଣା ଆଜି ଘଟିନଥାନ୍ତା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅପାରଗତା ଓ ଶିକ୍ଷା ବିଭାଗର ଦାୟିତ୍ୱହୀନତା ସମସ୍ତଙ୍କ ସାମ୍ନାକୁ ଆସିଛି।

# ଜିଲ୍ଲା କଂଗ୍ରେସର ବନ୍ଦ ପ୍ରସ୍ତୁତି



**ସମ୍ବଲପୁର, ୧୬।୭ (ସମିସ) :** ଆସନ୍ତାକାଲି ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ଜିଲ୍ଲା ସଂଯୋଜକ ଦୁର୍ଗା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଆଜି ସମ୍ବଲପୁର ଜିଲ୍ଲା କଂଗ୍ରେସର ପ୍ରସ୍ତୁତି ବୈଠକରେ କର୍ମକର୍ତ୍ତା ଓ କର୍ମୀଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ଜିଲ୍ଲାର ଚାରୋଟି ନିର୍ବାଚନ ମଣ୍ଡଳୀ ପାଇଁ ୨୦୨୪ ନିର୍ବାଚନର ବିଧାନସଭା ପ୍ରାର୍ଥୀ ଦାୟିତ୍ୱରେ ରହିଛନ୍ତି। ପ୍ରାରମ୍ଭରେ ବାଲେଶ୍ୱର ଏଫ୍‌ଏମ୍ କଲେଜରେ ଆତ୍ମଦାହ କରିଥିବା ସୌମ୍ୟାଶ୍ରୀଙ୍କ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହାପରେ ବନ୍ଦର ଉଦ୍ଦେଶ୍ୟ ଜ୍ଞାପନ କରାଯାଇଥିଲା। ଜିଲ୍ଲାର କଂଗ୍ରେସ କର୍ମକର୍ତ୍ତାଙ୍କ ସହ ଅନ୍ୟ ଦଳ ଗୁଡ଼ିକ (ବିଜେପି ଓ ବିଜେଡି ବ୍ୟତୀତ)ର କର୍ମକର୍ତ୍ତା ଓ କର୍ମୀ ବନ୍ଦକୁ ସମର୍ଥନ କରି ପିକେଟିଂ କରିବେ। ପିସିସି ସଭାପତିଙ୍କ ନିର୍ଦ୍ଦେଶ ମତେ ୨୦୨୪ ବିଧାନସଭା ଲଢ଼ିଥିବା ଜିଲ୍ଲାର ବିଭିନ୍ନ ବିଧାନସଭା କ୍ଷେତ୍ରର ବନ୍ଦ ଦାୟିତ୍ୱ ସେହି ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଓ କର୍ମକର୍ତ୍ତାଙ୍କୁ ଦିଆଯାଇଛି। ରେଢ଼ାଖୋଲ ପାଇଁ ଏଆଇସିସି ସମ୍ପାଦକ ଆସଫ ଖାଁ, ରେଙ୍ଗାଲି ପାଇଁ ପିସିସି ସମ୍ପାଦକ ଦିଲ୍ଲୀପ ଦୁରିଆ, କୁଚିଣ୍ଡା ପାଇଁ କେଦାର ବରିହା ଏବଂ ସମ୍ବଲପୁର ପାଇଁ ଦୁର୍ଗା ପାଢ଼ୀଙ୍କୁ ଦାୟିତ୍ୱ ଦିଆଯାଇଛି। ଛାତ୍ର, ଯୁବ, ମହିଳା, ସେବାଦଳ, ବିଭିନ୍ନ ବିଭାଗର କର୍ମକର୍ତ୍ତା ସମେତ ଜିଲ୍ଲାର ଅନ୍ୟ କର୍ମକର୍ତ୍ତାମାନେ ସାମିଲହୋଇ ପିକେଟିଂ କରିବେ। ବୈଠକରେ ଶିବ ପ୍ରଧାନ, ଗିରିଜା ନାୟକ, ରବି ରାଉତ, ଜିତେନ ମହାନନ୍ଦ, ସତ୍ୟ ନାରାୟଣ ସେନାପତି, ଗୋବିନ୍ଦ ମିଶ୍ର, ସୁତପା ମିତ୍ର, ଜିତେନ୍ଦ୍ର ପ୍ରଧାନ, ସୁଧୀର ପଣ୍ଡା, ପିସିସି ସଭ୍ୟା ସୁରଞ୍ଜିନୀ ବାରିକ, ଚନ୍ଦ୍ର ପୁରୋହିତ, ଏମଡି ମୁକ୍ତାର ପ୍ରମୁଖ ବହୁ କଂଗ୍ରେସ କର୍ମକର୍ତ୍ତା ଓ କର୍ମୀ ଉପସ୍ଥିତ ଥିଲେ।

# ଭୀମଭୋଇ ମହାବିଦ୍ୟାଳୟରେ ସଚେତନତା କର୍ମଶାଳା

**ରେଢ଼ାଖୋଲ, ୧୬।୭(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରସ୍ଥିତ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ଏବଂ କର୍ମଚାରୀଙ୍କ ମାନସିକ ଓ ଆବେଗିକ ଚାପ ନିୟନ୍ତ୍ରଣ, ନିବାରଣ ଏବଂ ନିରାକରଣ ପାଇଁ ସଚେତନତା କର୍ମଶାଳା ହୋଇଯାଇଛି। କର୍ମଶାଳାରେ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅଧ୍ୟକ୍ଷା ସୁପ୍ରିୟା କୁମାରୀ ମଲ୍ଲିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର



ଅଧ୍ୟକ୍ଷଅମୂଲ୍ୟ କୃଷ୍ଣ ପାଢ଼ୀ ନିଜର ବକ୍ତବ୍ୟ ପ୍ରସଙ୍ଗରେ ଉଲ୍ଲେଖ କରି କହିଥିଲେ ଯେ ପ୍ରତ୍ୟେକ ଅନୁଷ୍ଠାନ ହେଉଛି ଏକ ପରିବାର ଓ ଆମେ ଜଣେ ଜଣେ ତାର ସକ୍ରିୟ ସଦସ୍ୟ, ପରିବାରର ସୁଖ, ଶାନ୍ତି ନିର୍ଭର କରେ ସଦସ୍ୟମାନଙ୍କର ସହଭାଗିତା ଓ ସହଯୋଗିତା ଦ୍ୱାରା, ଅନୁଷ୍ଠାନ ପରିସରରେ ସମସ୍ତଙ୍କ ଉତ୍ତରଦାୟିତ୍ୱ ଓ ସୁରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। କର୍ମଶାଳାରେ ମହାବିଦ୍ୟାଳୟର ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ ଏହାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଛାତ୍ରଛାତ୍ରୀଙ୍କୁ ଜୀବନର ଆଭିମୁଖ୍ୟ ସହିତ ଏକ ଶୃଙ୍ଖଳିତ ଆଚରଣ ଉପରେ ଗୁରୁତ୍ୱାରୋପ କରିଥିଲେ ଓ ପୁନଃ-ନିର୍ମିତ ଆଭ୍ୟନ୍ତରୀଣ ଅଭିଯୋଗ ସମିତିର ଅନ୍ୟତମ ସଦସ୍ୟା ପ୍ରାଧ୍ୟାପିକା ମମତା ମହାପାତ୍ର ସବୁ ସମୟ ଓ ପରିସ୍ଥିତି ମଧ୍ୟରେ ଆମେ ସଚେତନ ହେଲେ ଜୀବନର ସକଳ ସମସ୍ୟାର ସମାଧାନ ହୋଇପାରିବ ବୋଲି ପରାମର୍ଶ ଦେଇଥିଲେ। ପ୍ରସଙ୍ଗ କ୍ରମେ ସମିତିର ଅନ୍ୟତମ ସଦସ୍ୟ ପ୍ରାଧ୍ୟାପକ ଡ଼. ମନୋରଞ୍ଜନ ମହନ୍ତ ଛାତ୍ରଛାତ୍ରୀଙ୍କୁ ଭାରତୀୟ ସଂସ୍କୃତିର ମୂଳମନ୍ତ୍ରରେ ନିହିତ ଥିବା ସତ୍ୟକୁ ଉପଲବ୍ଧ କରିବା ଉପରେ ଆଲୋଚନା କରିଥିଲେ।କର୍ମଶାଳାରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଲେ।ଶେଷରେ ଫକିର ମୋହନ ମହାବିଦ୍ୟାଳୟରେ ଘଟି ଯାଇଥିବା ଦୁଃଖଦ ଘଟଣା ପାଇଁ ନୀରବ ପ୍ରାର୍ଥନା କରଯାଇଥିଲା।

# ବରେଇପାଲି ଯୁବସଂଗଠନ ପକ୍ଷରୁ ଚାରାରୋପଣ



**ସମ୍ବଲପୁର, ୧୬।୭(ସମିସ):** ବରେଇପାଲି ଯୁବସଂଗଠନ ତରଫରୁ ମହାନଗରନିଗମ ୱାର୍ଡ ନମ୍ବର ୨୦ ଡେଙ୍ଗସର୍ଗୀଠାରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ବିକାଶ ଖାତି ଓ ହୀରା ସିଂଙ୍କ ନେତୃତ୍ୱରେ ଅନେକ ଯୁବକ ଯୁବତୀ ଅଂଶଗ୍ରହଣ କରିଥିଲେ। ସମାଜରେ ଏକ ସୁସ୍ଥ ବାତାବରଣ ସୃଷ୍ଟି କରିବା ପାଇଁ ସଂଗଠନ ଲକ୍ଷ୍ୟ ରଖିଛି ଯେ ଏହି ବର୍ଷ ବରେଇପାଲି ଆଖପାଖ ଅଞ୍ଚଳରେ ୫୦୦ବୃକ୍ଷରୋପଣ କରିବା ସହିତ ତାର ରକ୍ଷଣାବେକ୍ଷଣ ମଧ୍ୟ କରିବେ। କାର୍ଯ୍ୟକ୍ରମରେ ଉତ୍ତମ ବାଗ, ମଞ୍ଜୁ ଓରାମ, ସୁରଜ ଓରାମ, ମୁକେଶ ସାହୁ, ମନଦୀପ ସାହୁ, ଆନନ୍ଦ ଖାତି, ଶ୍ୟାମ ଓରାମ, କାହ୍ନା ସ୍ୱାଇଁ, ସୁରଜ ହରିପାଲ, ସିଦ୍ଧେଶ୍ୱର ସୁନା, ରୋଶନ ସିଂ, ସଦାନନ୍ଦ ସାହୁ ତଥା ଅଞ୍ଚଳବାସୀ ସହଯୋଗ କରିଥିଲେ।

# ଶାସନ ଉଚ୍ଚ ବିଦ୍ୟାଳୟ ପରିସରରେ ଚାରାରୋପଣ

**ସମ୍ବଲପୁର, ୧୬।୭(ସମିସ):** ସମ୍ବଲପୁର ଜିଲ୍ଲା ଶାସନସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ପ୍ରଧାନ ଶିକ୍ଷୟିତ୍ରୀ ତାରାବତୀ ବେହେରାଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଛି। କାର୍ଯ୍ୟକ୍ରମରେ ପ୍ରକୃତି ବନ୍ଧୁ କିଶୋର ଛତର ମୁଖ୍ୟଅତିଥି ଏବଂ ପ୍ରକୃତିପ୍ରେମୀ ଶ୍ୟାମ ସୁନ୍ଦର ସେଟ, ଭାଲୁବାହାଲ ସେକ୍ସନ ଫରେଷ୍ଟର ସୁନିତା ଗର୍ଡ଼ିଆ ଓ ପ୍ରୀତିମୟୀ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଇକୋ କ୍ଲବ



ପ୍ରଭାରୀ ଶିକ୍ଷୟିତ୍ରୀ ପ୍ରଲିତା ପଟ୍ଟନାୟକ ପରିଚାଳନା କରିଥିଲେ। ପ୍ରକୃତି ପ୍ରେମୀ ଶ୍ରୀ ସେଟ୍ ବୃକ୍ଷର ମାହାତ୍ମ୍ୟ ଉପରେ ଏକ କବିତା ଗାନ କରିବାସହ ଚାରାରୋପଣର ଆବଶ୍ୟକତା ଉପରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଏହାପରେ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନେ ମିଳିତ ଭାବେ ଚାରାରୋପଣ କରିଥିଲେ।

## ସମଲେଇ ପ୍ରକଳ୍ପ ସ୍ଥାୟୀତ୍ୱକୁ ପ୍ରଶ୍ନ

# ପାଦଚଲା ଉପରେ ଯାଉଛି ଟ୍ରାକ୍ଟର

ସମ୍ବଲପୁର, ୧୬।୭(ସମିସ)

ପୂର୍ବତନ ସରକାରଙ୍କ ପ୍ରଚେଷ୍ଟାରେ ବହୁ ପ୍ରତିକ୍ଷିତ ସମଲେଇ ପ୍ରକଳ୍ପ ସମ୍ବଲପୁରବାସୀଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଲୋକଙ୍କ ପାଇଁ ମନ୍ଦିରର ବିକାଶ କରାଯାଇଥିଲା। ଏହି ପ୍ରକଳ୍ପରେ ବିଭିନ୍ନ କାରୀଗରିର ପଥର ତଥା କଳାକୃତି ସ୍ଥାନ ପାଇଛି। ଲୋକଙ୍କ ପାଦଚଲା ପାଇଁ ମଧ୍ୟ ସୁନ୍ଦର ପଥର ବିଛାଯାଇଥିଲା। କିନ୍ତୁ ନୂତନ ସରକାର ଆସିବା ପରେ ଏହି ପ୍ରକଳ୍ପର କାମକୁ ନେଇ ସାଧରଣରେ ପ୍ରଶ୍ନ ଉଠୁଛି। ନୂତନ ସରକାର ଦ୍ୱିତୀୟ ପର୍ଯ୍ୟାୟ ବିକାଶ ନେଇ କାମ ଆରମ୍ଭ କରିଛନ୍ତି। ବହୁ ନେତାମନ୍ତ୍ରୀ ମନ୍ଦିର ପରିସରକୁ ଦର୍ଶନ ପାଇଁ ଆସିଲେ, ମନ୍ଦିରର ବ୍ୟାଟେରୀ ଚାଳିତ ଗାଡ଼ିରେ ବସି ପାଦଚଲା ଉପରେ ଯାଇଥାନ୍ତି। ସୂକ୍ଷ୍ମ କାରୀଗରି ଉପରେ କେବଳ ଚାଲିଲେ କିମ୍ବା ହାଲୁକା ଗାଡ଼ି ଯିବା ଆସିବା



କଲେ ଏହାର ସ୍ଥାୟୀତ୍ୱ ଦୀର୍ଘ ଦିନ ଯାଏଁ ରହିବ। କିନ୍ତୁ ଆଜି ଏହି ପାଦ ଚଲା ଉପରେ ମାଟି ବୋଝେଇ ଟ୍ରାକ୍ଟର ଯାଉଥିବା ଏକ ଭିଡ଼ିଓରେ ଦେଖିବାକୁ ମିଳିଛି। ଯାହାକୁ ନେଇ ସମଲେଇ ପ୍ରକଳ୍ପର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠିଛି। ପ୍ରକଳ୍ପ ପରିସରକୁ ବାଇକ୍ ମନା ଥିବାବେଳେ କିପରି ମାଟି ବୋଝେଇ ଟ୍ରାକ୍ଟର ଭିତରକୁ ପ୍ରବେଶ କରିଲା। ବିରଳ ପଥର ବିଛାଯାଇଥିବାବେଳେ ତାହା କେବଳ ପାଦଚଲା ପାଇଁ ଉଦିଷ୍ଟ। ହେଲେ ଆଜି ଟ୍ରାକ୍ଟର ଯିବା ପରେ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଦ୍ୱିତୀୟ ପର୍ଯ୍ୟାୟରେ ମନ୍ଦିରର ଅଧିକ ବିକାଶ କରାଯିବା ନେଇ ବିଜେପି ଡିଣ୍ଡିମ ପିଟୁଛି। କିନ୍ତୁ ଏବେ ବିରଳ ପଥର ଉପରେ ଟ୍ରାକ୍ଟର ଚଲାଇ ନଷ୍ଟ କରୁଥିବା ସାଧାରଣରେ ଚର୍ଚ୍ଚା ହେଉଛି। ସମ୍ପୃକ୍ତ ଟ୍ରାକ୍ଟରର ନମ୍ବର ପ୍ଲେଟ ମଧ୍ୟ ନଥିବା ଦେଖିବାକୁ ମିଳିଛି।

### ଐତିହାସିକ କାରିଗରୀକୁ ଅନାଦର

ସମଲେଇ ମନ୍ଦିରର ବିକାଶ ପରେ ରାଜ୍ୟ ସମେତ ରାଜ୍ୟ ବାହାରୁ ଶ୍ରଦ୍ଧାଳୁଙ୍କ ଛୁଅ ଛୁଟୁଛି। ମହାନଦୀ କୂଳରେ ହେଇଥିବା ଏ ପ୍ରକଳ୍ପକୁ ଦେଖି ସରକାର ତଥା ସମ୍ବଲପୁର ଜିଲ୍ଲାକୁ ପ୍ରଶଂସା କରୁଛନ୍ତି। ତେଣୁ ପାଦଚଲାକୁ ନଷ୍ଟ ନ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

### ବେଆଇନ ଚାଉଳ ଚାଲାଣ ମାମଲା

# ସରକାରଙ୍କୁ ବାହାର ରାଜ୍ୟ ଚାଉଳ ହସ୍ତାନ୍ତର କରୁଛନ୍ତି ମିଲର୍ସ

**ବଲାଙ୍ଗିର/ଦେଓଗାଁ, ୧୬।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଦେଓଗାଁ ପୁଲିସ ଚାଉଳ ବୋଝେଇ ଗାଡି ଜବତ ଘଟଣା ଏବେ ଗତ ଖରିଫରେ ଜିଲ୍ଲାରେ ହୋଇଥିବା ଧାନକିଣା ଅନିୟମିତତାକୁ ପଦାରେ ପକାଇଛି । ସେତେବେଳେ ଜିଲ୍ଲାର ଏକ ମିଲ ବଡଟିକା ପେକ୍ସରେ ମିଥ୍ୟା ଏଣ୍ଟ୍ରି କରିଥିବା ନେଇ ଅଭିଯୋଗ ହୋଇଥିଲା । ଓ ଆଜି ସେହି ମିଲକୁ ରାୟପୁରରୁ ବେଆଇନ ଭାବେ ଚାଉଳ ଆସୁଥିବା ବେଳେ ପୁଲିସ ହାତରେ ଧରାପଡ଼ିଛି । ଯାହାକି ସ୍ପଷ୍ଟ କରୁଛି ଧାନକିଣା ସମୟରେ ଜିଲ୍ଲାରେ ଅନିୟମିତତା କରାଯାଇଥିଲା ଓ ସେହି ସମୟରେ ସମ୍ପୃକ୍ତ ମିଲର୍ସ ଜଣକ ଧାନକିଣା ଅନିୟମିତତା ମାମଲାକୁ ଚାପି ଦେବାରେ ସଫଳ ହୋଇଥିଲେ ।

ଗତ ଖରିଫ ଧାନକିଣା ସମୟରେ ବଲାଙ୍ଗିର ଜିଲ୍ଲାରେ ଏକ ବଡ ଧରଣର ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା । ଆଗଲପୁର ବ୍ଲକ ବଡଟିକା ପାକ୍ସରୁ ଧାନ ଉଠାଇବା ପାଇଁ ଟ୍ୟାଗିଂ ହୋଇଥିବା ବଡଙ୍ଗୋମୁଣ୍ଡା ନିକଟସ୍ଥ ଏକ ମିଲର୍ସ ମିଥ୍ୟା ଏଣ୍ଟ୍ରି କରିଥିବା ଅଭିଯୋଗ ହୋଇଥିଲା । ଶହେ କି ଦୁଇ ଶହ ନୁହଁ ପ୍ରାୟ ହଜାରେ କୁଇଣ୍ଟାଲ ଧାନ ମିଥ୍ୟା ଏଣ୍ଟ୍ରି କରିଥିବା ସେହି ସମୟରେ ଅଭିଯୋଗ ହୋଇଥିଲା । ଏହାର ସତ୍ୟତା ପାଇଁ ଯେତେବେଳେ ବଡଟିକା ପାକ୍ସ ସମ୍ପାଦକ ଜଗନ୍ନାଥ ପଧାନଙ୍କୁ ପଚରାଯାଇଥିଲା ସେ ଉତ୍ତର ରଖିବା ବଦଳରେ କୌଣସି ସୂଚନା ଦେଇପାରିବେ ନାହିଁ ବୋଲି କହିଥିଲେ । ଏପରିକି ସିସିଟିଭି ଫୁଟେଜ ମଧ୍ୟ ଦେଖାଇନଥିଲେ । ଯାହାକୁ ନେଇ ପ୍ରଶ୍ନ ଉଠିବା ପରେ ଲୋକଦେଖାଣିଆ ଭାବେ ଲୋଇସିଂହା ତଥା ଆଗଲପୁର ବ୍ଲକ ଭାରାପ୍ରାପ୍ତ ଯୋଗାଣ ନୀରିକ୍ଷକ ସୌମ୍ୟ ମହାନନ୍ଦ ତଦନ୍ତ କରିଥିଲେ ଓ ସେହିଭଳି କୌଣସି ଅନିୟମିତତା ହୋଇନଥିବା ସୂଚନା ଦେଇଥିଲେ । ପରୋକ୍ଷରେ କିନ୍ତୁ ଅନ୍ୟମାନଙ୍କ ସାମ୍ନାରେ ସେ ସତ୍ୟତା ପ୍ରକାଶ କରିଥିଲେ । ବେଶ କୌଶଳର ସହ ସିସିଟିଭି ଫୁଟେଜ ଦେଇ ମାମଲାକୁ ଚାପିଦେଇଥିଲେ । ଏଥିପାଇଁ ଉକ୍ତ ମିଲର୍ସ ବହୁ ପରିମାଣର ଟଙ୍କା ଖର୍ଚ୍ଚ ମଧ୍ୟ କରିଥିବା ଜଣାପଡ଼ିଥିଲା । କୁହାଯାଏ ସତ୍ୟ କେବେ ଲୁଚି ରହେନା । ସେହି ସମୟରେ ହୋଇଥିବା ମିଥ୍ୟା ଏଣ୍ଟ୍ରିର ଚାଉଳ ସରକାରଙ୍କୁ ଦେବା ପାଇଁ ଭରଣା ବାବାଦକୁ ରାୟପୁରରୁ ଚାଉଳ ଆଣୁଥିବା ବେଳେ ପୁଲିସ ହାତରେ ଧରାପଡ଼ି ଜବତ ହୋଇଛି ଏକ ଚାଉଳ ବୋଝେଇ ଟ୍ରକ୍ । ଉକ୍ତ ଟ୍ରକ୍ ଧରାପଡ଼ିବା ପରେ ଚାଉଳ ରାୟପୁରରୁ ଆସୁଥିବା ଓ ବଡଙ୍ଗୋମୁଣ୍ଡା ନିକଟରେ ଥିବା ଉକ୍ତ ମିଲକୁ ଯାଉଥିବା ଜଣାପଡ଼ିଥିଲା । ତେବେ ସମ୍ପୃକ୍ତ ମିଲ ମାଲିକ ଜଣକ ଚଳାଇଥିବା ଧାନକିଣା ଓ ଚାଉଳର ଗୋଳକ ଧନ୍ଦା ଧରାପଡ଼ିବା ପରେ ଏହି ମାମଲାକୁ ମଧ୍ୟ ରଫାଦଫା କରିବାକୁ ଚେଷ୍ଟା କରିଥିବା ଜଣାପଡ଼ିଛି । ଫଳରେ ପୁଲିସ ରବିବାର ଦିନ ଠାରୁ ଉକ୍ତ ଟ୍ରକ କୁ ଲୁଚାଇ ରଖିଥିବା ବେଳେ ଖବର ପ୍ରଘଟ ହୋଇଯିବାରୁ ମଙ୍ଗଳବାର ଜବତ କରି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି । ଯୋଗାଣ ବିଭାଗ ମଧ୍ୟ ଏହାର ଖୋଳତାଡ କରୁଥିବା ବେଳେ ଉକ୍ତ ମିଲ ମାଲିକ ଯେମିତି ସେମିତି ଘଟଣା ଚପାଇବାକୁ ଉଦ୍ୟମ ଆରମ୍ଭ କରିଥିବା ଚର୍ଚ୍ଚା ହେଉଛି । କେବଳ ଏତିକି ନୁହଁ କିଛି ଦିନ ପୂର୍ବରୁ ହିଁ ଛତିଶଗଡ଼ରୁ ଏକ ଟ୍ରକ୍‌ରେ ଉକ୍ତ ମିଲକୁ ଚାଉଳ ଭର୍ତ୍ତି ହୋଇଆସିଥିବା ବେଳେ ଚାଉଳ ମିଲ ଗୋଦାମରେ ଅନଲୋଡ ହୋଇଥିବା ସୂଚନା ମିଳିଛି । ଅନ୍ୟପକ୍ଷରେ ଯଦି ଗତ ଖରିଫରେ ହୋଇଥିବା ଉକ୍ତ ଧାନ ଅନିୟମିତତା ର ତଦନ୍ତ କରିବା ସହ ସମ୍ପୃକ୍ତ ମିଲ ଓ ବଡଟିକା ପାକ୍ସ ସମ୍ପାଦକଙ୍କୁ ପଚରାଉଚୁରା କଲେ ଏହି ଗୋଳକ ଧନ୍ଦାର ଅସଲ ଚିତ୍ର ସାମ୍ନାକୁ ଆସିବ ବୋଲି ଆଲୋଚନା ହେଉଛି ।

**ସେତେବେଳେ ଧାନକିଣା ଅନିୟମିତତା**
**ଏବେ ଚାଉଳ ହେରାଫେରୀ ଅଭିଯୋଗ**

### ଅଡୁଆରେ ଦେଓଗାଁ ପୁଲିସ

## କୁଆଡେ ଗଲା ଜବତ ଟ୍ରକ୍ ଡ୍ରାଇଭର



ବେଆଇନ ଚାଉଳ ଚାଲାଣ ବେଳେ ଏକ ଟ୍ରକ୍‌କୁ ଅଟକ ରଖି ଲାଭଖୋର ମନୋବୃତ୍ତି ଯୋଗୁଁ ଏବେ ହରଡଘଣାରେ ପୁଲିସ । ଗତ ରବିବାର ଦେଓଗାଁ ପୁଲିସ ଏକ ଚାଉଳ ବୋଝେଇ ଟ୍ରକ୍‌କୁ ଅଟକ ରଖିଥିଲା । ଉକ୍ତ ଟ୍ରକ୍‌ର ବାହାର ରାଜ୍ୟ ପଞ୍ଜିକୃତ ନମ୍ବର ହୋଇଥିବା ବେଳେ ତାହା ଏକ ମିଲକୁ ଯାଉଥିବା ଜାଣିବାକୁ ପାଇଥିଲା । ଫଳରେ ଦେଓଗାଁ ପୁଲିସ ଅଧିକାରୀଙ୍କ ଜାଣତରେ ଉକ୍ତ ଟ୍ରକ୍ ବିଷୟରେ କାହାକୁ କିଛି ସୂଚନା ନଦେଇ ଲୁଚାଇ ଦିଆଯାଇଥିଲା । କିଛି ସମୟ ବଙ୍ଗଳା ଛକ, ଆଉ କିଛି ସମୟ ଚିନିକଳ ସାମ୍ନାରେ ଅଟକାଇ ରଖିବା ପରେ ତାକୁ ନେଇ ସଇଁନ୍ତଲା ଅଞ୍ଚଳର କେରମେଲି ଠାରେ ଲୁଚାଇ ରଖାଯାଇଥିବା ସ୍ଥାନୀୟ ଲୋକେ ସୂଚନା ଦେଇଛନ୍ତି । ତେବେ ଏନେଇ କୁଆଡେ ୩ ଲକ୍ଷ ଟଙ୍କା ଡିଲ ହୋଇଥିବା ବେଳେ ଖବର ପ୍ରକାଶ ପାଇବା ପରେ ବାଧ ହୋଇ ପୁଲିସ ମଙ୍ଗଳବାର ଉକ୍ତ ଟ୍ରକ୍‌କୁ ଥାନାକୁ ଆଣି ଯୋଗାଣ ବିଭାଗକୁ ସୂଚନା ଦେଇଥିବା ଜଣାପଡ଼ିଛି । ଏହାରି ଭିତରେ ସମ୍ପୃକ୍ତ ଟ୍ରକ୍ ଡ୍ରାଇଭରକୁ ଜାଣିଶୁଣି ଖସାଇ ଦେଇଥିବା ବେଳେ ଟ୍ରକ୍ ଥାନାକୁ ଆଣିବା ପାଇଁ ଅନ୍ୟ ଏକ ଡ୍ରାଇଭରର ସହାୟତା ନେଇଥିଲା ପୁଲିସ । ବର୍ତ୍ତମାନ ଉକ୍ତ ଡ୍ରାଇଭରକୁ ପୁଲିସ ଖୋଜି ଖୋଜି ହଇରାଣ ହୋଇଥିବା ଚର୍ଚ୍ଚା ହେଉଛି । ଏହି ଘଟଣା ଏବେ ଦେଓଗାଁ ପୁଲିସ ଓ ଥାନା ଅଧିକାରୀଙ୍କ ଅସଲ ଚେହେରାକୁ ପଦାରେ ପକାଇଛି ।

### ଛାତ୍ରଙ୍କ ଦ୍ୱାରା ବିଲେଇ ଫିଙ୍ଗାଯିବା ଘଟଣା

## ତଦନ୍ତ ଶେଷ ; କାର୍ଯ୍ୟାନୁଷ୍ଠାନ ନେବେ ଡିଇଓ

**ପାଟଣାଗଡ଼, ୧୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗତ ୪ତାରିଖ ଦିନ ସ୍କୁଲର ତିନି ଜଣ ଛାତ୍ରଙ୍କୁ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣାରେ ତଦନ୍ତ ଶେଷ ହୋଇଛି । ତଦନ୍ତ ରିପୋର୍ଟ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ପଠାଯିବ ଓ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନେବେ ବୋଲି ପାଟଣାଗଡ଼ ଶିକ୍ଷାଧିକାରୀ ଶଙ୍କର ପ୍ରସାଦ ମାଝୀ କହିଛନ୍ତି । ପ୍ରକାଶଯୋଗ୍ୟ ଯେ ଗତ ୪ ତାରିଖ ଦିନ ଘୁମେର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ତିନି ଜଣ ଛାତ୍ର ସ୍କୁଲ ୟୁନିଫର୍ମ ପିନ୍ଧି ଗାଁର ଶେଷ ସୀମା ପଟକୁ ଏକ ଅଖା ବସ୍ତା ଧରି ଯାଉଥିଲେ ।ସେଠାରେ ଉପସ୍ଥିତ ଥିବା ଅଭିଭାବକ ଜଣକ ସନ୍ଦେହ କରି ଉକ୍ତ ଛାତ୍ରଙ୍କୁ ବସ୍ତାରେ କଣ ଅଛି ପଚାରିବାରୁ ବସ୍ତାରେ ଜିଅନ୍ତା ବିଲେଇ ଅଛି ଓ ପ୍ରଧାଶିକ୍ଷକ ଆମକୁ ଫିଙ୍ଗିବାକୁ କହିଥିବା କହିଥିଲେ ।ଉକ୍ତ ଘଟଣାକୁ ଅଭିଭାବକ ଜଣକ ଭିଡିଓ ଉତ୍ତୋଳନ କରିନେଇଥିଲେ । ତେବେ ପ୍ରଧାନଶିକ୍ଷକ ସୁଧାଂଶୁ ସେଠ ବେଆଇନ ଭାବେ କୋମଳ ମତି ଛାତ୍ରଙ୍କୁ ଶିକ୍ଷାଦାନ ବଦଳରେ ଜିଅନ୍ତା ବିଲେଇ ଫିଙ୍ଗାଇବା ଘଟଣା ଏକ ଦଣ୍ଡନୀୟ ଅପରାଧ ଅଟେ । ସମସ୍ତ ସ୍କୁଲ ଗୁଡିକୁ ସରକାର ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିଲେ ସୁଦ୍ଧା ପ୍ରଧାନଶିକ୍ଷକ ଜଣକ ସେହି ନିର୍ଦ୍ଦେଶକୁ ବେଖାତିର କରିଛନ୍ତି । ଏହି ଘଟଣାକୁ ନେଇ ଅଭିଭାବକ ଜଣକ ଗତ ୯ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଓଡ଼ିଶା ସରକାର, ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଓଡ଼ିଶା ସରକାର, ଜିଲ୍ଲାପାଳ ବଲାଙ୍ଗିର ଓ ଜିଲ୍ଲା ଶିକ୍ଷାଧିକାରୀ ବଲାଙ୍ଗିରଙ୍କୁ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପରେ ଏବିଇଓ ପାଟଣାଗଡ଼ ଘୁମେର ସ୍କୁଲକୁ ଆସି ତଦନ୍ତ କରିଥିଲେ । ତେବେ ପ୍ରଧାନଶିକ୍ଷକ ଜଣକ ଘଟଣାରୁ ବର୍ତ୍ତିବା ପାଇଁ ସ୍କୁଲ ରନ୍ଧାଣିଙ୍କ ଉପରେ ଦୋଷ ଦେଇ ଖସିଯିବାକୁ ଉଦ୍ୟମ କରୁଥିବା ଜଣାପଡ଼ିଛି । ତେବେ ବିଲେଇ ଫିଙ୍ଗା ଘଟଣାରେ ପ୍ରଧାନଶିକ୍ଷକ ସମ୍ପୂର୍ଣ୍ଣ ଭାବରେ ଦାୟୀ ଯେହେତୁ ତାଙ୍କ ଉପସ୍ଥିତିରେ ଛାତ୍ରମାନେ ବିଲେଇ ଫିଙ୍ଗି ଯାଇଛନ୍ତି ତେଣୁ ସେ ବର୍ତ୍ତିବା ପାଇଁ ଚେଷ୍ଟା କଲେ ବି ପାରିବେନି ବୋଲି ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ ନାଗ କହିଛନ୍ତି । ଅପରପକ୍ଷରେ ଅବିଭାବକ ଜଣକ ଘଟଣା ପରେ ସିଆରସିସି ମୀନକେତନ ମେହେରଙ୍କୁ ଅବଗତ କରିଥିଲେ ସୁଦ୍ଧା କାର୍ଯ୍ୟାନୁଷ୍ଠାନ ବଦଳରେ ଓଲଟା ଘଟଣାକୁ ଚପାଇବାକୁ ଉଦ୍ୟମ ସହ ପ୍ରଧାନଶିକ୍ଷକଙ୍କୁ ଘଣ୍ଟଘୋଡାଇବାକୁ ଚେଷ୍ଟା ଜାରି ରଖିଥିଲେ । ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱର ସହ ନେଇ ତଦନ୍ତ ପୂର୍ବକ ପ୍ରଧାନଶିକ୍ଷକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଘଟଣାକୁ ଚପାଇବାକୁ ଉଦ୍ୟମ କରିଥିବା ସିଆରସିସି ମୀନକେତନ ମେହେରଙ୍କ ବିରୋଧରେ ମଧ୍ୟ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପାଇଁ ଅବିଭାବକ ଜଣକ ଦାବି କରିଛନ୍ତି ।

### ଖପ୍ରାଖୋଲ ଅଞ୍ଚଳରେ ମନରେଗା ଅନିୟମିତତା

## ଦୁର୍ନୀତିଗ୍ରସ୍ତଙ୍କୁ ଘଣ୍ଟ ଗୋଡ଼ାଉଛି ପ୍ରଶାସନ

**ଖପ୍ରାଖୋଲ, ୧୭।୭ (ସମିସ):** ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ହେଉଥିବା ମନରେଗା ଯୋଜନାରେ ଅନିୟମିତତାକୁ ନେଇ ବାରମ୍ବାର ଖବର ପ୍ରସାରଣ ପରେ ମଧ୍ୟ ପ୍ରଶାସନ ନିରବ ରହି ଆସୁଥିବା ଦେଖିବାକୁ ମିଳୁଛି । ଦୁର୍ନୀତି ଗ୍ରସ୍ତ ଅଧିକାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନି ବରଂ ସେମାନଙ୍କୁ ଘଣ୍ଟ ଘୋଡାଉଛି ପ୍ରଶାସନ । ମନରେଗାରେ ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରି ଉପରିସ୍ଥ ଅଧିକାରୀ ମାନଙ୍କୁ ଧରି ନିଜକୁ ଖପ୍ରାଖୋଲ ବ୍ଲକ ଅଞ୍ଚଳରେ ଏକ ସଚ୍ଚୋଟ କର୍ମଚାରୀ ଭାବେ ନିଜକୁ ସଜାଉ ଥିବା ବେଳେ ଅନ୍ୟପଟରେ ହିତାଧୀକାରୀଙ୍କୁ ଭୂଆଁ ଯାଉଛି । ଖପ୍ରାଖୋଲ ବ୍ଲକ ମାଳପଡ଼ା ପଞ୍ଚାୟତର ଫୁଲଝର ଠାରୁ ଝଲିଆଲିଟି ମନରେଗା ଯୋଜନାରେ ହୋଇଥିବା କାମରେ ଲକ୍ଷାଧିକ ଟଙ୍କାର ହେରଫେର ହୋଇଥିବା ବେଳେ ଏହି ପଞ୍ଚାୟତର ଫୁଲଝର ଗୋଚର ଜମିରେ ହୋଇଥିବା ଟ୍ରେଞ୍ଚ ପରିବର୍ତ୍ତେ ଅନ୍ୟ କାମ କରି କରିତ କର୍ମା ଯନ୍ତ୍ରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନି । ସେହିପରି ମହରାପଦର ପଞ୍ଚାୟତରେ ମନରେଗା ଯୋଜନାରେ ହୋଇଥିବା ଅନିୟମିତତା କାହାକୁ ଅଛପା ନାହିଁ । ଆହୁରି ମଧ୍ୟ ଯେ ତେଲେନପାଲି ପଞ୍ଚାୟତର ଦୁଡୁକିପଦରରେ ହୋଇଥିବା ମନରେଗା ଯୋଜନାରେ ଅନିୟମିତତା କରିଥିବା ଯନ୍ତ୍ରୀ ଜଣକ ଉପରେ ପ୍ରଶାସନର ତାଗିତ ବି କରୁନାହାଁନ୍ତି । ଏଥିରୁ ଜଣାପଡୁଛି ଯେ ପ୍ରଶାସନ କରିତକର୍ମା ଯନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବାର ପ୍ରୟାସ କରୁଛି । ଯଦି ଅଧିକାରୀମାନେ ଦୁର୍ନୀତି ଗ୍ରସ୍ତ ହେବେ ତାହା ହେଲେ ସରକାରଙ୍କ ମନରେଗା ଭଳି ଯୋଜନାର ସଫଳ ରୂପାୟନ କିପରି ହେବ ବୋଲି ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି । ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କ ବିରୋଧରେ ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ଉଠୁଛି ।



## ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ପାଟଣାଗଡ଼ କଂଗ୍ରେସର ବନ୍ଦ ଡାକରା

**ପାଟଣାଗଡ଼, ୧୬।୭ (ସମିସ):** ବାଲେଶ୍ୱର ଫକୀର ମୋହନ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ପରେ ମୃତ୍ୟୁ ମାମଲାରେ କଂଗ୍ରେସ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡାକରା ଦିଆଯାଇଛି । କଂଗ୍ରେସ ସମେତ ପିସିଆଇ, ସିପିଆଇ(ଏମ), ସିପିଆଇ(ଏମଏଲଏ) ଲିବେରେସନ, ଅଲଇଣ୍ଡିଆଫରର୍ଡ ବ୍ଲକ, ଏମସିପି, ସମାଜବାଦୀ ପାର୍ଟି, ଆରଜେଡି ପ୍ରମୁଖ ଆଠଟି ରାଜନୈତିକ ଦଳ ବନ୍ଦ୍ ଡ଼ାକରାକୁ ସମର୍ଥନ କରିଛି । ଏହି ପରିପ୍ରେକ୍ଷୀରେ ଜାତୀୟ ପ୍ରଦେଶ କଂଗ୍ରେସ କମିଟି ରାଜ୍ୟ ସଭାପତି ଭକ୍ତ ଚରଣ ଦାସଙ୍କ ଆହ୍ୱାନକ୍ରମେ ପାଟଣାଗଡ଼ରେ ମଧ ବନ୍ଦ ଡ଼ାକରା ଦିଆଯାଇଛି । ଏନେଇ କଂଗ୍ରେସ ଜିଲ୍ଲା କନଭେନର ଅନିଲ ମେହେରଙ୍କ ଦ୍ୱାରା ସ୍ଥାନୀୟ ଡ଼ାକ ବଙ୍ଗଳାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ବିଜେପି ସରକାର ଆସିବା ଦିନ ଠାରୁ ବିଶେଷତଃ ନାରୀ, ଛାତ୍ରୀମାନେ ସୁରକ୍ଷିତ ନାହାନ୍ତି ବୋଲି ଅଭିଯୋଗ ଆଣିଛନ୍ତି । ଦୀର୍ଘ ଛଅ ମାସର ନ୍ୟାୟିକ ସଂଘର୍ଷ ପରେ ସୌମ୍ୟାଶ୍ରୀ ଗତ ୧୨ ତାରିଖ ମଧ୍ୟାହ୍ନରେ ପ୍ରିନ୍ସିପାଲଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆତ୍ମାହୁତି ଦେଇଛନ୍ତି । ଏହି ଘଟଣା ଆଜି ଓଡ଼ିଆକୁ କଳଙ୍କିତ କରିଛି । ରାଜ୍ୟ ସରକାରଙ୍କ ଚାପରେ ପ୍ରଶାସନିକ ଅଧିକାରୀମାନେ ବିଭିନ୍ନ କ୍ଷତ୍ର ରେ ନୀରବଦ୍ରଷ୍ଟା ସାଜୁଥିବା ଯୋଗୁଁ ଓଡ଼ିଶାରେ ଦିନକୁ ଦିନ ନାରୀମାନଙ୍କ ଉପରେ ଅତ୍ୟାଚାର ବୃଦ୍ଧି ପାଇବା ସହ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି । ଯାହାକି ଗଣତାନ୍ତ୍ରିକ ରାଷ୍ଟ୍ର ପାଇଁ ଆଦ୍ୟ ଶୁଭଙ୍କର ନୁହେଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି । ସରକାରଙ୍କୁ ଜାଗ୍ରତ କରିବା ପାଇଁ ଆସନ୍ତାକାଲି (ଗୁରୁବାର) ବନ୍ଦ ଡ଼ାକରାକୁ ସମର୍ଥନ କରିବା ପାଇଁ ଗଣମାଧ୍ୟମ ଜରିଆରେ ଜନସାଧାରଣଙ୍କ ସହ ବିଭିନ୍ନ ସଂଗଠନର ସହଯୋଗ ଲୋଡିବା ସହ ବିଭିନ୍ନ ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ, କାର୍ଯ୍ୟାଳୟ ବ୍ୟାଙ୍କ, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର, ଯାନବାହାନ ଚଳାଚଳ ବନ୍ଦ କରି ବନ୍ଦଡାକରାକୁ ସଫଳ କରାଇବାକୁ ଅନୁରୋଧ କରିଛନ୍ତି ।ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କନଭେନରଙ୍କ ସହ ପାଟଣାଗଡ଼ ବ୍ଲକ କଂଗ୍ରେସ ସଭାପତି ପତିତପାବନ ପ୍ରଧାନ ଉପସ୍ଥିତ ଥିଲେ ।



## ଏଆଇଡିଏସଓ ପକ୍ଷରୁ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି

**ବଲାଙ୍ଗିର, ୧୬।୭ (ସମିସ):** ଏଆଇଡିଏସଓ ରାଜ୍ୟ କମିଟି ଆହ୍ୱାନକ୍ରମେ ବଲାଙ୍ଗିର ଜିଲ୍ଲା କମିଟି ପକ୍ଷରୁ ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ ଏବଂ ସରକାରୀ ମହିଳା ମହାବିଦ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଏଫଏମ କଲେଜର ମୃତକ ଛାତ୍ରୀଙ୍କୁ ସେହି କଲେଜର ଜଣେ ଅଧ୍ୟାପକଙ୍କ ଦ୍ୱାରା ମାନସିକ ନିର୍ଯାତନା, ଅଶ୍ଳୀଳ ଇଙ୍ଗିତ କରିବା ଏବଂ ଏହି ଘଟଣା ସମ୍ପର୍କରେ ଛାତ୍ରୀ ଜଣଙ୍କ କଲେଜ କର୍ତ୍ତୃପକ୍ଷ, ପୁଲିସ ପ୍ରଶାସନ ଓ ଜନ ପ୍ରତିନିଧିଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ ସୃପୃକ୍ତ ଅଧପକ ଓ ଅଧକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା ତେଣୁ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଭଳି ଚରମ ପଦକ୍ଷେପ ନେବା ପାଇଁ ବାଧହେଲେ । ଯାହା ଫଳରେ ଗୁରୁତର ଅବସ୍ଥାରେ ଏମ୍‌ସ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ମୃତ୍ୟୁବରଣ କରିଥିଲେ । ରାଜ୍ୟରେ ଛାତ୍ରୀ ନିରାପତ୍ତା ନାହିଁ ଏବଂ ବାରମ୍ବାର ଏହିଭଳି ଘଟଣା ଘଟୁଥିଲେ ମଧ ସରକାର ନିରବଦ୍ରଷ୍ଟା ସାଜିଛନ୍ତି । ମୃତକ ଛାତ୍ରୀଙ୍କୁ ଆତ୍ମାହୁତି କରିବା ପାଇଁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବରେ ବାଧ କରିଥିବା ସମସ୍ତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କାରି ଦୃଷ୍ଟାନ୍ତମୂଳକ ଶାସ୍ତି ପ୍ରଦାନ କରିବା ସହ ମୃତକ ପରିବାର ବର୍ଗଙ୍କୁ ଅନୁକମ୍ପା ମୂଳ ରାଶି ପ୍ରଦାନ କରିବା ସହ ରାଜ୍ୟର ସମସ୍ତ ଶିକ୍ଷାନୁଷ୍ଠାନ ଛାତ୍ରୀମାନଙ୍କ ନିରାପତ୍ତା ସୁନିଶ୍ଚିତ କରିବା ପାଇଁ ଏଆଇଡିଏସଓ ପକ୍ଷରୁ ଦାବି କରାଯାଇଛି । ନଚେତ ଆଗାମୀ ଦିନରେ ଆନ୍ଦୋଳନ ତିବ୍ରତର ହେବ ବୋଲି ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି ।ସଭରେ ଏଆଇଡିଏସଓର ରାଜ୍ୟ ଉପସଭାପତି ସୁନୀଲ ଭୋଇ, ଜିଲ୍ଲା ସଭାପତି ମଧୁସୁଦନ ବାଗ, ଜିଲ୍ଲା ସମ୍ପାଦିକା ଗୌରୀ ରାଉତ, ଜିଲ୍ଲା ଉପସଭାନେତ୍ରୀ ଅହଲ୍ୟା ସାହୁଙ୍କ ସମେତ ଶତାଧିକ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ ।




## ବଙ୍ଗୋମୁଣ୍ଡା ସରପଞ୍ଚଙ୍କୁ ସାହାରା ଜମାକାରୀଙ୍କ ଦାବିପତ୍ର



**ବଙ୍ଗୋମୁଣ୍ଡା, ୧୬।୭ (ସମିସ):** ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ ଅଞ୍ଚଳର ସାହାରା ଜମାକାରୀମାନେ ଦୀର୍ଘ ବର୍ଷ ହେବ ସେମାନେ ତାଙ୍କ ଜମାଟଙ୍କା ନପାଇ ନିରାଶ ହୋଇଛନ୍ତି । ଏ ନେଇ ବୁଧବାର ବଙ୍ଗୋମୁଣ୍ଡା ସରପଞ୍ଚଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଅନେକ ଥର ସାହାରା ଜମାକାରୀ ଟଙ୍କା ପାଇବା ପାଇଁ ଦାବି କରି ଆସୁଥିଲେ ମଧ୍ୟ ସରକାର କୌଣସି ପ୍ରକାର ପଦକ୍ଷେପ ନିଆଯାଇ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଦୀର୍ଘ ବର୍ଷରୁ ବହୁ କଷ୍ଟରେ ଆଶା ରଖି ସାହାରାରେ ସଞ୍ଚୟ କରିଥିଲେ ଜମାକାରୀ । କିନ୍ତୁ ବର୍ଷ ପରେ ବର୍ଷ ବିତୁଛି ହେଲେ ଜମାକାରୀଙ୍କୁ ଟଙ୍କା ମିଳୁନଥିବାରୁ କ୍ଷୋଭ ପ୍ରକାଶ ପାଉଛି । ବୁଧବାର ବଙ୍ଗୋମୁଣ୍ଡା ଅଞ୍ଚଳର ଜମାକାରୀମାନେ ବଙ୍ଗୋମୁଣ୍ଡା ସରପଞ୍ଚ ଅଜିତ କୁମାର ଯୋଶୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି । ସରକାର ଆବଶ୍ୟକ ପଦକ୍ଷେପ ନ ନେଲେ ଆନ୍ଦୋଳନ କରିବା ପାଇଁ ଚେତାବନୀ ଦେଇଛନ୍ତି । ପରେ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟପନ୍ଥା ଉପରେ ଆଲୋଚନା କରାଯାଇଥିଲା । ଦାବିପତ୍ର ଦେବା ସମୟରେ ବହୁ ଜମାକାରୀ ସାମିଲ ହୋଇଥିଲେ ।

# ବିନା ବିକଳ୍ପରେ ରେଳ ଫାଟକ ବନ୍ଦ ଉଦ୍ୟମ

**ବଲାଙ୍ଗିର, ୧୬।୭ (ସମିସ)**

ବଲାଙ୍ଗିର ଜିଲ୍ଲା ଲୋଇସିଂହାରେ ରେଳ ବିଭାଗର ଦାଦାଗିରୀ । କୌଣସି ବିକଳ୍ପ ବ୍ୟବସ୍ଥା ନକରି ରେଳ ଫାଟକ ବନ୍ଦ କରିବାକୁ ବୁଧବାର ରେଳ ବିଭାଗ ଉଦ୍ୟମ କରିଥିବା ବେଳେ ଏହାକୁ ସ୍ଥାନୀୟ ଲୋକେ ଜୋରଦାର ପ୍ରତିବାଦ କରିଥିଲେ । ଶେଷରେ ରେଳ ବିଭାଗର ଅଧିକାରୀମାନେ ବିକଳ୍ପ ବ୍ୟବସ୍ଥା କରିବା ନେଇ ନିଷ୍ପତ୍ତି ହେବା ପରେ ଫାଟକ ବନ୍ଦ କରିବାକୁ କହିଥିବା ଜଣାପଡ଼ିଛି । ତେବେ ଫାଟକ ବନ୍ଦ କରିବା ପାଇଁ ଜିଲ୍ଲା ପ୍ରଶାସନ ସବୁଜ ସଙ୍କେତ ଦେଇଥିବା ବେଳେ ବିନା କୌଣସି ଲୋକଙ୍କ ସହ ଆଲୋଚନା ଓ ବିକଳ୍ପ ବ୍ୟବସ୍ଥା ନକରି ବନ୍ଦ କରିବା ପାଇଁ ରେଳ ବିଭାଗକୁ କିଭଳି ସମ୍ମତି ପ୍ରଦାନ କରିଥିଲେ ତାକୁ ନେଇ ଏବେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଚାରିଛକ ଠାରୁ ବସ୍ତିକୁ ଯାଉଥିବା ରାସ୍ତାରେ ରହିଛି ରେଳ ଫାଟକ ନଂ ଜେଟି-୮୬ । ଯାହାକୁ ବନ୍ଦ କରିବା ପାଇଁ ରେଳ ବିଭାଗ ନିଷ୍ପତ୍ତି ନେଇଛି । ତେବେ ଲୋକଙ୍କ ସ୍ୱାର୍ଥ୍ୟକୁ ଗୁରୁତ୍ୱ ନଦେଇ କୌଣସି ବିକଳ୍ପ ବ୍ୟବସ୍ଥା ନକରି ତରବରିଆ ଭାବେ ବୁଧବାର ଏହାକୁ ବନ୍ଦ କରିବାକୁ ଉଦ୍ୟମ ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ । ବୁଧବାର ସକାଳୁ ରେଳ ବିଭାଗ ଅଧିକାରୀ, ତହସିଲଦାର, ଆରପିଏଫ ଫୋର୍ସ ଓ ଲୋଇସିଂହା ପୁଲିସର ଉପସ୍ଥିତିରେ ଉକ୍ତ ଫାଟକକୁ ବନ୍ଦ କରିବା ପାଇଁ ଉଦ୍ୟମ କରିଥିଲେ । କିନ୍ତୁ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ । ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ଦୀଲିପ କୁମାର ବେହେରା, ବିଜେପି ନେତା ଭୂତନାଥ ନାଏକ ପ୍ରମୁଖ ରେଳ ବିଭାଗର ଅଧିକାରୀଙ୍କ ସହ ଏନେଇ ଆଲୋଚନା କରିଥିଲେ । ସ୍ଥାନୀୟ ଲୋକଙ୍କ କହିବା ମୁତାବକ ଗେଟ ବନ୍ଦ କରିବା ପୂର୍ବରୁ ଯାତାୟାତ କରିବା ପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉ । ଏହି ରାସ୍ତାରେ ପ୍ରତିଦିନ ବସ୍ତି ବାସିନ୍ଦା ଯାତାୟାତ କରୁଥିବା ବେଳେ ବ୍ୟାଙ୍କ, ସ୍କୁଲ, କଲେଜ, ଅଫିସ ଆସିବା ପାଇଁ ଏହି ରାସ୍ତା ହିଁ ବ୍ୟବହୃତ ହେଉଛି ବୋଲି ଲୋକେ କହିଥିଲେ । ଏପରିକି ସ୍ଥାନୀୟ ବସ୍ତିର ମହିଳା, କୁନି ଛାତ୍ରଛାତ୍ରୀମାନେ ମଧ୍ୟ ଆସି ତାଙ୍କ ଅସୁବିଧା ରେଳ ବିଭାଗ ଅଧିକାରୀଙ୍କୁ ଜଣାଇଥିଲେ । ଦୀର୍ଘ ସମୟ ଆଲୋଚନା କରିବା ପରେ ରେଳ ବିଭାଗର ଅଧିକାରୀ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଥିବା ଜଣାପଡ଼ିଛି । ଏନେଇ ଆସନ୍ତା ସପ୍ତାହେ ଭିତରେ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ପରେ ଫାଟକ ବନ୍ଦ କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଜଣାପଡ଼ିଥିଲା । ତେବେ ବର୍ତ୍ତମାନ ସମୟରେ ଜିଲ୍ଲା ପ୍ରଶାସନର ଭୂମିକାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି । ରେଳ ବିଭାଗ ଅନୁସାରେ ଫାଟକ ବନ୍ଦ କରିବା ଓ ନିକଟରେ ଏକ ବିକଳ୍ପ ବ୍ୟବସ୍ଥା ଥିବା ରାଜସ୍ୱ ବିଭାଗ ଅଧିକାରୀ ରିପୋର୍ଟ ପ୍ରଦାନ କରିବା ପରେ ହିଁ ଏହି ନିଷ୍ପତ୍ତି ନିଆଯାଇଥାଏ । ଏହି ଘଟଣାରେ ମଧ୍ୟ ଜିଲ୍ଲା ପ୍ରଶାସନ ସମାନ ରିପୋର୍ଟ ପ୍ରଦାନ କରିଛନ୍ତି । ଅସଲରେ କିନ୍ତୁ ଏନେଇ ନା କୌଣସି ତଦାରଖ କରାଯାଇଥିଲା ନା ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରାଯାଇଥିଲା । ଯଦି ଆଲୋଚନା କରାଯାଇଥିଲା ତେବେ ଫାଟକ ବନ୍ଦ ପୂର୍ବରୁ କାହିଁକି ବିକଳ୍ପ ବ୍ୟବସ୍ଥା କରାଯାଇନଥିଲା । ଓ ଠିକ ପ୍ରତିବାଦ ହେବା ପରେ ଲୋକଙ୍କ ସହ ଆଲୋଚନା କରିବାକୁ ପ୍ରଶାସନ କାହିଁକି ନିଷ୍ପତ୍ତି ନେଇଥିଲା ବୋଲି ଲୋକେ ପ୍ରଶ୍ନ ଉଠାଇଛନ୍ତି । ଏହା ହିଁ ପ୍ରଶାସନର ଅଣଦେଖା ମନୋଭାବକୁ ସ୍ପଷ୍ଟ କରୁଛି ବୋଲି କଂଗ୍ରେସ ନେତା ଦୀଲିପ ବେହେରା କହିଛନ୍ତି । ଲୋକଙ୍କ ସୁବିଧାକୁ ଅଣଦେଖା କରି ରେଳ ବିଭାଗ ଦାଦାଗିରୀ ଚଳାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କାରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା । ତେବେ ଏନେଇ କେବେ ବୈଠକ ହେବ ଓ ଉକ୍ତ ବୈଠକରେ କି ନିଷ୍ପତ୍ତି ନିଆଯିବ ତାହା ଉପରେ ସମସ୍ତଙ୍କ ନଜର ରହିଛି ।





**ସପ୍ତାହେ ଭିତରେ ଆଲୋଚନା, ପରେ ପ୍ରକ୍ରିୟା ଆରମ୍ଭ କରିବାକୁ ନିଷ୍ପତ୍ତି**
**ପ୍ରତିବାଦ ପରେ ସ୍ଥଗିତ**

ଏଫ୍ଏମ୍ ଛାତ୍ରୀ ମୃତ୍ୟୁ ଘଟଣା

# ବିଜେଡିର ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ










ବାଲେଶ୍ୱର,୧୬ ।୭ (ସମିସ)

ଏଫ୍ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାରେ ନ୍ୟାୟିକ ତଦନ୍ତ ଦାବି କରି ପୂର୍ବତନ ସାଂସଦ ଇଂ. ରବୀନ୍ଦ୍ର କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆଜି ୮ ଘଣ୍ଟିଆ ବାଲେଶ୍ୱର ବନ୍ଦ ପାଳନ କରାଯାଇଛି । ଏହି ବନ୍ଦ ସମ୍ପୂର୍ଣ୍ଣ ଭାବେ ସଫଳ ହୋଇଛି । ଯେ ପର୍ଯ୍ୟନ୍ତ ସମସ୍ତଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବ ସେ ପର୍ଯ୍ୟନ୍ତ ଏହି ଆନ୍ଦୋଳନ ଜାରି ରହିବ ବୋଲି ଶ୍ରୀ ଜେନା କହିଥିଲେ ।

ସକାଳ ୬ଟାରେ ବିଜେଡି କର୍ମୀମାନେ ପ୍ରଥମେ ସହରର ଷ୍ଟେସନ ଛକରେ ରାସ୍ତା ଅବରୋଧ କରି ରାଜ୍ୟ ସରକାର ବିରୋଧରେ ନାରାବାଜି କରିବା ସହ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ପରେ କର୍ମୀମାନେ ରେଲଷ୍ଟେସନର ଏକ ନମ୍ବର ପ୍ଲାଟଫର୍ମରେ ହରତାଳ କରିଥିଲେ । ଛାତ୍ର ବିଜେଡି ସଭାପତି ସୀମନ ଦାସମହାପାତ୍ରଙ୍କ ନେତୃତ୍ୱରେ ଏକ ବାଇକ ଶୋଭାଯାତ୍ରା ଷ୍ଟେସନ ଛକ ଠାରୁ ଆରମ୍ଭ ହୋଇଥିଲା । ଏହି ଶୋଭାଯାତ୍ରା ସମୟରେ ସେମାନେ ଫକୀରମୋହନ ଗୋଲେଇ ଠାରେ ଥିବା ବ୍ୟାଙ୍କ ଗୁଡିକୁ ବନ୍ଦ କରିଥିଲେ । ପରେ ସେମାନେ ବିଏସଏନଏଲ କାର୍ଯ୍ୟାଳୟକୁ ଯାଇ ସେଠାରେ କାର୍ଯ୍ୟରତ କର୍ମଚାରୀଙ୍କୁ କାର୍ଯ୍ୟାଳୟକୁ ବନ୍ଦ କରିବା ପାଇଁ କହି ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ପରେ ସେମାନେ ସେଠାରୁ ଜିଲ୍ଲା ଦୌରାଜଜଙ୍କ କାର୍ଯ୍ୟାଳୟ ସମ୍ମୁଖକୁ ଯାଇ ଜଜମାନଙ୍କୁ କାର୍ଯ୍ୟକ୍ଷେତ୍ରକୁ ନ ଯିବାକୁ ଅନୁରୋଧ କରିଥିଲେ । ପରେ ଫାଣ୍ଡିଛକରେ ଖୋଲାଥିବା ଦୋକାନ ବଜାର ବନ୍ଦ କରାଇବା ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲେ । ଏହି ସମୟରେ କାର୍ଯ୍ୟାଳୟକୁ ଅତିରିକ୍ତ ଜିଲ୍ଲାପାଳ ଆସୁଥିବା ବେଳେ ତାଙ୍କୁ ସେଠାରେ ଅଟକାଇ କାର୍ଯ୍ୟାଳୟକୁ ନ ଯିବାକୁ ଅନୁରୋଧ କରିଥିଲେ । ବିଜେଡି କର୍ମୀମାନେ ସହର ପରିକ୍ରମା କରି ସମସ୍ତ ଦୋକାନ ବଜାର ବନ୍ଦ କରାଇବା ସହ ଶିକ୍ଷାନୁଷ୍ଠାନ ଗୁଡିକୁ ମଧ୍ୟ ବନ୍ଦ କରିଥିଲେ । ବନ୍ଦ ସମୟରେ ବସଷ୍ଟାଣ୍ଡରୁ ଗୋଟିଏ ବି ବସ ଗଡିନଥିଲା । ହେଲେ ପାଖାପାଖି ୧୨ଟା୩୦ମିନିଟ ସମୟରେ ବନଦୁର୍ଗା ନାମକ ଏକ ଯାତ୍ରୀବାହୀ ବସ ଯାତ୍ରୀ ନେଇ ଯାଉଥିବା ବେଳେ ସେଠାରେ ତାଙ୍କୁ ଅଟକାଇଥିଲେ । ଆନ୍ଦୋଳନ ସମୟରେ ବଜାରଘାଟ ଠାରୁ ଆରମ୍ଭ କରି ସ୍କୁଲ କଲେଜ ସବୁ ବନ୍ଦ ରହିଥିଲା । ଜାତୀୟ ରାଜପଥରେ ମଧ୍ୟ ଯାତାୟାତ କରୁଥିବା ଗାଡିକୁ ଗୁଡିକୁ ମଧ୍ୟ ବନ୍ଦ କରାଯାଇଥିଲା ।

କୁରୁଡା ଠାରେ ମଧ୍ୟ ବିଜେଡି କର୍ମୀମାନେ ପ୍ରତିବାଦ କରିବା ସହ ବନ୍ଦ କରିଥିଲେ । ଅନ୍ୟପଟେ ଷ୍ଟେସନ ଛକରେ ଆନ୍ଦୋଳନ ଚାଲୁଥିବା ବେଳେ ଉପଜିଲ୍ଲାପାଳ ଆସୁଥିଲେ । ଏହି ସମୟରେ ବିଜେଡି କର୍ମୀମାନେ ଉପଜିଲ୍ଲାପାଳ ମଧୁସ୍ମିତା ସାମନ୍ତରାୟଙ୍କ ନିକଟକୁ ଯାଇ ତାଙ୍କୁ ଅଟକାଇବା ସହ ଗାଡି ଆଗରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିଥିଲେ । ଆନ୍ଦୋଳନକାରୀ ଗାଡି ନଛାଡିବାରୁ ବାଧ ହୋଇ ଉପଜିଲ୍ଲାପାଳ କିଛି ବାଟ ଚାଲିଚାଲି ଯାଇଥିବା ଦେଖିବାକୁ ମିଳିଥିଲା । ଏହି ଆନ୍ଦୋଳନରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୌରପରିଷଦ ଅଧ୍ୟକ୍ଷା ସବିତା ସାହୁ, ସଦର ବ୍ଲକ ଅଧ୍ୟକ୍ଷା ସୁନୀତା ବେହେରା, ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ବିଜେଡି ସଭାପତି ସିମନ ଦାସ ମହାପାତ୍ର, ବିଜେଡ଼ି ନେତା ବରଦା ପ୍ରସନ୍ନ ପଟ୍ଟନାୟକ, ଶାନ୍ତନୁ ଦାସ, ସୂର୍ଯ୍ୟକାନ୍ତ କର, ଶକ୍ତିପଦ ରାୟ, ଅନିରୁଦ୍ଧ ପ୍ରଧାନ, ଅମିତ ନାୟକ, ଭାଗବତ ସାହୁ, ଦେବାଶିଷ ସିଂ, ସଞ୍ଜୀବ ଦାସ, ଅଜୟ ସାମଲ, ଘନଶ୍ୟାମ ଗିରି, ଜୟରାମ ଦାସ, ତାପସ ପାଣିଗ୍ରାହୀ, ଗୌର ମଲ୍ଲିକ, ହେମନ୍ତ ମହାନ୍ତି, ଶ୍ରୀମନ୍ତ ମାଝୀ, ମୃତ୍ୟୁଞ୍ଜୟ ବେହେରା, ଶୁଭ ଜେନା, ରଞ୍ଜିତା ମହାପାତ୍ର, ରୋଜି ପଟ୍ଟନାୟକ, ଆଶ୍ରିତା ତରାଇ, ମିନତି ସେଠୀ, ସଲିମା ବିବି, ପ୍ରୀତିଲତା ସେଠୀ, ସୋନାଲି ସାହା, ଜୟନ୍ତୀ ଦତ୍ତ, ଶୁଭମ ସାଇ ମହାପାତ୍ର, ଓମ ପ୍ରକାଶ ମହାପାତ୍ର, ସିମନ ସାମଲ, ସୁଶୀଲ ପଣ୍ଡାଙ୍କ ସମେତ ବହୁ ବିଜେଡ଼ି ନେତା ଉପସ୍ଥିତ ଥିଲେ । ଆଇନ ଶୃଙ୍ଖଳା ପାଇଁ ମୋଟ ଜିଲ୍ଲାରେ୧୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା ସେଥିମଧ୍ୟରୁ ସହରରେ୯ ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ ।

**ରେମୁଣା :** ରେମୁଣା ବିଧାୟିକା ପ୍ରାର୍ଥୀ ବିଦ୍ୟାସ୍ମିତା ମହାଲିକଙ୍କ ନେତୃତ୍ୱରେ ରେମୁଣା ବ୍ଲକ ସଭାପତି ମନୋରଞ୍ଜନ ରାଉତ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ରାଉତ ଏବଂ ସଧାରଣ ସମ୍ପାଦକ କିଶୋର ମିଶ୍ରଙ୍କ ସହଯୋଗରେ ଆନ୍ଦୋଳନ କରାଯାଇଥିଲା । ବିଜୁ ଜନତା ଦଳର ସମର୍ଥିତ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲାପରିଷଦ ଏବଂ ପ୍ରତ୍ୟେକ ପଞ୍ଚାୟତ ତଥା ଏନଏସିର ନେତୃବୃନ୍ଦମାନଙ୍କୁ ନେଇ ରେମୁଣା ମନ୍ଦିର ଛକ, ହାତିଆଗଣ୍ଡ ଛକ, ଇମାମି ଛକ, ଗୋଲେଇ, ସମସ୍ତ ଶିଳ୍ପ କେନ୍ଦ୍ର, ଫକୀରମୋହନ ବିଶ୍ୱବିଦ୍ୟାଳୟ ସମେତ ସମସ୍ତ ସରକାରୀ ବେସରକାରୀ ଅନୁଷ୍ଠାଗୁଡିକୁ ୮ ଘଣ୍ଟିଆ ବନ୍ଦ କରାଯାଇଥିଲା ।










ବରିଷ୍ଠ ବିଜେଡି ନେତାଙ୍କୁ ପୁଲିସର ବର୍ବର କାଣ୍ଡକୁ ସଦର ବିଜେଡିର ନିନ୍ଦା

## ରାଜ୍ୟ ସରକାରଙ୍କ ବିରୋଧରେ ପ୍ରତିବାଦ ଶୋଭାଯାତ୍ରା

ବାଲେଶ୍ୱର,୧୬ ।୭ (ସମିସ): ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁକୁ ନେଇ ଆଜି ବିଜେଡି ପକ୍ଷରୁ ବାଲେଶ୍ୱର ବନ୍ଦ ପାଳନ କରାଯାଉଥିବା ବେଳେ ଭୁବନେଶ୍ୱରର ଲୋୟର ପିଏମଜିଠାରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ସଭା ହେଉଥିଲା । ବିଜେଡି କର୍ମୀମାନେ ଲୋକସେବା ଭବନ ଆଡକୁ ପ୍ରତିବାଦ କରିବା ପାଇଁ ଆସୁଥିବାବେଳେ ପୁଲିସ ବିଜେଡି କର୍ମୀମାନଙ୍କ ଉପରକୁ ପାଣିମାଡ କରିବା ସହ ଟିୟର ଗ୍ୟାସ ଓ ରବର ବୁଲେଟ ମାଡ କରିଥିଲା । ଏଥିରେ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପୂର୍ବତନ ବିଧାୟକ ପ୍ରୀତିରଞ୍ଜନ ଘଡେଇ, ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ରାଜ୍ୟସଭା ସାଂସଦ ସୁଲତା ଦେଓଙ୍କ ସମେତ ଅନ୍ୟମାନେ ଆହତ ହୋଇଥିଲେ । ଏହାକୁ ପ୍ରତିବାଦ କରି ଆଜି ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ପୂର୍ବତନ ବିଧାୟକ ସ୍ୱରୂପ ଦାସଙ୍କ ନେତୃତ୍ୱରେ ଫକୀରମୋହନ ଗୋଲେଇ ଠାରୁ ଏକ ଶୋଭାଯାତ୍ରା ଫାଣ୍ଡିଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ବିଜୁ ବାବୁଙ୍କ ପ୍ରତିମୂର୍ତି ନିକଟରେ ପ୍ରତିବାଦ କରାଯାଇଥିଲା । ଏ ନେଇ ପୂର୍ବତନ ବିଧାୟକ ଶ୍ରୀ ଦାସ କହିଛନ୍ତି ଯେ, ଗତତନ୍ତ୍ର ହତ୍ୟାକାରୀ ବିଜେପି ସରକାର ଓଡ଼ିଶାରେ ଏକ ପ୍ରକାର ଗୁଣ୍ଡାରାଜ ଚଳାଇଛନ୍ତି । ଏଇ ଏକ ବର୍ଷ ମଧ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଥିବା ବେଳେ ନାରୀ ନିର୍ଯ୍ୟାତନା ଅହେତୁକ ମାତ୍ରାରେ ବୃଦ୍ଧି ପାଇଛି । ତେବେ ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ଜଣଙ୍କ ସେଇ ନିର୍ଯ୍ୟାତନାର ଶିକାର ହୋଇ ଶେଷରେ ମୃତ୍ୟୁବରଣ କରିଛନ୍ତି । ଏହାକୁ ବିରୋଧ କରି ଆଜି ଭୁବନେଶ୍ୱର ଠାରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଥିଲା । ହେଲେ ବିଜେଡି କର୍ମୀମାନଙ୍କୁ ଲୋକସେବା ଭବନ ଘେରାଉ କରିବା ପୂର୍ବରୁ ପୁଲିସ ପକ୍ଷରୁ ପାଣିମାଡ ସହ ଟିୟର ଗ୍ୟାସ, ରବର ବୁଲେଟ ମାଡ କରାଯାଇଥିଲା ଯାହାକି ଅତ୍ୟନ୍ତ ନିନ୍ଦନୀୟ । ଏହି ପ୍ରତିବାଦ ଶୋଭାଯାତ୍ରାରେ ପୂର୍ବତନ ପୌରପରିଷଦ ଉପାଧ୍ୟକ୍ଷ ମନୋଜ ରାଉତ, ପୌରପରିଷଦ ଉପାଧ୍ୟକ୍ଷ କୈଳାସ ସେଠୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, କାଉନସିଲର ମୀନା ମହାନ୍ତି, ସନ୍ଧ୍ୟାରାଣୀ ଜେନା, କାର୍ତିକ ସାହୁ, ସବିତାରାଣୀ ଦାସ, ଶଶିରେଖା ମହାନ୍ତି, ଶୋଭା ମହାପାତ୍ର, ମିର୍ଜା ବାନୋ, କବିତା ମୁର୍ମୁ, ଆୟୁବ ଖାଁଙ୍କ ସମେତ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ ।







## ଜିଲ୍ଲାପାଳଙ୍କୁ ଭେଟିଲା ଆପ୍‌ର ୫ଜଣିଆ ଟିମ୍



ବାଲେଶ୍ୱର,୧୬ ।୭ (ସମିସ): ଆଜି ଆପ ଦଳ ପକ୍ଷରୁ ଏକ ୫ଜଣିଆ ଟିମ ଜିଲ୍ଲାପାଳଙ୍କୁ ଭେଟି ଫକୀରମୋହନ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାର ବିଭିନ୍ନ ଦାବି ଉପସ୍ଥାପନ କରାଯାଇଥିଲା । ମହାବିଦ୍ୟାଳୟରେ ପୂର୍ବତନ ଅଧ୍ୟକ୍ଷ କରିଥିବା ଆଇସିସି କମିଟିରେ ଥିବା ପ୍ରତ୍ୟେକ ମେମ୍ବର ଏବଂ ଆଉ ଯେଉଁ ଛାତ୍ରମାନଙ୍କୁ ତଦନ୍ତରେ ପରିସରଭୁକ୍ତ କରାଯାଇଥିଲା ତାହା ସହ ଯେଉଁଛାତ୍ରମାନେ ଏହି ରିପୋର୍ଟରେ ଦସ୍ତଖତ କରିଥିଲେ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି । ଏବଂ ଏହାସହ ଏବିଭିପିର ଭୂମିକାକୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯିବାର ଆବଶ୍ୟକତା ରହିଛି ବୋଲି ଦାବି କରାଯାଇଛି । ଏହାବ୍ୟତିତ ଏହି କ୍ଷେତ୍ରରେ ସାଂସଦଙ୍କ ଭୂମିକା ବେଶ ସନ୍ଦେହ ପୂର୍ଣ୍ଣ ରହିଛି । ତାଙ୍କୁ ଉକ୍ତ ଛାତ୍ରୀ ଜଣଙ୍କ ଅବଗତ କରାଇଥିଲେ ସୁଦ୍ଧା ସେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣକଲେ ନାହିଁ । ଏପରିକି ଯିଏ ବିଜେପି ଦଳର ଏକ ଶାଖା ସଂଘ ଏବିଭିପିର ଜଣେ କାର୍ଯ୍ୟକର୍ତା ତଥା ଛାତ୍ରୀଙ୍କୁ ନ୍ୟାୟ ଦେଇପାରିଲେ ନାହିଁ ଏବଂ ପରୋକ୍ଷରେ ତାଙ୍କ ମୃତ୍ୟୁ ମୁଖକୁ ଠେଲିଦିଆଗଲା ସେ ସ୍ଥାନରେ ସେ ସାଧାରଣ ଜନତାଙ୍କୁ କିପରି ଭାବେ ନ୍ୟାୟ ପ୍ରଦାନ କରିବେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ବୋଲି କୁହାଯାଇଛି । ଏହା ବ୍ୟତିତ ସାଂସଦ ନିଜର ଅପାରଗତାକୁ ଲୁଚାଇବାକୁ ଯାଇ ନିଜର ଭାଷା ସଂଯମତାକୁ ଭୁଲିଯାଇ ବିନା ଦ୍ୱିଧାରେ କିଏ ମର୍ଦ ଅଛି ଆସୁ ମୋ ସାଙ୍ଗରେ ବିତର୍କ କରିବ ବୋଲି ଗଣମାଧ୍ୟମକୁ କହୁଛନ୍ତି ତାଠାରୁ ଅଧିକ ଲଜ୍ୟାକର ବିଷୟ ଆଉ କିଛି ନାହିଁ ବୋଲି ଆପ ପକ୍ଷରୁ କୁହାଯାଇଛି । ଏଣୁ ସାଂସଦ ନୈତିକତା ଦୃଷ୍ଟିରୁ ଇସ୍ତଫା ଦେବାକୁ ଦାବି କରାଯାଇଛି । ଏହି ସମୟରେ ସରୋଜ ରାଉଳ, ନିକୁଞ୍ଜ ମହାନ୍ତି, ଗଜେନ୍ଦ୍ର ପରିଡା, ଅମୀୟ ମହାନ୍ତି, ସଞ୍ଜୀବ ବେହେରା, ଯୁଧିଷ୍ଠିର ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।

### ୪୧ ବର୍ଷ ବିତିଲା ସାମାଜିକ ବନ ପ୍ରକଳ୍ପ ଯୋଜନା

# ସଜଡ଼ା ପରିବର୍ତ୍ତେ ଉଜୁଡ଼ି ଯାଉଛି ଗ୍ରାମ୍ୟ ଜଙ୍ଗଲ

ବନ୍ତ/ଆଗରପଡ଼ା,୧୬।୭(ସମିସ)



ଜନସଂଖ୍ୟା ବୃଦ୍ଧି, ରାସ୍ତା ଓ ଅଟ୍ଟାଳିକା ନିର୍ମାଣ ଆଳରେ ଗ୍ରାମାଞ୍ଚଳରେ ଥିବା ଦୀର୍ଘ ବର୍ଷର ସବୁଜ ଘଞ୍ଚ ବନାନୀ ଧୀରେ ଧୀରେ ବିଲୁପ୍ତ ହେବାକୁ ବସିଛି। ଫଳରେ ବହୁ ସମୟରେ ପ୍ରାକୃତିକ ଦୁର୍ବିପାକ ଘଟୁଛି। ସେହିପରି ରାସ୍ତା ସଂପ୍ରସାରଣ ଯୋଗୁଁ ଶହଶହ ବୃକ୍ଷ କଟାଯାଉଛି। ଅପରପକ୍ଷରେ ପ୍ରଶାସନ ଓ ବନ ବିଭାଗର କୌଣସି ଅଙ୍କୁଶ ନ ଥିବାରୁ ପ୍ରତିଦିନ ଅବାଧରେ ବେଆଇନ ଭାବରେ ଗଛ କଟା ଚାଲିଛି; ଯାହାକୁ ନେଇ ପରିବେଶବିତ ଉଦ୍‌ବେଗ ପ୍ରକାଶ କରୁଛନ୍ତି। ଗ୍ରାମାଞ୍ଚଳରେ ସୁସ୍ଥ ପରିବେଶ ସୃଷ୍ଟି ଓ ଜନସାଧାରଣଙ୍କ ନାନାବିଧ ସମସ୍ୟାର ସମାଧାନ ପାଇଁ ସରକାର ୧୯୮୪ ମସିହାରେ ସାମାଜିକ ବନ ପ୍ରକଳ୍ପକୁ କାର୍ଯ୍ୟକାରୀ କରିଥିଲେ। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଗ୍ରାମାଞ୍ଚଳରେ ଥିବା ବିଭିନ୍ନ ଖୋଲା ସ୍ଥାନରେ ନୂତନ ଘଞ୍ଚ ଜଙ୍ଗଲ ସୃଷ୍ଟି କରି ସବୁଜ ବନାନୀ ସୃଷ୍ଟି କରିବା ଏବଂ .ଷୀଙ୍କୁ ଉତ୍ସାହିତ କରିବା। ଏଥିସହ ଏହାକୁ ରକ୍ଷଣା ବେକ୍ଷଣ କରି ସୁସ୍ଥ ପରିବେଶ ପ୍ରତି ଜନସଚେତନତା ସୃଷ୍ଟି କରାଇବା। ଯଦ୍ଦ୍ୱାରା ଗ୍ରାମାଞ୍ଚଳରେଞ୍ଚବସବାସ କରୁଥିବା ଲୋକଙ୍କ ଆୟ ବୃଦ୍ଧି ହେବା ସହ ଜଙ୍ଗଲଜାତ ଦ୍ରବ୍ୟ ସଂପର୍କରେ ସଚେତନ ହୋଇ ଏହାକୁ ସୁଚାରୁରୂପେ ବିକ୍ରୟକରି ଆତ୍ମନିର୍ଭରଶୀଳ ହୋଇପାରିବେ। ଏଥିପାଇଁ ପଡିଆ ଜମି, ରାସ୍ତା କଡ ଆଦିରେ ବୃକ୍ଷରୋପଣ ପାଇଁ ସରକାରଙ୍କ ତରଫରୁ ଚାରା ରୋପଣ ସହ ଏହାର ଉପଯୁକ୍ତ ରକ୍ଷଣା ବେକ୍ଷଣ ପାଇଁ ଲୋକଙ୍କୁ ପ୍ରଶିକ୍ଷଣ ଦିଆଯିବାର ବ୍ୟବସ୍ଥା ହୋଇଥିଲା। ଏହାକୁ ଗୁରୁତ୍ୱ ଦେବାପାଇଁ ପ୍ରତି ପଂଚାୟତରେ ବନ କମିଟି ଗଠନ କରାଯାଇ ଗ୍ରାମାଂଚଳର ବ୍ୟକ୍ତି ବିଶେଷଙ୍କୁ ଏହାର ଦାୟିତ୍ୱ ଅର୍ପଣ କରା ଯିବାର ବ୍ୟବସ୍ଥା କରାଯାଇଥିଲା। ଏହା ଏକ ଅତ୍ୟନ୍ତ ସ୍ୱାଗତ ଯୋଗ୍ୟ ଯୋଜନା ହୋଇଥିବା ବେଳେ ଯୋଜନାକୁ ୪୧ବର୍ଷ ବିତିବାକୁ ବସିଥିଲେ ସୁଦ୍ଧା ବନ୍ତ ବ୍ଲକରେ ଏହାର ସୁଫଳ ମିଳିପାରିନାହିଁ। ତେଣୁ ଏହାର ସଫଳ ରୂପାୟନ ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ବ୍ଲକର ବିଭିନ୍ନ ଖୋଲା ସ୍ଥାନରେ ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପନ୍ନ ସହ ଏହାର ରୋପଣ କରିବାପାଇଁ ଦାବି ହେଉଛି। କେତେକ ସ୍ଥାନରେ ବହୁ ବର୍ଷ ପୂର୍ବେ ରାସ୍ତା ପାଶ୍ୱର୍ ଓ କେନାଲ ବନ୍ଧ ସହ ଗ୍ରାମାଂଚଳରେ ସୃଷ୍ଟି ହୋଇଥିବା ଗ୍ରାମ୍ୟ ଜଙ୍ଗଲରେ ରୋପଣ କରାଯାଇଥିବା ବୃକ୍ଷର ଉପଯୁକ୍ତ ଯତ୍ନ ନିଆନଯିବାରୁ ତାହା ଦିନକୁ ଦିନ ନଷ୍ଟ ହେବାକୁ ବସୁଛି । ଅନ୍ୟପକ୍ଷରେ ମଧ୍ୟ କିଛି ବର୍ଷ ପୂର୍ବେ ବିଭିନ୍ନ ପଂଚାୟତରେ ଥିବା ବିଦ୍ୟାଳୟ ମାନଙ୍କରେ ଫଳ ବୃକ୍ଷମାନ ରୋପଣ କରାଯାଇଥିଲେ ମଧ୍ୟ ଏହାର ଉପଯୁକ୍ତ ଯତ୍ନ ନିଆଯାଇନଥିବାରୁ ଗୋଟିଏକି ଫଳ ଚାରା ନଥିବାର ଦେଖାଯାଇଛି। ବର୍ତମାନ ସରକାରୀ ଜାଗାକୁ ବହୁ ବ୍ୟକ୍ତି ଜବରଦଖଲ ନିଜ ଅଧିନରେ ରଖି ତାହା ଉପରେ ବାସଗୃହ ନିର୍ମାଣ କରିବାରେ ଲାଗିଛନ୍ତି । ଫଳରେ ସରକାରୀ ଜମି ଦିନକୁ ଦିନ ଲୋପ ପାଇବାରେ ଲାଗିଛି। ତେଣୁ ଆଗାମୀ ଦିନରେ ବିପଦ ଆସିବା ପୂର୍ବରୁ ସତର୍କତା ଅବଲମ୍ବନ ପାଇଁ ପ୍ରତ୍ୟେକ ବ୍ଲକରେ ସମାଜିକ ବନ୍ୟ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ଜଙ୍ଗଲ ବିଭାଗ ପକ୍ଷରୁ ଚାରା ଉତ୍ପାଦନ କେନ୍ଦ୍ରମାନ ନିର୍ମାଣ କରି ଫାଙ୍କା ସ୍ଥାନ ମାନଙ୍କରେ ଚାରା ରୋପଣ କରିବା ସହ ଏହାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କରିବାକୁ ବୁଦ୍ଧିଜୀବୀଙ୍କ ସମେତ ପରିବେଶବିତ୍‌ଙ୍କ ପକ୍ଷରୁ ଦାବି ହେଉଛି।

## ଆଗରପଡ଼ାରେ ସୌମ୍ୟାଶ୍ରୀଙ୍କୁ ଶ୍ରଦ୍ଧାଞ୍ଜଳି



ବନ୍ତ/ଆଗରପଡ଼ା,୧୬।୭(ସମିସ): ଯୁବ କଂଗ୍ରେସ ତରଫରୁ ସୌମ୍ୟାଶ୍ରୀ ବିଶିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହିତ ତାଙ୍କ ସ୍ୱର୍ଗତ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ସ୍ଥାନୀୟ ମୁଖ୍ୟ ବଜାର କଲେଜଛକରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ୍ ସଭାପତି ରାଜକିଶୋର ସ୍ୱାଇଁ, ଜୋନ୍ ସଭାପତି ରବିନାରାୟଣ ମହାନ୍ତି, ସରପଞ୍ଚ ସବିତା ନାୟକ, ପ୍ରାକ୍ତନ ସରପଞ୍ଚ ସତ୍ୟବାନ୍ ଦାସ, ପ୍ରଦିପ୍ତ ନାୟକ, ଜଗବନ୍ଧୁ ବେହେରା, କଳ୍ପତରୁ ସାହୁ, କାର୍ତ୍ତିକ ଜେନା, ଚିତ୍ତରଞ୍ଜନ ସାମନ୍ତରାୟ, ବାଙ୍କ ବିହାରୀ ଯେନା, ଯୁବ କଂଗ୍ରେସ ସଭାପତି ମହେଶ୍ୱର ଦାସ, ପ୍ରକାଶ ମହାକୁଡ଼, ଶଶିକାନ୍ତ ଘୋଷ, ସତ୍ୟରଞ୍ଜନ ମିଶ୍ର, ବିଜୟ ବାରିକ, ବାବୁଲି ପତିଙ୍କ ସମେତ ଯୁବ, ଛାତ୍ର ଏବଂ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପାଳିଆବିନ୍ଧା କଲେଜରେ ବିକ୍ଷୋଭ

ତିହିଡ଼ି,୧୬।୭(ସମିସ): ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମାହୁତି ଘଟଣାକୁ ନେଇ ତିହିଡ଼ି ବ୍ଲକ ପାଳିଆ ସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ତିହିଡ଼ି ବ୍ଲକ ବିଜୁ-ଛାତ୍ର ଜନତା ଦଳ ନେତୃତ୍ୱରେ ମହାବିଦ୍ୟାଳୟର ଛାତ୍ରୀମାନେ ଆଜି ମହାବିଦ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ବିଜେପି ସରକାର ନିକମ୍ମା ସରକାର ଓ ଛାତ୍ରୀମାନେ ଶିକ୍ଷାନୁଷ୍ଠାନରେ ସୁରକ୍ଷିତ ନୁହଁନ୍ତି ବୋଲି ଆରୋପ କରିଥିଲେ। ଗୋଟିଏ ବର୍ଷ ଭିତରେ ନାରୀ ନିର୍ଯାତନା ବହୁ ଗୁଣରେ ବୃଦ୍ଧି ପାଇଛି ବୋଲି ଅଭିଯୋଗ କରାଯାଇଥିଲା। ଧାମନଗର ନିର୍ବାଚନ ମଣ୍ଡଳୀ ଯୁବ ବିଜେଡି ସଭାପତି ସୁଧିନା ନାୟକଙ୍କ ସଂଯୋଜନରେ ଅନୁଷ୍ଠିତ ପଥପ୍ରାନ୍ତ ସଭାପରେ ଛାତ୍ର ଗୌରାଙ୍ଗ ବଳ, ଛାତ୍ରୀ ଶାଶ୍ୱତୀ ନାୟକ, ଇତିଶ୍ରୀ ସ୍ୱାଇଁ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ସେହିପରି ବିଜୁ ଜନତା ଦଳର ତିହିଡ଼ି ବ୍ଲକ ସଭାପତି ସୁରେନ୍ଦ୍ର କୁମାର ନାୟକ, ଧାମନଗର ନିର୍ବାଚନ ମଣ୍ଡଳୀ ନେତା ଡାକ୍ତର ସଞ୍ଜୟ ଦାସ, ପ୍ରାକ୍ତନ ବ୍ଲକ ଅଧକ୍ଷା ବିଦ୍ୟୁତଲତା




ନାୟକ, ଜିଲ୍ଲା ପରିଷଦ ସଭ୍ୟା ରୁଜାତା ପଣ୍ଡା, ସମିତି ସଭ୍ୟ ଜୀବନଜ୍ୟୋତି ପଲେଇ, ନବକିଶୋର ମଲିକ, ଗଣେଶ ନାୟକ, ଭରତ ସାହୁ, ଅନ୍ନପୂର୍ଣ୍ଣା ବାରିକ, ପ୍ରଶାନ୍ତ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ।

## ବାସୁଦେବପୁରରେ ବିଜେଡିର କର୍ମୀ ସମ୍ମିଳନୀ



ବାସୁଦେବପୁର,୧୬।୭(ସମିସ): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ବିଜୁ ଜନତାଦଳର କାର୍ଯ୍ୟାଳୟଠାରେ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ସଭାରେ ବ୍ଲକ ସଭାପତି ଦୀନବନ୍ଧୁ ଦାସ ସଭାପତିତ୍ୱ କରିଥିଲେ। ନେତା ଓ କର୍ମୀ କାମ ନ କରି ଅଧିକ ଉତ୍ସାହିତ ହୋଇ ପଡିଲେ। ଛାଡି ଯାଉଥିବା ଭୋଟରଙ୍କୁ ହେୟମନେ କଲେ। ନିଜ ମଧ୍ୟରେ ସଂଯୋଜନା ଅଭାବ ଦଳକୁ ଅଧିକ କ୍ଷତିଗ୍ରସ୍ତ କଲା। ଛୋଟ ଛୋଟ ଭୁଲ୍ ପାଇଁ ପରାଜୟର ସ୍ୱାଦ ଚାଖିବାକୁ ପଡିଲା ବୋଲି ବରିଷ୍ଠ ବିଜେଡିର ନେତା ପ୍ରଫୁଲ୍ଲ ପଲିତା, ଗୌତମ ସେଠୀ, ପ୍ରଫୁଲ୍ଲ ବିଶ୍ୱାଳ, ଆରୁହା ସରପଞ୍ଚ ରାଜେନ୍ଦ୍ର ପ୍ରସାଦ ସାହୁ, ଜିଲ୍ଲାପରିଷଦ ସଭ୍ୟ ଯଦୁନାଥ ନାୟକ, ଗିରିଶ ସାମଲ, ନିର୍ବାଚନ ମଣ୍ଡଳୀର ଯୁବ ସଭାପତି ଦେବଦର୍ଶନ ଦାଶ ପ୍ରମୁଖ ମତବ୍ୟକ୍ତ କରିଥିଲେ। ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଯୋଗଦେଇ ଆଗାମୀ ଦିନରେ ଦଳରେ ସଙ୍ଗଠିତ ହୋଇ ମଜଭୁତ କରିବାକୁ ଆହ୍ୱାନ ଦେଇଥିଲେ। ନବୀନ ସରକାରଙ୍କ ସମୟରେ ବିକାଶର ଚିତ୍ର ଗାଁରୁ ସହର ସ୍ପଷ୍ଟ ବାରି ହେଉଛି। ବର୍ତ୍ତମାନ ଶାସନ ସରକାରୀ ଦଳର ବିଭିନ୍ନ ଯୋଜନାର ଦୁର୍ନିତିକୁ ଲୋକ ଲୋଚନକୁ ଆଣନ୍ତୁ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାଠାରୁ ଏମଜିଏନଆରଜିଏସ ପର୍ଯ୍ୟନ୍ତ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଘର ନ କରି ଅଧା ଅଧା ହେଉଛି । ଦୁର୍ନୀତିକୁ ଲୋକ ଲୋଚନକୁ ଆଣି ମିଳିତ ଭାବେ ଲଢେଇ କରିବାକୁ ପରାମର୍ଶ ଦେଇଥିଲେ। ବାସୁଦେବପୁର ବ୍ଲକର ୩୬ ପଂଚାୟତ ଓ ପୌରପାଳିକାର କର୍ମୀମାନେ ଯୋଗଦେଇଥିଲେ। ବାସୁଦେବପୁର ବିଜୁ ଜନତାଦଳର ଦୀର୍ଘ ଦିନ ପରେ କର୍ମୀ ସମ୍ମିଳନୀର ଆୟୋଜନ ହୋଇଥିବାରୁ କର୍ମୀମାନେ ଉତ୍ସାହିତ ହୋଇଛନ୍ତି।

## ଆଇନ ଶୃଙ୍ଖଳା ନେଇ ଏସ୍‌ପିଙ୍କୁ ଭେଟିଲେ ପ୍ରାକ୍ତନ ସାଂସଦ ଓ ବିଧାୟକ

ଭଦ୍ରକ,୧୬।୭(ସମିସ): ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ସହିତ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ ଭଦ୍ରକର ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ ଓ ପ୍ରାକ୍ତନ ଧାମନଗର ବିଧାୟକ ମୁକ୍ତିକାନ୍ତ ମଣ୍ଡଳ। ଏହି ସାକ୍ଷାତକାର ବେଳେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ବାବଦରେ ମୁଖ୍ୟତ ଆଲୋଚନା କରିଥିଲେ । ବିଶେଷ କରି ପଦ୍ମପୁର, ବିଲଣା ଓ ବରାପୁର ଠାରେ ପୂର୍ବରୁ ପ୍ରସ୍ତାବ ଥିବା ନୂତନ ଫାଣ୍ଡି ଖୋଲିବା, ଟ୍ରାଫିକ ନିୟନ୍ତ୍ରଣ, ଜିଲ୍ଲାର ନୂତନ ବସ ଷ୍ଟାଣ୍ଡ କାର୍ଯ୍ୟକ୍ଷମ, ବେଆଇନ ମଦ ତଥା ବ୍ରାଉନ ସୁଗର ବିକ୍ରୟକୁ ପ୍ରତିହତ କରିବା, ବାସୁଦେବପୁର ସହରାଂଚଳ ମଧ୍ୟରେ ଆଦାନୀ ପୋର୍ଟ ଧାମରାକୁ ମାଲବାହୀ ଯାନ ଚଳାଚଳ ନିୟନ୍ତ୍ରଣ, ବିଭିନ୍ନ ଛକ, ହାଟ ବଜାରରେ ରାତ୍ର କାଳରେ ପୋଲିସ ଜଗିବା ସହିତ ସିସି ଟିଭି କ୍ୟାମେରା ବ୍ୟବସ୍ଥା କରିବା ଏବଂ ଜିଲ୍ଲାର ବିଭିନ୍ନ ଥାନାରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ ବିଜେଡି ସରକାର ଅମଳରୁ ନିର୍ମିତ ହୋଇଥିବା ଭଦ୍ରକ ବସ୍‌ଷ୍ଟାଣ୍ଡକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ଏସ୍‌ପି ଶ୍ରୀ ରାଉତଙ୍କ ଠାରେ ଦାବି ରଖିଥିଲେ।



## ପବନରେ ଭାଙ୍ଗିଲା ଆଖଣ୍ଡଳମଣିଙ୍କ ଦଧିନଉତିର ତ୍ରିଶୂଳ ଦଣ୍ଡ



ଭଦ୍ରକ/ଆରଡି,୧୬।୭(ସମିସ): ବୁଧବାର ଲଘୁଚାପ ପ୍ରଭାବରେ ପ୍ରବଳ ବର୍ଷା ପବନ ଯୋଗୁ ଭାଙ୍ଗିଲା ଆଖଣ୍ଡଳମଣିଙ୍କ ମନ୍ଦିର ଦଧିନଉତିର ତ୍ରିଶୂଳ ଦଣ୍ଡ। ଫଳରେ ଦଣ୍ଡକୁ ଧାରଣ କରିଥିବା ନେତ ତଳକୁ ଖସି ପଡିଥିଲା। ବର୍ଷା ଛାଡିବା ପରେ ନୂଆ ନେତ ଲାଗି କରାଯାଇ ବାବାଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା।

## ବୈତରଣୀ ନଦୀ ପଠାରୁ ଗାଈକୁ ଝାମ୍ପିନେଲା କୁମ୍ଭୀର



ଭଦ୍ରକ/ଆରଡି,୧୬।୭ (ସମିସ): ଭଦ୍ରକ ଓ ଯାଜପୁର ଜିଲା ସୀମାନ୍ତରେ ପ୍ରବାହିତ ବୈତରଣୀ ନଦୀର ବୋଡକ ଓ କୟା ଘାଟ ନିକଟସ୍ଥ ବୋଡକ ଗୁଣ୍ଡୁଣିପଡା ନଦୀ ପଠାରେ ଏକ ଗାଈ ଚରୁଥିବା ସମୟରେ ୧୪/୧୫ ଫୁଟ ଲମ୍ବର ହିଂସ୍ର କୁମ୍ଭୀର ଜାମ୍ପି ନେଇଥିଲା। ଫଳରେ ଆତଙ୍କିତ ହୋଇପଡିଛନ୍ତି ନଦୀକୂଳିଆ ଗାଁର ଲୋକ। ବୈତରଣୀ ନଦୀରେ ଏବେ ବନ୍ୟା ପାଣି ପ୍ରବାହିତ ହେଉଥିବାରୁ ନଦୀ କୂଳ ଲଘୁଂଥିବାରୁ ଅନେକ ସମୟରେ ହିଂସ୍ର କୁମ୍ଭୀର ନଦୀ ପଠାରେ ଶୋଇ ରହୁଥିବା ସ୍ଥାନୀୟ ଲୋକ କହିଛନ୍ତି।

## ବସ୍‌ରେ ଯୁବତୀଙ୍କୁ ଦୁର୍ବ୍ୟବହାର

ବନ୍ତ/ଆଗରପଡ଼ା,୧୬।୭(ସମିସ): ବୁଧବାର ଭଦ୍ରକରୁ ଆଗରପଡ଼ାକୁ ଆସୁଥିବା ଏକ ଯାତ୍ରୀବାହୀ ମିନି ବସରେ ୨ ଭଉଣୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଅଶ୍ଳୀଳ ଇଙ୍ଗିତ କରିବା ଅଭିଯୋଗରେ ଜନୈକ ଯୁବକ ଥାନାରେ ଅଟକ ଅଛନ୍ତି। ଥାନାଧିକାରୀ ଦେବରାଜ ଜେନା ଅଭିଯୁକ୍ତଙ୍କୁ ପଚରାଉଚୁରା ଖବର ଲେଖା ହେବା ବେଳକୁ ଜାରି ରଖିଥିଲେ। ଅଭିଯୋଗରୁ ଜଣାପଡ଼ିଛି, ସ୍ଥାନୀୟ ଗୋପିନାଥପୁର ଅଂଚଳର ୨ଭଉଣୀ ବସରେ ଭଦ୍ରକରୁ ଆଗରପଡ଼ା ଫେରୁଥିଲେ। ଯୁବତୀ ବସିଥିବା ବସ ସିଟରେ ଅଭିଯୁକ୍ତ ଜଣଙ୍କ ମଧ୍ୟ ବସିଥିଲେ। ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବାରୁ ଏଥିରେ ଅତିଷ୍ଠ ହୋଇ ସେ ଅନ୍ୟ ସିଟକୁ ଉଠିଯାଇ ତାଙ୍କ ଭଉଣୀଙ୍କୁ ଆଣି ସେଇ ସିଟରେ ବସାଇଥିଲେ। ମାତ୍ର ତାଙ୍କୁ ମଧ୍ୟ ଅନୁରୂପ ବ୍ୟବହାର ଅଭିଯୁକ୍ତ କରିଥିଲେ। ଶେଷରେ ଅନ୍ୟ କିଛି ଉପାୟ ନ ପାଇ ଯୁବତୀ ଘରକୁ କଲ କରି ଏ ସଂପର୍କରେ କହିଥିଲେ। ଏ କଥା ଜାଣିପାରି ଅଭିଯୁକ୍ତ ଜାମବଣି ଛକରେ ଓହ୍ଲାଇ ପଡ଼ିଥିଲେ। ସେଠାରେ ଉପସ୍ଥିତ ଥିବା ଲୋକଙ୍କ ସହାୟତାରେ ୨ ଭଉଣୀ ଅଭିଯୁକ୍ତଙ୍କୁ ପୁଣି ସେହି ବସରେ ଆଗରପଡ଼ାକୁ ନେଇଆସି ପୁଲିସ ଜିମା ଦେଇଥିଲେ। ସଂଯୁକ୍ତ ଅଭିଯୁକ୍ତଙ୍କ ଘର ସ୍ଥାନୀୟ ବଉଲଡ଼ିହ ଗ୍ରାମରେ ଓ ସେ ବାଙ୍ଗାଲୋରରେ ରୁହନ୍ତି ବୋଲି ଜଣାପଡ଼ିଛି।

## ରଶି ଲଗାଇ ଯୁବନେତାଙ୍କ ଆତ୍ମହତ୍ୟା



ତିହିଡ଼ି,୧୬।୭(ସମିସ): ତିହିଡ଼ି ଥାନା ଅଧୀନ ମୁକୁନ୍ଦପୁର ପଞ୍ଚାୟତ କଞ୍ଚନପୁର ଗ୍ରାମର ମାୟାଧର ଦଳେଇଙ୍କ ପୁଅ ଯୁବନେତା ତଥା ବ୍ୟବସାୟୀ ସହଦେବ ଦଳେଇ (୪୫) ବୁଧବାର ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପରେ ପରିବାର ଲୋକେ ତିହିଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ଡାକ୍ତର ତାଙ୍କ ମୃତ ବୋଲି ଘୋଷଣା କରିଥିଲେ। ତିହିଡ଼ି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇ ଶବ ବ୍ୟବଛେଦ ପାଇଁ ଭଦ୍ରକ ପଠାଇଦିଆଯାଇଛି। ସହଦେବଙ୍କର ଦୁଇ ପୁଅ ଓ ସ୍ତ୍ରୀ ଅଛନ୍ତି। ସେ ମୁକୁନ୍ଦପୁର ପଞ୍ଚାୟତରେ ବିଜେଡିର ଯୁବ ସଭାପତି ଥିଲେ। ଧାନ କ୍ରୟ ବିକ୍ରୟ ବ୍ୟବସାୟ ମଧ୍ୟ କରୁଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେହିପରି ପୂର୍ବତନ ଚାନ୍ଦବାଲି ବିଧାୟକ ବିଜୟ ନାୟକ, ବିଷ୍ଣୁବ୍ରତ ରାଉତରାୟ, ରାଜେନ୍ଦ୍ର ଦାସ, ତିହିଡ଼ି ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର କୁମାର ନାୟକ, ପୂର୍ବତନ ସମିତି ସଭ୍ୟ ସଂଗ୍ରାମକେଶରୀ ଦାସ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ମରାମତି ହେଉନି ବିଷ୍ଣୁପୁର ଛକ ବାଇପାସ୍ ରାସ୍ତା

ବାରିକପୁର,୧୬।୭(ସମିସ): ଭଣ୍ଡାରିପୋଖରୀ ବ୍ଲକ ବିଷ୍ଣୁପୁର ଛକର ବାଇପାସ୍ ରାସ୍ତାଟି ମରାମତି ହେଉନାହିଁ। ଫଳରେ ମାତ୍ର ୨ଶହ ମିଟର ରାସ୍ତା ଅତିକ୍ରମ କରିବା ପାଇଁ ପଥଚାରୀଙ୍କୁ ନାକେଦମ ହେବାକୁ ପଡୁଛି। ଏପରିକି ଉକ୍ତ ରାସ୍ତାରେ ଦୈନିକ କିଛି ନା କିଛି ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ସୂଚନା ମୁତାବକ, ଜାତୀୟ ରାଜପଥର ଏହି ସ୍ଥାନରେ ଏକ ଉଡ଼୍‌ବ୍ରିଜ ନିର୍ମିତ ହେଉଛି। ତେଣୁ ଦରଡା ପଟୁ ବିଷ୍ଣୁପୁର କେନାଲ ଛକ ପାର୍ଶ୍ୱ ଯାଏଁ ଯାନବାହାନ ଚଳାଚଳ ପାଇଁ ଅସ୍ଥାୟୀ ବାଇପାସ୍ ରାସ୍ତାଟି ନିର୍ମାଣ ହୋଇଛି। ଗୋଟିଏ ଲାଇନ ବିଶିଷ୍ଟ ଏହି ରାସ୍ତାଟି ୬ମାସରୁ ଅଧିକ ହେବ ନିର୍ମାଣ ହୋଇଛି। ରାସ୍ତା ନିର୍ମାଣ ବେଳେ ଅତି ବେପରୁଆ ଭାବେ ଏହା ଉପରେ ଅଳ୍ପ କିଛି ଡଷ୍ଟ ବଜୁରି ମିଶ୍ରଣ ସହିତ ପିଚ୍ ଦିଆଯାଇଥିଲା। ନିର୍ମାଣର ଅଳ୍ପ କିଛି ଦିନ ପରେ ରାସ୍ତା ଉପରେ ପଡିଥିବା ସମସ୍ତ ସାମଗ୍ରୀ ଉଭାନ ହୋଇଯାଇଛି। ଏବେ ଖାଲି ବଜୁରୀ ଗୁଣ୍ଡ ସହିତ ଧୂଳି ଉଡୁଛି। ଦୈନିକ ଶହଶହ ମାଲବାହୀ ଟ୍ରକ ଓ ଯାତ୍ରୀବାହୀ ବସ ଏହି ରାସ୍ତାରେ ଯାଉଥିବା ବେଳେ ଅନ୍ୟାନ୍ୟ ଛୋଟ ମୋଟ ଯାନ ମଧ୍ୟ ଚଳାଚଳ କରୁଛି। ଦୁଇଶହ ମିଟର ରାସ୍ତାଟି ସମ୍ପୂର୍ଣ ଖାଲ ଢିପ ରେ ପରିଣତ ହୋଇଛି। ବର୍ଷା ହେଲେ ଅବସ୍ଥା ଜଟିଳ ହେଉଛି। ରାସ୍ତାରେ ପ୍ରତ୍ୟେକ ଦିନ କେହିନା କେହି ସାଇକେଲ ଓ ବାଇକ୍ ଆରୋହୀ ମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଏହାଛଡା ଭଣ୍ଡାରିପୋଖରୀ ଓ ଧାମନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଯେଉଁ ଆମ୍ବୁଲାନ୍ସ ଭଦ୍ରକ ଡ଼ାକ୍ତରଖାନାକୁ ରୋଗୀ ନେଇ ଯାଉଛନ୍ତି ତାଙ୍କ ଅବସ୍ଥା ନକହିବା ଭଲ। ନିର୍ମାଣକାରୀ ସଂସ୍ଥା ସବୁଦିନ ଏଠାରେ ଓଭର୍‌ବ୍ରିଜ କାର୍ଯ୍ୟ କରୁଥିବା ବେଳେ ବାଇପାସ୍ ରାସ୍ତା ମରାମତି ପାଇଁ ବିଲକୁଲ ନଜର ଦେଉନାହିଁ। ଫଳରେ ଲୋକମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାହକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।




# ଆଧୁନିକତାରେ ହଜିଗଲାଣି ଲୋକକଳା

ବାରିକପୁର,୧୭।୭(ସମିସ)



ଆଧୁନିକ ଯୁଗରେ ଧୀରେ ଧୀରେ ଲୋକ କଳାରେ ଭରପୁର ଗୀତ ଓ ସଂଗୀତ ଲୋପ ପାଇଯାଉଛି। ଦାସ କାଠିଆଠାରୁ ଆରମ୍ଭ କରି ଘୋଡା ନାଚ ଓ ଚକୁଳିଆ ପଣ୍ଡାଠାରୁ ଆରମ୍ଭ କରି କେନ୍ଦରା ଗୀତ ସବୁ ଯେମିତି ଏବେ ଇତିହାସ ପାଲଟିବାକୁ ବସିଲାଣି। ସମୟ ଥିଲା ଚକୁଳିଆ ପଣ୍ଡା ଓ ଯୋଗୀ ପୁଅର କେନ୍ଦରା ଗୀତରେ ଗାଁ ଦାଣ୍ଡ ପ୍ରକମ୍ପିତ ହେଉଥିଲା। ଏହାଦ୍ୱାରା ଗାଁ ଗଣ୍ଡାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହେଉଥିଲା। ଏବେ କିଛି ବର୍ଷ ହେବ ସମୟ ସୁଅରେ ଆଜି ତାହା ଲୁଚି ଲୁଚିଯାଉଛି। ପୂର୍ବେ ଭଣ୍ଡାରିପୋଖରୀ ସମେତ ଆଖପାଖ ଅଞ୍ଚଳକୁ କେନ୍ଦରା ଧରି ଛୁଟି ଆସୁଥିଲେ ଯୋଗୀ ପୁଅ। ସାଧାରଣତଃ ପୁରୀ, ନୟାଗଡ, ଖୋର୍ଦ୍ଧା, ଅନୁଗୁଳ ପ୍ରମୁଖ ଜିଲ୍ଲାରୁ ଏମାନେ ଆସୁଥିଲେ। ଯାଯାବର ଭାବେ ଏ ଗାଁରୁ ସେ ଗାଁ ଭ୍ରମଣ କରି ଧର୍ମ ସଂସ୍କୃତି ସମ୍ପନ୍ନ ଲୋକ ଗୀତରେ କେନ୍ଦରା ବଜାଇ ପ୍ରତିବଦଳରେ ପ୍ରତ୍ୟେକ ଗୃହସ୍ଥଙ୍କ ଠାରୁ ଧାନ ଚାଉଳ ଗ୍ରହଣ କରୁଥିଲେ। ବର୍ଷର ଅର୍ଦ୍ଧାଧିକ ସମୟ ଯୋଗୀ ମାନେ ଏହି ଲୋକ କଳାକୁ ପାଥେୟ କରି ପରିବାର ପ୍ରତିପୋଷଣ କରୁଥିବା ବେଳେ ଏବେ କିନ୍ତୁ ସମୟ ବଦଳି ଯାଇଛି। ଏବେ ଆଧୁନିକ କୃଷି ପ୍ରଣାଳୀରେ ଚାଷ ହେଉଥିବା ବେଳେ କୌଣସି ଘରେ ଆଉ ଧାନ ଚାଉଳ ମହଜୁଦ ରହୁନାହିଁ। ଚାଷ କିଆରୀରୁ ଶସ୍ୟ ବିକ୍ରି ହୋଇଯାଉଛି। ଏବେ ସରକାରୀ ଚାଉଳ ମିଳୁଥିବା ବେଳେ କାହାରି ଘରେ ଆଉ ସ୍ୱଦେଶୀ ଧାନ ଚାଉଳ ଗଛିତ ରହୁନାହିଁ। ତେଣୁ ଏହାକୁ ଭରସା କରି ଗାଁ ଗଣ୍ଡାକୁ ଆସୁଥିବା ଚକୁଳିଆ ପଣ୍ଡା ଓ ଯୋଗୀ ପୁଅଙ୍କ ସଂଖ୍ୟା ଏବେ ହ୍ରାସ ପାଉଛି। ଏହାଛଡା ବଂଶ୍ୟାନୁକ୍ରମିକ ଯେଉଁ ଯୋଗୀ ପ୍ରଥାଟି ଚାଲି ଆସୁଥିଲା ସେମାନଙ୍କ ଉତରାଧିକାରୀ ଆଉ ଗାଁକୁ ଗାଁ ବୁଲିବାକୁ ପସନ୍ଦ କରୁନାହାନ୍ତି। ଆଧୁନିକ ଚାକଚକ୍ୟ ମଧ୍ୟରେ ସମସ୍ତେ ପ୍ରତିଯୋଗିତା ମୂଳକ ଭାବେ ଗତି କରୁଥିବା ବେଳେ ଏହାରି ମଧ୍ୟରେ ହଜିଯାଉଛି ଓଡ଼ିଆ କଳା, ସାହିତ୍ୟ ଓ ସଂସ୍କୃତି।ଯଦି ଉପଯୁକ୍ତ ପ୍ରୋତ୍ସାହ ମିଳି ପାରନ୍ତା ତାହେଲେ ଏହା କିଛି ମାତ୍ରାରେ ଉଜ୍ଜୀବିତ ରହିପାରନ୍ତା ବୋଲି ମତ ପ୍ରକାଶ ପାଇଛି।

## ଅଗ୍ନିକାଣ୍ଡରେ ଘର ଭସ୍ମୀଭୂତ



ପରଜଙ୍ଗ,୧୬ ।୭ (ସମିସ): ଅଗ୍ନିକାଣ୍ଡରେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ଥାନା କୁଟୁରିଆ ପଞ୍ଚାୟତ ବଡ଼ମାଟିଆ ସାହିର ଦୁଷ୍ମନ୍ତ କୁମାର ପ୍ରଧାନଙ୍କ ଚାଳଛପର ଘର ଭସ୍ମୀଭୂତ ହୋଇଛି । ପରଜଙ୍ଗ ଦମକଳ କେନ୍ଦ୍ର କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ଏହି ଅଗ୍ନିକାଣ୍ଡରେ ଦୁଷ୍ମନ୍ତଙ୍କ ଘର ସମେତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଛି । ଅଗ୍ନିକାଣ୍ଡର କାରଣ ଜଣାପଡ଼ିନାହିଁ । ତେବେ ବିଦ୍ୟୁତ ସର୍ଟସର୍କିଟ ଯୋଗୁଁ ନିଆଁ ଲାଗିଥିବା ଅନୁମାନ କରାଯାଉଛି । ଦୁଷ୍ମନ୍ତଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି ।

## ଦଳିଚକଟି ଧାନ ତଳି ନଷ୍ଟକଲେ ହାତୀ



ପରଜଙ୍ଗ,୧୬ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ମହାବିରୋଡ ରେଞ୍ଜ ପରଜଙ୍ଗ ବ୍ଲକ ସାଆନ୍ଦା ଫରେଷ୍ଟ ବିଟ୍ ସେକ୍ସନରେ ହାତୀପଲ ଉପଦ୍ରବରେ ବ୍ୟାପକ ଧାନ ତଳି ନଷ୍ଟ ହୋଇଛି । କୁମୁସି ପଞ୍ଚାୟତ ନିକଟରେ ମଙ୍ଗଳବାର ସକାଳେ ହାତୀପଲ ପୂର୍ତ୍ତ ବିଭାଗ ରାସ୍ତା ପାର ହୋଇ ପାଖ ଜଙ୍ଗଲରେ ଆଶ୍ରୟ ନେଇଥିଲେ । ତେବେ ସନ୍ଧ୍ୟା ସମୟରେ ଜଙ୍ଗଲରୁ ବାହାରି ଉପଦ୍ରବ ଆରମ୍ଭ କରିଥିଲେ । ମଙ୍ଗଳବାର ରାତିରେ କୁମୁସି ପଞ୍ଚାୟତ ବସନ୍ତପଡ଼ା ଓ ରିଆ ଗ୍ରାମର ଚାଷୀମାନଙ୍କ ଧାନ ବିଲରେ ପଶି ପ୍ରାୟ ୨ ଏକରରୁ ଉର୍ଦ୍ଧ୍ୱ ଧାନ ତଳି ଦଳିଚକଟି ନଷ୍ଟ କରିଥିବା ସୂଚନା ମିଳିଛି । ଗ୍ରାମର ରବି ରାଉତ, ବାଲିଆ ରାଉତ, ପାର୍ଥ ରାଉତ, ମୋହନ ବେହେରା, ବିପ୍ଳବ ସାମଲ, ହଳଧର ରାଉତ, ଉପେନ୍ଦ୍ର ରାଉତ, ଅନାମ ଚରଣ ରାଉତ ସମେତ ଅନ୍ୟ କେତେକ ଚାଷୀଙ୍କ ତଳି ନଷ୍ଟ ହୋଇଛି । ଧାନ ଫସଲ ଆରମ୍ଭ ପୂର୍ବରୁ ହାତୀ ଉପଦ୍ରବ ଯୋଗୁଁ ଚାଷୀ ଚିନ୍ତାରେ ପଡ଼ିଛନ୍ତି ।

## ମୁଖ୍ୟ ଚିକିତ୍ସାଳୟରେ ନିଶାମୁକ୍ତି କେନ୍ଦ୍ର ସ୍ଥାପନ ଦାବି



ଢେଙ୍କାନାଳ,୧୬ ।୭ (ସମିସ): ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ନିଶାମୁକ୍ତି କେନ୍ଦ୍ର ସ୍ଥାପନ ନିମନ୍ତେ ଢେଙ୍କାନାଳ ବୁଦ୍ଧିଜୀବୀ ସଙ୍ଗଠନ ତରଫରୁ ଦାବି କରାଯାଇଛି । ସଭାପତି ପ୍ରଫେସର ଡା. ତୁଷାରକାନ୍ତି ନାୟକ, ଉପସଭାପତି ରୁଦ୍ରପ୍ରକାଶ ଶରଣ, ସରୋଜ ଶତପଥୀ, ସଦସ୍ୟ ବିନୟ କୁମାର ସାହୁ, ପୁଷ୍ପାଞ୍ଜଳି ଶରଣ, ଗୀତା ସାମଲ ପ୍ରମୁଖ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏହି ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ନକଲ ଡାକ ଯୋଗେ ସ୍ୱାସ୍ଥ୍ୟମନ୍ତ୍ରୀ ଓ ମୁଖ୍ୟ ଶାସନ ସଚିବଙ୍କ ନିକଟକୁ ପଠାଇଛନ୍ତି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ଓଡ଼ିଶାରେ ଅନେକ ବ୍ୟକ୍ତି ବିଭିନ୍ନ ମାଦକଦ୍ରବ୍ୟ ସେବନ କରି ମାରାତ୍ମକ ବ୍ୟାଧିର ଶିକାର ହେଉଛନ୍ତି । କର୍କଟ, ମସ୍ତିଷ୍କ ଏବଂ ସ୍ନାୟୁ ରୋଗ, ଯକୃତ ରୋଗ, ବୃକକ ରୋଗରେ ପୀଡ଼ିତ ହେବା ଫଳରେ ରୋଗୀ ଦୀର୍ଘଦିନ ଧରି ଚିକିତ୍ସିତ ହେଉଛନ୍ତି । ଏହି ଚିକିତ୍ସା ବ୍ୟୟବହୁଳ ହୋଇଥିବାରୁ ଏହାର ଆର୍ଥିକ ବୋଝ ରୋଗୀଙ୍କ ପରିବାର ଏବଂ ସରକାରଙ୍କ ଉପରେ ପଡୁଛି । ନାବାଳକ, ଯୁବପିଢ଼ି ନିଶାଗ୍ରସ୍ତ ହେବା ଦ୍ୱାରା ପରିବାର ଏବଂ ଦେଶର ଅପୂରଣୀୟ କ୍ଷତି ଘଟୁଛି । ଏହି ପରିପ୍ରେକ୍ଷୀରେ ନିଶାମୁକ୍ତ ସମାଜ ଗଠନ ନିଶ୍ଚିତ ରୂପେ ପ୍ରାଥମିକତା । କିନ୍ତୁ ଯେଉଁମାନେ ଏବେ ନିଶାସେବନର ଶିକାର ହୋଇଯାଇଛନ୍ତି, ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ଦ୍ୱାରା ନିଶାମୁକ୍ତ କରାଯାଇପାରିବ । ମୁଖ୍ୟ ଡାକ୍ତରଖାନାରେ ନିଶାମୁକ୍ତି କେନ୍ଦ୍ର ସ୍ଥାପନ କରାଯାଇ ଆନୁଷଙ୍ଗିକ ବ୍ୟବସ୍ଥା ସହ ଅଭିଜ୍ଞ ଡାକ୍ତରଙ୍କୁ ନିଯୁକ୍ତି ଦେବାକୁ ସଂଗଠନ ପକ୍ଷରୁ ଦାବି କରାଯାଇଛି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଲଳିତ ବେହେରା ଦାବିପତ୍ର ଗ୍ରହଣ କରିଥିଲେ ।

### ବାୟୋ ମେଡିକାଲ ୱେଷ୍ଟ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ ପ୍ରସଙ୍ଗ

# ପ୍ରବଳ ବିରୋଧ ଯୋଗୁଁ ଦ୍ୱିତୀୟଥର ବନ୍ଦ ରହିଲା ଜନଶୁଣାଣି

ଗଁଦିଆ,୧୬ ।୭ (ସମିସ)





ଗଁଦିଆ ବ୍ଲକ ସୀମାନ୍ତରେ ଥିବା ଦଶମାଣପାଟଣା ପଞ୍ଚାୟତ ବାଲିପଶି ଗ୍ରାମରେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକର ବର୍ଜ୍ୟବସ୍ତୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ପାଇଁ ବୁଧବାର ଦ୍ୱିତୀୟ ଥର ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । କିନ୍ତୁ ଶିବିର ଆରମ୍ଭରୁ ପଞ୍ଚାୟତର ଅସନବାହାଲୀ, ବାଲିପଶି, କରନ୍ଦା, ଦଶମାଣପାଟଣା, ମଞ୍ଜୁରୀପଡ଼ା ରାଜସ୍ୱ ଗ୍ରାମର ଲୋକଙ୍କ ସମେତ ପଡ଼ୋଶୀ ଯାଜପୁର ଜିଲ୍ଲାର କିଛି ଗ୍ରାମର ଜନସାଧାରଣ ଏହାକୁ ତୀବ୍ର ବିରୋଧ କରିବାରୁ ଜନଶୁଣାଣି ବିଫଳ ହୋଇଛି । ଏଠାରେ ଏହି ଟ୍ରିଟମେଣ୍ଟ ପ୍ଲାଣ୍ଟ ନିର୍ମାଣ ନ କରିବା ପାଇଁ ଦୃଢ଼ ଦାବି ହୋଇଥିଲା । ଗତ ମାସ ୧୧ ତାରିଖ ଉକ୍ତ ସ୍ଥାନରେ ପ୍ରଥମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା । ସେତେବେଳେ ମଧ୍ୟ ଏହି ଜନଶୁଣାଣିକୁ ଜନସାଧାରଣ ପ୍ରବଳ ବିରୋଧ କରିବାର ଶିବିର ଆରମ୍ଭ ପୂର୍ବରୁ ବନ୍ଦ ହୋଇଥିଲା ।

ଅସନବାହାଲୀ ମୌଜାର ଖତିୟାନ ୧୨୩/୧୨୪ରେ ଉକ୍ତ ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ତେବେ ଏହି ପ୍ଲାଣ୍ଟ ଏଠାରେ ହେଲେ ବିଶେଷ ଭାବେ ଅସନବାହାଲୀ ଓ ବାଲିପଶି ଗ୍ରାମର ଜନସାଧାରଣ ଓ ବସ୍ତିବାସିନ୍ଦା ବିଶେଷ ଭାବେ କ୍ଷତିଗ୍ରସ୍ତ ହେବେ ବୋଲି ଲୋକଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି । ଏଠାରେ ଏହି ପ୍ଲାଣ୍ଟ ନିର୍ମାଣ ନ କରିବାକୁ ପଞ୍ଚାୟତବାସୀ ସ୍ଥାନୀୟ ସରପଞ୍ଚଙ୍କ ଜରିଆରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼କୁ ଲିଖିତ ଅଭିଯୋଗ କରିଛନ୍ତି । ଜୁନ ୧୧ ପ୍ରଥମ ଜନଶୁଣାଣି ଶିବିରକୁ ଜିଲ୍ଲା ପ୍ରଶାସନ ଓ ଉକ୍ତ କମ୍ପାନୀ ମିଳିତ ଭାବେ ଗୁପ୍ତରେ କରିବାକୁ ସମସ୍ତ ଉଦ୍ୟମ କରିଥିଲେ । ଏଥିପାଇଁ ଶିବିରର ଠିକ୍ ପୂର୍ବଦିନ ଅର୍ଥାତ ଜୁନ ୧୦ ତାରିଖ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତରବରିଆ ଭାବେ ନୋଟିସ ଜାରି କରିଥିଲେ । ସେ ସମୟରେ ମଧ୍ୟ ପ୍ରବଳ ବିରୋଧ ହୋଇଥିଲା । ଅପର ପକ୍ଷରେ ମେସର୍ସ ଏମକେଡିଇକୋ କ୍ଲିନ ପ୍ରାଇଭେଟ ଲିମିଟେଡ କମ୍ପାନୀର ନିର୍ଦ୍ଦେଶକ କୁହନ୍ତି ଯେ ଏଠାରେ ଉକ୍ତ ବର୍ଜ୍ୟବସ୍ତୁ ଟ୍ରିଟମେଣ୍ଟ ପ୍ଲାଣ୍ଟ ବସିଲେ ଜନସାଧାରଣଙ୍କର ସେପରି କୌଣସି କ୍ଷତି ହେବ ନାହିଁ । ଉକ୍ତ ପ୍ଲାଣ୍ଟ ମୁଖ୍ୟତଃ ଭୂତଳ ଜଳ ବ୍ୟବହାର କରିବ । ସେହି ୱେଷ୍ଟ ଜଳକୁ ପୁଣି ବ୍ୟବହାରକ୍ଷମ କରାଯିବ । ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ବର୍ଜ୍ୟବସ୍ତୁଗୁଡ଼ିକର ସଠିକ ବିନିଯୋଗ ନ ହେବା ଯୋଗୁଁ ଅନେକ ସମୟରେ ଜନବସତିଗୁଡ଼ିକରେ ସଂକ୍ରମଣ ବ୍ୟାପିଥାଏ । ଉକ୍ତ ସ୍ଥାନରେ ପ୍ଲାଣ୍ଟ ସ୍ଥାପନ ହେଲେ ଲୋକଙ୍କ କୌଣସି କ୍ଷତି ହେବା ସମ୍ଭାବନା ନାହିଁ ବୋଲି ସେ କହିଛନ୍ତି । କିନ୍ତୁ ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ଉକ୍ତ ପ୍ଲାଣ୍ଟ ପ୍ରଥମେ ଯାଜପୁର ଜିଲ୍ଲାରେ ହେବାର ଥିଲା । ସେଠାରେ ପ୍ରବଳ ବିରୋଧ ହେବାରୁ ତାହାକୁ ଏଠାରେ କରିବା ପାଇଁ ଯୋଜନା ଚାଲିଛି । ଯଦି ଏଠାରେ ପ୍ଲାଣ୍ଟ ନିର୍ମାଣ ହୁଏ ତେବେ ଆମର ବହୁତ କ୍ଷୟକ୍ଷତି ହେବ । ମରିବୁ ପଛେ ଏହି ମାଟିରେ ଉକ୍ତ ପ୍ଲାଣ୍ଟ ବସାଇ ଦେବୁନାହିଁ ବୋଲି ବୁଧବାର ଶୁଣାଣି ଶିବିରରେ ପଞ୍ଚାୟତବାସୀ କହିଥିଲେ । ଫଳରେ ଜନଶୁଣାଣି ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆସିଥିବା ଅଧିକାରୀମାନେ ପୁନର୍ବାର ନିରାଶ ହୋଇଛନ୍ତି । ଜନଶୁଣାଣି ପାଇଁ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ସେଠୀ, ତହସିଲଦାର ସତ୍ୟଜିତ ମହାପାତ୍ର, ଏସଡିପିଓ ରମେଶ ଚନ୍ଦ୍ର ଦୋରା, ଗଁଦିଆ ଥାନା ଅଧିକାରୀ ଶାନ୍ତନୁ କୁମାର ପ୍ରଧାନ, ନିହଳପ୍ରସାଦ ଥାନା ଅଧିକାରୀ ନିରୋଦ କୁମାର ମଲିକଙ୍କ ସମେତ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ ହୋଇଥିଲେ । ଉକ୍ତ ସ୍ଥାନରେ ଏହି ବର୍ଜ୍ୟବସ୍ତୁ ଟ୍ରିଟମେଣ୍ଟ ପ୍ଲାଣ୍ଟକୁ ପଞ୍ଚାୟତର ସମସ୍ତ ଜନସାଧାରଣ ବିରୋଧ କରୁଥିବା ବେଳେ ପରଦା ପଛରେ ରହି କେଉଁ ବଡ଼ପଣ୍ଡାମାନେ ଏପରି ପ୍ରଶାସନକୁ ବ୍ୟବହାର କରି ନିଜ ଫାଇଦା ପାଇଁ ଲାଗିପଡ଼ିଛନ୍ତି ତାହା ବଡ଼ ପ୍ରଶ୍ନ ହୋଇଛି ।

### ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା

## ଦୋଷୀଙ୍କୁ କଠୋର ଦଣ୍ଡ ପ୍ରଦାନ ଦାବି




ଢେଙ୍କାନାଳ,୧୬ ।୭ (ସମିସ): ବାଲେଶ୍ୱର ଫକୀର ମୋହନ କଲେଜ ଛାତ୍ରୀ ସୋମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ କରି ସମସ୍ତ ଦୋଷୀଙ୍କୁ ଦୃଷ୍ଟାନ୍ତମୂଳକ ଦଣ୍ଡ ପ୍ରଦାନ ପୀଡ଼ିତାଙ୍କ ପରିବାରକୁ ୧ କୋଟି ଟଙ୍କା ସହାୟତା ଦେବା, ଶିକ୍ଷାନୁଷ୍ଠାନ ପରିସର ଓ ବାହାରେ ଛାତ୍ରୀ ଓ ମହିଳାମାନଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବା, ଛାତ୍ରୀମାନଙ୍କ ପ୍ରତି ଯୌନ ନିର୍ଯାତନା ଓ ଏକାଡେମିକ୍ ହାରାସମେଣ୍ଟ ଥ୍ରେଟ କଲଚର୍ ବନ୍ଦ, କ୍ୟାମ୍ପସରେ ଗଣତାନ୍ତ୍ରିକ ପରିବେଶକୁ ସୁରକ୍ଷା ଦେବା, ଅଶ୍ଳୀଳତା, ନଗ୍ନତା ଓ ମଦମାଦକ ଦ୍ରବ୍ୟର ପ୍ରଚାର ପ୍ରସାର ବନ୍ଦ ଆଦି ଦାବିରେ ଛାତ୍ର ସଂଗଠନ ଏଆଇଡିଏସଓ ଢେଙ୍କାନାଳ ଜିଲ୍ଲା ଶାଖା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି । ଏଆଇଡିଏସଓ ରାଜ୍ୟ ପରିଷଦ ସମ୍ପାଦକ ମଣ୍ଡଳୀ ସଦସ୍ୟ ବିନୋଦ ସେଠୀ, ଛାତ୍ରନେତା ବିକାଶ ଚନ୍ଦ୍ର ସାହୁ, ନୃସିଂହ ନାଏକ, ବିଶ୍ୱରଞ୍ଜନ ଭୂତିଆ, ଧୀରଜ ରାଉତ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ । ସୂଚନାଯୋଗ୍ୟ, ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦାବିରେ ଗୁରୁବାର ଏଆଇଡିଏସଓ ପକ୍ଷରୁ ସାରା ଓଡ଼ିଶାରେ ଛାତ୍ର ଧର୍ମଘଟ ଡାକରା ଦିଆଯାଇଛି । ଏହି ଧର୍ମଘଟକୁ ଢେଙ୍କାନାଳ ଜିଲ୍ଲାରେ ସଫଳ କରିବା ପାଇଁ ସଙ୍ଗଠନ ପକ୍ଷରୁ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ବୁଦ୍ଧିଜୀବୀ ତଥା ଜନସାଧାରଣଙ୍କୁ ନିବେଦନ କରାଯାଇଛି ।

## ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ କ୍ୟାଣ୍ଡେଲ ଶୋଭାଯାତ୍ରା



ଭୁବନ,୧୬ ।୭ (ସମିସ): ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଢେଙ୍କାନାଳ ଜିଲ୍ଲା ଭୁବନ ନଗର କଂଗ୍ରେସ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ମଙ୍ଗଳବାର ବସଷ୍ଟାଣ୍ଡ ନିକଟରୁ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି କାଳୀବଜାରସ୍ଥିତ ବାଜିରାଉତ ସ୍ମୃତିପୀଠ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ଦଳୀୟ ନେତାମାନେ ଏହି ଘଟଣା ପାଇଁ ଡବଲ ଇଞ୍ଜିନ ସରକାରକୁ ଦାୟୀ କରିବା ସହ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ । ଏଥିସହ ଗୁରୁବାର ହେବାକୁ ଥିବା ଓଡ଼ିଶା ବନ୍ଦ ଆନ୍ଦୋଳନକୁ ସଫଳ କରିବା ପାଇଁ ଦଳର ଆଇଟି ସେଲ ରାଜ୍ୟ କୋଅର୍ଡିନେଟର ମୁସ୍ତାକଫିଜ ଆଲମଖାନ ଆହ୍ୱାନ କରିଥିଲେ । ସୌମ୍ୟାଶ୍ରୀଙ୍କ ପରିବାରକୁ ୫ କୋଟି ପ୍ରଦାନ କରିବାକୁ ଜିଲ୍ଲା ସମ୍ପାଦକ ବିନୋଦ ମହାରଣା ଦାବି କରିଥିଲେ । ନଗର କଂଗ୍ରେସ ସଭାପତି ମନୋଜ କୁମାର ସାହୁଙ୍କ ନେତୃତ୍ୱରେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା ।

## ଦୌଡ଼େଶ୍ୱର ଶିବମନ୍ଦିରରେ ପଶିଲା ବନ୍ୟାଜଳ

### ୪ ଫୁଟ ପାଣି ଘେରରେ ମନ୍ଦିର



ଢେଙ୍କାନାଳ/ଗଁଦିଆ,୧୬ ।୭ (ସମିସ): ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ଶୈବପୀଠ ଦୌଡ଼େଶ୍ୱର ମନ୍ଦିରରେ ବ୍ରାହ୍ମଣୀ ନଦୀ ଜଳ ପ୍ରବେଶ କରିବାରୁ ମନ୍ଦିରକୁ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇପଡ଼ିଛି । ଲଗାଣ ବର୍ଷା ଯୋଗୁଁ ବ୍ରାହ୍ମଣୀ ନଦୀ ଫୁଲିଉଠିଛି । ଜିଲ୍ଲାକୁ କୌଣସି ସତର୍କ ସୂଚନା ନ ଥିବା ସତ୍ତ୍ୱେ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଛି । ହଠାତ୍ ବ୍ରାହ୍ମଣୀ ନଦୀ ଉଚ୍ଛୁଳିବା ସହ ଗଁଦିଆ ବ୍ଲକ କରମୂଳସ୍ଥିତ ଶ୍ରୀଶ୍ରୀ ଦୌଡ଼େଶ୍ୱର ମନ୍ଦିରରେ ପାଣି ପଶିଛି । ୪ଫୁଟ ଉଚ୍ଚ ପାଣିରେ ମନ୍ଦିର ପରିସର ବୁଡ଼ି ରହିଛି । ହଠାତ୍ ପାଣି ମାଡ଼ି ଆସିବାରୁ ମନ୍ଦିର ପୂଜକ ସମେତ ସେଠାରେ ଉପସ୍ଥିତ ଶ୍ରଦ୍ଧାଳୁ ଉଚ୍ଚ ସ୍ଥାନକୁ ଚାଲି ଆସିଥିଲେ । ପାଣି ଯୋଗୁଁ ୨ ଦିନ ହେଲା ମହାଦେବଙ୍କ ପୂଜାର୍ଚ୍ଚନା ବନ୍ଦ ରହିଛି । ମନ୍ଦିର ଭିତରକୁ ଯିବା ରାସ୍ତା ପାଣି ଘେରରେ ରହିଛି । ସମଲ ବ୍ୟାରେଜର ଗେଟ୍ ଖୋଲିଲେ ବ୍ରାହ୍ମଣୀ ନଦୀରେ ଜଳସ୍ତର ବୃଦ୍ଧି ପାଇଥାଏ । ବ୍ରାହ୍ମଣୀ ନଦୀକୁ ସଂଯୋଗ କରୁଥିବା ଶାଖା ନଦୀନାଳ ଆଦିରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁଁ ନିକଟବର୍ତ୍ତୀ ଗାଁ ସମେତ ଚାଷଜମିରେ ପାଣି ପଶିଛି । ହଠାତ୍ ପାଣି ଆସିଯିବାକୁ ନେଇ ସ୍ଥାନୀୟ ଗ୍ରାମବାସୀ ଭୟଭୀତ ହୋଇପଡ଼ିଛନ୍ତି । ରେଙ୍ଗାଳୀସ୍ଥିତ ଡ୍ୟାମରୁ ପାଣି ଛାଡ଼ିଦିଆଯିବାରୁ ନଦୀରେ ପ୍ରବଳ ବନ୍ୟା ଆସିଛି । ସୂଚନାଯୋଗ୍ୟ, ପ୍ରତିବର୍ଷ ବନ୍ୟା ଆସିଲେ ଦୌଡ଼େଶ୍ୱର ମନ୍ଦିର ପାଣି ଘେରରେ ରହିଥାଏ ।

### ୧୨ ଘଣ୍ଟିଆ ବନ୍ଦ ସଫଳ ପାଇଁ ଆହ୍ୱାନ

ଢେଙ୍କାନାଳ,୧୬ ।୭ (ସମିସ): ଗୁରୁବାର ହେବାକୁ ଥିବା ଓଡ଼ିଶା ବନ୍ଦକୁ ସଫଳ କରିବା ପାଇଁ ଜିଲ୍ଲା କଂଗ୍ରେସ ପକ୍ଷରୁ ଆହ୍ୱାନ ଦିଆଯାଇଛି । ଏ ନେଇ ଢେଙ୍କାନାଳ ଜିଲ୍ଲା କଂଗ୍ରେସ ସଂଯୋଜକ ଛବିରାଜ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ପ୍ରସ୍ତୁତି ବୈଠକ ହୋଇଥିଲା । ଗୁରୁବାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ ପରିପ୍ରେକ୍ଷୀରେ ଢେଙ୍କାନାଳ ସହର ଏବଂ ଜିଲ୍ଲାର ସମସ୍ତ ବ୍ଲକ୍‌ରେ ଦୋକାନ ବଜାର, ସ୍କୁଲ, କଲେଜ, ବିଭିନ୍ନ ସରକାରୀ ବେସରକାରୀ ଅନୁଷ୍ଠାନ, ସମସ୍ତ ବ୍ୟାଙ୍କ ବନ୍ଦ କରାଯିବାକୁ ସ୍ଥିର କରାଯାଇଛି । ଶାନ୍ତିଶୃଙ୍ଖଳାର ସହିତ ବନ୍ଦ ପାଳନ ପାଇଁ ସମସ୍ତ କର୍ମୀଙ୍କୁ ପରାମର୍ଶ ଦିଆଯାଇଛି । ବୈଠକରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସ୍ମିତାରାଣୀ ସାମଲ, ବରିଷ୍ଠ ସଦସ୍ୟ ପ୍ରେମଶଙ୍କର ମିଶ୍ର, ଅର୍ସଦ ମହମ୍ମଦ, ନୁରୁଲ ଇସ୍‌ଲାମ୍, ନିରାକାର ସାହୁ, ରାଜୀବ ଲୋଚନ ସିଂହଦେଓ, ବିଷ୍ଣୁ ଚରଣ ସାହୁ, ରୁମିନା ବେଗମ୍ ପ୍ରମୁଖ ଯୋଗଦେଇଥିଲେ ।

## ଉଗାଣ୍ଡା ପାରା ବ୍ୟାଡ୍‌ମିଣ୍ଟନରେ ଓଡ଼ିଆ ପୁଅଙ୍କ ସଫଳତା



### ବିଭାସିନ୍ଧୁଙ୍କୁ ସମ୍ମାନିତ କଲେ ଜିଲ୍ଲାପାଳ

ଢେଙ୍କାନାଳ,୧୬ ।୭ (ସମିସ): ଢେଙ୍କାନାଳର ପ୍ରତିଭାବାନ ପାରା ବ୍ୟାଡମିଣ୍ଟନ ଖେଳାଳି ବିଭାସିନ୍ଧୁ ବାରିକ ଉଗାଣ୍ଡାରେ ଅନୁଷ୍ଠିତ ଉଗାଣ୍ଡା ପାରା ବ୍ୟାଡମିଣ୍ଟନ ଇଣ୍ଟରନ୍ୟାସନାଲ ଟୁର୍ଣ୍ଣାମେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଏ ନେଇ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବିଭାସିନ୍ଧୁଙ୍କୁ ସମ୍ମାନିତ କରିଛନ୍ତି । ପିଲାଦିନରୁ ବ୍ୟାଡମିଣ୍ଟନ ଖେଳରେ ଆଗ୍ରହ ରଖିଥିବା ବିଭାସିନ୍ଧୁ ନିଜ ନିଷ୍ଠା ବଳରେ ସର୍ବଦା ସଫଳତା ଅର୍ଜନ କରିଛନ୍ତି । କୋଚ୍ ମଳୟ ପଟ୍ଟନାୟକ ଏବଂ ସହକାରୀ କୋଚ ଆକାଶ ଦାସଙ୍କ ତତ୍ତ୍ୱାବଧାନରେ ସେ ପ୍ରଶିକ୍ଷଣ ନେଉଥିଲେ ।

## ସୌମ୍ୟାଶ୍ରୀଙ୍କ ଉଦ୍ଦେଶ୍ୟରେ ସମୂହ ଦୀପଦାନ



ଢେଙ୍କାନାଳ,୧୬ ।୭ (ସମିସ): ସ୍ଥାନୀୟ ସ୍ୱେଚ୍ଛାସେବୀ ସଙ୍ଗଠନ ବଜରଙ୍ଗ କ୍ଲବ୍ ପକ୍ଷରୁ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳର ଆରାଧ୍ୟ ଦେବତା ଶ୍ରୀ ଶ୍ରୀ ସିଦ୍ଧ ବଳରାମଜୀଉଙ୍କ ମନ୍ଦିରରେ ସମୂହ ଦୀପଦାନ କରାଯାଇଛି । ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଓ ମହିଳାଙ୍କୁ ସୁରକ୍ଷା ଦାବିରେ ବଳରାମଜୀଉ ମନ୍ଦିରଠାରୁ ବିଶାଳ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ବାଜିଚୌକସ୍ଥିତ ସହିଦ ବାଜିରାଉତଙ୍କ ସ୍ମୃତିସ୍ତମ୍ଭ ପର୍ଯ୍ୟନ୍ତ ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଶତାଧିକ କଲେଜ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀ, ସମାଜସେବୀ, ବିଭିନ୍ନ ବର୍ଗର ବ୍ୟକ୍ତି, ପୌରପାଳିକା ଉପାଧ୍ୟକ୍ଷ, ଜିଲ୍ଲା ପରିଷଦ ଅଧ୍ୟକ୍ଷା, ପାରିଷଦଗଣ ସାମିଲ ହୋଇଥିଲେ ।

# ମହାବିଦ୍ୟାଳୟରେ ୩ ନୂଆ ଆଇନ ସମ୍ପର୍କିତ ଆଲୋଚନା



ଢେଙ୍କାନାଳ,୧୬ ।୭ (ସମିସ)

ଢେଙ୍କାନାଳ ମହିଳା ମହାବିଦ୍ୟାଳୟ ପରିସରରେ ନୂଆକରି କାର୍ଯ୍ୟକ୍ଷମ ହୋଇଥିବା ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଓ ଭାରତୀୟ ସାକ୍ଷ୍ୟ ଅଧିନିୟମରେ କିଭଳି ପୀଡ଼ିତାମାନଙ୍କୁ ତ୍ୱରିତ ନ୍ୟାୟ ମିଳିପାରିବ ସେ ନେଇ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯାଇଛି । ବିଶିଷ୍ଟ ଅତିଥି ଭାବେ ଢେଙ୍କାନାଳ ଅଭିଯୋଜନର ସହଯୋଗୀ ନିର୍ଦ୍ଦେଶକ ମଧୁସ୍ମିତା ଦାସ ଯୋଗଦେଇ ବର୍ତ୍ତମାନ ସମୟରେ ନାରୀମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ସେମାନେ କିଭଳି ସଠିକ ଭାବେ ମୁକାବିଲା କରିବେ ସେ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଢେଙ୍କାନାଳ ଦୁର୍ନୀତି ନିବାରଣ ବିଭାଗ ସହକାରୀ ଅଭିଯୋଗ ଅନୁଜ୍ଞା ମହାନ୍ତି ଯୋଗଦେଇ ଛାତ୍ରୀଙ୍କୁ ଯୌନ ଉତ୍ପୀଡ଼ନର ସଂଜ୍ଞା ତଥା କାର୍ଯ୍ୟାଳୟରେ ଘଟୁଥିବା ଯୌନ ଉତ୍ପୀଡ଼ନକୁ ସାହସର ସହ ମୁକାବିଲା କରିବା ନିମନ୍ତେ ବିଭିନ୍ନ ଉଦାହରଣ ମାଧ୍ୟମରେ ବୁଝାଇଥିଲେ । ମୁଖ୍ୟବକ୍ତା ଭାବେ ଗଁଦିଆ ଅଦାଲତର କ୍ୟାଡର ଏପିପି ଶାଶ୍ୱତ ଜେନା ଯୋଗଦେଇ ଆଇନରେ ଥିବା ବିଭିନ୍ନ ପ୍ରାବଧାନ, ବିଶେଷ କରି ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ, ତା'ର କାର୍ଯ୍ୟଧାରା ଏବଂ ବିଭିନ୍ନ ଦାୟିତ୍ୱ ଆଦି ବିଷୟରେ ଆଲୋଚନା କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ୱେଚ୍ଛାସେବୀ ସଙ୍ଗଠନ ସଦସ୍ୟ, ଆଭ୍ୟନ୍ତରୀଣ କମିଟି ସଦସ୍ୟା ସ୍ମିତାରାଣୀ ସାମଲ ଯୋଗଦେଇ ଛାତ୍ରୀମାନଙ୍କ ମନୋବଳ ବୃଦ୍ଧି କରିବା ସହ ସବୁ ସମୟରେ ସେମାନଙ୍କୁ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଢେଙ୍କାନାଳ ଏଡିଜେ କୋର୍ଟ ଅତିରିକ୍ତ ପିପି ସ୍ମିତା ପଟ୍ଟନାୟକ, ସରକାରୀ ଓକିଲ ପୂର୍ଣ୍ଣିମାଚାନ୍ଦ ସାହୁ, ସନ୍ଧ୍ୟାରାଣୀ ପଣ୍ଡା ଓ ଅର୍ଚ୍ଚନା ନାଥ ପ୍ରମୁଖ ଉପସ୍ଥିତ ଥିଲେ । ମନସ୍ତତ୍ତ୍ୱ ବିଭାଗର ବରିଷ୍ଠ ଅଧ୍ୟାପକ ପଙ୍କଜକୁମାର ବାରିକ କର୍ମଶାଳାକୁ ପରିଚାଳନା କରିଥିବା ବେଳେ ମହାବିଦ୍ୟାଳୟ ଆଭ୍ୟନ୍ତରିଣୀ କମିଟି ଅଧ୍ୟକ୍ଷା ଲୀନା ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଛାତ୍ରୀମାନଙ୍କ ନିମନ୍ତେ ଆଇନକୁ ନେଇ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ



ଗଁଦିଆ,୧୬ ।୭ (ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକ ପିଙ୍ଗୁଆ ଗ୍ରାମରେ ଝାଡ଼ାବାନ୍ତି ବ୍ୟାପିଥିବା ବେଳେ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ବିଭିନ୍ନ ହୋଟେଲ, ରେଷ୍ଟୁରାଣ୍ଟ, ଷ୍ଟ୍ରିଟଫୁଡ୍ ଆଦି ଦୋକାନରେ ଚଢ଼ଉ କରାଯାଇଛି । ଖାଦ୍ୟ ସୁରକ୍ଷା ବିଭାଗ ନିରୀକ୍ଷକ ଲୋପମୁଦ୍ରା ନାୟକ ଓ ଗଁଦିଆ ତହସିଲଦାର ସତ୍ୟଜିତ ମହାପାତ୍ର ମିଳିତ ଭାବେ ପିଙ୍ଗୁଆର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ । ପିଙ୍ଗୁଆ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଦିଆଯାଉଥିବା ଖାଦ୍ୟର ମାନ ଯାଞ୍ଚ କରିଥିଲେ । ଏକ ସାମୂହିକ ଭୋଜି ସ୍ଥାନରେ ମଧ୍ୟ ପହଞ୍ଚି ଖାଦ୍ୟର ମାନ ଦେଖିବା ସହ ସଚେତନ ସହ ତାଗିଦ ମଧ୍ୟ କରିଥିଲେ । ଚଢ଼ଉ ସମୟରେ ଅନେକ ଖାଦ୍ୟ ବ୍ୟବସାୟୀ ଦୋକାନ ବନ୍ଦକରି ପଳାଇଥିଲେ । ଏକ ଜଳଖିଆ ଦୋକାନକୁ ସିଲ୍ କରାଯାଇଥିଲା । ସାମୂହିକ ଭୋଜି ଓ ପିଙ୍ଗୁଆ ପ୍ରାଥମିକ ବିଦ୍ୟାଳୟରେ ପିଲାଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ଓ ପାଣିର ମାନ ପରୀକ୍ଷଣ ପାଇଁ ନମୁନା ସଂଗ୍ରହ କରାଯାଇଥିବା ଖାଦ୍ୟ ସୁରକ୍ଷା ନିରୀକ୍ଷକ ନାୟକ କହିଛନ୍ତି ।